# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୧୯/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, November 19/2022 Page 16 ₹ 7.00 ★★

୧୮ଶ ଭାଗ ୩୩୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 331 ମୂଲ୍ୟ₹୭/-





## ଘାଟିରୁ ଖସିଲା ଭ୍ୟାନ୍: ୨୦ ମୃତ

ପାକିସ୍ତାନ ସିନ୍ଧ୍ ପ୍ରଦେଶରେ ଯାତ୍ରୀବାହୀ ଭ୍ୟାନ୍ ଘାଟିରୁ ଖସିବା ଫଳରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ସେହୱାନ ମୁଖ୍ୟ ହାଇୱେରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଦୁର୍ଘଟଣାରେ ୧୩ ଜଣ ଗୁରୁତର ଆହତଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ହିନ୍ଦୁ ଯୁବତୀଙ୍କୁ ୩ ଖଣ୍ଡ କଲେ ମୁସଲମାନ ପ୍ରେମିକ

**ଢାକା,୧୮।୧୧(ଆଇଏଏନ୍ଏସ୍):** ଦିଲ୍ଲୀରେ ଜଣେ ମୁସଲମାନ ଯୁବକ ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କରିବା ପରେ ୩୫ ଖଣ୍ଡ କରି ଫିଙ୍ଗିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିବାବେଳେ ବାଂଲାଦେଶରେ ଅନୁରୂପ ଅପରାଧ ଘଟିଛି। ସେଠାରେ ଜଣେ ମୁସଲମାନ ପ୍ରେମିକ ତାଙ୍କ ହିନ୍ଦୁ ପ୍ରେମିକାଙ୍କୁ ହତ୍ୟା କରିବା ପରେ ଶରୀରକୁ ୩ ଖଣ୍ଡ କରି ଡ୍ରେନ୍‌ରେ ଫିଙ୍ଗିଦେଇଛନ୍ତି। ଖୁଲ୍‌ନା ଜିଲାର ସୋନାଡଙ୍ଗା ଅଞ୍ଚଳରେ ପ୍ରେମିକ ଅବୁ ବକର ସିଦ୍ଦିକୀ ଗତ ୭ ତାରିଖରେ କବିତା ରାଣୀଙ୍କ ମୁଣ୍ଡ ଓ ହାତକୁ କାଟି ତାହାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ଫିଙ୍ଗିଦେଇଥିବା ଭଏସ୍ ଅଫ୍ ବାଂଲାଦେଶ ହିନ୍ଦୁ ପକ୍ଷରୁ କୁହାଯାଇଛି। ଅବୁ ବିବାହିତ ଜାଣିବା ପରେ ଦୁହିଁଙ୍କ ମଧ୍ୟରେ ଝଗଡ଼ାରୁ ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତଙ୍କୁ ରାପିଡ୍ ଆକ୍ସନ ବାଟାଲିୟନ ଗିରଫ କରିଛି।

### ଗୁପ୍ତଚର ବୃତ୍ତି: ବହିର୍ବ୍ୟାପାର ମନ୍ତ୍ରଣାଳୟ ଡ୍ରାଇଭର ଗିରଫ

**ନୂଆଦିଲ୍ଲୀ,୧୮।୧୧:** ବହିର୍ବ୍ୟାପାର ମନ୍ତ୍ରଣାଳୟରେ ନିୟୋଜିତ ଥିବା ଜଣେ ଡ୍ରାଇଭରଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଶୁକ୍ରବାର ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଭବନରୁ ଗିରଫ କରାଯାଇଛି। ଅର୍ଥ ବଦଳରେ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଦସ୍ତାବିଜ ଜଣେ ପାକିସ୍ତାନୀଙ୍କୁ ହସ୍ତାନ୍ତର କରୁଥିଲେ। ପାକିସ୍ତାନୀ ମହିଳା ଜଣକ ନିଜକୁ ପୁନମ୍ ଶର୍ମା ଓରଫ ପୂଜା ପରିଚୟ ଦେଇ ଡ୍ରାଇଭରଙ୍କୁ ହନିଟ୍ରାପ୍‌ରେ ଫସାଇଥିଲେ ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ ସୂତ୍ରରୁ କୁହାଯାଇଛି।

### ସିଇସି ରାଜୀବ କୁମାର ନେପାଳ ନିର୍ବାଚନରେ ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ



**କାଠମାଣ୍ଡୁ,୧୮।୧୧(ପି.ଟି.):** ନେପାଳ ସାଧାରଣ ନିର୍ବାଚନ ଆସନ୍ତା ରବିବାର ଅନୁଷ୍ଠିତ ହେଉଥିବାବେଳେ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ ଭାବେ ଶୁକ୍ରବାର ସେଠାରେ ପହଞ୍ଚିଛନ୍ତି। ତାଙ୍କ ସହ ନିର୍ବାଚନ ଆୟୋଗର ୨ ଅଧିକାରୀଙ୍କ ସମେତ ୪ ଜଣ ଯାଇଛନ୍ତି। ନେପାଳର ୨୭୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟ ଏବଂ ୭ ରାଜ୍ୟ ବିଧାନସଭାର ୫୫୦ ଆସନ ଲାଗି ୨୦ ତାରିଖରେ ମତଦାନ ହେବ। କାଠମାଣ୍ଡୁ ବିମାନବନ୍ଦରରେ ରାଜୀବ କୁମାର ଓ ଅନ୍ୟମାନଙ୍କୁ ପଞ୍ଜାବ ନିର୍ବାଚନ କମିଶନଙ୍କ ଯୁଗ୍ମ ସଚିବ ଶାଲିଗ୍ରାମ ଶର୍ମା ପୁଡେଲ ସ୍ୱାଗତ କରିଛନ୍ତି। ସେମାନେ ଅନ୍ୟ ଅନ୍ତର୍ଜାତୀୟ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ସହ ସାମିଲ ହେବେ। ସିଇସି କାଠମାଣ୍ଡୁ ଓ ଆଖପାଖ ଅଞ୍ଚଳରେ ଥିବା ଭୋଟକେନ୍ଦ୍ରକୁ ଯାଇ ମତଦାନ ଅନୁଧାନ କରିବା କାର୍ଯ୍ୟକ୍ରମ ରହିଛି।



ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ କୋପ୍୨୭ ଜଳବାୟୁ ସମ୍ମିଳନୀ ଚାଲିଥିବାବେଳେ କ୍ଲାଇମେଟ୍ ଆକ୍ଟିଭିଷ୍ଟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜଣେ ଦୋଷୀ ହେଲେ ୩ ଖଲାସ

## ପୋକ୍ସୋ ଆଇନକୁ ୧୦ ବର୍ଷ




ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଶିଶୁମାନଙ୍କୁ ଯୌନ ଶୋଷଣ, ନିର୍ଯାତନା, ଓ ପର୍ନୋଗ୍ରାଫିରୁ ସୁରକ୍ଷା ଦେବା ଲକ୍ଷ୍ୟରେ ୨୦୧୨ରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ) କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନରେ ଜଣେ ଦୋଷୀସାବ୍ୟସ୍ତ ହେବା ବେଳେ ୩ ଜଣ ନିର୍ଦ୍ଦୋଷରେ ଖଲାସ ହେଉଥିବା ୧୦ ବର୍ଷର ଏହି ଆଇନ ଉପରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

ପୋକ୍ସୋ ମାମଲା ବିଚାର ଶେଷ ହେବାକୁ ହାରାହାରି ୫୦୯.୭୮ ଦିନ ଲାଗିଯାଉଛି। ମାମଲା ଦାଏରର ଗୋଟିଏ ବର୍ଷ ମଧ୍ୟରେ ବିଚାର ଶେଷ କରିବାକୁ ଆଇନର ଧାରା ୩୫ରେ ସମୟ ଧାର୍ଯ୍ୟ ହୋଇଥିଲା। ଚଣ୍ଡିଗଡ଼ ଏବଂ ପଶ୍ଚିମବଙ୍ଗରେ ଏହି ଆଇନରେ ଦୋଷୀସାବ୍ୟସ୍ତ ହେବା ପାଇଁ ହାରାହାରି ବର୍ଷେ ସମୟ ଲାଗିଛି। ବିଧି ସେଣ୍ଟର ଫର୍ ଲିଗାଲ ପଲିସି ନାମକ ସ୍ୱାଧୀନ ସଂସ୍ଥା ପକ୍ଷରୁ ଜଷ୍ଟିସ୍, ଆକ୍ସେସ ଆଣ୍ଡ ଲୋୟରିଂ ଡିଲେଜ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍ ଦ୍ୱାରା ' ଏ ଡିକେଡ୍ ଅଫ୍ ପୋକ୍ସୋ' ନାମରେ ଅଧ୍ୟୟନ କରାଯାଇଥିଲା। ଏଥିରେ ବିଶ୍ୱ ବ୍ୟାଙ୍କର ଡାଟା ଏଭିଡେନ୍ସ ଫର୍ ଜଷ୍ଟିସ୍ ରିଫର୍ମ କାର୍ଯ୍ୟକ୍ରମ ସାମିଲ ହୋଇଥିଲା। ମୋଟ ୪ ଲକ୍ଷ ପୋକ୍ସୋ ମାମଲା ତଥ୍ୟ ସଂଗ୍ରହ କରାଯାଇ ସେଥିରୁ ୨.୩୧ ଲକ୍ଷ ମାମଲାର ଅନୁଶୀଳନ କରାଯାଇଥିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୭୭.୭୭ ପ୍ରତିଶତ ପୋକ୍ସୋ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଥିବା ଅଧ୍ୟୟନରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ତାମିଲନାଡୁରେ ସର୍ବାଧିକ ୮୦.୨ ପ୍ରତିଶତ ମାମଲାର ଫଇସଲା ହୋଇଛି। ଏହି ମାମଲାରେ ସବୁ ରାଜ୍ୟରେ ଦୋଷୀସାବ୍ୟସ୍ତଙ୍କ ଅପେକ୍ଷା ନିର୍ଦ୍ଦୋଷରେ ଖଲାସ ହେବା ଅଭିଯୁକ୍ତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଆନ୍ଧ୍ରପ୍ରଦେଶରେ ଦୋଷୀସାବ୍ୟସ୍ତଙ୍କ ଅପେକ୍ଷା ନିର୍ଦ୍ଦୋଷରେ ଖଲାସ ହେଉଥିବା ଅଭିଯୁକ୍ତଙ୍କ ସଂଖ୍ୟା ୭ ଗୁଣ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୫ ଗୁଣ। କେରଳରେ ଦୋଷୀସାବ୍ୟସ୍ତ ଓ ନିର୍ଦ୍ଦୋଷ ମଧ୍ୟରେ ବ୍ୟବଧାନ ସର୍ବନିମ୍ନ ରହିଛି। ସେଠାରେ ୨୦.୫ ପ୍ରତିଶତ ଦୋଷମୁକ୍ତ ହୋଇଥିବାବେଳେ ୧୬.୪୯ ପ୍ରତିଶତ ଦୋଷୀସାବ୍ୟସ୍ତ ହୋଇଛନ୍ତି। ପୋକ୍ସୋ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦୧୯ ଏବଂ ୨୦୨୦ ମଧ୍ୟରେ ପଡ଼ିରହିଥିବା ମାମଲା ସଂଖ୍ୟା ୨୪,୮୬୩ ବଢ଼ିଥିବା ଅଧ୍ୟୟନରୁ ଜଣାପଡ଼ିଛି।

# ଫେଜ୍ ଡାଉନ୍ ନୁହେଁ, ଫେଜ୍ ଆଉଟ୍

**ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀ ସମେହ ଶୋଉର୍କିଙ୍କ ଅଧକ୍ଷତାରେ ଶର୍ମ ଏଲ୍-ଶେଖ୍‌ରେ ଗତ ୬ ତାରିଖରୁ ଚାଲିଥିବା ଜାତିସଂଘର ଜଳବାୟୁ ସମ୍ମିଳନୀର ଆନୁଷ୍ଠାନିକ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। କିନ୍ତୁ ଏଥିରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ଆଲୋଚନା ଜାରି ରହିଛି। କୋପ୍୨୭ରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେଶଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇନାହିଁ। ଡିଲ୍ ଚୂଡ଼ାନ୍ତ କରିବା ଲାଗି ଆଉ ଦିନେ କିମ୍ବା ଦୁଇଦିନ ଲାଗିପାରେ।**




■ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବାକୁ ପଡ଼ିବ

■ଭାରତର ପ୍ରସ୍ତାବକୁ କୋପ୍୨୭ର ପ୍ରତ୍ୟାଖ୍ୟାନ

ଶର୍ମ ଏଲ୍-ଶେଖ୍/ନୂଆଦିଲ୍ଲୀ,୧୮।୧୧

ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ସକାଶେ ଉପାୟ ଖୋଜିବା ପାଇଁ ଗତବର୍ଷ ନଭେମ୍ବରରେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ କୋପ୍୨୬ ସମ୍ମିଳନୀ ଆୟୋଜିତ ହୋଇଥିଲା। ୨ ସପ୍ତାହର ମାନସମନ୍ଥନ ପରେ ସର୍ବାଧିକ ତାପମାତ୍ରା ସୃଷ୍ଟିକାରୀ କୋଇଲାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ୧୨୦ ବିଶ୍ୱନେତାଙ୍କ ସମେତ ଅନେକ ହଜାର ପ୍ରତିନିଧି ଏକପ୍ରକାର ସହମତି ପ୍ରକାଶ କରିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଭାରତ କୋଇଲା ବ୍ୟବହାର କ୍ଷେତ୍ରରେ 'ଫେଜ୍ ଆଉଟ୍' ବଦଳରେ 'ଫେଜ୍ ଡାଉନ୍' ଶବ୍ଦ ଯୋଡ଼ି ସଂକଳ୍ପନାମାରେ ବୈଷୟିକ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଭାରତର ଏହି ପଦକ୍ଷେପକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସାଲିସପୂର୍ଣ୍ଣ କହି ନିନ୍ଦା କରିଥିଲେ। ଏହାର ବର୍ଷକ ପରେ ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘର ୨୭ତମ ଜଳବାୟୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସମ୍ମିଳନୀ ଉଦ୍‌ଯାପନ ପରେ ଜାତିସଂଘ ପକ୍ଷରୁ କୋପ୍୨୭ର ୨୦ ପୃଷ୍ଠା ସମ୍ବଳିତ ଏକ ଅଣାନୁଷ୍ଠାନିକ ଚିଠା ପ୍ରକାଶ କରାଯାଇଛି। ଏଥିରେ ଭାରତ ଦ୍ୱାରା ପ୍ରସ୍ତାବିତ ତଥା ୟୁରୋପୀୟ ସଂଘ (ଇୟୁ) ସମର୍ଥିତ ଜୀବାଶ୍ମ ଇନ୍ଧନର 'ଫେଜ୍ ଡାଉନ୍'କୁ ବାଦ୍ ଦିଆଯାଇଛି। ଅର୍ଥାତ୍ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍)ରେ ସୀମିତ ରଖିବା ପାଇଁ କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ।

ୟୁନାଇଟେଡ୍ ନେସନ୍ସ ଫ୍ରେମ୍‌ୱର୍କ କନ୍‌ଭେନ୍ସନ ଅନ୍ କ୍ଲାଇମେଟ୍ ଚେଞ୍ଜ (ୟୁଏନ୍ଏଫ୍‌ସିସିସି)ର 'ନନ୍-ପେପର' କୁହାଯାଉଥିବା ଉକ୍ତ ଅଣାନୁଷ୍ଠାନିକ ଚିଠାରେ ବିକଶିତ ରାଷ୍ଟ୍ରଗୁଡ଼ିକର ବ୍ୟବହାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ନିଜ ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ହ୍ରାସର ନେତୃତ୍ୱ ନେବାରେ ଆର୍ଥିକ ଓ ବୈଷୟିକ ଦୃଷ୍ଟିରୁ ସର୍ବାଧିକ ସାମର୍ଥ୍ୟ ରଖିଥିବା ଧନୀ ଦେଶଗୁଡ଼ିକ ଏପରି ନ କରିବା ଦୁର୍ଭାଗ୍ୟଜନକ। କୋଇଲା ଶକ୍ତିର ନିରନ୍ତର ବ୍ୟବହାରକୁ ହ୍ରାସ ଓ ବନ୍ଦ କରାଯିବା ସହ ଜୀବାଶ୍ମ ଇନ୍ଧନର ଉପଯୋଗ କ୍ଷେତ୍ରରେ ମିଳୁଥିବା ସରକାରୀ ରିହାତିକୁ ସୀମିତ କରାଯିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ଏଥିରେ ପ୍ରୋତ୍ସାହିତ କରାଯାଇଛି। କେବଳ କୋଇଲା ନୁହେଁ, ବରଂ ସମସ୍ତ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ 'ଫେଜ୍ ଡାଉନ୍' କରିବା ଉପରେ ନିଷ୍ପତ୍ତି ସହ ଆଲୋଚନା ସମାପ୍ତ କରାଯାଉ ବୋଲି ଗତ ଶନିବାର ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ଇୟୁ ଏବଂ ଆମେରିକା ସମେତ ଆଉ କେତେକ ଦେଶ ସମର୍ଥନ କରିଥିଲେ।

ଆଲୋଚନା ଜାରି ରହିଥିବାରୁ ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ତେବେ ପ୍ରଶମନ, କ୍ଲାଇମେଟ୍ ଫାଇନାନ୍ସ, କ୍ଷୟକ୍ଷତି ଭଳି ମୁଖ୍ୟ ପ୍ରସଙ୍ଗରେ ଆଲୋଚନା ଚାଲିଥିବା ଅନ୍ୟ ଜଣେ ଭାରତୀୟ ପ୍ରତିନିଧି ନିଜ ନାମ ଗୋପନ ସର୍ତ୍ତରେ ସୂଚନା ଦେଇଛନ୍ତି। ଆଲୋଚନା ଶନିବାର ଏପରି କି ରବିବାର ପର୍ଯ୍ୟନ୍ତ ଚାଲିପାରେ। ବିକଶିତ ରାଷ୍ଟ୍ରଗୁଡ଼ିକ ଆଗକୁ ବଢ଼ିବାକୁ ଚାହୁଁ ନ ଥିବା ମନେହେଉଛି ବୋଲି ସେ କହିଛନ୍ତି। ୟୁରୋପୀୟ ସଂଘର କ୍ଲାଇମେଟ୍ ମୁଖ୍ୟ ଫ୍ରାନ୍ସ ଟିମ୍ମେରମାନ୍ସ ଗଣମାଧ୍ୟମକୁ କହିଛନ୍ତି, ଏହି ଦସ୍ତାବିଜ ହେଉଛି ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ନେଇ ଏକ ସଙ୍କଳନ। ଏହା ଚୂଡ଼ାନ୍ତ ଚିଠା ନୁହେଁ। ଏହି ୨୦ ପୃଷ୍ଠାର ଏହି ଦସ୍ତାବିଜରେ ୮,୪୦୦ ଶବ୍ଦ ରହିଛି, ଯାହାକି ଗ୍ଲାସ୍‌ଗୋ ସମ୍ମିଳନୀ(୪,୬୦୦) ଠାରୁ ଅଧିକ। ଏହାକୁ ଜାତିସଂଘ ଜଳବାୟୁ ସମ୍ମିଳନୀ ଇତିହାସରେ ଦୀର୍ଘତମ ଚିଠା ବୋଲି କୁହାଯାଉଛି। ଏଥିରେ ୨୦୩୦ ସୁଦ୍ଧା ନବୀକରଣୀୟ ଶକ୍ତି କ୍ଷେତ୍ରରେ ବାର୍ଷିକ ୪ ଟ୍ରିଲିୟନ୍ ଡଲାର ନିବେଶ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୫୦ ସୁଦ୍ଧା ନେଟ୍-ଜିରୋ ଏମିଶନ୍ସ ହାସଲ ପାଇଁ କାରିଗରି ଓ ଭିତ୍ତିଭୂମି କ୍ଷେତ୍ରରେ ଏହି ନିବେଶ ବିଶେଷ ଫଳପ୍ରଦ ହେବ ବୋଲି ଉକ୍ତ ଚିଠାରେ ଉଲ୍ଲେଖ କରାଯାଇଛି।



➡ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ କୋଇଲା ଉତ୍ପାଦନକାରୀ ଓ ଉପଭୋକ୍ତା ରାଷ୍ଟ୍ର। ତୃତୀୟ ବୃହତ୍ ସବୁଜଗୃହ ଉତ୍ସର୍ଜନ ସୃଷ୍ଟିକାରୀ ଦେଶ ଭାରତ ଘାତକ ବନ୍ୟା ଓ ଅଂଶୁଘାତ ଭଳି ଜଳବାୟୁ ପରିବର୍ତ୍ତନଜନିତ ଅନେକ ବିପତ୍ତି ଦ୍ୱାରା ପ୍ରଭାବିତ। ତେଣୁ କ୍ଲାଇମେଟ୍ ଚେଞ୍ଜ ପଲିସିରେ ନୂଆଦିଲ୍ଲୀ ସଂସ୍କାର ଆଣୁ ବୋଲି ଦାବି ହୋଇଆସୁଛି।

➡୨୦୭୦ ସୁଦ୍ଧା ନେଟ୍-ଜିରୋ ଏମସନ୍ସ ହାସଲ ସମେତ ୫ ପ୍ରତିଜ୍ଞା ପାଳନ କରିବାକୁ ଗତବର୍ଷର କୋପ୍୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ପ୍ରତିଶ୍ରୁତି ଦେଇଥିଲେ।

➡କିନ୍ତୁ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗତମାସ କହିଥିଲେ, ଭାରତ ୨୦୪୦ ପର୍ଯ୍ୟନ୍ତ କୋଇଲା ବ୍ୟବହାର କରିବ। ପ୍ରହ୍ଲାଦଙ୍କ ମତରେ କୋଇଲାର ଚାହିଦା ସର୍ବୋଚ୍ଚ ସ୍ତରକୁ ଯାଇନାହିଁ। ଏହା ଭାରତୀୟମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ଶକ୍ତିର ଏକ ଉତ୍ସ।

➡ଏତିକି ନୁହେଁ, ଆର୍ଥିକ କାରଣରୁ ପୂର୍ବରୁ ବନ୍ଦ ହୋଇଯାଇଥିବା ୧୦୦ ଖଣିରେ ପୁଣି ଅପରେଶନ ଚଳାଇବା ନେଇ କୋଇଲା ମନ୍ତ୍ରୀ ଘୋଷଣା କରିଥିଲେ। ଆଗାମୀ ୩ ବର୍ଷରେ ୧୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି।

➡ସରକାରୀ ଉଦ୍ୟୋଗ କୋଲ୍ ଇଣ୍ଡିଆ ଓଡ଼ିଶାର ସୁନ୍ଦରଗଡ଼ର ସିଆରମାଲରେ ଏକ ନୂଆ ଖଣି ପ୍ରତିଷ୍ଠା ନେଇ ଘୋଷଣା କରିଛି, ଯାହାକି ଦେଶର ବୃହତ୍ ଖଣିଗୁଡ଼ିକ ମଧ୍ୟରେ ପରିଗଣିତ ହେବ।

# ଡେଟା ଉଲ୍ଲଂଘନ କଲେ ୫୦୦ କୋଟି ଜରିମାନା

## ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଚିଠା ବିଲ୍‌ରେ ପ୍ରସ୍ତାବ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ପ୍ରସ୍ତାବିତ ଡିଜିଟାଲ ବ୍ୟକ୍ତିଗତ ସୁରକ୍ଷା ବିଲ୍,୨୦୨୨ରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ କଲେ ୫୦୦ କୋଟି ଟଙ୍କା ଜରିମାନା ଭରିବାକୁ ପଡ଼ିବ। ପୂର୍ବ ବିଲ୍‌ରେ ଜରିମାନା ପରିମାଣ ୧୫ କୋଟି ଟଙ୍କା କିମ୍ବା ଏକ ଇକ୍ୟୁଟିର ବୈଶ୍ୱିକ କାରବାରର ୪% ପ୍ରସ୍ତାବ ରହିଥିବାବେଳେ ୨୦୨୨ର ପ୍ରସ୍ତାବିତ ବିଲ୍‌ରେ ଏହାକୁ ସରକାର ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ନାଗରିକଙ୍କ ବ୍ୟକ୍ତିଗତ ଡେଟା ସୁରକ୍ଷା ଓ ଆଇନଗତ ଉଦ୍ଦେଶ୍ୟରେ ଏହାର ବ୍ୟବହାର ସେମାନଙ୍କ ବ୍ୟକ୍ତିଗତ ଅଧିକାର। ଏହାକୁ ସ୍ୱୀକୃତି ଦେବା ବିଲ୍‌ର ଉଦ୍ଦେଶ୍ୟ। ଏଥିପାଇଁ ଡାଟା ପ୍ରୋଟେକ୍ସନ ବୋର୍ଡ ଅଫ୍ ଇଣ୍ଡିଆ ଗଠନ କରାଯିବ, ଯାହା ଉକ୍ତ ବିଲ୍‌ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବ। କୌଣସି ବ୍ୟକ୍ତିଙ୍କ ଦ୍ୱାରା ଡାଟା ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ ହୋଇଥିବା ତଦନ୍ତରୁ ଜଣାପଡ଼ିଲେ, ତାଙ୍କୁ ଶୁଣାଣି ପାଇଁ ସୁଯୋଗ ଦେବା ସହ ବୋର୍ଡ ଉପରୋକ୍ତ ଜରିମାନା ଧାର୍ଯ୍ୟ କରିବ।




ଖେରସନ୍‌ରୁ ରୁଷିଆର ସୈନ୍ୟ ପ୍ରତ୍ୟାହାର ପରେ ଖାଦ୍ୟ ବଣ୍ଟନ ବେଳେ 'କ୍ରିମିଆ ହେଉଛି ୟୁକ୍ରେନ୍' ସ୍ଲୋଗାନ ଲେଖାଥିବା ଏକ ସ୍କାର୍ଫ ପରିଧାନ କରି ଜଣେ ଯୁବତୀ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଡାଇନୋସର ଯୁଗୀୟ କାର୍ ଆକୃତିର କଇଁଛ

## ୮୩ ନିୟୁତ ବର୍ଷ ତଳର ଜୀବାଶ୍ମ ସନ୍ଧାନ

ମାଡ୍ରିଡ୍, ୧୮।୧୧

ସ୍ପେନ୍‌ରେ ଜୀବାଶ୍ମ ବିଜ୍ଞାନୀମାନେ କ୍ଷୁଦ୍ର କାର୍ ଆକାରର କଇଁଛର ଅବଶେଷ ଖୋଜି ବାହାର କରିଛନ୍ତି। କଇଁଛଟି ୮୩ ନିୟୁତ ବର୍ଷ ପୂର୍ବେ ୟୁରୋପୀୟ ସମୁଦ୍ରର ଅତଳ ଜଳରାଶିରେ ବାସ କରୁଥିବା ଜଣାପଡ଼ିଛି। ଉତ୍ତରପୂର୍ବ ସ୍ପେନ୍‌ରେ ଏହି ବିଶାଳକାୟ କଇଁଛର ଅବଶେଷ ମିଳିଛି। ଏହାର ନାମ ଲେଭିଆଥାନୋଚେଲିସ୍ ଏଇନିଗମାଟିକା। କଇଁଛର ଲମ୍ବ ୧୨ ଫୁଟ ଏବଂ ଓଜନ ପାଖାପାଖି ୨ ଟନ୍ ହେବ ବୋଲି ଜୀବାଶ୍ମ ବିଜ୍ଞାନୀମାନେ ଅନୁମାନ କରିଛନ୍ତି। ଏହାକୁ ୟୁରୋପର ସବୁଠୁ ବିଶାଳ ସାମୁଦ୍ରିକ କଇଁଛ ବୋଲି କୁହାଯାଉଛି। ପୁରାତନ କାଳର ସବୁଠୁ ବଡ଼ ସାମୁଦ୍ରିକ କଇଁଛ ଆର୍ଚେଲୋନ୍‌ର ଆକାରଠାରୁ ଏହା ଛୋଟ । ଶାରୀରିକ ଗଠନରେ ଅନ୍ୟ ସାମୁଦ୍ରିକ କଇଁଛଠାରୁ ଏହା ଭିନ୍ନ। ଏହା ପୂର୍ବରୁ ବହୁ ବିରାଟକାୟ ସାମୁଦ୍ରିକ କଇଁଛର ଜୀବାଶ୍ମ ବିଜ୍ଞାନୀଙ୍କ ହସ୍ତଗତ ହୋଇଥିଲା। ୮୫ ନିୟୁତ ବର୍ଷ ପୁରୁଣା ପ୍ରୋଟୋଷ୍ଟେଗା ସାମୁଦ୍ରିକ କଇଁଛ ଉତ୍ତର ଆମେରିକାରୁ ମିଳିଥିବାବେଳେ ଏହାର ଲମ୍ବ ୧୩ ଫୁଟ ଥିଲା।



ପୁରାତନ କାଳର ଟେଥିସ୍ ସମୁଦ୍ରରେ ଲେଭିଆଥାନୋଚେଲିସ୍ ବାସ କରୁଥିବା ଜୀବାଶ୍ମ ବିଜ୍ଞାନୀ ଆଲବର୍ଟ ସେଲେସ୍ କହିଛନ୍ତି। ଟେଥିସ୍‌ରେ ଏହି ସାମୁଦ୍ରିକ କଇଁଛ ବିରାଟ ସାର୍କ ଓ ବହୁ ବଡ଼ ଜୀବ, ଯାହାଙ୍କ ଲମ୍ବ ୫୦ ଫୁଟ ସେମାନଙ୍କ ସହ ବାସ କରୁଥିବା ଜଣାପଡ଼ିଛି। ପ୍ରାୟ ୮୩ ନିୟୁତ ବର୍ଷ ପୂର୍ବେ ସମୁଦ୍ରରେ ସାର୍କ ଓ ମୋସାସରସ୍ ହିଁ ଦୁଇ ବଡ଼ ଜୀବ ଥିଲେ ଯେଉଁମାନେ ସମୁଦ୍ରରେ ବାସ କରୁଥିବା ଅନ୍ୟ ବଡ଼ ଜୀବଙ୍କ ଶିକାର କରିବାକୁ ସକ୍ଷମ ଥିଲେ। ତେବେ ଏହି ସାମୁଦ୍ରିକ କଇଁଛ ଡାଇନୋସରଙ୍କ ଯୁଗର ବୋଲି କୁହାଯାଉଛି। ଲେଭିଆଥାନୋଚେଲିସ୍‌ର ମିଳିଥିବା ଜୀବାଶ୍ମ ଦ୍ୱାରା ବହୁ ନୂଆ ତଥ୍ୟ ଜାଣିବାକୁ ମିଳିବ ବୋଲି ମିକେଲ କ୍ରୁସାଫ୍ରଣ୍ଟ କାଟାଲା ଇନ୍‌ଷ୍ଟିଟ୍ୟୁଟ ଅଫ୍ ପାଲେଓ୍ଟୋଲୋଜିର ରିସର୍ଚ୍ଚର ଓସ୍କାର କାଷ୍ଟିଲୋ ଆଶାବାଦୀ।

# ଆତଙ୍କବାଦ ସମର୍ଥନକାରୀ ରାଷ୍ଟ୍ର ମୂଲ୍ୟ ଦିଅନ୍ତୁ

■'ନୋ ମନି ଫର୍ ଟେରର' ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ମତ

■ଆତଙ୍କବାଦୀଙ୍କଠାରୁ ଟେରର ଫଣ୍ଡିଂ ବିପଜ୍ଜନକ: ଶାହା

ନୂଆଦିଲ୍ଲୀ,୧୮।୧୧

କେତେକ ରାଷ୍ଟ୍ର ଆତଙ୍କବାଦକୁ ସିଧାସଳଖ ସମର୍ଥନ କରୁଥିବାବେଳେ ଅନ୍ୟ କେତେକ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅଟକାଇ ପରୋକ୍ଷରେ ସେମାନଙ୍କୁ ସମର୍ଥନ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ପାକିସ୍ତାନ ଓ ଚାଇନାକୁ ପରୋକ୍ଷରେ ସମାଲୋଚନା କରିଛନ୍ତି। ଆତଙ୍କବାଦକୁ ପାଣ୍ଠିଯୋଗାଣ ବିରୋଧରେ ଆୟୋଜିତ ତୃତୀୟ 'ନୋ ମନି ଫର୍ ଟେରର ମିନିଷ୍ଟରିଆଲ୍ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଆତଙ୍କବାଦକୁ ସମର୍ଥନ କରୁଥିବା ରାଷ୍ଟ୍ର ଉପରେ ମୂଲ୍ୟ ଧାର୍ଯ୍ୟ କରାଯିବା ଉପରେ ସେ ଜୋର୍ ଦେଇଛନ୍ତି। ଆତଙ୍କବାଦ ମୁକାବିଲା ଦିଗରେ କୌଣସି ଦ୍ୱିଧା ରହିବା ଉଚିତ ନୁହେଁ। ଆତଙ୍କବାଦକୁ ନିଜର ବିଦେଶ ନୀତି ଭାବେ ଗ୍ରହଣ କରୁଥିବା ଦେଶଗୁଡ଼ିକୁ ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଭାରତ ଅନେକ ଆତଙ୍କବାଦୀ ଆକ୍ରମଣ ଶିକାର ହୋଇଛି ଓ ବହୁ ଧନଜୀବନ ନଷ୍ଟ ହୋଇଛି। ଏପରିକି ଗୋଟିଏ ଜୀବନ ଗଲେ ତାହା ବହୁତ। ତେଣୁ ଆତଙ୍କବାଦ ମୂଳପୋଛ ନ ହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ ନେବୁ ନାହିଁ। ଉଗ୍ରବାଦକୁ ସମର୍ଥନ ଦେଉଥିବା ଯେକୌଣସି ବ୍ୟକ୍ତିଙ୍କର ଦେଶରେ କୌଣସି ସ୍ଥାନ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ନରେନ୍ଦ୍ର ମୋଦି

ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଆତଙ୍କବାଦ ବିଶ୍ୱର ଶାନ୍ତି ଓ ସୁରକ୍ଷା ପ୍ରତି ବଡ଼ ବିପଦ ଏହା ନିଃସନ୍ଦେହ। ତେବେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଆତଙ୍କବାଦଠାରୁ ଅଧିକ ବିପଦ ବୋଲି ସେ କହିଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଲାଗି ସମସ୍ତେ ଏକ ମନ ଓ ଏକ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ୭୫ରୁ ଊର୍ଦ୍ଧ୍ୱ ଦେଶରୁ ୪୫୦ ପ୍ରତିନିଧି ଯୋଗ ଦେଇଥିବାବେଳେ ପାକିସ୍ତାନ, ଆଫଗାନିସ୍ତାନ ଓ ଚାଇନା ପ୍ରତିନିଧି ଆସି ନ ଥିଲେ। ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ସମେତ ଅନେକ ପାକିସ୍ତାନୀ ଆତଙ୍କବାଦୀ ସଂଗଠନର ନେତାଙ୍କୁ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ କମିଟି ତାଲିକାରେ ସାମିଲ କରିବା ଲାଗି ଭାରତ ଦୁଇଦଶନ୍ଧି ହେଲା ବାରମ୍ବାର ଦାବି କରିଆସୁଥିବାବେଳେ ଚାଇନା ଭିଟୋ କ୍ଷମତା ବଳରେ ଏହି ପ୍ରସ୍ତାବକୁ ଅଟକାଉଛି। କେତେକ ଦେଶ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ସହ ସୁରକ୍ଷା ପ୍ରଦାନ କରୁଛନ୍ତି, ଯାହା ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ସହ ସମାନ। ଏହି ତତ୍ତ୍ୱମାନେ ସେମାନଙ୍କ ଉଦ୍ୟମରେ ଯେପରି କଦାପି ସଫଳ ନ ହେବେ, ତାହା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ଶାହା କହିଛନ୍ତି।

# ଧରିତ୍ରୀ
DHARITRI

ଶନିବାର, ନଭେମ୍ବର ୧୯/୨୦୨୨ | Saturday, November 19/2022 | ପୃଷ୍ଠା–୧




**ମନିକା ବାତ୍ରା ସେମିଫାଇନାଲରେ**

ମନିକା ବାତ୍ରା ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଏସିଆନ କପ୍ ଟେବୁଲ ଟେନିସ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୦

**ଲିଭ୍-ଇନ୍‌ରେ ହ୍ରିତିକ୍**

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ୍ ପ୍ରେମିକା ସବା ଆଜମ୍‌ଙ୍କ ସହ ଏକାଠି ରହିବା ପାଇଁ ୧୦୦ କୋଟି ଟଙ୍କାର ଫ୍ଲାଟ୍ କିଣିଛନ୍ତି।



# ଶିଶୁଙ୍କ ପାଇଁ 'ପ୍ରାରମ୍ଭ'

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଶିଶୁମାନଙ୍କ ସୁରକ୍ଷା, ବଞ୍ଚିବା, ସ୍ୱାସ୍ଥ୍ୟ, ଶିକ୍ଷା, ଅଧିକାର ଓ ବିକାଶକୁ ସୁନିଶ୍ଚିତ କରିବାକୁ ସରକାର ରାଜ୍ୟ ଶିଶୁ ନୀତି 'ପ୍ରାରମ୍ଭ' ପ୍ରଣୟନ କରିଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଏହି ନୀତି ମାଧ୍ୟମରେ ପିଲାମାନଙ୍କର ସର୍ବୋଚ୍ଚ ବିକାଶ ଉପରେ ଧ୍ୟାନ ଦିଆଯିବ। ଏହି ନୀତି ଜାତିସଂଘର କନ୍‌ଭେନଶନ ଅନ୍ ଦି ରାଇଟସ ଅଫ୍ ଦି ଚାଇଲ୍ଡ(ୟୁଏନସିଆରସି) ସହିତ ତାଳଦେଇ ଏକ ଶିଶୁକୁ ମା' ଗର୍ଭରୁ ୧୮ ବର୍ଷ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରିବ। ଏହା ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡ଼ିକ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ। ଏହି ନୀତିରେ ୭ଟି କ୍ଷେତ୍ରକୁ ବିଶେଷ ଧ୍ୟାନ ଦିଆଯାଇଛି। ସେଗୁଡ଼ିକ ହେଲା ଶିଶୁମାନଙ୍କର ୧–ବଞ୍ଚିବା (ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଜଳ, ପରିମଳ ଓ ସ୍ୱଚ୍ଛତା), ୨– ଶିକ୍ଷା ଓ ସାମଗ୍ରିକ ବିକାଶ, ୩– ଶିଶୁଙ୍କ ସୁରକ୍ଷା (ନିର୍ଯାତନା, ଶୋଷଣ, ଅବହେଳା, ଅସଦାଚରଣ, ହିଂସା, ଶିଶୁ ଶ୍ରମ, ଶିଶୁ ବିବାହ, ଶିଶୁ ଚାଲାଣ, ଡ୍ରଗ୍ସ /ପଦାର୍ଥର ଅପବ୍ୟବହାର, ଅନ୍‌ଲାଇନ ନିର୍ଯାତନା) ୪– ପରିଚୟ, ପରିବାର/ବିକଳ୍ପ ଯତ୍ନ, ଜନ୍ମ ପଞ୍ଜୀକରଣ, ଜୀବନଧାରଣ ମାନ, ୫–ଦୁର୍ବଳ ବର୍ଗର ପିଲାଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ, ୬– ଶିଶୁଙ୍କ ପାଇଁ ନ୍ୟାୟ ପ୍ରଦାନ ଏବଂ ଆଇନଗତ ବ୍ୟବସ୍ଥା, ୭– ଶିଶୁଙ୍କ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା ।

ପ୍ରତିକୂଳ ପରିସ୍ଥିତିରେ ଶିଶୁମାନଙ୍କର ସୁରକ୍ଷା ତଥା ସ୍ୱଚ୍ଛତା ଉପରେ ଏହି ନୀତିରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏହି ନୀତିର ନିୟମାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଓ ଯୋଜନା ବିଜ୍ଞପ୍ତି ପ୍ରକାଶ ପାଇବାର ୧ ବର୍ଷ ମଧ୍ୟରେ ଆରମ୍ଭ ହେବ। ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ବିଭାଗ ଓ ☞ପୃଷ୍ଠା–୨



## କ୍ୟାବିନେଟ ନିଷ୍ପତ୍ତି

- ୩ ବର୍ଷରେ ୩.୭ ଲକ୍ଷ ହେକ୍ଟରରେ ହେବ ଅଣଧାନ ଫସଲ
- ୧୭ ପ୍ରସ୍ତାବକୁ ମୋହର

## ବନ୍ଦର ନୀତି–୨୦୨୨କୁ ମଞ୍ଜୁରୀ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଓଡ଼ିଶାର ସମସ୍ତ ବନ୍ଦର ତଥା ନୌବାଣିଜ୍ୟ ପରିବହନ ଆଦିର ସାମଗ୍ରିକ ବିକାଶ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ବନ୍ଦର ନୀତି–୨୦୨୨ କରାଯାଇଛି। ଏହାକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ଥିବା ଅଣବୃହତ୍ ବନ୍ଦର ଏବଂ ଓଡ଼ିଶାର ଆଭ୍ୟନ୍ତରୀଣ ଜଳପଥଗୁଡ଼ିକର ସମନ୍ୱିତ ବିକାଶ ସଂକ୍ରାନ୍ତରେ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ କରିବା ଏହି ବନ୍ଦର ନୀତିର ମୁଖ୍ୟ ଲକ୍ଷ୍ୟ। ☞ପୃଷ୍ଠା–୨

# ମହାକାଶକୁ ଭାରତର ପ୍ରଥମ ଘରୋଇ ରକେଟ



ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ନିର୍ମିତ ଭାରତର ପ୍ରଥମ ଘରୋଇ ରକେଟ ବିକ୍ରମ–ଏସ୍‌କୁ ଶୁକ୍ରବାର ଶ୍ରୀହରିକୋଟାସ୍ଥିତ ଲଞ୍ଚ୍ ପ୍ୟାଡ୍‌ରୁ ମହାକାଶକୁ ଛଡ଼ାଯାଉଛି।

- ଶ୍ରୀହରିକୋଟାରୁ ବିକ୍ରମ-ଏସର ସଫଳ ପ୍ରେରଣ
- ଐତିହାସିକ ମୁହୂର୍ତ୍ତ କହିଲେ ପ୍ରଧାନମନ୍ତ୍ରୀ

ଶ୍ରୀହରିକୋଟା/ନୂଆଦିଲ୍ଲୀ, ୧୮।୧୧

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ରରୁ ଭାରତର ପ୍ରଥମ ଘରୋଇ ରକେଟ ବିକ୍ରମ–ଏସ୍‌କୁ ଶୁକ୍ରବାର ସଫଳତାର ସହ ମହାକାଶକୁ ପ୍ରେରଣ କରାଯାଇଛି। ହାଇଦ୍ରାବାଦର ଷ୍ଟାର୍ଟଅପ୍ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ଏହି ରକେଟକୁ ବିକଶିତ କରିଛି। ଭାରତର ପ୍ରଥମ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମ ଅନୁସାରେ ଉକ୍ତ ରକେଟ୍‌ର ନାଁ ବିକ୍ରମ–ଏସ୍ ରଖାଯାଇଛି। ୨୦୨୦ରେ ଘରୋଇ କମ୍ପାନୀକୁ ମହାକାଶ କ୍ଷେତ୍ରରେ ପ୍ରବେଶ ଅନୁମତି ମିଳିବା ☞ପୃଷ୍ଠା–୨

'ଦମନ'କୁ ଟିକସମୁକ୍ତ କଲେ ରାଜ୍ୟ ସରକାର ୩

**ଆଜିର ସମ୍ପାଦକୀୟ**

ଅପୂର୍ବ ସୁଯୋଗ

**ଆଜିର ମନ୍ତବ୍ୟ**

"କେତେକ ରାଷ୍ଟ୍ର ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ସହ ସୁରକ୍ଷା ପ୍ରଦାନ କରିଆସୁଛନ୍ତି। ଏହା ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ସହ ସମାନ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ





DSPL - 292

5T TRANSPARENCY TECHNOLOGY TEAMWORK TIME TRANSFORMATION

ଓଡ଼ିଶା ସରକାର

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



## ପୁରସ୍କାର ପାଇଁ ପ୍ରତିବର୍ଷ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

- ଉପକୃତ ହେବେ ୫୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ
- ୫-ଟି ଅଧୀନସ୍ଥ ରୂପାନ୍ତରିତ ବିଦ୍ୟାଳୟର ଦଶମ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୨ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୃତ୍ତି ବ୍ୟବସ୍ଥା
- ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ୭୦ ଶିକ୍ଷକ/ଶିକ୍ଷୟିତ୍ରୀ ଜିଲ୍ଲାସ୍ତରରେ ୬୩୦ ଓ ବ୍ଲକସ୍ତରରେ ୩୧୪ଜଣଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର
- ଭଲ କାମ ପାଇଁ ରାଜ୍ୟସ୍ତରରେ ୬୦, ଜିଲ୍ଲାସ୍ତରରେ ୩୯୦ ଓ ବ୍ଲକସ୍ତରରେ ୩୧୪ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ପୁରସ୍କୃତ ହେବେ
- ୩୧୪ ସିଆର୍‌ସିସି, ୧୦ ବ୍ଲକ୍ ଶିକ୍ଷାଧିକାରୀ ଓ ୩ ଜଣ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର
- ସରକାରୀ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ୪୧୪ ପୁରାତନ ଛାତ୍ର ସଂଗଠନ
- ଶିକ୍ଷାର ବିକାଶରେ ଗ୍ରାମ ପଞ୍ଚାୟତର ସମ୍ପୃକ୍ତିକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ୪୧୪ ଗ୍ରାମ ପଞ୍ଚାୟତକୁ ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର
- ଶିକ୍ଷାରେ ଉତ୍କର୍ଷ ଲାଗି ୩ ଜିଲ୍ଲା, ୧୦ ବ୍ଲକ୍, ୩ଟି ଡିଆଇଟି ଏବଂ ୧୨୯୨ ପ୍ରାଥମିକ ଓ ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ୧୦୪୨ଟି ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହେବେ

ଶିକ୍ଷା ହିଁ ବିକାଶର ମୂଳଦୁଆ। ପରିବର୍ତ୍ତନର ଆଧାର। ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ବିକାଶ ଏବଂ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଶିକ୍ଷାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଚଳିତ ଶିକ୍ଷାବର୍ଷ ଠାରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯିବ।

"ଆମ ପିଲାମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ସେମାନଙ୍କୁ ସୁଯୋଗ ଦିଆଗଲେ ସେମାନେ ଇତିହାସ ସୃଷ୍ଟି କରିପାରିବେ।"

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0026/2223

ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖୀ ଆଗରେ ଦୁଃଖ କହିଲେ**
**ପାଣି ପରି ଯାଏ**
**ସୁଖୀ ଆଗରେ ଦୁଃଖ କହିଲେ**
**ମୁରୁକି ହସା ଦିଏ।**

ଜଣେ ଦରଦୀ ବ୍ୟକ୍ତି ପାଖରେ ଦୁଃଖ ପ୍ରକାଶ କଲେ ଦୁଃଖ କିଛିମାତ୍ରାରେ ଲାଘବ ହୋଇଯାଏ। ପରନ୍ତୁ ସୁଖ ସାଗରରେ ବୁଡ଼ି ରହିଥିବା ବ୍ୟକ୍ତି ଦୁଃଖ କ'ଣ ଜାଣି ନ ଥାଏ। ଏଭଳି ସ୍ଥିତିରେ ସୁଖୀ ବ୍ୟକ୍ତି ଆଗରେ ଦୁଃଖ ପ୍ରକାଶ କଲେ ଆଶ୍ୱାସନା ବଦଳରେ ତାଚ୍ଛଲ୍ୟ ବା ଉପହାସ ମିଳିବା ହିଁ ସାର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦଦରା ଡଙ୍ଗା**
**ମଝି ନଈରେ ଦେଲୁ ଦଗା।**

ଦଦରା ଡଙ୍ଗାରେ ଯାତ୍ରା କରିବା ଆଦୌ ଉଚିତ୍ ହୋଇ ନ ଥିବାବେଳେ ସେଥିରେ ଯାତ୍ରୀର ଜୀବନ ପ୍ରତି ବିପଦ ଥିବାର ସମ୍ଭାବନା ରହିଥାଏ। ସେହିପରି ଯାହାର ସ୍ଥିତି ଦୁର୍ବଳ, ତାକୁ ଆଶ୍ରା କଲେ ନିଜେ ଅସୁବିଧାରେ ପଡ଼ିବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓୟୁଟିଆର ମାଷ୍ଟରପ୍ଲାନ୍‌କୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିକୁ ଏକ ଅଣଅନୁବନ୍ଧିତ ଏକକ ବିଶ୍ୱବିଦ୍ୟାଳୟ ସ୍ତରକୁ ଉନ୍ନୀତ କରାଯାଇ ୨୦୨୧ରେ ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ(ଓୟୁଟିଆର) କରାଯାଇଥିଲା। ଏଥିପାଇଁ ଏକ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ କରାଯାଇଛି। ଓୟୁଟିଆର ଭିତ୍ତିଭୂମି, ଗବେଷଣା ଆଦି ପାଇଁ ହୋଇଥିବା ୧୫୦୦ କୋଟି ଟଙ୍କାର ମାଷ୍ଟରପ୍ଲାନ୍‌କୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଅନେକ ବିଷୟକୁ ସାମିଲ କରାଯିବା ସହ ଗବେଷଣା ଇତ୍ୟାଦି କାର୍ଯ୍ୟ କରାଯିବ। ଆସନ୍ତା ୫ ବର୍ଷରେ

**୫ ବର୍ଷରେ ଛାତ୍ରୀଛାତ୍ର ସଂଖ୍ୟା ୧୦ ହଜାରକୁ ବଢ଼ିବ**

ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫ ହଜାରରୁ ୧୦ ହଜାରକୁ ବୃଦ୍ଧି କରାଯିବ। ଗୋଟିଏ ପଟେ ଏହା ଏକାଡେମିକ ଓ ଗବେଷଣା ଏବଂ ଅନ୍ୟପଟେ ଶିଳ୍ପ ମଧ୍ୟରେ ସହଯୋଗ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ହେବା ଦ୍ୱାରା ଓୟୁଟିଆର ରାଜ୍ୟ, ଦେଶ ତଥା ବିଦେଶରେ ଥିବା ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ଉଚ୍ଚଶିକ୍ଷା ଏବଂ ଗବେଷଣାମୂଳକ କାର୍ଯ୍ୟ ପାଇଁ ନୂତନ ଦ୍ୱାର ଖୋଲିବ। ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ପ୍ରଥମ ପୃଷ୍ଠାରୁ...

### ବନ୍ଦର ନୀତି--୨୦୨୨କୁ ...

ରାଜ୍ୟର ସାମୁଦ୍ରିକ କ୍ଷେତ୍ରକୁ ବ୍ୟବସାୟିକ ପୁଞ୍ଜି ନିବେଶ ନିମନ୍ତେ ପ୍ରୋତ୍ସାହନ ଦେବାରେ ଏହା ସାହାଯ୍ୟ କରିବ। ଓଡ଼ିଶାକୁ ଏକ ଅନୁକୂଳ ପୁଞ୍ଜି ନିବେଶସ୍ଥଳର ମାନ୍ୟତା ପ୍ରଦାନ କରିବା ସହ ଓଡ଼ିଶାର ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବା ନିମନ୍ତେ ସହାୟକ ହେବ। ରାଜ୍ୟର ୧୪ଟି ଅଣବୃହତ୍ ବନ୍ଦର ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଧାମରା ଏବଂ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ଥିବାବେଳେ ଅସ୍ତରଙ୍ଗ ଓ ସୁବର୍ଣ୍ଣରେଖା ମୁହାଣ (କୀର୍ତ୍ତନିଆ) ବନ୍ଦର ନିର୍ମାଣାଧୀନ ରହିଛି। ଏହି ନୀତି ବନ୍ଦରଭିତ୍ତିକ ଶିଳ୍ପ ବିକାଶକୁ ସହାୟତା ଓ ପ୍ରୋତ୍ସାହିତ କରିବ। ସାମୁଦ୍ରିକ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ସମୁଦ୍ର-ବିମାନ ସଂଯୋଗ ଇତ୍ୟାଦି ସୁବିଧା ପ୍ରଦାନ ତଥା ଜାହାଜ ନିର୍ମାଣ, ଜାହାଜ ପୁନଃ ବିନିଯୋଗ ଉଦ୍ୟୋଗ ପାଇଁ ଭିତ୍ତିଭୂମି ସୃଷ୍ଟି ଏବଂ ତାହା ସମୃଦ୍ଧ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ବିଶେଷ ସହାୟକ ହେବ। ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଧ୍ୟାନ ଦିଆଯିବ। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ରାଜ୍ୟରେ ଅଣବୃହତ୍ ବନ୍ଦରଗୁଡ଼ିକର ବିକାଶ ପାଇଁ ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଥିଲେ। ତେବେ ଏହି ବନ୍ଦର ନୀତି ଅଣବୃହତ୍ ବନ୍ଦର ବିକାଶ ଦିଗରେ ସେତେଟା ଫଳପ୍ରଦ ହୋଇପାରି ନାହିଁ। ୧୪ଟି ବନ୍ଦର ଚିହ୍ନଟ କରାଯାଇ ବିକାଶ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ୧୮ ବର୍ଷ ପରେ ସେଥିମଧ୍ୟରୁ କେବଳ ୨ଟି ବନ୍ଦର ବିକାଶ କରାଯାଇଥିବାବେଳେ ୨ଟି ନିର୍ମାଣାଧୀନ ରହିଛି। ତେବେ ନୂଆ ବନ୍ଦର ନୀତି ପଡ଼ିରହିଥିବା ବନ୍ଦରକୁ ପୁନରୁଦ୍ଧାର କରିବାରେ କେତେଦୂର ସହାୟକ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

### ମହାକାଶକୁ ଭାରତର ...

ପରେ ପ୍ରଥମ ଥର ଏହି ସଫଳତା ମିଳିଛି। ମହାକାଶ କ୍ଷେତ୍ରରେ ଘରୋଇ ସଂସ୍ଥାର ସଫଳତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଭାରତର ଘରୋଇ ମହାକାଶ ଶିଳ୍ପର ଜୟଯାତ୍ରାରେ ଏହା ଏକ ମାଇଲଖୁଣ୍ଟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଶିଶୁଙ୍କ ପାଇଁ ...

ସଂଗଠନ ଏକ ମିଳିତ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟସ୍ତରରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ। ଏହି ପ୍ରକ୍ରିୟାରେ ଜଡ଼ିତ ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିବ। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ରାଜ୍ୟରେ ଅଣଧାନ ଫସଲ କରିବା ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରିବାକୁ କୃଷି ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କୃଷକମାନଙ୍କର ଆୟ ବଢ଼ାଇବା ପାଇଁ ଅର୍ଥକରୀ ଫସଲ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ବର୍ଷରେ ରାଜ୍ୟରେ ୩ଲକ୍ଷ ୭୦ ହଜାର ହେକ୍ଟର ଚାଷ ଜମିରେ ଡାଲି, ତୈଳବୀଜ ତଥା ଅଣଧାନ ଫସଲ କରାଯିବ। ସେହିପରି ୫୦ ହଜାର ହେକ୍ଟରରେ ପାରମ୍ପରିକ ଚାଷ କରାଯିବ। ଏଥିପାଇଁ ରାଜ୍ୟ ସରକାର ୯୨୯.୫୬ କୋଟି ଟଙ୍କା ଖର୍ଚ୍ଚ କରିବେ। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# ନଗଦ ୩୩ ଲକ୍ଷ ଦେଇ କାର କିଣିଥିଲେ ଅର୍ଚ୍ଚନା

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

**ଜଣେ ରାଜନେତା ଟଙ୍କା ଦେଇଥିବା ଚର୍ଚ୍ଚା**

- ■ କାର୍ ଶୋ'ରୁମ୍ ମାଲିକଙ୍କ ପୁଅଙ୍କୁ ପଚରାଉଚରା
- ■ କ୍ରୟ ସଂକ୍ରାନ୍ତ କାଗଜପତ୍ର ନେଲା ଇଡି
- ■ ମିଳୁନି କାର୍‌ର ପତ୍ତା, ବଢ଼ୁଛି ସନ୍ଦେହ

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ଗତ ୧୧ ତାରିଖରୁ ୧୦ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଇତିମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାରେ ଲାଗିଛି। ଖଗେଶ୍ୱରଙ୍କ ରିମାଣ୍ଡ ଅବଧି ଆଉ ୨ଦିନ ବାକି ଥିବାବେଳେ ଇଡି ତାଙ୍କଠାରୁ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟର ଆର୍ଥିକ କାରବାର ସହ ମାମଲା ସମ୍ପର୍କିତ ବହୁ ଗୁମର ହାସଲ କରିବାକୁ ଉଦ୍ୟମ ଚଳାଇଛି। ଏପରି ସ୍ଥିତିରେ ଏହି ରହସ୍ୟମୟୀଙ୍କ ଦାମୀ ଫୋର୍ଡ ଏନ୍‌ଡିଭର୍ କାର୍‌କୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଉକ୍ତ କାର୍ କିଣିବାକୁ କେହି ରାଜନେତା ଅର୍ଚ୍ଚନାଙ୍କୁ ଟଙ୍କା ଦେଇଥିବା କୁହାଯାଉଛି। ଆଉଏକ ବଡ଼ କଥା ହେଲା ସେହି କାର୍‌ର ମଧ୍ୟ ପତ୍ତା ମିଳୁନାହିଁ। ଏହା ପଛରେ କିଛି ବଡ଼ ରହସ୍ୟ ଲୁଚି ରହିଥିବା ସନ୍ଦେହ କରି ଇଡି କାର୍ ସଂକ୍ରାନ୍ତରେ ଅଧିକ ଖୋଳତାଡ଼ କରୁଛି। ଅର୍ଚ୍ଚନା ଉକ୍ତ କାର୍‌କୁ ମଞ୍ଚେଶ୍ୱରସ୍ଥିତ କ୍ୟାପିଟାଲ ଫୋର୍ଡ ଶୋ'ରୁମ୍‌ରୁ କିଣିଥିବାରୁ ଇଡି ଅଧିକାରୀମାନେ ଶୁକ୍ରବାର ପୂର୍ବାହ୍ନରେ ପ୍ରାୟ ୧ ଘଣ୍ଟା ଧରି ଶୋ'ରୁମ୍ ମାଲିକଙ୍କ ପୁଅଙ୍କୁ ପଚରାଉଚରା କରିଛନ୍ତି। ଏଥିସହ କାର୍ କ୍ରୟ ସମ୍ବନ୍ଧିତ ସମସ୍ତ କାଗଜପତ୍ର ଇଡି ତାଙ୍କଠାରୁ ପାଇଛି। କାର୍‌ଟିକୁ ୨୦୨୦ରେ ଅର୍ଚ୍ଚନା ନଗଦ ୩୩ ଲକ୍ଷ ଟଙ୍କା ଦେଇ କିଣିଥିବା ସୂଚନା ମିଳିଛି। ତେବେ ଅର୍ଚ୍ଚନା କେଉଁଠୁ ଏତେ ଟଙ୍କା ଆଣିଲେ ତାହା ଜାଣିବାକୁ ଉତ୍କଣ୍ଠା ଲାଗି ରହିଥିବାବେଳେ ଏଥିରେ କେହି ରାଜନେତାଙ୍କ ଲିଙ୍କ୍ ଥିବା କୁହାଯାଉଥିବାରୁ ମାମଲା ଅଧିକ ରୋଚକ ହୋଇଛି। ସମ୍ପୃକ୍ତ ରାଜନେତା କିମ୍ବା ତାଙ୍କ ଇଙ୍ଗିତରେ ଅନ୍ୟକେହି କାର୍‌ଟିକୁ ଲୁଚାଇ ରଖିଥିବା ଇଡି ସନ୍ଦେହ କରି ତଦନ୍ତକୁ ଆଗକୁ ବଢ଼ାଇଛି। ଉକ୍ତ କାର୍ ଠାବ ହେଲେ ରାଜନେତାଙ୍କ ଗୁମର ପଦାକୁ ଆସିବ ବୋଲି ଇଡି ଆଶା ରଖିଛି। ସେପଟେ ଖଗେଶ୍ୱରଙ୍କ ରିମାଣ୍ଡ ଅବଧି ସରିବା ପରେ ଇଡି ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଜେଲରେ ଜେରା କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କୁ ଗତ ୧୩ ତାରିଖରେ ଇଡ଼ି ଭୁବନେଶ୍ୱର କାର୍ଯ୍ୟାଳୟରେ ଜେରା କରି ବହୁ ତଥ୍ୟ ହାସଲ କରିଛି।

# ଦୀଘା ମୁହାଣରୁ ଧରାହେଲା ବିରଳ ପ୍ରଜାତିର ସଙ୍କର ଚିଲ ମାଛ



ଦୀଘା ମାଛ ମାର୍କେଟ୍‌ରେ ବିରଳ ପ୍ରଜାତିର ସଙ୍କର ଚିଲ ମାଛ।

**ଭୋଗରାଇ, ୧୮।୧୧(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ମୁହାଣ ଗଭୀର ସମୁଦ୍ରରୁ ଶୁକ୍ରବାର ପୁଣି ଏକ ବିରଳ ପ୍ରଜାତିର ସଙ୍କର ଚିଲ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି। ଟ୍ରଲର ମାଲିକ ଏହି ମାଛକୁ ଦୀଘା ମାର୍କେଟ୍ ନିଲାମ କେନ୍ଦ୍ରକୁ ଆଣି ବିକ୍ରି କରିଛନ୍ତି। ଏହି ମାଛର ଓଜନ ୫ କୁଇଣ୍ଟାଲ ଓ ଦେଖିବାକୁ ଦୈତ୍ୟାକୃତି ଭଳି। କୋଲକାତାର ଏକ କମ୍ପାନୀ ମାଛକୁ ୨୦ହଜାର ଟଙ୍କାରେ କିଣି ନେଇଥିବା ସୂଚନା ମିଳିଛି। ଏହି ମାଛକୁ ଦେଖିବାକୁ ମାର୍କେଟ୍‌ରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସଙ୍କର ଜାତୀୟ ମାଛ ସ୍ୱାଦିଷ୍ଟ ହୋଇଥିବାରୁ ଜାତୀୟ ଓ ଆନ୍ତର୍ଜାତିକ ବଜାରରେ ବହୁ ଦାମ୍‌ରେ ବିକ୍ରି କରାଯାଉଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଗତ ୫ ତାରିଖରେ ଦୀଘା ମୁହାଣ ମାଛ ମାର୍କେଟରେ ସାଢ଼େ ୫ କୁଇଣ୍ଟାଲର ଏକ ତେଲିଆ ଭୋଲା ମାଛ ନିଲାମ କରାଯାଇ ୨ଲକ୍ଷ ୭୦ ହଜାରରେ ବିକ୍ରି କରାଯାଇଥିଲା। କିଛିବର୍ଷ ପରେ ଏହି ବିରଳ ପ୍ରଜାତିର ମାଛ ଧରାଯାଇଥିବା ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ଗଭୀର ସମୁଦ୍ରରେ ଏଭଳି ବିରଳ ପ୍ରଜାତିର ମାଛ ଧରାଯାଉଥିବାରୁ ସାମୁଦ୍ରିକ ଜୀବ ବଂଶ ଲୋପପାଇବ ବୋଲି ଆଶଙ୍କା କରିଥିବା ସାମୁଦ୍ରିକ ବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି।

# ବାଲିଯାତ୍ରା: ସମ୍ପୂର୍ଣ୍ଣ ଆୟବ୍ୟୟର ଅଡିଟ୍ ହେଉ

**କଟକ ଅଫିସ,୧୮।୧୧**

- ■ ଆୟୋଜକଙ୍କୁ ଟାର୍ଗେଟ୍ କଲେ ପ୍ରଭାତ ତ୍ରିପାଠୀ
- ■ ଅଡିଟ୍‌କୁ ସ୍ୱାଗତ କରିବି: ଜିଲାପାଳ

ଐତିହାସିକ କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଛି। ବାଲିଯାତ୍ରାରେ ଜିଲା ପ୍ରଶାସନ ମନମୁଖି କାର୍ଯ୍ୟକ୍ରମ କରିଥିବା ନେଇ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ମହାନଗର ପୂଜା କମିଟି ଓ ଶାନ୍ତି କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏହି ସମ୍ମିଳନୀରେ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ କହିଛନ୍ତି, ଚଳିତବର୍ଷ ବାଲିଯାତ୍ରା ୮ ଦିନ ପରିବର୍ତ୍ତେ ୯ ଦିନ ଓ ପରେ ଆଉ ଗୋଟିଏ ଦିନ ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟ କାର୍ଯ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଷ୍ଟଲ ଓ ଅନ୍ୟ ଉପାୟରୁ କେତେ ଆୟ ହୋଇଛି, କେତେ ଟଙ୍କାର କାରବାର ହୋଇଛି ତାହା ସର୍ବ ସମ୍ମୁଖକୁ ଆସିବା ଆବଶ୍ୟକ। କଟକ ଜିଲାର କେତେଜଣ ପ୍ରଶାସନିକ ଅଧିକାରୀ ମନମୁଖି କାର୍ଯ୍ୟ ଚଳାଇଛନ୍ତି। ତେଣୁ ସମ୍ପୂର୍ଣ୍ଣ ଆୟବ୍ୟୟର ସ୍ପେଶାଲ ଅଡିଟ୍ କରାଯିବା ଆବଶ୍ୟକ। ଅଡିଟ୍ ହେଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଛନ୍ତି। ଏହାସହ ବାଲିଯାତ୍ରା ପାଇଁ ଅତିଥି ଚୟନ, ନିମନ୍ତ୍ରଣ ପତ୍ର ବଣ୍ଟନରେ ବିଭ୍ରାଟ, ପଥ ଉତ୍ସବରେ ରାଜନୀତୀକରଣ, ଅଶ୍ଳୀଳ ସଙ୍ଗୀତ ପରିବେଷଣ ଯାହା ରାଜ୍ୟବାସୀଙ୍କୁ ଶକ୍ତ ଆଘାତ ଦେଇଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଉତ୍କଳ ଗୌରବ ମଧୁସୂଦନ ଦାସ ନାଁରେ ମଧୁମଞ୍ଚ କରିବା ପାଇଁ ବାଲିଯାତ୍ରାରେ ଜାଗା ନ ମିଳିବା ସମ୍ବେଦନଶୀଳ ପ୍ରସଙ୍ଗ ହୋଇଛି। ବାଲିଯାତ୍ରାକୁ ଜାତୀୟ ସ୍ତରୀୟ ମାନ୍ୟତା ଦେବା ଲାଗି ପ୍ରୟାସ ଜାରି ରହିଛି। ହେଲେ ଇତି ମଧ୍ୟରେ ଏପରି ବିଭ୍ରାଟ କେବେ ବି ଗ୍ରହଣୀୟ ନୁହେଁ। ତେଣୁ ବାଲିଯାତ୍ରା ପରିଚାଳନା ଦାୟିତ୍ୱ ଓ ନିଷ୍ପତ୍ତି ନେବାର ଅଧିକାର ରାଜ୍ୟ ସରକାର ପ୍ରତ୍ୟକ୍ଷ ଭାବେ ନିଅନ୍ତୁ ବୋଲି ମହାନଗର ପୂଜା କମିଟି ଓ ଶାନ୍ତି କମିଟି ପକ୍ଷରୁ ଦାବି ହୋଇଛି। ଏହି ସମ୍ମିଳନୀରେ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରି ଦାସ, ସଭାପତି ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ଓ ସମ୍ପାଦକ ପ୍ରଫୁଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ବାଲିଯାତ୍ରାର ସଫଳ ଆୟୋଜନ ହୋଇଛି। ଆର୍ଥିକ ହେର୍‌ଫେର୍ ସମ୍ପର୍କରେ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଡିଟ୍ ହେଲେ ମୁଁ ସ୍ୱାଗତ କରିବି। ଏ ନେଇ ସବୁ ରେକର୍ଡ ଅଛି ବୋଲି ସେ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି, ଏବର୍ଷ ବାଲିଯାତ୍ରା ସଫଳ ହୋଇଛି। ରାଜ୍ୟ ସରକାର ଯଦି ଅର୍ଥ ଯୋଗାଇ ନ ଥାନ୍ତେ, ତେବେ କେହି କୌଣସି ପ୍ରକାରର ଶ୍ରେୟ ନେଇ ପାରି ନଥାନ୍ତେ। ବାଲିଯାତ୍ରାର ସଫଳତାର ଶ୍ରେୟ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେବା କଥା ବୋଲି ସେ କହିଛନ୍ତି।

# ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ

**ମହାପ୍ରଭୁଙ୍କ ପଇତାଲାଗି ନୀତି ହେବ**

**ପୁରୀ ଅଫିସ, ୧୮।୧୧**

ମାର୍ଗଶିର ମାସ କୃଷ୍ଣପକ୍ଷ ଦଶମୀ ତିଥିରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ହେବ। ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଆଯିବା ଉଦ୍ଦେଶ୍ୟରେ ଏହି ନୀତି ହୋଇଥାଏ। ଏହି ଗୁପ୍ତ ନୀତି ସମୟରେ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ସମେତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ନୀତି ଲାଗି ଶନିବାର ଅପରାହ୍ନ ୫ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ପଇତା ଲାଗି ନୀତି ଆରମ୍ଭ ହେବ। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ପଇତାଗୁଡ଼ିକୁ ପାଟେରା ସେବକମାନେ ପାଟବସ୍ତ୍ରରେ ପ୍ରସ୍ତୁତି କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ। ଏହାପରେ ଦଇତାପତି ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ଏହି ନୀତି ସମ୍ପନ୍ନ କରିବେ।




ବିଶ୍ୱ ପାଇଖାନା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଶିଳ୍ପୀ ସୁଦାମ ପ୍ରଧାନ ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶ୍ୟାଧିପ ମଙ୍ଗଳ ସ୍ୱନକ୍ଷତ୍ରରେ ରହିଥିବାରୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ବହୁ ଉତ୍ତମ ରହିବ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ ଆଦି କ୍ଷେତ୍ରରୁ ଶୁଭଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ସମାଧାନ ହେବାର ଆଶା ରହିଛି । ଦୂରଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବୃଷ**
ଆଜି ନିଜ ରାଶିକୁ ଶୁକ୍ର ଦେଖୁଥିବାରୁ ହସଖୁସିରେ ଦିନ ବିତାଇବାର ସୂଚନା ରହିଛି। କୃତ୍ତିକା ନକ୍ଷତ୍ର ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଜମିଜମା କ୍ଷେତ୍ରରୁ ଲାଭବାନ ହେବେ। ସମସ୍ୟା ସମାଧାନ ସକାଶେ ଅନ୍ୟମାନଙ୍କ ଦୟା ଉପରେ ନିର୍ଭର କରିବେ।

**ମିଥୁନ**
କର୍ମାଧିପ ନିଜ ଗୃହରେ ରହିଥିବା ଯୋଗୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି । କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମ୍ମାନ ପାଇପାରନ୍ତି। ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ**
ବ୍ୟୟାଧିପ ଯୁକ୍ତ ଶୁକ୍ରଜନିତ ଭୁଲ୍ ବୁଝାମଣା ହେତୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିବାକୁ ପଡ଼ିବ । କଚେରି ମାମଲାର ଆଶୁ ଶୁଣାଣି ହେବାରୁ ଆଶ୍ୱସ୍ତି ଲାଭ କରିବେ । ବିବାଦୀୟ ଘଟଣାରେ ନିଜ ସପକ୍ଷରେ କହିବା ସକାଶେ ଆତ୍ମୀୟଙ୍କୁ ଅନୁରୋଧ କରିପାରନ୍ତି।

**ସିଂହ**
ମଙ୍ଗଳଙ୍କ ସ୍ୱଗୃହାବଲୋକନ ହେତୁ ପାରିବାରିକ ସଦ୍‌ଭାବ କ୍ରମଶଃ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ କିଛି କହିବା ଭଲ ହେବନି। ନିର୍ମାଣ, ଯୋଗାଯୋଗ, ପ୍ଲଟିଙ୍ଗ୍ କାରବାର ପାଇଁ ଦିନଟି ମନ୍ଦ ହେବନି। କଠିନ ଶ୍ରମ ଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**କନ୍ୟା**
ସପ୍ତମ କେନ୍ଦ୍ରସ୍ଥ ଗୁରୁଙ୍କ ଶୁଭତ୍ୱରୁ ବନ୍ଧୁମାନଙ୍କ ସହ ବହୁଦୂର ଭ୍ରମଣ କରିବାର ସୁଯୋଗ ପ୍ରାପ୍ତ ହେବ। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ। ପରିବାରର ଆବଶ୍ୟକତା ଅନୁଭବ କରି ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି। ଖୋଜୁଥିବା ଜିନିଷ ହଠାତ୍ ସହଜରେ ପାଇ ଖୁସି ହୋଇଯିବେ।

**ତୁଳା**
ଧନ ସ୍ଥାନରେ ରବି ଓ ଶୁକ୍ର ରହିଥିବାରୁ ଅର୍ଥ ଯୋଗାଡ଼ର ଉଦ୍ୟମ ନିଷ୍ଫଳ ହେବନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ତିକ୍ତତା ବୃଦ୍ଧି ପାଇପାରେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ କରିବାରେ କୌଣସି ଅସୁବିଧା ରହିବ ନାହିଁ । ପ୍ରଶାସନିକ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଗ୍ରହମାନଙ୍କ ଅନୁକୂଳ ସ୍ଥାନାବସ୍ଥାନ ଯୋଗୁ ଯାହା ଚିନ୍ତା କରୁଛନ୍ତି ସେଥିରେ ପ୍ରତିବନ୍ଧକ ରହିବ ନାହିଁ । ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। କିନ୍ତୁ ସାଂସ୍କୃତିକ କାର୍ଯ୍ୟ ଓ ନୂତନ ଯୋଜନା କ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ଧନୁ**
ପାପଦୃଷ୍ଟ ବୃହସ୍ପତି ହେତୁ ଜମିଜମା, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଆଶା ଅପୂରଣ ରହିଯିବ। ବ୍ୟବହାରିକ କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଅବଶ୍ୟ କର୍ମ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା ପ୍ରତି ସାବଧାନ ରହିବା ଭଲ ହେବ।

**ମକର**
ବନ୍ଧୁ କିମ୍ବା ଆତ୍ମୀୟସ୍ୱଜନଙ୍କ ଟାହିଟାପରାରେ ଅତିଷ୍ଠ ହୋଇପାରନ୍ତି। ପାରିବାରିକ ଜୀବନରେ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଝଗଡ଼ା ଲାଗିପାରେ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ସାଂଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ପାପମଧ୍ୟସ୍ଥ ଗୁରୁ ହେତୁ କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟାଭାବ ଯୋଗୁ ବିଚଳିତ ବୋଧ କରିବେ।

**ମୀନ**
ରାଶ୍ୟାଧିପତି ପାପଗ୍ରସ୍ତ କାରଣରୁ ଅସୁସ୍ଥତା ଜନିତ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ରାଜନୀତି, ସାଂଗଠନିକ କ୍ଷେତ୍ରରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି । ପରିବାରରେ ବୟସ୍କବ୍ୟକ୍ତିଙ୍କ ସମସ୍ୟା ମନକୁ ବିଶେଷ ଭାବେ ଭାରାକ୍ରାନ୍ତ କରିବ।

ଆଜି ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ, ଶନିବାର, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୨୯.ମି ଗତେ ଘ.୦୮।୪୬ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୬ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୨୧,୩୧,୯୪୫ | ୬୬,୨୨,୨୫୮ | ୬୨,୧୪,୯୦,୨୧୫ |
| ଭାରତ | ୪,୪୬,୬୮,୯୫୧ | ୫,୩୦,୫୫୩ | ୪,୪୧,୩୦,୩୮୦ |
| ଓଡ଼ିଶା | ୧୩,୩୬,୩୭୮ | ୯୨୦୪(+୫୩) | ୧୩,୨୭,୦୩୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍ — କମ୍ୟୁନିଟି ରେଡିଓ ମାଧ୍ୟମରେ ସଚେତନତା

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**




### ବର୍ଷା ରାଏକୱାର



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ମଧ୍ୟପ୍ରଦେଶର ବର୍ଷା ରାଏକୱାର। କମ୍ୟୁନିଟି ରେଡିଓ ମାଧ୍ୟମରେ ସେ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ସଚେତନତା କରାଉଛନ୍ତି। ମଧ୍ୟପ୍ରଦେଶର ଝାନ୍ସୀସ୍ଥିତ ନିୱାରି ଗ୍ରାମର ୨୫ବର୍ଷୀୟା ରେଡିଓ ଜକି ବା ଆର୍‌ଜେ ବର୍ଷା ଝାନ୍ସୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶେଷ କରିବା ସଙ୍ଗେ ସଙ୍ଗେ ରେଡିଓରେ ଚାକିରି କରିଥିଲେ। ତାଙ୍କ ବାପା କୃଷକ ଥିବାବେଳେ ମା' ଗୃହିଣୀ। ବର୍ଷାଙ୍କ ୮ଭଉଣୀ ଏବଂ ଜଣେ ଭାଇ। ନିଜେ ପଢ଼ିବା ସହିତ ଘରେ ଚାଷ କାମରେ ମଧ୍ୟ ସାହାଯ୍ୟ କରୁଥିଲେ। ରେଡିଓ ବୁନ୍ଦେଲଖଣ୍ଡ ଜରିଆରେ ତୃଣମୂଳ ସ୍ତରରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଚେତନତା ସୃଷ୍ଟି କରୁଛନ୍ତି। କ୍ୟାରିୟର ଗଢ଼ିବା ପାଇଁ ସେ ଯେତେବେଳେ ଘରୁ ବାହାରକୁ ବାହାରିଥିଲେ ସେତେବେଳେ ତାଙ୍କୁ ଗ୍ରାମବାସୀଙ୍କଠାରୁ ବହୁତ କଥା ଶୁଣିବାକୁ ପଡ଼ିଥିଲା। କାରଣ ତାଙ୍କ ପୂର୍ବରୁ ତାଙ୍କ ଘରୁ କେହି ଜଣେ ବି କାମ ପାଇଁ ଘରୁ ବାହାରକୁ ବାହାରି ନ ଥିଲେ। କିନ୍ତୁ ଏବେ ବର୍ଷାଙ୍କ ସ୍ୱର ସହିତ ତାଙ୍କ କାର୍ଯ୍ୟ ଲୋକପ୍ରିୟ ହେବା ପରେ ଗ୍ରାମବାସୀ ଖୁସି ହେଉଛନ୍ତି। ଏହାସହ ସେମାନଙ୍କ ପରିବାରର ଅନ୍ୟ ଝିଅମାନେ ମଧ୍ୟ ଉଚ୍ଚଶିକ୍ଷା ଏବଂ ଚାକିରି ପାଇଁ ଘରୁ ପାଦ ବାହାର କଲେଣି।

ବର୍ଷା କୁହନ୍ତି, ମୁଁ ମୋ ସ୍ୱରକୁ ଭଲପାଏ ଏବଂ ତାକୁ ଏକ ସର୍ବୋତ୍ତମ ଉପାୟରେ ବ୍ୟବହାର କରିବାକୁ ଚାହୁଁଥିଲି। ତେଣୁ ରେଡିଓ ଜକି କ୍ଷେତ୍ରରେ କାମ ଆରମ୍ଭ କଲି। ମୁଁ କଲେଜରେ ପଢୁଥିବା ସମୟରେ ମୋର ଜଣେ ସାଙ୍ଗ ରେଡିଓ ବୁନ୍ଦେଲଖଣ୍ଡରେ ପଦବୀ ଖାଲି ଥିବା କହିଥିଲେ। ଏହାପରେ ସେଠାରେ ମୁଁ କାମ ଆରମ୍ଭ କଲି। ସୂଚନାଯୋଗ୍ୟ, 'ରେଡିଓ ବୁନ୍ଦେଲଖଣ୍ଡ' ମଧ୍ୟପ୍ରଦେଶର ପ୍ରଥମ ଏବଂ ଦେଶର ଦ୍ୱିତୀୟ କମ୍ୟୁନିଟି ରେଡିଓ ଷ୍ଟେଶନ।

ବର୍ଷାଙ୍କ କହିବାନୁଯାୟୀ, ଫସଲ ଅମଳରେ ପରିବର୍ତ୍ତନ ହୋଇଥିବା ସେ ଦେଖିଥିଲେ। ଏହାପରେ ତାଙ୍କ ମନରେ ଜଳବାୟୁ ପରିବର୍ତ୍ତନକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ତାଙ୍କର ଭଲ ଫସଲ ହେଉଥିଲା। କିନ୍ତୁ ଧୀରେ ଧୀରେ ଅମଳ ଖରାପ ହେବାରେ ଲାଗିଲା। ଆଗେ ତିନିଥର ଜଳସେଚନ କରାଯାଉଥିଲା। ଏବେ ୫ଥର ଜଳସେଚନ କରିବାକୁ ପଡୁଛି। ସେହିପରି ତାଙ୍କ ଗାଁ ପାଖରେ ଥିବା ଜଙ୍ଗଲ ବି କମିବାରେ ଲାଗିଥିଲା। ଏହିଭଳି କିଛି ପ୍ରଶ୍ନ ନେଇ ଯେତେବେଳେ ବର୍ଷା ରେଡିଓ ଜରିଆରେ ପଚାରିଥିଲେ, ସେତେବେଳେ ଜାଣିବାକୁ ପାଇଲେ ଯେ ଲୋକଙ୍କ କାର୍ଯ୍ୟକଳାପ ଯୋଗୁ ଜଳବାୟୁ ପରିବର୍ତ୍ତନ ସମସ୍ୟା ଦେଖାଯାଇଛି। ତେଣୁ ଏହା ଦିଗରେ ନିଜ ସ୍ୱର ଉଠାଇବାକୁ ନିଷ୍ପତ୍ତି ନେଲେ। କମ୍ୟୁନିଟି ରେଡିଓ ମାଧ୍ୟମରେ ସେ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ବର୍ଷା କୁହନ୍ତି, ରେଡିଓ ବୁନ୍ଦେଲଖଣ୍ଡରେ ୱାର୍ଲଡ ବ୍ୟାଙ୍କ ଫଣ୍ଡରେ ଭାରତରେ ପ୍ରଥମ ଥର ପାଇଁ 'କୌନ ବନେଗା ସୁଭକାଲ ଲିଡର' ନାମରେ ୨ବର୍ଷିଆ କ୍ୟାମ୍ପେନ ଚାଲିଥିଲା। ଏହା ରେଡିଓରେ ଦେଶର ପ୍ରଥମ ରିଆଲିଟି ଶୋ ଥିଲା। ଏଥିପାଇଁ ୧୦୦ଟି ଗାଁ ଏବଂ ୧୪୦ଜଣ ଲୋକ ମନୋନୀତ ହୋଇଥିଲେ। ସେହି ୧୪୦ ଲୋକ ପୁଣି ୧୦ହଜାର ଲୋକଙ୍କୁ ସାମିଲ କରିଥିଲେ ଏବଂ ସେଥିରେ କେବଳ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ହେଉଥିଲା। ଏହି ଅଭିଯାନ ଏମିତି ଲୋକଙ୍କ ଉପରେ ପ୍ରଭାବ ପକାଇଥିଲା ଯେ, ଅଭିଯାନ ଶେଷ ହେଲା ବେଳକୁ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ବନ୍ଦ ନ କରିବା ପାଇଁ ଅନୁରୋଧ କରିଥିଲେ। ସେଥିପାଇଁ ରେଡିଓ ବୁନ୍ଦେଲଖଣ୍ଡ ଉକ୍ତ କାର୍ଯ୍ୟକ୍ରମକୁ ଏବେ ବି ଜାରି ରଖିଛି ଏବଂ ଦିନକୁ ଅଧଘଣ୍ଟା ସମୟ କେବଳ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ହେଉଛି ବୋଲି ବର୍ଷା କହିଛନ୍ତି। ଖାଲି ଜଳବାୟୁ ସମ୍ପର୍କିତ ନୁହେଁ, ସ୍ୱାସ୍ଥ୍ୟ, ଶିକ୍ଷା, ଚାଷ, ମହିଳା ସଶକ୍ତୀକରଣ ଦିଗରେ ମଧ୍ୟ ବର୍ଷା ସଚେତନତା ସୃଷ୍ଟି କରୁଛନ୍ତି। ସେମିନାର, ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକଙ୍କୁ ଜଳବାୟୁ ବିଷୟରେ ଜଣାଉଛନ୍ତି। ଆମ ବାସ୍ତବ ଜୀବନରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କିପରି ପଡୁଛି ତାହା ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ବର୍ଷା ମିଳିତ ଜାତିସଂଘର ୟଙ୍ଗ୍ କ୍ଲାଇମେଟ୍ ଲିଡର ଅଛନ୍ତି।

## 'ଦମନ'କୁ ଟିକସମୁକ୍ତ କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟତା ହାସଲ କରି ଚାଲିଛି। ଓଡିଶା ସରକାରଙ୍କ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମ୍ପୂର୍ଣ୍ଣ ଟିକସ ମୁକ୍ତ ଘୋଷଣା କରିଛନ୍ତି। ବାସ୍ତବ ଜୀବନରେ ମାଲକାନଗିରିର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଜଣେ ଯୁବ ଡାକ୍ତର ମାନବିକତାର ଯେଉଁ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି , ତାହା ହେଉଛି ଏ ଚଳଚ୍ଚିତ୍ରର ବିଷୟ ବସ୍ତୁ। ସ୍ୱାସ୍ଥ୍ୟ ବିଭାଗ ସମେତ ସବୁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସେବା ମନୋଭାବକୁ ଆହୁରି ମଜଭୁତ୍ କରିବା ଦିଗରେ ଏହା ପ୍ରଭାବିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ଯେଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସମନ୍ୱୟ ରଖି ସେବା ଯୋଗାଇଲେ, ସେଭଳି କାମକଲେ ଆମେ ଏକ ସୁସ୍ଥ ତଥା ସଚେତନ ସମାଜର ବିକାଶ କରି ପାରିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି। 'ଦମନ' ଚଳଚ୍ଚିତ୍ର ନଭେମ୍ବର ୪ରେ ରାଜ୍ୟର ୪୩ଟି ହଲ୍‌ରେ ମୁକ୍ତିଲାଭ କରିଥିଲା। ଏବେ ଏହା ୫୩ଟି ହଲ୍‌ରେ ଚାଲୁଥିବାବେଳେ ବହୁ ଦର୍ଶକ ବାରମ୍ବାର ଦେଖୁଥିବା ଜଣାପଡିଛି। ୯୫ଲକ୍ଷ ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମ ୨ସପ୍ତାହ ମଧ୍ୟରେ ପ୍ରାୟ ୨କୋଟିରେ ବ୍ୟବସାୟ କରିଥିବାବେଳେ ଦେଶର ୫୦୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯୋଜନା ରହିଛି। ଏଥିସହ ହିନ୍ଦୀ ଭାଷାରେ ମଧ୍ୟ ଏହି ଚଳଚ୍ଚିତ୍ରର ଡବିଂ ଆରମ୍ଭ ହୋଇଗଲାଣି। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଥିବା ଅଭିନେତା ବାବୁଶାନ୍ ମହାନ୍ତି ଡବିଂ ପାଇଁ ମୁମ୍ବାଇ ମଧ୍ୟ ଯାଇଛନ୍ତି। ଆଇଏମ୍‌ଡିବି ରେଟିଂ ୯.୭ରେ ରହି କେଜିଏଫ୍-୨ , ଆର୍‌ଆର୍‌ଆର୍ ଭଳି ଫିଲ୍ମକୁ ପଛରେ ପକାଇଛି 'ଦମନ'। ଏବେ ଚଳଚ୍ଚିତ୍ର କପି ରାଇଟ୍ ପାଇଁ ମଧ୍ୟ ଆଲୋଚନା ଚାଲିଛି। ଦୀର୍ଘ ସମୟ ପରେ ଓଡ଼ିଆ ଚଳଚ୍ଚିତ୍ରର ଏଭଳି ସଫଳତା ସିନେ ଜଗତ ପାଇଁ ଏକ ଆଶା ସୃଷ୍ଟି କରିଛି। ଜେପି ମୋଶନ୍ ପିକ୍ଚର୍ସ ଏବଂ ମେଣ୍ଟିସ୍ ଫିଲ୍ମସ୍ ମିଳିତ ଭାବେ ଏହି ଚଳଚ୍ଚିତ୍ରକୁ ତିଆରି କରିଛନ୍ତି। ଦୀପେନ୍ଦ୍ର ସାମଲ ଏହାର ପ୍ରଯୋଜକ ରହିଥିବାବେଳେ ନିର୍ଦ୍ଦେଶକ ଅଛନ୍ତି ଦେବୀପ୍ରସାଦ ଲେଙ୍କା ଓ ଭିଶାଲ ମୌର୍ଯ୍ୟା। ଅଭିନେତା ଦ୍ୱୀପାନ୍ୱିତ ଦାସମହାପାତ୍ର ମଧ୍ୟ ପ୍ରମୁଖ ଭୂମିକାରେ ରହିଛନ୍ତି। ଜେପି ୱାର୍ଜିସ୍ଥ୍ ଓ ବାପୁ ଗୋସ୍ୱାମୀଙ୍କ ରଚିତ ସଙ୍ଗୀତକୁ ଗୌରବ ଆନନ୍ଦ ଓ ତାଙ୍କ ଟିମ୍ ସ୍ୱର ଦେଇଛନ୍ତି।















## ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ

**ରେଢ଼ାଖୋଲ,୧୮।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗୁରୁବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ସ୍ଥାନୀୟ ଭୀମଭୋଇ ଛକରେ ମୃତଦେହ ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଜୟରଶ୍ମି ସେଠୀ, ଉପଜିଲାପାଳ ପବିତ୍ର ବେହେରା, ନଗରପାଳ ଶିବରାମ ସାହୁ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ରେଡ୍‌କ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ଚିକିତ୍ସା ଅବହେଳା ଅଭିଯୋଗର ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ୧ଟା ବେଳେ ରାସ୍ତା ଅବରୋଧ ହଟିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାମତେ ରେଢାଖୋଲ ଉପଖଣ୍ଡର କିସିଣ୍ଡା ଥାନା ଘୁଡାଡିଆଁ ଗ୍ରାମର ସବିତା ରାଉତ ନାମ୍ନୀ ଗର୍ଭବତୀ ମହିଳା ଅସୁସ୍ଥ ହୋଇ ଗୁରୁବାର ଚିକିତ୍ସା ପାଇଁ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ୩ମାସର ଗର୍ଭବତୀ ଥିବାବେଳେ ରକ୍ତହୀନତା ଯୋଗୁ ଦୁର୍ବଳ ହୋଇ ପଡିଥିଲେ। ହେଲେ କୌଣସି ଡାକ୍ତର ତାଙ୍କ ଚିକିତ୍ସା କରି ନ ଥିଲେ। ଏପରିକି ରକ୍ତହୀନତା ସତ୍ତ୍ୱେ ଆବଶ୍ୟକ ରକ୍ତ ଦିଆଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଚିକିତ୍ସା ଅଭାବରୁ ରାତି ପ୍ରାୟ ୧୦ଟା ବେଳେ ସବିତାଙ୍କ ମୃତ୍ୟୁ ହୋଇଥିଲା। ସବିତା ବର୍ଷେ ହେଲା ବିବାହ କରିଥିଲେ। ଏ ସମ୍ପର୍କରେ ଚିକିତ୍ସା ଦାୟିତ୍ୱରେ ଥିବା ଡା. ଶରତ ଚନ୍ଦ୍ର ଘଡେଇଙ୍କୁ ପଚାରିବାରୁ ସେ କହିଥିଲେ, ମହିଳା ଜଣକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରକ୍ତ ଯୋଗାଡ କରାଯାଇଥିଲେ ହେଁ ତାହା ମିଶି ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ।







ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା । ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ । ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ । **–ଶ୍ରୀଅରବିନ୍ଦ**



# ଅପୂର୍ବ ସୁଯୋଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆସନ୍ତା ମାସରେ ଔପଚାରିକ ଭାବେ ଇଣ୍ଡୋନେସିଆଠାରୁ ଭାରତ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ବାଲି ଯାଇଥିଲେ । ସେଠାରେ ଜି୨୦ ନେତାମାନଙ୍କ ସହିତ ପ୍ରଧାନମନ୍ତ୍ରୀ ବୈଶ୍ୱିକ ଅର୍ଥ ବ୍ୟବସ୍ଥା, ଶକ୍ତି, ପରିବେଶ, କୃଷି, ସ୍ୱାସ୍ଥ୍ୟ ଓ ଡିଜିଟାଲ ସରବରାହର ସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ । ସ୍ୱଷ୍ଟତଃ, ଏହି ସବୁ ପ୍ରମୁଖ କ୍ଷେତ୍ରରେ ଭାରତ କାର୍ଯ୍ୟପନ୍ଥାର ପୁନଃ ସମାୟୋଜନ କରିବା ସହ ଭବିଷ୍ୟତ ପାଇଁ ବିଶ୍ୱକୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖୁଛି । ଏକ ବୈଶ୍ୱିକ ଇତିହାସ ରଚିବାରେ ଭାରତ ପାଇଁ ଜି୨୦ ଅଧ୍ୟକ୍ଷତାକୁ ଏକ ଅପୂର୍ବ ସୁଯୋଗ ଭାବେ ଦେଖାଯାଇଛି । ଏହି ସମୟରେ ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ୨୦୦ ବୈଠକ କରାଯାଇପାରେ । ପରମ୍ପରା ଅନୁଯାୟୀ ଉକ୍ତ ସମ୍ମିଳନୀ ଓ ବୈଠକକୁ ଭାରତ କେତେକ ଅତିଥି ଦେଶ ଓ ଅନ୍ତର୍ଜାତୀୟ ସଂଗଠନକୁ ନିମନ୍ତ୍ରଣ କରିବ । ଏଣୁ ତୃଣମୂଳ ସ୍ତରରେ ପୂର୍ବତନ ବୈଦେଶିକ ବ୍ୟାପାର ସଚିବ ଏବଂ ଭାରତର ଜି୨୦ ଅଧ୍ୟକ୍ଷତାର ମୁଖ୍ୟ ସଂଯୋଜକ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ନେତୃତ୍ୱରେ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ବି ବହୁତ କିଛି କାର୍ଯ୍ୟ କରିସାରିଲାଣି । ତାଙ୍କୁ ସହଯୋଗ କରୁଛନ୍ତି ବୈଦେଶିକ ସଚିବ ବିନୟ କ୍ୱାତ୍ରା ଏବଂ ଭାରତର ଜି୨୦ ମୁଖ୍ୟ ପଥପ୍ରଦର୍ଶକ ଅମିତାଭ କାନ୍ତ । ଏମ୍‌ଇଏ ପର୍ଯ୍ୟବେକ୍ଷକମାନେ କହନ୍ତି ଯେ, ଉକ୍ତ ଆଲୋଚନା ସମାବେଶି ଅଭିବୃଦ୍ଧି, ଶକ୍ତି ସୁରକ୍ଷା, ବିପର୍ଯ୍ୟୟ ବିପଦ ହ୍ରାସ, ବିକାଶଗତ ସହଯୋଗ, କୃଷି, ଜଳବାୟୁ ପାଣ୍ଠି ଯୋଗାଣ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ବହୁରାଷ୍ଟ୍ରୀୟ ସୁଧାରଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବ । ଭାରତ ଅଧ୍ୟକ୍ଷତାରେ ବର୍ଷ ବ୍ୟାପୀ ଅନୁଷ୍ଠିତ ଜି୨୦ କାର୍ଯ୍ୟକ୍ରମ ମଧ୍ୟରେ ଏମ୍‌ଇଏ କୂଟନୀତିଜ୍ଞମାନେ ସତର୍କ ଦୃଷ୍ଟି ରଖିବାକୁ ବହୁତ କିଛି କରିବାକୁ ହେବ ।

## ବାବୁ ରାଜି ହେଉନାହାନ୍ତି

ତେଲଙ୍ଗାନା ୱାକଫ୍ ବୋର୍ଡ ଜଣେ ସିଇଓ ଖୋଜୁଥିଲେ ବି ପାଇବାକୁ ସକ୍ଷମ ହୋଇନାହିଁ । ବୋର୍ଡର କୁଶାସନ ଏବଂ ଏହାର କାର୍ଯ୍ୟକାରିତାରେ ରାଜ୍ୟ ସରକାରଙ୍କ ଅନାଗ୍ରହ ଯୋଗୁ ବୋର୍ଡଠାରୁ ଅଧିକାରୀମାନେ ଦୂରେଇ ରହିବା ସମ୍ଭାବନା ସୃଷ୍ଟିହୋଇଛି । ଜଣାପଡ଼ିଛି ଯେ, ୱାକଫ ବୋର୍ଡକୁ ନେତୃତ୍ୱ ଦେବା ଲାଗି ଡେପୁଟି ସଚିବ ସ୍ତରର ମୁସଲିମ ଅଧିକାରୀଙ୍କୁ ମନାଇବା ପାଇଁ ବୋର୍ଡ ନେଇଥିବା ପଦକ୍ଷେପଗୁଡ଼ିକ ବିଫଳ ହୋଇଛି । ତେଲଙ୍ଗାନାର ଡେପୁଟି ସଚିବ ଏବଂ ତଦୂର୍ଦ୍ଧ୍ୱ ର୍ୟାଙ୍କର ଅଧିକାରୀ ଅବଦୁଲ ହମିଦ, ଅତିରିକ୍ତ ଜିଲାପାଳ, ଜାନଗାଁଓ ; ଏମ୍.ଏ. ମାନ୍ନା, ଯୁଗ୍ମ ସଚିବ, ଆଇନ ବିଭାଗ ଏବଂ ବି. ସାଫିଉଲ୍ଲା, ସଚିବ,ତେଲଙ୍ଗାନା ମାଇନରିଟିଜ ରେସିଡେନସିଆଲ ଏଡୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ ସୋସାଇଟି(ଟିଏମ୍‌ଆର୍‌ଇଆଇଏସ୍)ଙ୍କ ସମେତ ୬ ଜଣ ମୁସଲିମ୍ ଅଧିକାରୀ ଅଛନ୍ତି । ଏମାନେ ୱାକଫ ବୋର୍ଡରେ ରହିବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଅତୀତରେ ସିଇଓମାନେ ମଧ୍ୟ ତାଙ୍କ ମୂଳ ବିଭାଗକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନୁରୋଧ କରିଥିବା ନଜିର ଅଛି । ୱାକ୍‌ଫ ଆକ୍ଟ ଅନୁଯାୟୀ ସିଇଓ ଜଣେ ମୁସଲମାନ ହେବା ଉଚିତ ଯିଏ କି ଡେପୁଟି ସଚିବ ର୍ୟାଙ୍କ ତଳେ ନ ଥିବେ । ହେଲେ ଡେପୁଟି କଲେକ୍ଟର ର୍ୟାଙ୍କର ଅଧିକାରୀମାନଙ୍କୁ ବି ନିଯୁକ୍ତ କରାଯାଉଛି । ବହୁ ସମୟରେ ବୋର୍ଡ ସଦସ୍ୟମାନଙ୍କର ଅବାଞ୍ଛନୀୟ କାର୍ଯ୍ୟରେ ଜଣେ କମ୍ ର୍ୟାଙ୍କର ଅଧିକାରୀ ନୀରବ ଦ୍ରଷ୍ଟା ସାଜିବା ସହ ହାତବାନ୍ଧି ବସୁଛନ୍ତି । ପର୍ଯ୍ୟବେକ୍ଷକମାନେ ମନେକରୁଛନ୍ତି ଯେ , କେବଳ ଜଣେ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀଙ୍କ ଉପସ୍ଥିତି ସଦସ୍ୟମାନଙ୍କ ଏଭଳି କାର୍ଯ୍ୟରେ ବାଧା ଦେବ । ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ କିଛି ନ କଲେ ଏହା ସେମିତି ଲାଗି ରହିବ ।

## ତରବରିଆ ପ୍ରତ୍ୟାହାର

ନିକଟରେ ଉତ୍ତରାଖଣ୍ଡ ଆୟୁର୍ବେଦ ଆଣ୍ଡ୍ ଉନାନୀ ଲାଇସେନସିଂ ଅଥରିଟି ଯୋଗଗୁରୁ ରାମଦେବଙ୍କ ୫ଟି ସାମଗ୍ରୀ ଉତ୍ପାଦନ ଉପରେ କଟକଣା ଘୋଷଣା କରିବା ପରେ ତତ୍‌କ୍ଷଣାତ ଉତ୍ତରାଖଣ୍ଡ ସରକାର ଏହାକୁ ହଟାଇ ଦେଇଛନ୍ତ । ଏହାସହ ଉତ୍ତରାଖଣ୍ଡ ଡ୍ରଗ୍ ନିୟାମକ ଡ. ଜି.ସି.ଏନ୍. ଜଙ୍ଗପାଙ୍ଗି ଏକ ନୂଆ ଆଦେଶ ଜାରି କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ପୂର୍ବ ଆଦେଶକୁ ସଂଶୋଧନ କରାଯାଇଛି ଓ ମୂଳରୁ ଯେମିତି ୫ଟି ଉତ୍ପାଦର ଉତ୍ପାଦନ ହେଉଥିଲା ସେଭଳି କମ୍ପାନୀ ଜାରି ରଖିବ । ତରବରିଆ ଭାବେ ଆଦେଶ ପ୍ରତ୍ୟାହାର କରିବା ଘଟଣାରେ ସବୁ ଦୋଷ ଜଣେ ବାବୁଙ୍କ ଉପରେ ଲଦି ଦିଆଗଲା । ଜଙ୍ଗପାଙ୍ଗିଙ୍କ ଅନୁଯାୟୀ, ତରବରିଆରେ କଟକଣା ଆଦେଶ ଜାରି କରାଯାଇଥିଲା ଏବଂ ଉତ୍ପାଦନକାରୀ କମ୍ପାନୀକୁ ତାହାର ସ୍ଥିତି ସମ୍ପର୍କରେ ଜଣାଇବା ଲାଗି ସମୟ ଦେବା ଉଚିତ ଥିଲା । ପରେ ରାମଦେବଙ୍କ କମ୍ପାନୀ ପ୍ରତିକ୍ରିୟାରେ କହିଛି, ଏଭଳି ତ୍ରୁଟି ଜଣେ ଅଧିକାରୀଙ୍କ ଅବିବେକୀପୂର୍ଣ୍ଣ ଭୁଲ୍ ଯୋଗୁ ହୋଇଛି । ଏହା ମଧ୍ୟ ଦାବି କରିଛି ଯେ, ଜଣେ ଡ୍ରଗ୍ ମାଫିଆଙ୍କ ପ୍ରରୋଚନାରେ ପ୍ରତିବନ୍ଧକ ଆଦେଶ କରାଯାଇଥିଲା ଏବଂ ଯେଉଁମାନେ ତା'ପ୍ରତିଷ୍ଠାରେ ଆଞ୍ଚ ଆଣିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । କୌତୂହଳର କଥା ହେଉଛି, ରାଜ୍ୟ ଅଥରିଟି ସହ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) ଏହିସବୁ ଉତ୍ପାଦର ବିଜ୍ଞାପନ ଉପରେ କଡ଼ା ଦୃଷ୍ଟିକୋଣ ଆପଣାଇଥିଲା । କିନ୍ତୁ ରାଜ୍ୟ ଓ କେନ୍ଦ୍ରର ଏବକାର ରାଜନୈତିକ ବ୍ୟବସ୍ଥାରେ ଯଦି କମ୍ପାନୀ ବନ୍ଦ ହୋଇଯାଏ ତେବେ ଏହାର ଦୋଷ ଜଣେ ବାବୁଙ୍କ ଉପରେ ଲଦି ଦିଆଯିବା ସହଜ ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| 7 | | | | | | 6 | | 9 |
| | 6 | | | | | | 3 | |
| 4 | | 7 | | 8 | 2 | | | 1 |
| | | 2 | 3 | | | 7 | | |
| 9 | | | 7 | | 4 | | | |
| | | | 4 | 5 | | 2 | 8 | |
| | 9 | | | 6 | | 5 | | |
| 5 | | 4 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | 9 | 7 | 6 | 2 | 3 | 1 |
| 9 | 7 | 6 | 1 | 2 | 3 | 4 | 8 | 5 |
| 1 | 3 | 2 | 8 | 4 | 5 | 6 | 9 | 7 |
| 2 | 6 | 1 | 3 | 5 | 8 | 7 | 4 | 9 |
| 3 | 4 | 9 | 7 | 6 | 1 | 5 | 2 | 8 |
| 7 | 5 | 8 | 2 | 9 | 4 | 3 | 1 | 6 |
| 4 | 9 | 3 | 5 | 1 | 7 | 8 | 6 | 2 |
| 6 | 2 | 5 | 4 | 8 | 9 | 1 | 7 | 3 |
| 8 | 1 | 7 | 6 | 3 | 2 | 9 | 5 | 4 |

ଗତକାଲିର ଉତ୍ତର

# ହାତୀ ପାଇଁ ହାତଟିଏ



ଡ. ବିଜୟ କେତନ ପଟ୍ଟନାୟକ

ବିଡ଼ମ୍ବନାର ବିଷୟ ଯେ, ଭାରତରେ ତଥା ଓଡ଼ିଶାରେ ଦିନକୁ ଦିନ ହାତୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ବିଭିନ୍ନ କାରଣରୁ ହାତୀ, ମଣିଷ ମୁହାଁମୁହିଁ ହେବାର ଅବକାଶ ବୃଦ୍ଧି ପାଉଛି । ହାତୀମାନେ ଆବଶ୍ୟକ ପରିମାଣରେ ଖାଦ୍ୟ, ପାନୀୟ ଅଭାବରୁ ପ୍ରାକୃତିକ ବାସସ୍ଥଳୀରୁ ବାହାରି ଆସି ଜନବସତିରେ ପ୍ରବେଶ କରୁଛନ୍ତି । ବେଳେ ବେଳେ ହାତୀ ଆକ୍ରମଣରେ ମଣିଷ ମୃତାହତ ହେଉଛନ୍ତି । ମଣିଷ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇ ହାତୀପଲଙ୍କୁ ପାଲଟା ଆକ୍ରମଣ କରୁଛି । ପ୍ରତିବର୍ଷ ଉଭୟ ପକ୍ଷର ମୃତାହତଙ୍କ ସଂଖ୍ୟା ବଢ଼ି ଚାଲିଛି । ୨୦୧୭–୧୮ରୁ ୨୦୨୧–୨୨ ମଧ୍ୟରେ ଗତ ୫ ବର୍ଷରେ ଉଭୟ ପ୍ରାକୃତିକ ଓ ଅପ୍ରାକୃତିକ କାରଣରୁ ଓଡ଼ିଶାରେ ହାତୀମାନଙ୍କ ମୃତ୍ୟୁ ସଂଖ୍ୟା ୪୧୬ । ଅର୍ଥାତ୍ ପ୍ରତିବର୍ଷ ପାଖାପାଖି ୮୩ ହାତୀ ମୃତ୍ୟୁବରଣ କରୁଛନ୍ତି । ତନ୍ମଧ୍ୟରୁ ଅପ୍ରାକୃତିକ କାରଣରୁ ଯଥା ଶିକାରୀ ଦ୍ୱାରା ଗୁଳିବିଦ୍ଧ ହୋଇ ବା ଫାଶରେ ପଡ଼ି, ବିଷ ପ୍ରୟୋଗକରି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି, ରେଳ ବା ରୋଡ୍ ଆକ୍ସିଡେଣ୍ଟ ଅଥବା ଉଚ୍ଚ ସ୍ଥାନରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ହାତୀଙ୍କ ସଂଖ୍ୟା ୧୮୩ । ଅର୍ଥାତ୍ ୪୪ ପ୍ରତିଶତ । ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ଏହି ୫ବର୍ଷରେ ମୃତ୍ୟୁବରଣ କରିଥିବା ଓ ଆହତ ହୋଇଥିବା ମନୁଷ୍ୟଙ୍କ ସଂଖ୍ୟା ଯଥାକ୍ରମେ ୫୫୮ ଓ ୩୯୨ । ଅର୍ଥାତ୍ ବର୍ଷକୁ ହାରାହାରି ୧୧୦ରୁ ଅଧିକ ବ୍ୟକ୍ତି ହାତୀ ଆକ୍ରମଣରେ ମରୁଛନ୍ତି । ଉପରୋକ୍ତ ତଥ୍ୟରୁ ପ୍ରତୀତ ହେଉଛି ଯେ, ହାତୀ ଓ ମଣିଷଙ୍କ ସଂଘର୍ଷରେ ମଣିଷମାନେ ହିଁ ହାତୀ ତୁଳନାରେ ଅଧିକ ମୃତାହତ ହେଉଛନ୍ତି ।

କୁହାଯାଏ, କିଛି ଲୋଲୁପ ଦନ୍ତାହାତୀ ଶିକାରୀଙ୍କୁ ଛାଡ଼ିଦେଲେ ବୟସ୍କ ହାତୀର ପ୍ରାକୃତିକ ଶତ୍ରୁ କେହି ନାହାନ୍ତି । ତେଣୁ ପ୍ରତିବର୍ଷ ଏତେ ସଂଖ୍ୟକ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ପାଇଁ ମନୁଷ୍ୟ ଓ ତା'ର ପ୍ରତିକ୍ରିୟାଶୀଳ ମନୋଭାବ ହିଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦାୟୀ । ଜଙ୍ଗଲରେ ଅବାଧ ଗଛକଟା, ଗୋଚାରଣ ଏବଂ ବାରମ୍ବାର ନିଆଁ ଲାଗିବା କାରଣରୁ ହାତୀ ଉପଯୋଗୀ ଖାଦ୍ୟ କମିଯାଉଛି । ଖାଦ୍ୟ, ପାନୀୟ ଏବଂ ସୁରକ୍ଷିତ ତଥା ଉପଯୁକ୍ତ ବାସସ୍ଥଳୀ ଅନ୍ୱେଷଣରେ ହାତୀମାନେ ଅନ୍ୟ ଜଙ୍ଗଲ ସନ୍ଧାନରେ ବାହାରି ପଡ଼ନ୍ତି । ହାତୀ ଚଲାପଥ ବିଭିନ୍ନ କାରଣରୁ ଖଣ୍ଡ ବିଖଣ୍ଡିତ ହୋଇଯାଇଥିବାରୁ ଯିବା ଅବସରରେ ସେମାନଙ୍କୁ ଅନେକ ଗାଁ ଗଣ୍ଡା, ବିଲବାଡ଼ି ଓ ଜନପଦ ଅତିକ୍ରମ କରିବାକୁ ପଡ଼ିଥାଏ । ବାଟରେ ପଡୁଥିବା ବିଲବାଡ଼ିରୁ ଧାନ, ଆଖୁ, କଦଳୀ ଆଦି ଫସଲ ଖାଇ ଯେତିକି ନଷ୍ଟ କରନ୍ତି, ତା'ଠାରୁ ଅଧିକ ପାଦରେ ଦଳିଚକଟି ନଷ୍ଟ କରନ୍ତି । ଅନେକ ଗରିବ ବନବାସୀ ପରିବାର ଜଙ୍ଗଲ ମଝିରେ ବା ଜଙ୍ଗଲ ସୀମାରେ ଝାଟିମାଟିରେ ଘର ଖଣ୍ଡିଏ କରିଥାନ୍ତି । ଘର ଭିତରେ ରଖାଯାଇଥିବା କଞ୍ଚା ଶସ୍ୟ ଓ ହାଣ୍ଡିଆ ମଦର ବାସ୍ନା ବାରି ହାତୀପଲ ସେଠାରେ ପହଞ୍ଚିଯାଆନ୍ତି । ଘରକୁ ଧକ୍କା ଦେଇ ଭାଙ୍ଗିଦିଅନ୍ତି । ଏହି ସମୟରେ ଘର ଭିତରେ କେହି ଥିଲେ ମୃତାହତ ହେବା ମଧ୍ୟ ଅସମ୍ଭବ ନୁହେଁ ।



ପ୍ରତିବର୍ଷ ରାଜ୍ୟରେ ଶିକାରୀ ଗୁଳିରେ, ରେଳଲାଇନରେ କଟି ବା ଜଙ୍ଗଲରେ ଓହଳି ପଡ଼ିଥିବା ଇଲେକ୍ଟ୍ରିକ୍ ତାର ସଂସ୍ପର୍ଶରେ ଆସି ମରୁଥିବା ହାତୀମାନଙ୍କର ସଂଖ୍ୟା ୧୫ରୁ ୨୫ ଭିତରେ ସୀମିତ । କିନ୍ତୁ ଅନେକ ସମୟରେ ପ୍ରତିଶୋଧ ପାରାୟଣ ହୋଇ ଗାଁ ଲୋକମାନେ କ୍ଷେତ ବା ବଗିଚା ଚାରିପଟେ ତାରବାଡ଼ ଘେରେଇ ଦେଇ ରାତିରେ ନିକଟସ୍ଥ ୧୧ କେ.ଭି. ଲାଇନରୁ ସଂଯୋଗ ଆଣି ବିଦ୍ୟୁତ୍ ଚାର୍ଜ କରିଦିଅନ୍ତି । ହାତୀପଲ ଫସଲ ଖାଇବା ଉଦ୍ଦେଶ୍ୟରେ ବିଲକୁ ପଶିଲାବେଳେ ବିଦ୍ୟୁତ୍ ଆଘାତରେ ମରିଯାନ୍ତି । କେତେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୋଇ ଚାଷୀମାନେ ଫସଲରେ ବା ପାଣିଘାଟରେ ବିଷ ମିଶେଇ ଦିଅନ୍ତି ଓ ପରୋକ୍ଷରେ ହାତୀ ମୃତ୍ୟୁର କାରଣ ହୁଅନ୍ତି । ଏହିସବୁ କାରଣରୁ ସୃଷ୍ଟିର ଦୁଇଟି ସୁନ୍ଦର ଜୀବ ମଣିଷ ଓ ହାତୀ ଏବେ ମୁହାଁମୁହିଁ ।

ଦେଶରେ ହାତୀମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପରି ଜଟିଳ ପରିସ୍ଥିତି ସହିତ ଜଡ଼ିତ ଆନୁଷଙ୍ଗିକ କାର୍ଯ୍ୟର ସଂଯୋଜନା ନିମନ୍ତେ ଭାରତ ସରକାର ୧୯୯୨ରେ 'ହସ୍ତୀ ପ୍ରକଳ୍ପ' ଯୋଜନା ଆରମ୍ଭ କରିଥିଲେ । ପ୍ରକଳ୍ପର ଦ୍ୱରିତ ଲକ୍ଷ୍ୟ ଥିଲା, ସ୍ଥାନୀୟ ଅଧିବାସୀଙ୍କର ସହଯୋଗ ନେଇ ଓ ସେମାନଙ୍କୁ ସଚେତନ କରାଇ ହାତୀ–ମଣିଷ ସମ୍ପର୍କର ସୁପରିଚାଳନା ଓ ଉଭୟଙ୍କ ମଧ୍ୟରେ ଥିବା କ୍ରମବର୍ଦ୍ଧିଷ୍ଣୁ ତିକ୍ତତା ହ୍ରାସ । ଏହି ପ୍ରକଳ୍ପ ମାଧ୍ୟମରେ ହାତୀ ସୁରକ୍ଷା ଦିଗରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ମଧ୍ୟରେ ରହିଛି, ହାତୀ ବସବାସ କରୁଥିବା ଜଙ୍ଗଲର ସୁରକ୍ଷା, ଅଭିବୃଦ୍ଧି ଓ ପୁନରୁଦ୍ଧାର, ଜଳାଶୟ ନିର୍ମାଣ, ହାତୀ ଚଲାପଥ ସଂଯୁକ୍ତୀକରଣ ଓ ପୁରାତନ ସଂଯୋଗପଥର ନବୀକରଣ, ହାତୀ ଶିକାର ନିରୋଧ ପାଇଁ ଭ୍ରାମ୍ୟମାଣ ଦଳ ବ୍ୟବସ୍ଥା, ଅହୋରାତ୍ର ହାତୀମାନଙ୍କର ଗତିବିଧି ନିରୀକ୍ଷଣ ପାଇଁ ବ୍ୟବସ୍ଥା, ରୋଗାକ୍ରାନ୍ତ ହାତୀମାନଙ୍କର ଚିକିତ୍ସା ଏବଂ ହାତୀଜନିତ କ୍ଷୟକ୍ଷତି ବା ଧନଜୀବନ ହାନି ପାଇଁ ଶୀଘ୍ର ଆର୍ଥିକ ସହାୟତାର ବନ୍ଦୋବସ୍ତ । ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ମଧ୍ୟ ତିନୋଟି ହସ୍ତୀ ରିଜର୍ଭ ପ୍ରତିଷ୍ଠା କରାଯାଇଛି । ଆଉ ପାଦେ ଆଗକୁ ଯାଇ ହାତୀମାନଙ୍କ ସହିତ ମନୁଷ୍ୟ ସମାଜର ସମ୍ପର୍କ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୨୦୧୦ରେ ଭାରତ ସରକାର ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀଭାବେ ଘୋଷଣା କରିଛନ୍ତି । ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଓ ଆତଙ୍କିତ ଲୋକମାନଙ୍କ ମନରେ ଥିବା ବିରୋଧାଭାସକୁ ପ୍ରଶମିତ କରିବା ଏବଂ ହାତୀ ପ୍ରତି ଉଦାର ମନୋଭାବ ଜାଗ୍ରତ କରାଇବା ଏହାର ଉଦ୍ଦେଶ୍ୟ ।

୧୯୭୨ ବନ୍ୟପ୍ରାଣୀ ଆଇନରେ ହାତୀକୁ ପ୍ରଥମ ଅନୁସୂଚୀଭୁକ୍ତ ଓ ବିପଦଗ୍ରସ୍ତ ପ୍ରାଣୀଭାବେ ଚିହ୍ନଟ କରାଯାଇଛି । ହାତୀ ଶିକାର କରିବା, ହାତୀଦାନ୍ତ ସଂଗ୍ରହ କରିବା, ବିନା ମାଲିକାନାପତ୍ରରେ ହାତୀ ପୋଷିବା ଆଦି ଧର୍ତ୍ତବ୍ୟ ଅପରାଧ ଓ ଏହି ଅପରାଧ ପାଇଁ ୩ବର୍ଷରୁ ୭ବର୍ଷ କାରାଦଣ୍ଡ ଓ ଅନ୍ୟୂନ ୧୦,୦୦୦ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି । ଆଇନକାନୁନର ନିୟନ୍ତ୍ରଣ ବାହାରେ ହାତୀ–ମଣିଷ ସଂଘର୍ଷ ଏଡ଼ାଇବା ପାଇଁ ଭିନ୍ନ ଏକ ପନ୍ଥା ଅନୁସରଣ କରାଯାଇପାରେ–ତାହା ହେଉଛି ଜନ ସହଯୋଗିତା, ଜନ ସଚେତନତା ଓ ସମ୍ବେଦନଶୀଳତା । ହାତୀପଲ ବା ଗୋଟିକିଆ ହାତୀ ଗାଁ ଭିତରକୁ ପଶି ଆସିଲେ, ବିଲବାଡ଼ିରେ ପଶି ଫସଲ ନଷ୍ଟ କରିଲେ, କ'ଣ କରିବା ଉଚିତ ବା କ'ଣ ନ କରିବା ଉଚିତ, ସେ ବିଷୟରେ ଗ୍ରାମବାସୀଙ୍କୁ ପ୍ରଶିକ୍ଷିତ କରିବା ନିହାତି ଆବଶ୍ୟକ । ହାତୀକୁ ଘଉଡ଼ାଇବା ଉଦ୍ଦେଶ୍ୟରେ ଗାଁରେ ଯେଉଁ ଭିଡ଼ ଜମିଯାଏ ଏବଂ ଲୋକମାନେ ଟେକାପଥର ଫିଙ୍ଗି ଶବ୍ଦ କରି, ବାଜାବଜାଇ, ବାଣଫୁଟାଇ ବା ନିଆଁହୁଳା ଜାଳି ହାତୀମାନଙ୍କୁ ଅଧିକ ଉତ୍ତ୍ୟକ୍ତ କରିଦିଅନ୍ତି । ଫଳରେ ଅଧିକ କ୍ଷୟକ୍ଷତି ଘଟିଥାଏ । ତେଣୁ ଭିଡ଼ ନିୟନ୍ତ୍ରଣ ହିଁ ପ୍ରଥମ ଆବଶ୍ୟକତା । ଏଥିପାଇଁ ସହଯୋଗର ହାତଟିଏ ବଢ଼ି ଆସିବା ଦରକାର । 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ରାଜ୍ୟରେ ୨୦୧୨ରୁ ଏ ଦିଗରେ ବିଧିବଦ୍ଧ ଭାବେ କାର୍ଯ୍ୟ କରୁଛି । ହାତୀ ଉପଦ୍ରୁତ ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀଙ୍କୁ ସଚେତନ, ସମ୍ବେଦନଶୀଳ କରିବା ପାଇଁ ତଥା ସେମାନଙ୍କର ସହଯୋଗ ଲାଗି ସଂସ୍ଥା ତରଫରୁ 'ହାତୀ–ସାଥୀ' ବାହିନୀ ଗଢ଼ା ହୋଇଛି । ଏଥିରେ ଯୋଗଦେବା ପାଇଁ ସ୍ୱେଚ୍ଛାକୃତ ଭାବରେ ଉପଦ୍ରୁତ ଗାଁର ଯୁବକମାନେ ଆଗେଇ ଆସୁଛନ୍ତି । ଲକ୍ଷ୍ୟ ରହିଛି ସରକାରଙ୍କର ବନ ବିଭାଗ ସହ ଯୋଗସୂତ୍ର ରକ୍ଷାକରି କିପରି ଆଗାମୀ ଦିନରେ ହାତୀ–ମଣିଷ ସଂଘର୍ଷ ଉପରେ ରୋକ୍ ଲଗାଯାଇପାରିବ ଓ ଉଭୟ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ଶୂନ୍ୟସ୍ତରକୁ ଆଣିହେବ ।

**ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ)**
**ଓଡ଼ିଶା, ମୋ–୯୪୩୭୦୦୦୯୦୪**

# ଶୃଙ୍ଖଳା ଜାଣିବା କେବେ



ଡ.ସତ୍ୟ ନାରାୟଣ ମିଶ୍ର

ଜୀବନର ପ୍ରତିଟି ମୁହୂର୍ତ୍ତକୁ ନିହିତ ଅର୍ଥରେ ବ୍ୟବହାର କରି କର୍ତ୍ତବ୍ୟ, ଅନୁଶାସନ ଓ ବିବେକର ନିର୍ଦ୍ଦେଶରେ ଅନୁଧାବନ କରିବା ହେଉଛି ଶୃଙ୍ଖଳା । ଏହା ଜାଣିବା ବା ଶିଖିବାକୁ ମଣିଷ ସମାଜକୁ କୌଣସି ବିଶେଷ ଅନୁଷ୍ଠାନ ବା ଶିକ୍ଷାଳୟର ଆବଶ୍ୟକତା ନ ଥାଏ । ଏହା ଶିକ୍ଷା ହୋଇଥାଏ ମଣିଷ ଜୀବନର ପୂର୍ଣ୍ଣାଙ୍ଗ ଜୀବନଶୈଳୀ ଓ ନିଜକୁ ଅନୁଶାସନରେ ନିୟନ୍ତ୍ରଣ କରିବାରେ । ଅନୁଶାସନ ହେଉଛି ଏପରି ନିଷ୍ଠା, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିୟନ୍ତ୍ରଣରେ ରଖେ । ଏହା ବ୍ୟକ୍ତି ଜୀବନରେ ଅଗ୍ରଗତି କରିବାକୁ ଏବଂ ସଫଳତା ହାସଲ କରିବାକୁ ପ୍ରେରଣା ଦିଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଅନୁଶାସନକୁ ଭିନ୍ନ ରୂପରେ ଅନୁସରଣ କରନ୍ତି ଓ ପ୍ରତ୍ୟେକଙ୍କର ନିଜସ୍ୱ ଅନୁଶାସନର ଆଶା ଅଛି, ଯାହା ଶୃଙ୍ଖଳାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଶୃଙ୍ଖଳା ବ୍ୟକ୍ତିକୁ ଆଗକୁ ବଢ଼ିବାରେ ପ୍ରେରଣା ଦିଏ ଓ ମାର୍ଜିତ ଜୀବନ ଶୈଳୀରେ ନିଜକୁ ଶୋଧନ କରି ସଫଳତା ମଧ୍ୟ ଦିଏ । ଶୃଙ୍ଖଳା ରହିତ ଜୀବନ ସମ୍ପୂର୍ଣ୍ଣ ନିଷ୍କ୍ରିୟ ଓ ମୂଲ୍ୟହୀନ ହୋଇଯାଏ, କାରଣ ଉକ୍ତ ଜୀବନ ଶୈଳୀରେ ଯୋଜନା ଅନୁଯାୟୀ କିଛି କରାଯାଇ ନ ଥାଏ । ଫଳତଃ ଶଙ୍କା ଓ ଆଶଙ୍କାରେ ଜୀବନର ଗତିପଥ ପ୍ରବାହ ହୋଇଥାଏ । ଶୃଙ୍ଖଳା ଦୁଇ ପ୍ରକାରର, ଗୋଟିଏ ହେଉଛି ଯାହାକୁ ଆମେ ବାହ୍ୟ ସମାଜରୁ ପାଇଥାଉ ଏବଂ ଦ୍ୱିତୀୟଟି ଯାହା ଆମ ଭିତରେ ଆମ ଦ୍ୱାରା ଉତ୍ପନ୍ନ ହୁଏ । ତଥାପି ଅନେକ ଥର ଆତ୍ମ–ଶୃଙ୍ଖଳା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ବ୍ୟକ୍ତିକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ପ୍ରେରଣା ଆବଶ୍ୟକ ହୋଇଥାଏ, ଯିଏ ଶୃଙ୍ଖଳିତ ଜୀବନ ଧାରଣ କରିଥାଏ । ଜୀବନର ବିଭିନ୍ନ ବର୍ଗରେ ଶୃଙ୍ଖଳା ଆବଶ୍ୟକ । ତେଣୁ ବାଲ୍ୟକାଳରୁ ଶୃଙ୍ଖଳା ଅଭ୍ୟାସ କରିବା ଉଚିତ, ଯାହା ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଜୀବନ ଧାରଣର ମାନକୁ ଉନ୍ନତ କରିଥାଏ । ଶୃଙ୍ଖଳା ହେଉଛି ଜୀବନଶୈଳୀ, ବକ୍ତୃତା ନୁହେଁ ; ଏହା ଚରିତ୍ର ଏବଂ ଅଭ୍ୟାସରୁ ସୃଷ୍ଟି ହୋଇଥାଏ, ଏହା ଉପଦେଶ ଅପେକ୍ଷା ଉଦାହରଣ ଦ୍ୱାରା ସର୍ବୋତ୍ତମ ଶିକ୍ଷା ଦେଇଥାଏ ।

ପ୍ରଥମ ପ୍ରକାରର ଶୃଙ୍ଖଳା ହେଉଛି ପ୍ରତିଷେଧକ ଶୃଙ୍ଖଳା । ଏହି ପ୍ରକାରର ଅନୁଶାସନ ନିର୍ଦ୍ଦିଷ୍ଟ ପ୍ରକାରର ଆଚରଣକୁ ବିଷୟବସ୍ତୁ ଦ୍ୱାରା ପ୍ରଦର୍ଶିତ ନ କରିବା ଉପରେ ଧ୍ୟାନ ଦେଇଥାଏ । ଏହା ପ୍ରକୃତରେ ଅସଦାଚରଣରୁ ଦୂରେଇ ଦିଏ ଓ ସେହି କ୍ଷେତ୍ରରେ ଉନ୍ନତି ଆଣେ । ଦ୍ୱିତୀୟ ପ୍ରକାର ହେଉଛି ସହାୟକ ଅନୁଶାସନ । ଏହି ପ୍ରକାରର ଅନୁଶାସନ ସ୍ୱୟଂ ନିୟନ୍ତ୍ରଣ ଭଳି ବ୍ୟକ୍ତିବିଶେଷରେ ନୀତିକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଏହା ସହଜରେ ମୁଖ୍ୟ ସ୍ରୋତକୁ ଫେରିବାରେ ସାହାଯ୍ୟ କରେ । ତୃତୀୟ ପ୍ରକାର ଅନୁଶାସନ ହେଉଛି ସଂଶୋଧନ ଅନୁଶାସନ । ଏହା ସମସ୍ୟା ସହିତ ଜଡିତ । ଶୃଙ୍ଖଳାଗତ କାର୍ଯ୍ୟ ଏବଂ ଏହାର ଦୀର୍ଘମିଆଦୀ ପ୍ରଭାବ ଖୋଜିବା ମଧ୍ୟରେ ଏକ ସନ୍ତୁଳନ ଖୋଜିବା ଉଚିତ । ସକାରାତ୍ମକ ଏବଂ ନକାରାତ୍ମକ ଶକ୍ତି ମାଧ୍ୟମରେ ଆଚରଣକୁ ସଂଶୋଧନ କରାଯାଇପାରିବ ଏବଂ ଏହା ଶୃଙ୍ଖଳିତ କାର୍ଯ୍ୟକୁ ସଫଳ କରିଥାଏ । ଜ୍ଞାନଗତ ବିକାଶମୂଳକ କାର୍ଯ୍ୟ ହେତୁ ଶୃଙ୍ଖଳା ପ୍ରତି ଜ୍ଞାନଗତ ଆଭିମୁଖ୍ୟ ବିକଶିତ ହୋଇଥାଏ । ଆଚରଣ ନିୟନ୍ତ୍ରଣ କରିବା ଜ୍ଞାନ ଉପରେ ଅତ୍ୟଧିକ ନିର୍ଭରଶୀଳ, କାରଣ ଚିନ୍ତା ପ୍ରକ୍ରିୟା ଆଚରଣକୁ ପ୍ରଭାବିତ କରିଥାଏ । ଜନସଂଖ୍ୟାରେ ବୃଦ୍ଧି ହେତୁ ଅନୁଶାସନର ପରିଚାଳନା କଷ୍ଟସାଧ୍ୟ, କାରଣ ଦରିଦ୍ରତା ଏବଂ ଅନୁଶାସନ ପରିଚାଳନା ହେତୁ ଅସଦାଚରଣ ଘଟଣା ଏହି ଅର୍ଥନୈତିକ ଅସୁବିଧା ଦ୍ୱାରା କ୍ଷତିଗ୍ରସ୍ତ ହୁଏ । ନେତୃତ୍ୱ ଓ ପରିଚାଳନା ଭୂମିକା ଶୃଙ୍ଖଳା ସହିତ ଜଡିତ, କିନ୍ତୁ ସେହି ପରିସ୍ଥିତିରେ ଏହା ସମ୍ଭବ ନୁହେଁ ଯେଉଁଠାରେ ଅଧସ୍ତନମାନଙ୍କ ପ୍ରତି ଆଗ୍ରହ ଦେଖାନ୍ତି ନାହିଁ । ସିଦ୍ଧାନ୍ତ ଦେବା ପାଇଁ ଶୃଙ୍ଖଳା ପ୍ରକୃତରେ ଆଚରଣର କଳା । ଏହାର କାର୍ଯ୍ୟକାରିତାକୁ ବୃଦ୍ଧି କରିବା ପାଇଁ ନୀତି ମାଧ୍ୟମରେ ନିର୍ଦ୍ଦିଷ୍ଟ ନିୟମାବଳୀ ଆବଶ୍ୟକ କରେ । ମାତ୍ର ବର୍ତ୍ତମାନର ସମାଜରେ ଶୃଙ୍ଖଳା ଦିଗହରା ହୋଇଯାଇଛି । ବ୍ୟବସ୍ଥିତ ଶୃଙ୍ଖଳିତ ଜୀବନ ବର୍ତ୍ତମାନ ଏକ ଦୁର୍ମୂଲ୍ୟ ସ୍ଥିତି ଦେଇ ଗତି କରୁଛି ।



ତେବେ ଯଦି ଏକବିଂଶ ଶତାବ୍ଦୀରେ ମଣିଷର ବିଶୃଙ୍ଖଳିତ ଆଚରଣ ପାଇଁ ସରକାରୀ ସ୍ତରରେ ଏକ ପ୍ରମୁଖ ବିଭାଗ ଖୋଲିବାକୁ ପଡିଥାଏ, ତେବେ ମଣିଷର ଅଗ୍ରଗତି କେତେ ମାତ୍ରାରେ ଓ କେଉଁ ସ୍ଥିତିରେ ହୋଇଛି ତାହା ଅନୁମେୟ । ସାଧାରଣତଃ ସହରଗୁଡ଼ିକରେ ଟ୍ରାଫିକ୍ ନିୟମ ମାନି ଯାତାୟାତ କରିବା ହେଉଛି ଏକ ଶୃଙ୍ଖଳା । ମାତ୍ର ସହରରେ ବାସ କରୁଥିବା ଅପେକ୍ଷାକୃତ ସଭ୍ୟ ଓ ଉତ୍ତମ ଶ୍ରେଣୀର ସମାଜ ଉକ୍ତ ଶୃଙ୍ଖଳାକୁ ଉଲ୍ଲଂଘନ କରିବା ପାଇଁ କେତେ ତତ୍ପର ତାହା ଆଇନ ଶୃଙ୍ଖଳା ବିଭାଗର ପୃଷ୍ଠାରୁ ଅନୁମେୟ । କୌଣସି ଦାବି ହାସଲ ପାଇଁ ନାଗରିକ ଗଣତାନ୍ତ୍ରିକ ପଦ୍ଧତିରେ ଶୃଙ୍ଖଳିତ ଭାବରେ ପ୍ରତିରୋଧ କରିବା ଉଚିତ, ମାତ୍ର ବିଶୃଙ୍ଖଳିତ ହୋଇ ସାମୂହିକ ଧନ ଜୀବନ ନଷ୍ଟ କରିବା ହେଉଛି ବିଶୃଙ୍ଖଳା, ଯାହା ଆମେ ଜାଣିବା କେବେ ଓ ଏପରି କାର୍ଯ୍ୟ କଲେ ଆମର ଉତ୍ତରଦାୟାଦ ଶିକ୍ଷା କ'ଣ କରିବେ ? ସମାଜର ପ୍ରତ୍ୟେକ ବିଭାଗରେ କର୍ମଚାରୀ ହେଉ ବା ସାଧାରଣ ନାଗରିକ ହେଉ କେହି ଶୃଙ୍ଖଳାକୁ ସମ୍ମାନ ଦେଇ କାର୍ଯ୍ୟରେ ମନୋନିବେଶ କରିବା ଉଚିତ ମଣୁନାହାନ୍ତି । ସଂସଦରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଶୃଙ୍ଖଳାକୁ ଅନୁଧାବନ କରିବା ଶିକ୍ଷା ହୁଏତ ମଣିଷ ଗ୍ରହଣ କରିପାରି ନାହିଁ ବୋଲି ବର୍ତ୍ତମାନର ଘଟଣାକ୍ରମରୁ ଜଣାଯାଏ । ମଣିଷ ଅନେକ କଥା ଓ ଅନେକ ଜ୍ଞାନର ଅଧିକାରୀ ହୋଇଥିବାବେଳେ ସେ ସମୟରେ, ଖାଦ୍ୟରେ, ଶିକ୍ଷାରେ, ସ୍ୱାସ୍ଥ୍ୟରେ, ଜୀବନଶୈଳୀରେ, ବିଚାରରେ, କର୍ମରେ, ଆଚରଣରେ, ବ୍ୟବହାରରେ ତଥା ଚରିତ୍ରରେ ଶୃଙ୍ଖଳାର ଅଧିକାରୀ ହୋଇପାରୁନାହିଁ, ଯାହା ବର୍ତ୍ତମାନ ସମୟରେ ନିନ୍ଦନୀୟ ବୋଲି ସ୍ୱୀକାର କରିବାକୁ ପଡିବ । ଯଦି ଏଇ ମଣିଷ ଏତେ ଉନ୍ନତ କାର୍ଯ୍ୟ ଓ ଦକ୍ଷତାର ଅଧିକାରୀ ହୋଇପାରୁଛି ତେବେ ସେହି ମଣିଷ ଶୃଙ୍ଖଳାକୁ ଜାଣିବାରେ ଅପରିପକ୍ୱ କ'ଣ ପାଇଁ ତାହା ଏ ସମାଜ ଅନୁଧ୍ୟାନ କରିବା ଉଚିତ । ପରିପୂର୍ଣ୍ଣ ଜୀବନରେ ଆତ୍ମଚେତନା ଓ ଅନୁଶାସନରେ ନିଜକୁ ନିୟନ୍ତ୍ରିତ କରିବାରେ ଏ ମଣିଷ ସମାଜ ଯେତେବେଳେ ସକ୍ଷମ ବୋଲି ଦାବିକରିଥାଏ, ସେତେବେଳେ ଜୀବନର ପ୍ରଥମ ପାହାଚରୁ ଶୃଙ୍ଖଳାଗତ ଅଭ୍ୟାସକୁ ଆଦରିନେଲେ ଜୀବନର ପରିପୂର୍ଣ୍ଣତାରେ ଆଉ ପ୍ରଶ୍ନ ଅଧିକାର ସାବ୍ୟସ୍ତ କରିପାରନ୍ତା ନାହିଁ, ଯାହାର ଉତ୍ତର ମଣିଷକୁ ଖୋଜିବାକୁ ପଡିବ 'ଶୃଙ୍ଖଳା ଜାଣିବା କେବେ' ?

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର,**
**ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦**

## ଏଇ ଭାରତରେ

ଆଗାମୀ ୫୦ ବର୍ଷରେ ଜଳ ସଙ୍କଟ ଉତ୍କଟ ହେବା ସହ ଏହା ଜୀବଜଗତକୁ ପ୍ରଭାବିତ କରିବ । ସେଥିପାଇଁ ଆଗାମୀ ଦିନରେ ଏକ ଜଳ ଯୁଦ୍ଧ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏ କଥାକୁ କିଏ ଗମ୍ଭୀରତାର ସହ ନିଅନ୍ତୁ ବା ନ ନିଅନ୍ତୁ କେରଳର ଷ୍ଟାନ୍‌ଲେ ଜାକବ୍ ଏହା ଉପରେ ଗଭୀର ଚିନ୍ତା କରିଛନ୍ତି । ସେ ପାନୀୟ ଜଳ ପାଇଁ ଏକ ଫିଲଟର ନିର୍ମାଣ କରିଛନ୍ତି ; ଯାହା ବିନା ବିଦ୍ୟୁତ୍‌ରେ ମଇଳା ପାଣିକୁ ଫିଲଟର କରି ପାନୀୟ ଉପଯୋଗୀ କରିପାରୁଛି । ଏପରି କି ଏଥିରେ ବ୍ୟାଟେରି ଆବଶ୍ୟକ ହେଉନାହିଁ । ଏହି ଫିଲ୍‌ଟରରେ ବିଭିନ୍ନ ପ୍ରକାର ପ୍ରାକୃତିକ ଷ୍ଟୋନ୍ ଖଞ୍ଜାଯାଇଛି ଯାହା ପାଣିକୁ ସ୍ୱଚ୍ଛ କରିବା ସହ ବ୍ୟାକ୍ଟେରିଆ, ଭୂତାଣୁ, ଫଙ୍ଗସ ଆଦି ଶେଷ କରିପାରୁଛି । ଏହାକୁ କ୍ଷୁଦ୍ର, ମଧ୍ୟମ ଓ ବଡ଼ ଆକାରରେ ନିର୍ମାଣ କରାଯାଇଛି । ବଡ଼ ଫିଲ୍‌ଟରଗୁଡ଼ିକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି କହନ୍ତି ଜାକୋବ । ଏବେ ସୁଦ୍ଧା ସେ ୫୦୦ ଫିଲଟର ବିକ୍ରି କରିସାରିଲେଣି । ଜାକୋବ ରହନ୍ତି ଏର୍ନାକୁଲମ୍‌ର କୋଥାଡ ଜିଲାରେ । ଏହି ଅଞ୍ଚଳରେ ସ୍ୱଚ୍ଛ ପାଣି ଉପଲବ୍ଧ ହୁଏ ନାହିଁ । ପିଇବା ପାଣି ତ ଦୂରର କଥା ; ଗାଧୋଇବା, ପୋଷାକ କିମ୍ବା ବାସନ ସଫା କରିବା ପାଇଁ ମଧ୍ୟ ସ୍ୱଚ୍ଛ ପାଣି ମିଳେନାହିଁ । ଏଭଳି ସମସ୍ୟା ଟାଳିବା ପାଇଁ ଜାକୋବ ନିଜସ୍ୱ ଉଦ୍ୟମରେ ଏହି ଫିଲଟର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ସଫଳତା ପାଇପାରିଛନ୍ତି । ଏହା ସ୍ୱଚ୍ଛ ପାଣି ଉପଲବ୍ଧ ହେଉ ନ ଥିବା ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କ କାମରେ ଆସିବା ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ ବୋଲି କହନ୍ତି ଜାକୋବ ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୭

- ଉତ୍ତର ପୂର୍ବ ଦିଲ୍ଲୀରେ ଶହୀଦ ଅମୀର ଚାନ୍ଦ ସର୍ବୋଦୟ ବିଦ୍ୟାଳୟର ପ୍ରାୟ ୧୧୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବସ୍ ଯମୁନା ବିହାରରୁ ସ୍କୁଲକୁ ଯାଉଥିବା ବେଳେ ଯମୁନା ନଦୀରେ ଖସିପଡ଼ିବାରୁ ୩୦ ସ୍କୁଲ ପିଲାଙ୍କ ଜଳସମାଧୀ ।
- କ୍ଷମତାରେ ଥିବାବେଳେ ପଦବୀର ଅପବ୍ୟବହାର କରି ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ପୂର୍ବତନ ଶକ୍ତିମନ୍ତ୍ରୀ କାଳିନ୍ଦୀ ଚରଣ ବେହେରାଙ୍କ ବିରୁଦ୍ଧରେ ଭିଜିଲାନ୍ସ ଚାର୍ଜଶିଟ୍ ।

## ପାଠକ ଶ୍ରେଷ୍ଠ ବିଚାରକ

### ଉପାଦେୟ ଖବର ପ୍ରକାଶ ପାଉ

ମହାଶୟ,

ସାରା ଓଡ଼ିଶାରେ ସୁରଭି କାର୍ଯ୍ୟକ୍ରମ ଛୋଟ ଛୋଟ ପିଲାମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ କରାଯାଉଛି । ମାତ୍ର ଖବରକାଗଜରେ ସଭା ମଣ୍ଡପରେ ଥିବା ଅତିଥିମାନଙ୍କ ଫଟୋ ଓ ମାଳମାଳ ଅଧିକାରୀମାନଙ୍କ ନାଁ ବାହାରୁଛି । ଏହା ଉଚିତ ନୁହେଁ । ପିଲାମାନଙ୍କ ମନରେ ଖରାପ ଧାରଣା ଆସୁଛି । ସେମାନଙ୍କର ଫଟୋ ସହ ପ୍ରତିଯୋଗୀମାନଙ୍କ ନାଁ ପ୍ରକାଶ ପାଇବା ଦରକାର । ପିଲାମାନଙ୍କ ପ୍ରଦର୍ଶନ, ଜ୍ଞାନ ଓ କୌଶଳ 'ସୁରଭି' କାର୍ଯ୍ୟକ୍ରମର ମୂଳବସ୍ତୁ । ସେହିପରି ସାଧାରଣ ଘଟଣାକୁ ଖବରକାଗଜ ପ୍ରାଧାନ୍ୟ ଦେଉଥିବାରୁ ବହୁ ସମାଜ ଉପାଦେୟ ଖବର ପ୍ରକାଶ ପାଇପାରୁନାହିଁ । ଦି' ଧାଡ଼ି ଖବର ତଳେ ମାଳ ମାଳ ଲୋକଙ୍କ ନାଁ ବାହାରିବାର ଆବଶ୍ୟକତା କ'ଣ ? ବିଭିନ୍ନ ଅଞ୍ଚଳରେ ୨/୪ ଜଣଙ୍କୁ ନେଇ କାର୍ଯ୍ୟକ୍ରମ କରି ନିଜେ ଲେଖି ସ୍ଥାନୀୟ ସାମ୍ବାଦିକଙ୍କ ଦ୍ୱାରା ସେହି ଖବର ପ୍ରକାଶ କରୁଛନ୍ତି । ଏପରି ଅଖବର ପ୍ରକାଶ କରି ଖବରକାଗଜଗୁଡ଼ିକ ବିଶ୍ୱସନୀୟତା ହରାନ୍ତୁ ନାହିଁ ।

**–ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ମହିଳା ଗୁରୁତର

**ରେଢାଖୋଲ,୧୮।୧୧(ଡି.ଏନ.ଏ.):** ରେଢାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଧୀନ ଠେଲକୋଦାଦର ଗ୍ରାମର ଦୁହିତା ମିର୍ଦ୍ଧା (୪୦) ନାମ୍ନୀ ମହିଳା ଶୁକ୍ରବାର ସକାଳେ ବାର୍ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଖବରପାଇ ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ ମହିଳାଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ଚାଲାଣ ବେଳେ ୪ ବାଲି ଟ୍ରାକ୍ଟର ଜବତ

**କୁଚିଣ୍ଡା,୧୮।୧୧(ଡି.ଏନ.ଏ.):** ଘୋଷା ବାଲିଘାଟରୁ ଚୋରା ଚାଲାଣ କରୁଥିବା ବେଳେ ଶୁକ୍ରବାର କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ୪ଗୋଟି ଟ୍ରାକ୍ଟର ଜବତ କରିବା ସହ ଜରିମାନା ବାବଦକୁ ୮୦ ହଜାର ଟଙ୍କା ଆଦାୟ କରିଛନ୍ତି। ଘୋଷା ବାଲିଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଜାଣି ତହସିଲଦାର ଟେଟେ ସଦଳବଳ ପହଞ୍ଚି ଟ୍ରାକ୍ଟର ପିଛା ୨୦ହଜାର ଲେଖାଏ ଆଦାୟ କରିଛନ୍ତି। ପ୍ରଶାସନର ଏଭଳି ଧରପଗଡରେ ଟ୍ରାକ୍ଟର ମାଲିକଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଗୋଛରା ହାଇସ୍କୁଲରେ ବିଜ୍ଞାନ ମେଳା

**କୁଚିଣ୍ଡା,୧୮।୧୧(ଡି.ଏନ.ଏ.)-** କୁଚିଣ୍ଡା ବ୍ଲକ ଗୋଛରା ଦିନବନ୍ଧୁ ହାଇସ୍କୁଲରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟଅତିଥି ଓ ଗୋଛରା ସରପଞ୍ଚ ଥନେଶ୍ୱର ନାଏକ, ବାଙ୍କେ ସରପଞ୍ଚ ପିଙ୍କି ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ କୁମାର ସାହୁ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ୩୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସିନିୟର ବିଭାଗରୁ ୪ ଓ ଜୁନିୟର ବିଭାଗରୁ ୩ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ଶେଷରେ ଶିକ୍ଷକ ଉମାକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

### ରେଢାଖୋଲ ବ୍ଲକ ସରପଞ୍ଚ ସଂଘ ଗଠିତ

**ରେଢାଖୋଲ,୧୮।୧୧(ଡି.ଏନ.ଏ.):** ରେଢାଖୋଲ ବ୍ଲକର ସରପଞ୍ଚ ସଂଘ ଗଠିତ ହୋଇଛି। ଚାରମାଳ ସରପଞ୍ଚ ସଞ୍ଜୟ ପ୍ରଧାନ ସଭାପତି, ବୁର୍ଡା ସରପଞ୍ଚ ରାଜା ପାଲ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ ୧୪ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ। ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନରେ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ, ଜଳ ଅମଳ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ପରିବାର ମଙ୍ଗଳ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା ଆଦିରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସରପଞ୍ଚଙ୍କ ମତାମତ ନିଆଯିବା ସମ୍ପର୍କରେ ଆଲୋଚନା ସହ ଦାବି କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ସେହିପରି ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ହେଉଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରାଯାଇ ପ୍ରସ୍ତାବ ପାରିତ ହୋଇଥିଲା।

### ଠିକ୍ ଚିକିତ୍ସାରେ କର୍କଟ ରୋଗ ଭଲ ହୋଇପାରିବ

**ସମ୍ବଲପୁର,୧୮।୧୧(ବ୍ୟୁରୋ):** ସମ୍ବଲପୁର ବୁର୍ଲା ଭିମ୍‌ସାରରେ ବିଶ୍ୱ ଗର୍ଭାଶୟ କର୍କଟ ବିଲୋପ ଦିବସ ପାଳିତ ହୋଇଯାଇଛି। ନର୍ସିଂ କଲେଜ୍, ଭିଏମ୍‌ଏସ୍‌ଆର ଏନଜିଓ, ଉତ୍କଣ୍ଠା ଅନୁଷ୍ଠାନ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାୟକ ମୁଖ୍ୟଅତିଥି ଓ ଡା. ସୁବ୍ରତ କୁମାର ପ୍ରଧାନ, ଆସୋସିଏଟ୍ ପ୍ରଫେସର କମ୍ୟୁନିଟି ମେଡିସିନ ବିଭାଗ ଡା. ସଞ୍ଜୀବ କୁମାର ମିଶ୍ର, ଉତ୍କଣ୍ଠା ଅନୁଷ୍ଠାନ ସଚିବ ଗୀତାଞ୍ଜଳି ବେହେରା, ଭିମ୍‌ସାର ନର୍ସିଂ କଲେଜ ଅଧକ୍ଷା ଲୀଳାରାଣୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମରୁ ଚିକିତ୍ସା ପଦ୍ଧତି ଆପଣେଇଲେ ଗର୍ଭାଶୟ କର୍କଟ ରୋଗ ଭଲ ହୋଇପାରିବ ବୋଲି କହିଥିଲେ। ପ୍ରଫେସର ନାୟକ ଗର୍ଭାଶୟ କର୍କଟ ରୋଗୀଙ୍କ ଚିକିତ୍ସାରେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି ଅଧିବେଶନକୁ ଡାକ୍ତର ଜ୍ୟୋତିର୍ମୟୀ ବେହେରା ଓ ଡାକ୍ତର ମୃଣାଳିନୀ ସାଇ ସଂଯୋଜନା କରିଥିଲେ।

# ମିଲ୍ ଭିତରୁ ପାଇଲେ, ବେପାରୀଙ୍କୁ ଦାୟୀ କଲେ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଚାଉଁରପୁର ଅଞ୍ଚଳରେ ଚାଷୀମାନେ ୯ ଗାଡି ଧାନ ଅଟକ ରଖି ଯୋଗାଣ ବିଭାଗକୁ ଜିମା ଦେଇଥିଲେ। ମିଲ ଭିତରେ ମଧ୍ୟ ୭ ଗାଡିରେ ଧାନ ରହିଥିଲା। ଯୋଗାଣ ବିଭାଗର ଏକ ଟିମ୍ ଧାନ ଜବତ କରି ସ୍ଥାନୀୟ ନାରାୟଣୀ ମିଲ୍‌ରେ ଜିମା ଦେଇଥିଲା। ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ଜିଲାପାଳଙ୍କ ପାଖରେ ଯୋଗାଣ ବିଭାଗ ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଛି। ମିଲ ଭିତରୁ ଧାନ ଗାଡି ଜବତ ହୋଇଥିଲେ ମଧ୍ୟ ଏଥିରେ ବେପାରୀଙ୍କୁ ଦାୟୀ କରାଯାଇଛି। ଏଥିରେ ୪ ଜଣ ବେପାରୀଙ୍କ ନାମରେ ଅଭିଯୋଗ କରିଛି ଯୋଗାଣ ବିଭାଗ।

ଅନ୍ୟପଟେ ମିଲ୍ ମାଲିକଙ୍କୁ ସୁରକ୍ଷା ଦେବାକୁ ଯାଇ ଯୋଗାଣ ବିଭାଗ ରିପୋର୍ଟରେ ଚଞ୍ଚକତା କରିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।


ମିଲ୍ ପରିସରରେ ଛିଡା ହୋଇଥିବା ଧାନଗାଡ଼ି।

ମିଲ୍ ଭିତରକୁ ଧାନ କିଭଳି ଗଲା। ମିଲ ମାଲିକଙ୍କ ଜାଣତରେ ଧାନ ଗାଡି ଭିତରେ ରହିଥିଲା। ଚାଷୀମାନେ ଧରି ଯୋଗାଣ ବିଭାଗ ପାଖରେ ଅଭିଯୋଗ କଲା ପରେ ମଧ୍ୟ ମିଲ ମାଲିକଙ୍କୁ କ୍ଲିନ ଚିଟ୍ ଦିଆଯାଇଛି। ମାର୍କେଟ ଖୋଲିବା ପୂର୍ବରୁ ମିଲର୍ସମାନେ ଗତବର୍ଷର ଚାଉଳ ଦେବାକୁ ଚୋରାରେ ଧାନ କିଣୁଛନ୍ତି। ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ପୂର୍ବରୁ ମିଲରେ କେତେ ଧାନ ଥିଲା ଏବେ କେତେ ରହିଛି, ଉକ୍ତ ଧାନ କେଉଁ କିସମ ଓ କେତେ ପୁରୁଣା ଏସବୁ ତଦନ୍ତ ହେବା ଆବଶ୍ୟକ ବୋଲି ଚାଷୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୧୪ରେ ଚାଷୀମାନେ ୯ ଗୋଟି ଧାନ ବୋଝେଇ ଗାଡି ଅଟକ ରଖିଥିଲେ।

### ତଦନ୍ତରେ ୫ ଗାଡ଼ି ଧାନ ଗାଏବ

ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତିନୋଟି ମିଲ୍ ଯାଞ୍ଚ କରିଥିଲେ। ଦୁଇଟି ମିଲରୁ ଦୁଇଟି ଲେଖାଏ ଓ ଗୋଟିଏ ମିଲରୁ ୫ଟି ଗାଡ଼ି ଜବତ କରିଥିଲେ। ଏହାମଧ୍ୟରେ ଚାଉଁରପୁର ନିକଟରେ ଥିବା ଚନ୍ଦ୍ରମା ରାଇସ୍ ମିଲ, ସମଲେଶ୍ୱରୀ ଗ୍ରାମଉଦ୍ୟୋଗ, ଏମ୍‌ଏସ୍ ଫୁଡ ମିଲ ରହିଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ସ୍ୱତନ୍ତ୍ର ଟିମ୍ ଦେଇଥିବା ରିପୋର୍ଟ ଜିଲାପାଳଙ୍କ ପାଖରେ ଦାଖଲ କରାଯାଇଛି। ଏଥିରେ ବେପାରୀଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ୧୫ଦିନରେ ୮୯୯ଜଣଙ୍କ ନାମରେ ଚାଲାଣ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ନିୟମିତ ସଡ଼କ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସମ୍ବଲପୁର ଆର୍‌ଟିଓ ଅଫିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ ହୋଇଥିଲା। ନଭେମ୍ବର ୧ରୁ ୧୫ତାରିଖ ଭିତରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଜରିମାନା ଆଦାୟ ସହ ଥାନାରେ ମାମଲା ରୁଜୁ କରାଯାଇଛି। ମୁଖ୍ୟତଃ ନିଶା ସେବନ କରି ଗାଡ଼ି ଚଳାଇବା ମାମଲାରେ ୬୧ଜଣଙ୍କ ନାମରେ ଚାଲାଣ କଟାଯାଇଛି। ସେହିପରି ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର କରୁଥିବା ୧୪ଜଣଙ୍କ ନାମରେ ଚାଲାଣ

### ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯାଞ୍ଚ

କଟାଯାଇଛି। ଟ୍ରାଫିକ ନିୟମ ପାଳନ ନ କରିବା, ହେଲ୍‌ମେଟ ବ୍ୟବହାର ନ କରିବା, ସିଟବେଲ୍ଟ ନ ଲଗାଇବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୫ ଦିନ ଯାଞ୍ଚରେ ୮୯୯ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୨୯ ଗାଡ଼ି ଜବତ କରି ଥାନାରେ ଜିମା ଦିଆଯାଇଛି। ଆରଟିଓ ରାମଦାସ ଟୁଡୁଙ୍କ ନେତୃତ୍ୱରେ ସତିସ କୁମାର ପାଢ଼ୀ, ଯୁଧିଷ୍ଠିର ନାଏକ, ଶ୍ୟାମଲେନ୍ଦୁ ରାଉତ, ଧର୍ମେନ୍ଦ୍ର କୁମାର ଦେହୁରିଙ୍କୁ ନେଇ ଗଠିତ ଟିମ୍ ଯାଞ୍ଚ କରିଥିଲେ।


ଯାନବାହନ ଯାଞ୍ଚ କରାଯାଉଛି।

# କୃଷି ସମ୍ପ୍ରସାରଣ ଅଭିଯାନ ତାଲିମ ଶିବିର


ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

**ରେଢ଼ାଖୋଲ,୧୮।୧୧(ଡି.ଏନ.ଏ.)**

ରେଢାଖୋଲ କୃଷି ଜିଲା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର କୃଷି ସମ୍ପ୍ରସାରଣ ଅଭିଯାନ ଉପରେ କ୍ଷେତ୍ର କର୍ମଚାରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନାକ୍ଟିଦେଉଳ ଓ ରେଢାଖୋଲ ବ୍ଲକର କୃଷକ ସାଥୀ, କୃଷିମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ରଙ୍କ ସମେତ ଗ୍ରାମ୍ୟ କୃଷିକର୍ମଚାରୀ, କୃଷି ଅଧିଦର୍ଶକ ଯୋଗ ଦେଇଥିଲେ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଯୋଗଦେଇ ମତ୍ସ୍ୟ ପୋଖରୀ ଯୋଜନା, ସମନ୍ୱିତ କୃଷି ଯୋଜନା, ଉଦ୍ୟାନ କୃଷି ଯୋଜନା, କୃଷକ ଓଡିଶା, କାଳିଆ ଓ ବଳରାମ ଯୋଜନା, ସୌରଜଳନିଧି ଯୋଜନା, କ୍ଷେତ୍ର ପୋଖରୀ ଯୋଜନା ଉପରେ ତାଲିମ ଦେଇଥିଲେ। ରେଢାଖୋଲ କୃଷିଜିଲା ଅଧିକାରୀ ସୁବ୍ରତ କୁମାର ସାହୁ, ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୌରଭ କୁମାର ସାହୁ, ରେଢାଖୋଲ ବ୍ଲକ କୃଷି ଅଧିକାରୀ କିଶୋରଚନ୍ଦ୍ର ଦ୍ୱିବେଦୀ, ନାକ୍ଟିଦେଉଳ ବ୍ଲକ କୃଷି ଅଧିକାରୀ ପ୍ରହଲ୍ଲାଦ ସେନାପତି, ଅତିରିକ୍ତ ଜିଲା ଉଦ୍ୟାନକୃଷି ଅଧିକାରୀ ଦିପ୍ତିପ୍ରଭା ଭିତିରିଆ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅମିୟ କୁମାର ସ୍ୱାଇଁ, ସହକାରୀ କୃଷିଅଧିକାରୀ ଗଗନ ବିହାରୀ ନାୟକ, ସହକାରୀ କୃଷି ଯନ୍ତ୍ରୀ ମୋନାଲିସା ରାଉତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ବିଡିଓଙ୍କ ବିରୋଧରେ ବ୍ଲକ ଅଧ୍ୟକ୍ଷାଙ୍କ ଜିଲାପାଳଙ୍କୁ ଫେରାଦ

**କୁଚିଣ୍ଡା,୧୮।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ ବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଲିଖିତ ଫେରାଦ ହୋଇଛନ୍ତି। ଅଧ୍ୟକ୍ଷାଙ୍କ ଅଭିଯୋଗକ୍ରମେ ତାଙ୍କୁ ଅନ୍ଧାରରେ ରଖି ବିଡିଓ ପଞ୍ଚାୟତ ଇଓମାନଙ୍କ ଅଦଳବଦଳ କରିବା, ଧାର୍ଯ୍ୟ ହୋଇଥିବା ବୈଠକ ତାରିଖକୁ ମନଇଚ୍ଛା ବଦଳାଇବା, ଫୋନକଲ ରିସିଭ ନ କରିବା, ସମିତିର ଟେଣ୍ଡର ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କୁ ନ ଜଣାଇ ବିଧାୟକଙ୍କ ଦ୍ୱାରା ଭୂମି ପୂଜନ କରିବା ଭଳି କାର୍ଯ୍ୟ କରୁଥିବା ଉଲ୍ଲେଖ କରି ଅସନ୍ତୋଷ ଜାହିର କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳକୁ ପଠାଇଛନ୍ତି। ଏ ସମ୍ପର୍କରେ ବିଡିଓ ପୁଷ୍ପକ ପ୍ରଧାନଙ୍କୁ ପଚାରିବାରେ ସେମିତି କିଛି ହୋଇନାହିଁ, ଭୁଲ ବୁଝାମଣା ଯୋଗୁ ମାଡାମ ଅଭିମାନ କରିଥିବା କହିଛନ୍ତି।

# କଲେଜରେ ଚାଇଲ୍ଡଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ

**କୁଚିଣ୍ଡା,୧୮।୧୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ମହାବିଦ୍ୟାଳୟରେ ଚାଇଲ୍ଡ ଲାଇନ ସେ ଦୋସ୍ତିର ୫ମ ଦିବସ ଅନୁଷ୍ଠିତ ହୋଇଯାଇଛି। ମନୋହର ହାଇସ୍କୁଲ ଶିକ୍ଷକ ଅମର ସିଂ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ଯୋଗ ଦେଇ ଉଦ୍‌ଘାଟନ କରିଥଲେ। ଚାଇଲ୍ଡଲାଇନ ଟିମ୍ ମେମ୍ବର ଶ୍ୱେତଙ୍ଗିନୀ ବାରି ପରିଚାଳନା କରିଥଲେ। କୁନ୍ତରା ଗୋଷ୍ଠୀ ସ୍ୱା କେନ୍ଦ୍ର ଡା. ସୁନିଲ ସାହୁ, ଅଧ୍ୟାପକ ଶିବ ଶଙ୍କର ମଲ୍ଲିକ ଯୋଗଦେଇ ବାଲ୍ୟବିବାହ ନିରୋଧ ଓ ଶିଶୁ ଶ୍ରମିକ ବିରୋଧରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ସ୍ମିତା ପଟେଲ, ଡଲି ନାୟକ, ଅନୁପମା କୁଜୁର୍, ପ୍ରିୟାଞ୍ଜଳି ମାଝି, ରତ୍ନ ମଞ୍ଜରୀ ସାହୁ, ଅଧ୍ୟାପକ ଟିକେଲାଲ ମେହେର ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମିତି ସଭ୍ୟାସଭ୍ୟ।

**ଝାରସୁଗୁଡ଼ା ଅଫିସ,୧୮।୧୧**

ନବ ନିର୍ବାଚିତ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରିଶ ରଥ ଓ ଜିଲା ପରିଷଦ ଯୋଜନା ପରିଚାଳିକା (ପ୍ରଶିକ୍ଷଣ) ସୋମାନୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା, କୋଲାବିରା ଓ ଲଇକେରା ବ୍ଲକର ନବ ନିର୍ବାଚିତ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି ୫-ଟି ଓ ମୋ ସରକାର, ସଶକ୍ତ ଗ୍ରାମସଭା, ଗ୍ରାମ ପଞ୍ଚାୟତ ବିକାଶ ଯୋଜନା, ଗ୍ରାମ ପଞ୍ଚାୟତର ଆର୍ଥିକ ପରିଚାଳନା, ପାନୀୟ ଜଳ ଯୋଗାଣ, ଗ୍ରାମୀଣ ବାସଗୃହ, ମହିଳା ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରୀଡା, ବିଦ୍ୟାଳୟ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିକାଶ ଆଦି ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଆଦର୍ଶ ଗ୍ରାମ ପଞ୍ଚାୟତ ଗଠନ ଦିଗରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ଭୂମିକା ସମ୍ପର୍କରେ ଦୁଇ ଅଧିକାରୀ ଆଲୋଚନା କରି ଦାୟିତ୍ୱ ନିର୍ବାହ ସମୟରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ। ଗୋବର୍ଦ୍ଧନ ମହାନନ୍ଦ ଓ ଜୟନ୍ତୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ୱାଟର କୁଲର ପ୍ରଦାନ



ୱାଟର କୁଲର ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଏମ୍‌ସିଏଲ୍ ନିକଟ କିର୍ବା ଗ୍ରାମରେ ୱାଟର କୁଲର କମ୍ ବିଶୋଧକ ଉଦ୍‌ଘାଟିତ ହୋଇଛି। ମଣ୍ଡଳର ସଚିବ ବିନିତା ସିଂ, ଯୁଗ୍ମ ସଚିବ ଅଳକା ମେହେର ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟାକୁ ଧ୍ୟାନରେ ରଖି ମହିଳା ମଣ୍ଡଳ ସଭାପତି ପଦ୍ମଜା ସିଂ, ଉପରାଷ୍ଟ୍ରପତି ସରିତା ପଟେଲ ଓ ରଶ୍ମି ବେହୁରା କିର୍ବା ଗ୍ରାମକୁ ୱାଟର କୁଲର କମ ପ୍ୟୁରିଫାୟର ଯୋଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହା ଦ୍ୱାରା ଗାଁର ଲୋକଙ୍କ ସମେତ ରାସ୍ତାରେ ଯାଉଥିବା ଲୋକମାନେ ଗ୍ରୀଷ୍ମ ଋତୁରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପାଇବେ। ବୁର୍ଲାର ଅନ୍ୟାନ୍ୟ ଅଞ୍ଚଳରେ ଏହି ୱାଟର କୁଲର କମ ପ୍ୟୁରିଫାୟର ସ୍ଥାପନ ହେବ ବୋଲି ସଭାପତି ସିଂ ସୂଚନା ଦେଇଛନ୍ତି।

# ନାଳପାଣି ପିଇ ୨୦ ଛେଳି ମୃତ

**ପଡିଆବାହାଲ, ୧୮।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବନ୍ଧପଡା ଗ୍ରାମର ମହେନ୍ଦ୍ର ମିର୍ଦ୍ଧାଙ୍କ ୨୦ ଛେଳି ଚରିବାକୁ ଯାଇଥିବାବେଳେ ନାଳପାଣି ପିଇ ମୃତ୍ୟୁବରଣ କରିଛନ୍ତି। ଏ ନେଇ ମହେନ୍ଦ୍ର ଯୁଯୁମୁରା ଥାନାରେ ଅଭିଯୋଗ କରିଛନ୍ତି। ଚାଷୀ ମହେନ୍ଦ୍ରଙ୍କ କହିବା କଥା ସବୁଦିନ ପରି ସେ ଶୁକ୍ରବାର ଛେଳି ଚରିବାକୁ ଛାଡିଥିଲେ। ସନ୍ଧ୍ୟାରେ ନ ଫେରିବାରୁ ସେ ଖୋଜିବାକୁ ଯାଇ ଭୂତେଲ ନାଳ ପାଖରେ ସମସ୍ତ ଛେଳି ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ସରପଞ୍ଚ ଅୟସ କାନ୍ତଙ୍କୁ ଜଣାଇଥିଲେ। ସରପଞ୍ଚ ଘଟଣାସ୍ଥଳକୁ ଯାଇ କୌଣସି କାରଣରୁ ନାଳପାଣି ବିଷାକ୍ତ ହୋଇଥିବା ଓ ଏହାକୁ ପିଇ ଛେଳିଗୁଡିକ ମୃତ୍ୟୁମୁଖରେ ପଡିଥିବା ଆଶଙ୍କା କରୁଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି।

# ଗୋକୁଳାଷ୍ଟମୀ ଯାତ୍ରା ପାଳିତ

**ବ୍ରଜରାଜନଗର,୧୮।୧୧(ଡି.ଏନ.ଏ.)**

ବରପାଲିଠାରେ ୪୮ତମ ଗୋକୁଳାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମବାସୀ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରିଥିଲେ। ପଣ୍ଡିତ ମନୋଜ ମିଶ୍ର ପୂଜା କାର୍ଯ୍ୟ ଓ ନିମଳ ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗୋଧନ ବାହୁଡା କାର୍ଯ୍ୟକ୍ରମରେ ଲୋକେ ପ୍ରଥମେ ରାଧାକୃଷ୍ଣଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରିବା ପରେ ଗୋରୁଙ୍କୁ ଖେଚୁଡ଼ି ଭୋଗ ଖିଆଇଥିଲେ। କାର୍ଯ୍ୟକ୍ରମରେ ଘଣ୍ଟ ବାଦ୍ୟ, ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲା। ରାତିରେ ବରଗଡ ବୀର ବଜରଙ୍ଗ ଗଣନାଟ୍ୟ ତରଫରୁ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁନିଲ ସିଂ ଲାଲୁ, ହେମନ୍ତ ଧୁରୁଆ, ହେମନ୍ତ ବଗାର, ଯତୀନ୍ଦ୍ର ବଡ଼ାଇ, ଜୟରାମ ବଗାର, ଶୁଭେନ୍ଦୁ ସିଂ ଦେଓ, କୈଳାସ ପ୍ରଧାନ, ଗୈରିକ ବଡ଼ାଇ, ସୁଶିଲ ବଡ଼ାଇ, କର୍ଣ୍ଣ ଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।


ଗୋକୁଳାଷ୍ଟମୀ ପାଳନ ଅବସରରେ ସଂକୀର୍ତ୍ତନ କରାଯାଉଛି।

# ମିଲରଙ୍କ ଶୋଷଣ ନୀତି ରୋକିବାକୁ ଯୁବଚାଷୀଙ୍କୁ ଦାୟିତ୍ୱ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ପ୍ରଶାସନ ଓ ସରକାରଙ୍କ ସହିତ ସଲାସୁତରା କରି ମିଲରମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। କଟ୍‌ନୀଛଟ୍‌ନୀ କରି ଚାଷୀଙ୍କ ଅମଳ ଧାନକୁ ମିଳିମିଶି ଲୁଟ କରାଯାଉଛ। ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ପାଖରେ ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏବେ ଚାଷୀମାନେ ଖୋଦ ନିଜର ସୁରକ୍ଷା ନିଜେ କରିବେ। ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ଦାଦାଗିରି ଆଉ ଚଳିବ ନାହିଁ ବୋଲି ଜିଲା କୃଷକ ସଂଗଠନ ସଦସ୍ୟ କ୍ଷୋଭର ସହ କହିଛନ୍ତି।

ମାନେଶ୍ୱର ବ୍ଲକ ତବଲା ମାର୍କେଟ ୟାର୍ଡଠାରେ କୃଷକ ସଂଗଠନ ଉପସଭାପତି ହରିଶଙ୍କର ପୁରୋହିତଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଯୁବ ଚାଷୀମାନଙ୍କୁ ନେଇ ଗଠିତ ଟିମ୍ ଚାଷୀମାନଙ୍କ ସମସ୍ୟା ବୁଝିବେ ଓ ଘଟଣାସ୍ଥଳରେ ସମାଧାନ କରିବେ। ଏଥିପାଇଁ ଯଦି କୌଣସି ଅଘଟଣ ଘଟେ ଏଥିପାଇଁ ପ୍ରଶାସନ ଦାୟୀ ରହିବ। ବିଗତ


ତବଲାଠାରେ ଆୟୋଜିତ ବୈଠକରେ ଚାଷୀମାନେ।

### ତବଲାରେ ଜିଲା କୃଷକ ସଂଗଠନର ବୈଠକ

ବର୍ଷରେ ଧାନ ସଂଗ୍ରହରେ ହେଉଥିବା ସମସ୍ୟା ଉପରେ ଚାଷୀମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମଣ୍ଡିରେ ଚାଷୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦିଆଯାଉନାହିଁ। ଧାନ ବିକ୍ରି କରିବାକୁ ଗଲେ ସେଠାରେ ମିଲରଙ୍କ ଏଜେଣ୍ଟମାନେ ଦୁର୍ବ୍ୟବହାର କରୁଛନ୍ତି। ସରକାରଙ୍କ ପକ୍ଷରୁ ଧାନ ସଂଗ୍ରହ ସୁବ୍ୟବସ୍ଥା ପାଇଁ ଜିଲାପାଳ ଓ ଯୋଗାଣ ବିଭାଗକୁ କଡ଼ା ତାଗିଦ କରାଯାଇଛି। ହେଲେ ସମ୍ବଲପୁର ଜିଲାରେ ଏହା ଠିକ୍ ଭାବେ ପାଳନ ହୋଇ ପାରୁନାହିଁ। ଆସନ୍ତା ୨୨ତାରିଖରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ। ଚଳିତ ବର୍ଷ କଟ୍‌ନୀଛଟ୍‌ନୀ କରାଗଲେ ଚାଷୀମାନେ ବିରୋଧ କରିବେ। ଚାଷୀଙ୍କ ଏହି ସମସ୍ୟା ଦୂର କରିବା ପାଇଁ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୩୦ଜଣ ଯୁବଚାଷୀଙ୍କୁ ନେଇ କମିଟି ଗଠନ କରାଯାଇଛି। ଆବଶ୍ୟକ ପଡ଼ିଲେ ଏହି କମିଟି ବର୍ଦ୍ଧିତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଶତାଧିକ ଚାଷୀ ଉପସ୍ଥିତ ରହି ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ।

## ବ୍ଲୁ ଡାର୍ଟର ପ୍ରତିଷ୍ଠା ଦିବସ

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ କୋରିୟର ସଂସ୍ଥା ବ୍ଲୁ ଡାର୍ଟର ୩୯ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍ଥାର ଟିୟର ୧ ଓ ଟିୟର୨ ସହରରେ ଆଉ ୨୫ ନୂଆ ରିଟେଲ ଆଉଟଲେଟ୍‌ର ଶୁଭାରମ୍ଭ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ସମ୍ପ୍ରସାରଣ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏହା କରାଯାଇଛି। ଏ ସମ୍ପର୍କରେ ବ୍ଲୁ ଡାର୍ଟର ଚିଫ୍ କମର୍ସିଆଲ୍ ଅଫିସର କେତନ୍ କୁଲକର୍ନି କହିଛନ୍ତି,ଆମେ ଆମର ବ୍ରାଣ୍ଡର ପ୍ରତିଷ୍ଠା ଦିବସ ପାଳନ ସହ ଆଉ ୨୫ନୂଆ ଷ୍ଟୋରର ମଧ ଶୁଭାରମ୍ଭ କରାଯାଇଛି। ଗତ ୩୯ବର୍ଷ ମଧ୍ୟରେ ବ୍ଲୁ ଡାର୍ଟ ଦ୍ରୁତଗତିରେ ବୃଦ୍ଧି ହୋଇଛି ।

# ‘ଲାଭବାନ୍ ହେଉଛନ୍ତି ଭାରତୀୟ କମ୍ପାନୀ’

■ସୁଯୋଗ ଦେଇଛି ଭାରତୀୟ ଟଙ୍କାର ଅବମୂଲ୍ୟାୟନ
■ବଢ଼ିଛି କମ୍ପାନୀ ଅଂଶଧନ




ନୂଆଦିଲ୍ଲୀ,୧୮।୧୧

କୋଭିଡ୍ ସଂକ୍ରମଣ ପରଠାରୁ କ୍ରମାଗତ ଭାବେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇଚାଲିଛି। ଫଳରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ପ୍ରଭାବ ଭାରତ ବଜାର ଉପରେ ପଡ଼ିଛି। ଏପରିକି ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଉଚ୍ଚା ରହିଛି। ବିଶେଷକରି ଭାରତରେ ଦରଦାମ ବୃଦ୍ଧି ସହ ମୁଦ୍ରାସ୍ଫୀତି ମଧ ଅଣାୟତ୍ତ ହୋଇପଡ଼ିଛି। ହେଲେ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ବରଦାନ ପାଲଟିଛି ବୋଲି ଗ୍ଲୋବାଲ ରେଟିଂସ୍ ଏଜେନ୍ସି ‘ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ’ (ଏସ୍ ଆଣ୍ଡ ପି) ପକ୍ଷରୁ ମତପ୍ରକାଶ ପାଇଛି। ଏପରିକି ଉକ୍ତ ସଂସ୍ଥାର ସର୍ଭେ (ଆକଳନ) ଅନୁଯାୟୀ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ବିଦେଶରେ ସେବା ଯୋଗାଉଥିବା ବିଭିନ୍ନ ବର୍ଗର ଭାରତୀୟ କମ୍ପାନୀ ବେଶ୍ ଲାଭବାନ୍ ହୋଇଛନ୍ତି। ବିଶେଷକରି ରେଟିଂ ସଂସ୍ଥାର ସର୍ଭେ ଅନୁସାରେ ଅଧାରୁ ଅଧିକ ଭାରତୀୟ କମ୍ପାନୀଙ୍କ ମୂଳ ଲାଭ ଗତ କିଛି ମାସ (୧୫ରୁ ୧୮ ମାସ) ମଧ୍ୟରେ ୧୫ରୁ ୧୮% ବଢ଼ିଯାଇଥିବା ଜଣାପଡ଼ିଛି। ସେହିଭଳି ଆମେରିକୀୟ ରେଟିଂ ଏଜେନ୍ସିର ଏକ ରିପୋର୍ଟ ଅନୁସାରେ ଯେଉଁ କମ୍ପାନୀଗୁଡ଼ିକର ରେଟିଂ ଆମେ କରୁଛୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ କମ୍ପାନୀର ରାଜସ୍ୱର ଏକ ବଡ ଅଂଶ ଆମେରିକୀୟ ଡଲାର ସହ ଜଡ଼ିତ ରହିଛି। ଫଳରେ ଭାରତୀୟ ମୁଦ୍ରା (ଟଙ୍କା)ର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି। ଏହାର ଫାଇଦା ଆମେରିକୀୟ ଡଲାରରେ କାରବାର କରୁଥିବା ଭାରତୀୟ କମ୍ପାନୀଗୁଡ଼ିକ ପାଉଛନ୍ତି। ବିଶେଷକରି ଭାରତୀୟ ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ସେହି ସମସ୍ତ କମ୍ପାନୀଙ୍କ ଉପରେ ପଡିନାହିଁ। ସେହିପରି ସୂଚନା ଓ ପ୍ରଯୁକ୍ତି କ୍ଷେତ୍ର, ଧାତୁ ଓ ରସାୟନ କ୍ଷେତ୍ରର କମ୍ପାନୀ ପୂର୍ବ ଆୟ (ଇବିଆଇଟିଡିଏ) ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଡଲାର ଆଧାରିତ ରପ୍ତାନିକାରୀ ସୂଚନା ଓ ପ୍ରଯୁକ୍ତି କମ୍ପାନୀ ଯଥା ୱିପ୍ରୋ, ଇନ୍‌ଫୋସିସ୍ ଓ ଏଚ୍‌ସିଏଲ୍ ଭଳି ପ୍ରମୁଖ ଆଇଟି କମ୍ପାନୀ ବେଶ୍ ଲାଭାନ୍ୱିତ ହୋଇଛନ୍ତି, ଯେଉଁମାନଙ୍କର ନିବେଶ ଟଙ୍କାରେ ଆସେ ଓ ସେମାନେ ବିଶେଷ ଲାଭବାନ୍ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଯେତେବେଳେ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୧ଟଙ୍କା ହ୍ରାସ ଘଟେ ସେତେବେଳେ ଉପରୋକ୍ତ କମ୍ପାନୀଗୁଡିକର ଇବିଆଇଟିଡିଏ ପାଖାପାଖି ୫କୋଟି ଡଲାର ବୃଦ୍ଧି ଘଟିଥାଏ। ସୂଚନାଯୋଗ୍ୟ, ଶନିବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ପ୍ରାୟ ୮୧.୬୦ ଟଙ୍କା ରହିଛି। ଗତ ମାସକ ମଧ୍ୟରେ ପ୍ରାୟ ୨ ଟଙ୍କା ଭାରତୀୟ ମୁଦ୍ରା ମୂଲ୍ୟ ବୃଦ୍ଧି ପାଇଥିଲେ ସୁଦ୍ଧା ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ବର୍ତ୍ତମାନ ମଧ ରେକର୍ଡ ସ୍ତରରେ ରହିଛି।

## ଖସିଲା ଶେୟାର ବଜାରର କାରବାର

ନୂଆଦିଲ୍ଲୀ,୧୮।୧୧

କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଥିବା ଜଣାପଡ଼ିଛି। ଏପରିକି ଚଳିତ ସପ୍ତାହର ଶେଷ ଦିନର କାରବାର ଆଶ ଓ ଆଶଙ୍କା ମଧ୍ୟରେ ଶେଷ ହୋଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୮୭ (୮୭.୧୨) ପଏଣ୍ଟ ଖସି ୬୧,୬୬୩ (୬୧,୬୬୩.୪୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୩୬ (୩୬.୨୫) ପଏଣ୍ଟ ହ୍ରାସ ଘଟି ୧୮,୩୦୮(୧୮,୩୦୭.୬୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଓ ମାନ୍ଦାବସ୍ଥା ଯୋଗୁ ଦଲାଲ ଷ୍ଟ୍ରିଟ୍‌ର କାରବାର କ୍ରମାଗତ ଭାବେ ହ୍ରାସ ପାଉଛି।

## ସମଗ୍ର ଦିଲ୍ଲୀ ଏନ୍‌ସିଆର୍‌ରେ ୫ଜି ସେବା




ମୁମ୍ବାଇ,୧୮।୧୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ସମଗ୍ର ଦିଲ୍ଲୀ ଏନ୍‌ସିଆର୍‌ରେ ୫ଜି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦିଲ୍ଲୀ ପରେ ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଏବଂ ଫରିଦାବାଦରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଜଣାପଡ଼ିଛି। ଏଥିସହିତ ସମଗ୍ର ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରେ ଟ୍ରୁ-୫ଜି ସେବା ଆରମ୍ଭ କରିବାରେ ଜିଓ ହେଉଛି ଦେଶର ଏକମାତ୍ର ଟେଲିକମ୍ ଅପରେଟର ସହ ଜିଓ ଦ୍ରୁତଗତିରେ ବିଭିନ୍ନ ସ୍ଥାନରେ ଟ୍ରୁ-୫ଜି ସେବା ମଧ ଯୋଗାଉଛି। ସେହିଭଳି ଜିଓର ଟ୍ରୁ-୫ଜି ନେଟ୍‌ୱର୍କ ସିଗ୍‌ନାଲ୍ ଦିଲ୍ଲୀ-ଏନ୍‌ସିଆର୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବଂ କ୍ଷେତ୍ରରେ ମିଳିବ। ଏନ୍‌ସିଆର୍ ଅଞ୍ଚଳରେ ଜିଓ ଟ୍ରୁ- ୫ଜି ସେବାର ଶୁଭାରମ୍ଭ ପରେ ଜିଓର ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫର ଅଧୀନରେ ଆମନ୍ତ୍ରଣ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ଅଫରରେ ଗ୍ରହକମାନଙ୍କୁ ଅସୀମିତ ୫ଜି ଡାଟା ଏବଂ ୧ ଜିବିପିଏସ୍ ପର୍ଯ୍ୟନ୍ତ ସ୍ପିଡ୍ ମିଳିବ। ଏଥିପାଇଁ ଗ୍ରାହକମାନଙ୍କୁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏ ସମ୍ପର୍କରେ ରିଲାଏନ୍ସ ଜିଓର ପ୍ରବକ୍ତା କହିଛନ୍ତି, ଦେଶର ରାଜଧାନୀ ଏବଂ ଦିଲୀ ଏନ୍‌ସିଆର୍ ଅଞ୍ଚଳର ଅଧିକାଂଶ ସ୍ଥାନରେ ଜିଓ ଟ୍ରୁ-୫ଜି ସେବା ପହଞ୍ଚାଇବା ଆମ ପାଇଁ ଗର୍ବର ବିଷୟ। ଏପରିକି ସମସ୍ତ ଭାରତୀୟଙ୍କ ନିକଟରେ ଜିଓ ଟ୍ରୁ-୫ଜି ସେବା ପହଞ୍ଚାଇବା ଲାଗି ଜିଓର ଇଞ୍ଜିନିୟରମାନେ ନିରବଚ୍ଛିନ୍ନ ଭାବେ ୨୪ଘଣ୍ଟା କାର୍ଯ୍ୟ କରୁଛନ୍ତି।

## ବୃଦ୍ଧି ପାଉଛି ମାୟୋପିଆ ସଂଖ୍ୟା

ନୂଆଦିଲ୍ଲୀ,୧୮।୧୧

ଦେଶର ପ୍ରମୁଖ ଫାର୍ମା କମ୍ପାନୀ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲ ସହ ଷ୍ଟ୍ରାବିଜିମସ ମିଳିତ ଭାବେ ଏନ୍‌ଟୋଡ୍ ଚକ୍ଷୁ ସ୍ୱାସ୍ଥ୍ୟ ଫାଉଣ୍ଡେଶନ ଜରିଆରେ ଏକ ମାୟୋପିଆ ସଚେତନତା ସପ୍ତାହ ପରିଚାଳନା କରୁଛି। ଏ ସମ୍ପର୍କରେ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲର ସିଇଓ ନିଖିଲ କେ. ମାସୁରକର କହିଛନ୍ତି, ଭାରତରେ ମାୟୋପିଆ ଏକ ଗୁରୁତର ସମସ୍ୟା ପାଲଟିଛି। ଏପରିକି ଠିକ୍ ଭାବେ ଏହାର ପ୍ରତିକାର କରା ନ ଗଲେ ଏହା ଗୁରୁତର ହୋଇପାରେ। ଆଉ ମଧ କୋଭିଡ୍-୧୯ର ପ୍ରଭାବ ଯୋଗୁ ମାୟୋପିଆ ସଂଖ୍ୟା ବୃଦ୍ଧି ହୋଇଛି। ସାରା ଭାରତରୁ ୫୦୦୦ରୁ ଅଧିକ ପିଲାଙ୍କୁ ଲକ୍ଷ୍ୟ କରି ଏକ ସପ୍ତାହବ୍ୟାପୀ ଅଭିଯାନ ସହ ଆମେ ଏହା ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି କେବଳ ଭୁବନେଶ୍ୱରରେ ନୁହେଁ, ସାରା ଦେଶରେ ମଧ ପିଲାମାନଙ୍କଠାରେ ବଢୁଥିବା ମାୟୋପିଆ ସମସ୍ୟା ଏକ ପ୍ରମୁଖ ଚକ୍ଷୁରୋଗରେ ପରିଣତ ହୋଇଛି। ଏହା ମୁଖ୍ୟତଃ ଇନ୍‌ଡୋର ରହଣି, ସ୍କ୍ରିନ୍ ସମୟ ଓ ବାହ୍ୟ କାର୍ଯ୍ୟରୁ ଦୂରେଇ ରହିବା ହେତୁ ଘଟୁଛି। ତେଣୁ ଆଖିର ଯତ୍ନ ପାଇଁ ଆଖି ଉପରେ କମ୍ ଚାପ ଦେବା ଯଥା ମୋବାଇଲ, ଲାପ୍‌ଟପ୍, ଟିଭି ଓ ବୈଦ୍ୟୁତିକ ଉପକରଣ ବ୍ୟବହାରକୁ ସୀମିତ ରଖିବା ଆବଶ୍ୟକ। ଏହି ନୂଆ ମହାମାରୀକୁ ରୋକିବା ପାଇଁ ପିତାମାତାଙ୍କୁ ମାର୍ଗଦର୍ଶନ କରିବାକୁ ଚାହୁଁ ବୋଲି ଶିଶୁ ଚକ୍ଷୁ ଚିକିତ୍ସା ଏଲ୍‌ଭିପିଇଆଇ ହାଇଦ୍ରାବାଦର ପେଡିଆଟ୍ରିକ ଅପ୍‌ଥାଲମୋଲୋଜିରେ ଫେଲୋଶିପ ଓ ଓମ୍ ନେତ୍ର ମନ୍ଦିର ଭୁବନେଶ୍ୱରର ପରାମର୍ଶଦାତା ଡା. ନବନିତ ଗୁପ୍ତା କହିଛନ୍ତି।

## ପାନାସୋନିକର ‘ମଡ୍ୟୁଲର କିଚେନ ରେଞ୍ଜ’

ନୂଆଦିଲ୍ଲୀ,୧୮।୧୧




ପାନାସୋନିକ ଲାଇଫ୍ ସଲ୍ୟୁସନ ଇଣ୍ଡିଆ ପକ୍ଷରୁ ଏକ ମଡ୍ୟୁଲର କିଚେନ ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଜାପାନୀ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ଉତ୍ପାଦନର ମିଶ୍ରଣରେ ଏହି ସୁଲଭ ବିଳାସପୂର୍ଣ୍ଣ ଉତ୍ପାଦ ପାଇପାରିବେ। ଏପରିକି ଏହି ନୂତନ ପରିସର ସମଗ୍ର ଭାରତରେ ୨୩ଟି ସହରର ୨୫ଟି ଖୁଚୁରା ଷ୍ଟୋରରେ ଉପଲବ୍ଧ।

ଏ ସମ୍ପର୍କରେ ପାନାସୋନିକ ହାଉସିଂ ସଲ୍ୟୁସନ କମ୍ପାନୀ ଲିମିଟେଡ୍‌ର ସହାୟକ ନିର୍ଦ୍ଦେଶକ (କିଚେନ ଫର୍ନିଚର, ବାଥ୍‌ରୁମ୍ ଏବଂ ସାନିଟାରି ଫିଟିଂ ବିଜ୍‌ନେସ୍ ଡିଭିଜନ)ର ୟୋସିୟୁକି କିତାଜାକି କହିଛନ୍ତି, ଆମର ବିଦେଶୀ ବ୍ୟବସାୟ ପାଇଁ ଭାରତୀୟ ବଜାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ବିଶ୍ୱାସ କରୁଛୁ ଏବଂ ଏହି ମାସରେ ଭାରତରେ ନିର୍ମିତ ଏକ ନୂତନ ଉତ୍ପାଦ ‘ଓ-କ୍ଲାସ୍ ରୋଷେଇଘର’ ଆମେ ଉନ୍ମୋଚନ କରିଛୁ। ନୂତନ ଉତ୍ପାଦ ଓ-କ୍ଲାସ୍ ରୋଷେଇ ଘରର ଯୋଗ ସହିତ ଆମର ଭାରତୀୟ ବ୍ୟବସାୟକୁ ଆହୁରି ବିସ୍ତାର କରିବା ଏବଂ ଆମର ଆବାସିକ ଉପକରଣ ବ୍ୟବସାୟ ପାଇଁ ଏକ ବ୍ରାଣ୍ଡ୍ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଆମେ ଆମର ମାର୍କେଟିଂ କାର୍ଯ୍ୟକଳାପକୁ ମଜଭୁତ କରିବୁ। ଆଗକୁ ବଢ଼ି ଆରାମଦାୟକ ରହିବା ସ୍ଥାନର ପ୍ରସ୍ତାବ ଦେଇ ଆମ କମ୍ପାନୀ ଏକ ଆରାମଦାୟକ ଏବଂ ନିରାପଦ ସମାଜ ସିଦ୍ଧ କରିବାରେ ଯୋଗଦାନ ଦେବ ।

## ଏମ୍‌ଏଏଚ୍‌ଇର ୩ ଦିନିଆ ଜାତୀୟ ସମ୍ମିଳନୀ

ନୂଆଦିଲ୍ଲୀ,୧୮।୧୧

ମଣିପାଲ ଏକାଡେମୀ ଅଫ୍ ହାୟର ଏଡୁକେଶନ (ଏମ୍‌ଏଏଚ୍‌ଇ) ଭାରତର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ଗବେଷଣା କେନ୍ଦ୍ର ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନସ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଏକାଡେମିକ ଆଭିମୁଖ୍ୟ ଉଦ୍ଦେଶ୍ୟର ବିଭିନ୍ନ ଦିଗକୁ ନେଇ ଏକ ୩ ଦିନିଆ ଜାତୀୟ ସମ୍ମିଳନୀର ଆୟୋଜନ କରିଥିଲା। ଏହି ଅବସରରେ ଡ.ଏଚ୍.ଏସ୍. ବଲାଲ, ପ୍ରୋଚାନ୍ସଲର, ଏମ୍‌ଏଏଚ୍‌ଇ, ଲ୍ୟୁଟ୍‌ନାଣ୍ଟ ଜେନେରାଲ(ଡ) ଏମ୍.ଡି.ଭେଙ୍କଟେଶ, ଭିଏସ୍‌ଏମ୍(ଅବସରପ୍ରାପ୍ତ), କୁଳପତି, ଏମ୍‌ଏଏଚ୍‌ଇ ଏବଂ ରେଜିଷ୍ଟ୍ରାର୍ ଡ. ନାରାୟଣ ସଭାହିତ, ଏମ୍‌ଏଏଚ୍‌ଇ ସୂଚିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ସମ୍ମିଳନୀର ଆଭିମୁଖ୍ୟ ଓ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେହିଭଳି ଏମ୍‌ଏଏଚ୍‌ଇର ଏକାଡେମିକ ଯୋଜନା ମଧ ଆଗେଇ ଚାଲିଛି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଥିଲା। ଏସ୍.ପି.କର ପିଆର୍ ଏବଂ ମିଡିଆ ନିର୍ଦ୍ଦେଶକ ଉକ୍ତ ସମ୍ମିଳନୀକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ। ବିଶେଷକରି ଏମ୍‌ଏଏଚ୍‌ଇର ଲିଡରଶିପ୍ ୩୦ତମ ସମ୍ମିଳନୀ ନଭେମ୍ବର ୧୮,୧୯ ଏବଂ ୨୦ରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥିଙ୍କ ସମେତ ପ୍ରାୟ ୫୦୦୦ ଛାତ୍ରଛାତ୍ରୀ ମଧ ଯୋଗଦେବେ।

ଫୁର୍‌ସତ୍

# ଜାପାନର ଘରେ ଘରେ ପାଳିତ ପଶୁ

**ଶିଶୁଙ୍କଠୁ ୩ ନିୟୁତ ଅଧିକ ବିଲେଇ , କୁକୁରଙ୍କ ସଂଖ୍ୟା**



**ଟୋକିଓ:** ଘରେ ପାଳିତ ପଶୁ ରଖିବା ଏବେ ଅନେକ ଲୋକଙ୍କ ସଉକ ପାଲଟିଛି। ବର୍ତ୍ତମାନର ଅଧୁନିକ ଯୁଗରେ ଏହା ଏକ ଟ୍ରେଣ୍ଡ ପାଲଟିଛି। ପ୍ରତ୍ୟେକ ଦେଶର ଲୋକେ ଘରେ ପାଳିତ ପଶୁ ରଖିବାର ଚାହିଦା ବଢ଼ିଥିବାବେଳେ ଜାପାନରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ପ୍ରକାଶିତ ଖବର ଅନୁସାରେ ଜାପାନର ପ୍ରତ୍ୟେକ ଲୋକଙ୍କ ଘରେ ଗୋଟିଏ କିମ୍ବା ଦୁଇଟି ବିଲେଇ ଅବା କୁକୁର ଦେଖିବାକୁ ମିଳିବେ। ତେବେ ଏହି ପଶୁଙ୍କ ସଂଖ୍ୟା ଦେଶରେ ଥିବା ଶିଶୁଙ୍କଠୁ ବଳିଯାଇଛି। ପ୍ରଦତ୍ତ ରିପୋର୍ଟ ମୁତାବକ ଜାପାନରେ ୧୬ ବର୍ଷରୁ କମ୍ ୧୭ ନିୟୁତ ପିଲା ରହିଥିବାବେଳେ ୨୦ ନିୟୁତ ବିଲେଇ ଓ କୁକୁର ରହିଛନ୍ତି। ଜାପାନରେ ଶତାୟୁ ବ୍ୟକ୍ତିଙ୍କ ସଂଖ୍ୟା କ୍ରମାଗତ ବଢ଼ିବା ସହ ଦେଶରେ ଜନ୍ମହାର କମିଛି।

ଛୋଟ ପିଲାଙ୍କୁ ଅଧିକ ଯତ୍ନର ଆବଶ୍ୟକତା ଥିବାବେଳେ ପାଳିତ ପଶୁମାନଙ୍କୁ ଏହାର ଆବଶ୍ୟକତା ନ ଥିବା କାରଣରୁ ଜାପାନ ଲୋକେ ଏପରି କରୁଥିବା କୁହାଯାଉଛି। ଅନ୍ୟପକ୍ଷେ ଯେଉଁ ବ୍ୟକ୍ତିମାନେ ଘରେ ପଶୁ ପାଳନ କରୁଛନ୍ତି ସେମାନେ ତାଙ୍କୁ ନିୟମିତ ଟିକା ଦେବା ସହ ପ୍ରତି ସପ୍ତାହରେ ବାହାରକୁ ବୁଲେଇ ନେଉଥିବା ଦେଖାଯାଇଛି। ଖାଲି ସେତିକି ନୁହେଁ ଦାମୀ ଖାଦ୍ୟ ତାଙ୍କୁ ଖାଇବାକୁ ଦିଆଯାଉଥିବା ସହ ସେମାନଙ୍କୁ ଡିଜାଇନର ଡ୍ରେସ୍ ପିନ୍ଧାଇ ବୁଲାଉଥିବାର ଦେଖାଯାଉଛି। ଅନ୍ୟପକ୍ଷେ କର୍ମକ୍ଷେତ୍ରରେ ଅଧିକ ଚାପରୁ ସମୟର ଅଭାବ ଯୋଗୁ ଜାପାନର ଦମ୍ପତି ଶିଶୁ ଜନ୍ମ କରିବା ଅପେକ୍ଷା ପାଳିତ ପଶୁ ରଖିବା ଉଦ୍ଦିଷ୍ଟ ବୋଲି ମନେ କରୁଛନ୍ତି।

## ଲିଭ୍-ଇନ୍‌ରେ ହ୍ରିତିକ୍

ମୁମ୍ବାଇ



ୱାର୍ଲ୍ଡର ହାଣ୍ଡସମ୍ ହଙ୍କ ହ୍ରିତିକ୍ ରୋଶନ୍ ପ୍ରେମିକା ସବାଙ୍କ ସହ ନୂଆ ଘରକୁ ସିଫ୍ଟ ହେବାକୁ ଯାଉଛନ୍ତି। ଦୁହେଁ ନିଜ ସମ୍ପର୍କକୁ ଆଗକୁ ନେବା ଲାଗି ଲିଭ୍‌ଇନ୍‌ରେ ରହିବା ଆରମ୍ଭ କରୁଥିବା ନେଇ ଏବେ ଚର୍ଚ୍ଚା ହେଉଛି। ସେଥିପାଇଁ ନିକଟରେ ହ୍ରିତିକ୍ ମୁମ୍ବାଇର ମନ୍ନତ ଆପାର୍ଟମେଣ୍ଟରେ ୯୭.୫୦ କୋଟି ଟଙ୍କାରେ ଦୁଇଟି ଆପାର୍ଟମେଣ୍ଟ କିଣିଛନ୍ତି। ଏଥିରେ ୩ଟି ଫ୍ଲୋର ଥିବା କୁହାଯାଉଛି। ହ୍ରିତିକ୍‌ଙ୍କ ୩୮,୦୦୦ ସ୍କୋୟାରଫୁଟ୍ ଆୟତନର ଏହି ଘରୁ ସମୁଦ୍ର ଖୁବ୍ ସ୍ପଷ୍ଟ ଭାବେ ଦେଖାଯାଉଛି। କିଛି ବର୍ଷ ପୂର୍ବେ ହ୍ରିତିକ୍ ସବା ଆଜମ୍‌ଙ୍କୁ ଡେଟ୍ କରିବା ଆରମ୍ଭ କରିଛନ୍ତି। ବହୁ ପାର୍ଟି ଫଙ୍କସନ୍‌ରେ ଦୁହେଁ ଏକାଠି ଦେଖାଯାଉଛନ୍ତି। ୨୦୧୪ରେ ହ୍ରିତିକ ପୂର୍ବତନ ସ୍ତ୍ରୀ ସୁସେନଙ୍କ ଛାଡ଼ପତ୍ର ଦେଇଥିଲେ। ଗତ ସେପ୍ଟେମ୍ବର ୩୦ରେ ହ୍ରିତିକଙ୍କ ଅଭିନୀତ ଫିଲ୍ମ ବିକ୍ରମ ବେଦ ରିଲିଜ୍‌ହୋଇଥିଲା।

## ଡେଙ୍ଗା ହେବାଲାଗି ସର୍ଜରି




ୱାଶିଂଟନ୍

ନିଜ ଉଚ୍ଚତା ବଢ଼ାଇବା ପାଇଁ ଆମେରିକା ନେଭାଡାର ୬୮ ବର୍ଷୀୟ କନ୍ ଲେଗ୍ ଲେନ୍‌ଥନିଂ ସର୍ଜରି କରିଛନ୍ତି। ଏହା ଏକ ଜଟିଳ ଓ କଷ୍ଟଦାୟକ ସର୍ଜରି। ଏ ନେଇ ତାଙ୍କୁ ୧୩୦,୦୦୦ ପାଉଣ୍ଡ ତଥା ୧.୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ସର୍ଜରି ପରେ ତାଙ୍କ ଉଚ୍ଚତା ୫ ଫୁଟ୍ ୯ ଇଞ୍ଚ ହୋଇଛି। ଲସ୍ ଭେଗାସ୍‌ରେ ଥିବା କେଭିନ୍ ଦେବୀପ୍ରସାଦଙ୍କ କ୍ଲିନିକ୍‌ରେ ଉକ୍ତ ସର୍ଜରି କରାଯାଇଛି। ନିଜ ଉଚ୍ଚତାକୁ ନେଇ କିନ୍ ସନ୍ତୁଷ୍ଟ ନ ଥିବାବେଳେ ସେ ଏହି ସର୍ଜରି କରିବାକୁ ବହୁ ଆଗରୁ ଚାହୁଁଥିଲେ ମଧ ତାଙ୍କ ପାଖରେ ସେତେ ଟଙ୍କା ନ ଥିଲା। ବର୍ତ୍ତମାନ ତାଙ୍କ ପାଖରେ ସର୍ଜରି ପାଇଁ ଆବଶ୍ୟକ ଅର୍ଥ ଜମା ହେବା ପରେ କନ୍ ଏହି ସର୍ଜରି କରିଛନ୍ତି। ସର୍ଜରି ପାଇଁ ମାସକରୁ ଅଧିକ ସମୟ ଲାଗିଥିବାବେଳେ ସର୍ଜରି ଜରିଆରେ ଗୋଟିଏ ଦିନରେ କନ୍‌ଙ୍କ ଉଚ୍ଚତା ୧ ଏମ୍.ଏମ୍. ବୃଦ୍ଧି କରାଯାଉଥିଲା। ୧ ଇଞ୍ଚ ଉଚ୍ଚତା ବଢ଼ାଇବା ପାଇଁ ୨୫ ଦିନ ସମୟ ଲାଗୁଥିବା ଡା. ପ୍ରସାଦ କହିଛନ୍ତି। ହାଡକୁ ଭାଙ୍ଗି ସେଥିରେ ମେଟାଲ ନେଲ୍ସ ଖଞ୍ଜା ଯାଇ ଏହି ସର୍ଜରି କରାଯାଇଥାଏ।

## ୬୦ ରକମ ସିଗାରେଟ୍ ସାଙ୍ଗକୁ ୪୦ ପ୍ରକାର ମଦ ଭୋଗ



**ଉଜେନ:** ଭୈରବ ଅଷ୍ଟମୀ ଅବସରରେ ମଧ୍ୟପ୍ରଦେଶ ଉଜେନର ଭୈରବନାଥ ଠାକୁରଙ୍କ ନିକଟରେ ୧,୩୫୧ ପ୍ରକାରର ଭୋଗ ଲଗାଯାଇଛି। ଠାକୁରଙ୍କ ଭୋଗରେ ସିଗାରେଟ ଓ ମଦକୁ ମଧ୍ୟ ସାମିଲ କରିଛନ୍ତି ଭକ୍ତ। ପୂର୍ବର ରୀତିନୀତି ଅନୁସାରେ ଉଜେନରେ ଥିବା କାଳ ଭୈରବନାଥଙ୍କ ମନ୍ଦିରରେ ଏ ପ୍ରକାର ଭୋଗ ଲଗାଯାଏ। ଠାକୁରଙ୍କ ନିକଟରେ ଭୋଗ ସ୍ୱରୂପ ୩୯୦ ପ୍ରକାର ଧୂପକାଠି, ୧୮୦ ପ୍ରକାର ମୁଖା, ୭୫ ପ୍ରଜାତିର ଡ୍ରାଏଫ୍ରୁଟ୍ସ, ୬୪ ରକମ ଚକୋଲେଟ, ୬୪ ପ୍ରକାର ଗୁଜୁରାତି ନିମିକି, ୬୦ ଟାଇପ୍ ଭିନ୍ନ ଫ୍ଲେଭର୍‌ର ସିଗାରେଟ୍, ୪୦ ପ୍ରକାର ମଦ ସାଙ୍ଗକୁ ଚିଲମ, ବେକ୍‌ରି ଆଇଟମ୍ ଓ କୋଲ୍ଡ ଡ୍ରିଙ୍କ ଭୋଗ ଲାଗିଥିଲା। ଭୈରବନାଥଙ୍କ ଭକ୍ତମାନେ ବାବାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ସବୁ ଭୋଗରାଗ ଲଗାଇଛନ୍ତି।

## ଡମ୍ଫର ଧକ୍କାରେ ଜଣେ ମୃତ

ରାଉରକେଲା ଅଫିସ,୧୮।୧୧

ବିଶ୍ରା ବାଇପାସ ରୋଡ୍‌ରେ ଡମ୍ଫର ଧକ୍କା ଦେବାରୁ ଶୁକ୍ରବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେଞ୍ଜାମିନ କାଣ୍ଡୁଲାନା(୬୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩୬।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଜରେଇକେଲା ଅଞ୍ଚଳର ବେଞ୍ଜାମିନ ସହରର ବିଭିନ୍ନ ସ୍ଥାନରେ ପରିବା ବିକ୍ରି କରି ପରିବାର ପୋଷଣ କରେ। ସେ ଶୁକ୍ରବାର ପରିବା ବିକ୍ରି କରିବା ପାଇଁ ବିଶ୍ରା ହାଟକୁ ଯାଉଥିବାବେଳେ ବାଇପାସ ରୋଡରେ ତାଙ୍କୁ ଏକ ଡମ୍ଫର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାଦାମ ଲଡୁ କାରଖାନାରେ ଚଢ଼ାଉ

ରାଉରକେଲା ଅଫିସ,୧୮।୧୧

- ନିମ୍ନମାନର ୫ କୁଇଣ୍ଟାଲ ବାଦାମ ଲଡୁ ଜବତ
- ସିଲ୍ କଲା ଆର୍‌ଏମ୍‌ସି ସ୍ୱାସ୍ଥ୍ୟ ବିଭାଗ

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଓରାମପଡା ଅଞ୍ଚଳରେ ଦୀର୍ଘଦିନ ଧରି ଅସ୍ୱାସ୍ଥ୍ୟକର ପରିବେଶରେ ଚିକି ଓ ବାଦାମ ଲଡୁ ତିଆରି କରୁଥିବା ଏକ କାରଖାନାରେ ଆରଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଶୁକ୍ରବାର ଚଢ଼ାଉ କରିଛି। ଚଢାଉ ସମୟରେ ବିଭାଗୀୟ ଅଧିକାରୀମାନେ କାରଖାନା ଭିତରୁ ୫ କୁଇଣ୍ଟାଲ ନିମ୍ନମାନର ବାଦାମ ଲଡୁ ସହ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଛି।

ଉଦିତନଗର ସ୍ଥିତ ଓରାମପଡା ଅଞ୍ଚଳରେ ବିଜୟଲକ୍ଷ୍ମୀ ସୁଇଟ୍ ନାମରେ ଏକ କାରଖାନା ରହିଛି। ଏହି କାରଖାନାରେ ଅସ୍ୱାସ୍ଥ୍ୟକର ପରିବେଶରେ ବାଦାମ ଲଡୁ ତିଆରି କରାଯାଉଥିବାବେଳେ ୩ ମାସ ତଳେ ଆରଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଟିସ ମଧ୍ୟ ଜାରି କରାଯାଇଥିଲା। ମାତ୍ର କାରଖାନା କର୍ତ୍ତୃପକ୍ଷ ଉକ୍ତ ନୋଟିସକୁ ବେଖାତିର ଚିକି ଓ ବାଦାମ ଲଡୁ ତିଆରି କରି ସହରରେ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। କାରଖାନାରେ ତିଆରି ହେଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଗୁଡିକ ଅତି ନିମ୍ନମାନର ହୋଇଥିବା ଆରଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଏସ୍.କେ ପରିଡା କୌଣସି ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ କାରଖାନାର କୌଣସି ଲାଇସେନ୍ସ ନ ଥିବାବେଳେ ନକଲି ଗୁଡ, ପୋଡାତେଲ, ପୋକାବାଦାମ ଓ ନିମ୍ନମାନର ମଇଦାକୁ ଜବତ କରାଯାଇଥିଲା। ପରେ ରାଉରକେଲା ଅତିରିକ୍ତ ମାଜିଷ୍ଟ୍ରେଟ୍ ବବିତା ମୁର୍ମୁଙ୍କ ଉପସ୍ଥିତିରେ କାରଖାନାକୁ ସିଲ୍ କରାଯାଇଥିଲା। ଏଥିସହ ବିଭାଗୀୟ ଅଧିକାରୀମାନେ ଉକ୍ତ ଫ୍ୟାକ୍ଟ୍ରିରେ ତିଆରି ହୋଇଥିବା ନିମ୍ନମାନର ବାଦାମ ଲଡୁ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ଲ୍ୟାବ୍‌କୁ ପଠାଇଥିଲେ। ଆରଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା, ମୋନାଲିସା ଟପୋ, ଦିଷା ଦେଙ୍କ ସମେତ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ହକି ବିଶ୍ୱକପ୍ ପୂର୍ବରୁ ଖାଦ୍ୟ ସୁରକ୍ଷା ନିମନ୍ତେ ଏଭଳି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ବେହେରା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ମଧୁସୂଦନପାଲି ଅଞ୍ଚଳରେ ଥିବା ଏକ ନକଲି ସସ୍ ଫ୍ୟାକ୍ଟ୍ରିରେ ଆରଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅଢ଼େଇ କୁଇଣ୍ଟାଲ ନକଲି ସସ୍ ଜବତ କରାଯାଇଥିଲା।



ବାଦାମ ଲଡୁ କାରଖାନାରେ ଚଢାଉ କରାଯାଉଛି।

# ଢାବାରେ ଚଢାଉ, ଜଣେ ଗିରଫ

ରାଉରକେଲା ଅଫିସ,୧୮।୧୧

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଡେଲିମାର୍କେଟ ଅଞ୍ଚଳର ଏକ ଢାବରେ ପୋଲିସ ଶୁକ୍ରବାର ଚଢାଉ କରିଛି। ଚଢାଉ ସମୟରେ ପୋଲିସ ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ଢାବା ମାଲିକ ସୁରେନ୍ଦ୍ର କୁମାର ଓରଫ(ଛୋଟୁ)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୫ଟି ବିୟର ବୋତଲ ଏବଂ ୫୦ଲିଟର ଦେଶୀ ମଦ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୪୬୦।୨୨) ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସୁରେନ୍ଦ୍ର ଡେଲିମାର୍କେଟ ଅଞ୍ଚଳରେ ଢାବା ବ୍ୟବସାୟ କରିଛନ୍ତି। ଉକ୍ତ ଢାବାରେ ସେ ବେଆଇନ ମଦ କାରବାର କରୁଥବବା ଅଭିଯୋଗ ପାଇ ପୋଲିସ ଶୁକ୍ରବାର ଚଢାଉ କରିଥିଲା।

## ଗ୍ୟାସ୍ ସିଲିଣ୍ଡରରେ ନିଆଁ, ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ

**ରାଉରକେଲା ଅଫିସ,୧୮।୧୧:** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ତିଳକାନଗର ଅଞ୍ଚଳରେ ଜଣେ ଗ୍ୟାସ ବ୍ୟବସାୟୀଙ୍କ ଘରେ ଥିବା ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସନ୍ତୋଷ ସିଂ ବନ୍ଧମୁଣ୍ଡା ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ବ୍ୟବସାୟ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ଏକ ଗ୍ୟାସ ଟାଙ୍କି ଲିକ୍ ହେବା ଯୋଗୁ ନିଆଁ ଲାଗିଯାଇଥିଲା। ସେ କୌଶଳକ୍ରମେ ନିଆଁକୁ ଆୟତ୍ତ କରିନେବାରୁ ଏକ ବଡଧରଣର ବିପଦରୁ ପରିବାର ଲୋକ ଅଳ୍ପକେ ବର୍ତ୍ତିଯାଇଥିଲେ।

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଦଖଲ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍- ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ସେମାନଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ପ୍ରତିଷ୍ଠା ଅଟୋମୋବାଇଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରବିର କୁମାର ସାସମଲ, ସା: ପ୍ଲଟ୍ ନଂ.: ୨୩୬/୮୦୦, (ଏନ୍‌ଏଚ୍-୧୬ ପାର୍ଶ୍ୱରେ) ନହରକଣ୍ଟା, ଥାନା: ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧, ଜିଲ୍ଲା: ଖୋର୍ଦ୍ଧା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ପ୍ରଣବ କୁମାର ସାସମଲ, ପିତା: ଲକ୍ଷ୍ମୀଧର ସାସମଲ, ୨) ଲକ୍ଷ୍ମୀଧର ସାସମଲ, ୩) ଶ୍ରୀମତୀ ନିରୁପମା ସ୍ୱାଇଁ, ସ୍ୱାମୀ: ଲକ୍ଷ୍ମୀଧର ସାସମଲ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୧୪/୩୩୫୩, ବଜରଙ୍ଗ ବିହାର, କିଟ କୋଏଲ କ୍ୟାମ୍ପସ, ପଟିଆ, ଭୁବନେଶ୍ୱର- ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଶ୍ରୀମତୀ ନିରୁପମା ସ୍ୱାଇଁ | ଆବାସିକ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୧୪/୩୩୫୩, ପ୍ଲଟର କ୍ଷେତ୍ର: ୨୪୮୩ ବର୍ଗଫୁଟ ଏବଂ ତଳମହଲାର ନିର୍ମିତ କ୍ଷେତ୍ର: ୧୬୨୨ ବର୍ଗଫୁଟ ଏବଂ ପ୍ରଥମ ମହଲା କ୍ଷେତ୍ର: ୧୬୬୦ ବର୍ଗଫୁଟ, ଖାତା ନଂ.: ୪୭୪/୧୫୯୩, ମୌଜା: ପଟିଆ, ଥାନା: ନିଉ କ୍ୟାପିଟାଲ ନଂ.: ୨୨, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସବ ପ୍ଲଟ୍ ନଂ.: ୭, ପଶ୍ଚିମ: ରାସ୍ତା, ଉତ୍ତର: ସବ ପ୍ଲଟ୍ ନଂ.: ୩, ଦକ୍ଷିଣ: ରାସ୍ତା | ୧୭.୦୧.୨୦୨୦ | ୧୮.୧୧.୨୦୨୨ | ୧୭.୦୧.୨୦୨୦ ସୁଦ୍ଧା ଟ.୧,୨୬,୦୮,୭୭୧.୦୪ + ୧୭.୦୧.୨୦୨୦ ଠାରୁ ସେବାବଦ ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୮.୧୧.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ରାଉରକେଲା ଅଫିସ,୧୮।୧୧

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ୭୦୦ ଶଯ୍ୟା ବ୍ୟବସ୍ଥା କରିବା ସହିତ ବିଭିନ୍ନ ବିଭାଗରେ ଖାଲି ପଡିଥିବା ଆବଶ୍ୟକ ଡାକ୍ତର, ବିଶେଷଜ୍ଞ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ କଂଗ୍ରେସ ଦାବି କରିଛି। ଏହି ମର୍ମରେ ରାଉରକେଲା ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାଉରକେଲା ସହରର ୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମେତ ସୁନ୍ଦରଗଡ ଜିଲାର ଗ୍ରାମାଞ୍ଚଳ ଓ ପଡୋଶୀ ରାଜ୍ୟର ଲୋକମାନେ ରାଉରକେଲା ସରକାରୀ ଡାକ୍ତରଖାନା ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ୨୦୧୯ ଅକ୍ଟୋବର ମାସରେ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୧୨୮ରୁ ୪୦୦କୁ ବୃଦ୍ଧି କରିବା ପାଇଁ ସରକାର ଘୋଷଣା କରିଥିଲେ ହେଁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ ପ୍ରାୟ ୨୭୫ ଶଯ୍ୟାରେ ରୋଗୀ ଚିକିତ୍ସା ହେଉଥିବା ବେଳେ ଶଯ୍ୟା ଅଭାବରୁ ଶହ ଶହ ରୋଗୀ ଚଟାଣରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଡାକ୍ତରଖାନା ପାଇଁ ୭୬ଟି ଡାକ୍ତର ଓ ବିଶେଷଜ୍ଞ ପଦବୀ ମଞ୍ଜୁରୀ ଥିବାବେଳେ ସେଥିମଧ୍ୟରୁ ପ୍ରାୟ ୩୫ଟି ପଦବୀ ଖାଲି ପଡିଛି। ଆବଶ୍ୟକ ଶଯ୍ୟା, ଡାକ୍ତର, ବିଶେଷଜ୍ଞ, ନର୍ସ ଓ ପାରା ମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁ ରାଉରକେଲା ସ୍ମାର୍ଟସିଟିରେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଦଳ ପକ୍ଷରୁ କୁହାଯାଇଛି। ତେଣୁ ଉକ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି । ଉକ୍ତ ଦାବିଗୁଡିକ ଉପରେ ଆସନ୍ତା ମାସକ ଭିତରେ ସକରାତ୍ମକ ନିଷ୍ପତ୍ତି ନ ନେଲେ ଜିଲା କଂଗ୍ରେସ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଡାକ୍ତରଖାନା ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କ ସହ ଆଲୋଚନା ବେଳେ ଏହି ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଛନ୍ତି। ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ସବୀର ହୁସେନ, ପ୍ରଭାତୀ ମିଶ୍ର, ତୁଳସୀ ନାଗ, ନିହାର ଦାସ,ବୈଲୋଚନ ସାହୁ, ନିରୂପମା ବଳିୟାରସିଂହ ଶୋଭା ସିଂହ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

# ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା ଅଫିସ,୧୮।୧୧

ରାଉରକେଲା ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ପ୍ରଥମ ଭାଗୀରଥି ବେହେରା ସ୍ମୃତି ଚେସ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଚେସ୍ ପ୍ରତିଯୋଗିତାକୁ ଓଡିଶା ଚେସ୍ ମହାସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ କ୍ରୀଡାବିତ ଜେମ୍‌ସ କୁଜୁର, କଳାକାର ପ୍ରଧାନ, ରାଉରକେଲା ଆକାଶବାଣୀ କେନ୍ଦ୍ରର ଭାରପ୍ରାପ୍ତ ନିର୍ଦ୍ଦେଶକ ଜୟଦେବ ଭୁଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ଓ ପାନପୋଷ କ୍ରୀଡା ସଙ୍ଗଠନ ସହାୟତାରେ ଏହି ଚେସ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଭାଗୀରଥି ବେହେରା ସ୍ମୃତି କମିଟି ଅଧ୍ୟକ୍ଷା ସୌମ୍ୟା ଶିବାଳିକା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବରିଷ୍ଠ, କନିଷ୍ଠ ବର୍ଗରେ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସମସ୍ତ ବର୍ଗର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କ୍ରୀଡା ଉତ୍ସବ ପାନପୋଷ କ୍ରୀଡା ସଙ୍ଗଠନ ଉପସଭାପତି ମହେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଜଳଧର ପ୍ରଧାନ, ସଙ୍ଗଠନ ସଭାପତି ରଞ୍ଜିତ ସାହାଣୀ, ପ୍ରଦୀପ ବିଶୋଇ, ପ୍ରକାଶ ସାହୁ, ଦେବୀ ପ୍ରସାଦ ସ୍ୱାଇଁ, ସୁଜିତ ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ।

## GOVT. OF ODISHA — No. O-1278
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-16/2022-23, Date: 16.11.2022

**NOTICE INVITING TENDERS FOR ROAD AND BRIDGE WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road Works including 5 years Post Construction Maintenance under Tansferred Road Improvement Programme (TRIP) for the year 2022-23 in the District of Nuapada.
2. No. of Works : 03 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 23.11.2022 11.00 A.M. | 08.12.2022 5.00 P.M. | 07.12.2022 | 09.12.2022 at 11.00 A.M. |

Further details can be seen from the website "www.tendersorissa.gov.in".

Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0019/2223

## OFFICE OF THE SUPERINTENDENT SCB MEDICAL COLLEGE HOSPITAL, CUTTACK

E-mail: scbsuperintendent@gmail.com
No. 26154 Dt.17.11.2022

**TENDER CALL NOTICE**

E-647: Sealed tenders are invited from the interested Manufacturer/Authorized Dealers/Suppliers for supply of Computer Antivirus in SCB Medical College Hospital, Cuttack. The detailed of tender papers along with terms and conditions can be obtained from Store Section (NTSK Side), Office of the Superintendent, SCB Medical College & Hospital, Cuttack during office hours from 11 A.M. to 4 P.M. on all working days on payment of Rs.500/- (Rupees five thousand) only in the Accounts Section (Govt.) and also obtained from website i.e. **"http://www.scbmch.in"** from 19.11.2022. The tender paper should reach the office of the undersigned with all requisite documents through Speed Post/Regd. Post only by 05.12.2022 by 4 P.M. The authority reserves the right to cancel or reject any or all the tenders without assigning any reason thereof.

Sd./- Medical Superintendent
SCB Medical College Hospital, Cuttack
OIPR-10186/11/0024/2223

## CONFISCATION NOTICE OF ASHOK LEYLAND

No. MM-277: It is to inform all concerned through this publication that one Ashok Leyland (White Colour) bearing Regd. Number OD-07-AH-4908, Engine Number - CLH024920P, Chassis Number - MBIAA22E6LRCF2607 was seized on road Haladiapadar over bridge for illegal transportation of Forest Produce i.e. Teak Plank - 42 Nos. - 10.74 Cft. and Gambhari Plank - 17 Nos. - 2.16 Cft. on dated 18.03.2022. At the time of seizure one number accused persons was present on the spot. i.e (1) Sri Ajaya Kumar Sahu, Age about 41 years, S/o. Brundaban Sahu, Vill.: Radhamohanpur, P.O.: Badapalanka, P.S.: K. Nuagaon, Dist.-: Ganjam. The aforesaid vehicel along with the seized produce may confiscated for its involvement in OR Case No. 478 of 2021-22 of Brahmapur Range for non-submission of reply to show cause and non-attendance of the accused person/owner thereof on the date of hearing fixed before the forum of the Authorized Officer on dated 03.11.2022.

The final dated of hearing to the aforementioned case is fixed to 24.11.2022 at 11.00 A.M. in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under Section 56 of the Odisha Forest Act, 1972 exparte.

Sd./- Authorized Officer-cum-A.C.F.
Brahmapur Forest Division
OIPR-08038/11/0031/2223

## TPWODL
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :

1. **TPWODL/HS/O/SER/125: Rate Contract for Civil Maintenance Works at Various Offices and Power Sub Stations at PAN TPWODL, Odisha.**
2. **TPWODL/AK/O/SITC/126: Rate Contract for Supply, Erection, Commissioning & handing over of insulated cover conductor for strengthening of electrical infrastructure at elephant corridor and elephant movement area under Phase-IV scheme at TPWODL.**
3. **TPWODL/AK/O/SITC/127: Rate Contract for SITC of Materials of Multiple Jobs (Interposing pole of 11 kV & 33 kV, New cut point at 11 kV & 33 kV Level, Replacement of bare conductor with AB cable, Coupping of Existing pole at 11KV & 33KV level) under "Elephant Corridor" Schemes at TPWODL.**

Interested bidders to submit Tender Participation Fee and Authorization Letter through email on or before **22nd Nov. 2022** (for Sl. no.1) **& 30th Nov. 2022** (for Sl. no. 2 & 3), **17:00Hrs** respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd./- **Chief-Contracts and Stores**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ନିଯୁକ୍ତି

ଓଡ଼ିଶାର ଏକ ସୁନାମଧନ୍ୟ My Shop Company ସବୁ ଜିଲ୍ଲାରୁ ପୁଅ, ଝିଅ ଆବଶ୍ୟକ କରୁଛି। (ଯୋଗ୍ୟତା ୮ମରୁ +୩ ପର୍ଯ୍ୟନ୍ତ)। ଅଭିଜ୍ଞତା ଥିବା ମାର୍କେଟିଙ୍ଗ ଟ୍ରେନର ଆବଶ୍ୟକ। ଦରମା: **7000 to 25000.**
Address: ସାମନ୍ତରାପୁର, ମାରୁତି ନଗର,ଭୁବନେଶ୍ୱର
**Ph:9040339519, 9348879126**

## PEOPLES GROUP

**Required : Front Office, Back Office, Technical, Non-Technical, IT / Data Entry Operator**
**Qualifications : Any**
Plot No: 216/594, Paikanagar Bhubaneswar
Contact: 9861720890, 8280498679

See Career Appointment on every Wednesday & Saturday

## REQUIRED

Need experienced Civil Engineer having experience of Client/Govt. billing for a reputed construction company based in Sambalpur,
**Contact:S M Ventures**
**Mo.- 97703-03683**
E-mail:smventures.cg@gmail.com

## JOB VACANCY

Applications are invited from interested eligible candidates between 21 yrs to 65 yrs for Techno Managerial posts **(Pharmacist, Staff Nurse, Radiographer, Technicians for Laboratory, ECG, Audiometry and Dental, Asst. Librarian, Store Keeper cum Record Clerk/Computer Operator, DEO, Medical Record Keeper, PSA Plant Operator, Fire Safety Assistant etc.)** under DMF to be deployed at **GMCH, Keonjhar** and other health institutions of Keonjhar Dist. on outsourcing basis. The candidates may upload their applications with Bio-Data, pass port size photo, all academic certificates and mark sheets, Experience certificate if any, Aadhar card in a single PDF format in our website www.lkservices.in and follow the link career or submit a hard copy in the address given below by 21.11.2022. Preference will be given to existing experienced candidates with satisfactory performance.

**L & K Services**
Plot No-17, Rajarani Colony,Tankapani Road, Bhubaneswar-751014
Mail id - hr.lkservices@gmail.com, Mob-7978753498

## नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS EXECUTIVES IN VARIOUS DISCIPLINES**

**National Aluminium Company Limited (NALCO)**, a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for committed, promising and result oriented professionals in the following grades of various disciplines for its production units / offices in different locations.

| Discipline | Name of the Post / Grade | No. of Posts |
|---|---|---|
| H&A | Dy. Manager (HRD) /E02 | 10 |
| Environment | Asst.General Manager(Environment)/E05 | 1 |
| Mechanical-Maintenance | Asst.General Manager (Mechanical) / E05 | 1 |
| Despatch | Asst.General Manager (Despatch) /E05 | 1 |
| Electronics & Instrumentation | Asst.General Manager (E&I) / E05 | 1 |
| Refractory | Dy. Manager(Refractory)/ E02 | 3 |
| Finance | Dy. Manager( Finance) /E02 | 4 |
| Safety | Dy. Manager(Safety) /E02 | 3 |
| | Asst. General Manager( Safety ) /E05 | 1 |
| Systems | Dy.Manager (Systems)/ E02 | 1 |
| Geology | Dy. Manager (Geology) /E02 | 1 |
| | Asst.General Manager (Geology)/ E05 | 1 |
| Survey | Dy. Manager (Survey)/E02 | 1 |
| Materials | Dy. Manager (Materials)/ E02 | 6 |
| Horticulture | Dy. Manager(Horticulture)/ E02 | 4 |

**Important Dates :**

| | |
|---|---|
| Opening of online Submission of application | 11/11/2022 |
| Last date of Submission of online application | 10/12/2022 |

The interested candidates may visit the **Career Section** of company's website **www.nalcoindia.com** for further details and apply online.
**Advt. No.10220914, Dt. 03/11/2022**

## SPOT ADMISSION NOTICE

No. CAD-2781

NCCT

## MADHUSUDAN INSTITUTE OF COOPERATIVE MANAGEMENT

**Unit - VIII, Bhubaneswar - 751012**
**(Ministry of Cooperation, Government of India)**
**Tel.: 0674-2562826/2561744**
**Mob.: 8895551492/9178515289/9778094689**

## MBA : 2022-2023

**Date of Reporting 21st November 2022**

OJEE 2022 rules and regulations will be followed during Spot Admission.

The total admission fees is Rs.66,400/-. However, the selected candidates shall have to deposit the Part Course Fees of Rs.25,850/- on the same day in shape of Demand Draft drawn in favour of **Director, Madhusudan Institute of Cooperative Management** payable at **Bhubaneswar** to confirm his/her allotment. Balance fees Rs.46,000/- has to be deposited online vide NEFT.

The guidelines and eligibility criteria prescribed by the AICTE/Govt. of Odisha/OJEE will be strictly followed for final admission.

The candidates are required to bring One set of Photocopies of all relevant documents along with all original documents. 2 Passport size photographs and 2 stamp size photographs.

**N.B.: Without Demand Draft, Original CLC/TC, Candidates will not be allowed to participate in Spot Admission.**

**Sd./- Director**
**OIPR-39011/11/0004/2223**

## ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

ନୋଟିସ ସଂଖ୍ୟା 2947 — ତାରିଖ 18.11.22

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ 2022 ଅନୁଯାୟୀ ନୀଳଗିରି ତହସିଲ ଅନ୍ତର୍ଗତ ରୟତି ଜମିରେ ଥିବା ଲଘୁ ଖଣିଜ ସମ୍ପଦ ଯଥା 1. ଜାମୁଡ଼ିହା ମୋରମ ଖଣି, 2. ଭୋଳଡାଙ୍ଗ ମୋରମ ଖଣି, 3. ଜାମୁଡ଼ିହା ପଥର ଖଣି ନଂ.-୧, 4. ଜାମୁଡ଼ିହା ପଥର ଖଣି ନଂ.-୨ ଗୁଡିକୁ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା ୨୫୭୨୩/୨୦।୦୮।୨୦୧୬ରିଖର ସର୍ତ୍ତ ଅନୁସାରେ ଫର୍ମ M ପୂରଣ କରି ୩ କପି ସହ ଏହି ତହସିଲର ପତ୍ର ସଂଖ୍ୟା 2945 ତା 18.11.2022 ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା 05.12.2022ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ବାଲେଶ୍ୱର ଜିଲ୍ଲା Website- baleswar.nic.inରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ଜାଣିପାରିବେ।

**ସ୍ୱା./- ତହସିଲଦାର, ନୀଳଗିରି**

## ସଂକ୍ଷେପରେ

### ସୁନ୍ଦରଗଡ଼ ମେଡ଼ିକାଲ କଲେଜରେ ନାମଲେଖା ଆରମ୍ଭ

ସୁନ୍ଦରଗଡ଼,୧୮।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ମେଡ଼ିକାଲ କଲେଜ ଓ ହସପିଟାଲରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ଠାରୁ ଏଠାରେ ପାଠପଢା ପାଇଁ ସରକାରଙ୍କ ଘୋଷଣା ଓ ଆବଶ୍ୟକ ଅନୁମତି ମିଳିବା ପରେ ଶୁକ୍ରବାର ନାମଲେଖା ଆରମ୍ଭ ହୋଇଛି। ଏଠାରେ ଡାକ୍ତରୀ ପାଠ ପଢିବା ପାଇଁ କେନ୍ଦ୍ରିୟ କୋଟାରେ ହରିଆନା ଓ ଲକ୍ଷୌର ୨ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହରିୟାଣା ଫରିଦାବାଦର ହର୍ଷ ଝା ପ୍ରଥମ ଛାତ୍ର ଭାବେ ଏଠାରେ ନାମ ଲେଖାଇଛନ୍ତି। ହର୍ଷ ଏହି କ୍ୟାମ୍ପସ ଓ ବିଭିନ୍ନ ବିଭାଗ ତଥା ଲାଇବ୍ରେରୀ ବେଶ ସୁନ୍ଦର। ଏଠାରେ ପାଠ ପଢି ନିଶ୍ଚିତ ଭାବେ ଏହି କଲେଜର ସୁନାମ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି, ଏଠାରେ ୧୦୦ସିଟ ମଧରେ ୧୫ଟି କେନ୍ଦ୍ରୀୟ କୋଟା ରହିଥିବା ବେଳେ ୮୫ଟି ରାଜ୍ୟ କୋଟା ରହିଛି।

### ୩ ଲକ୍ଷ ଚେକ ବାଉନ୍ସ ମାମଲା: ଅଭିଯୁକ୍ତ ମହିଳା ଗିରଫ

ସୁନ୍ଦରଗଡ,୧୮।୧୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଭସ୍ମା ଥାନା ପୋଲିସ ଶୁକ୍ରବାର ଚେକ ବାଉନ୍ସ ମାମଲାରେ ଜଣେ କୋର୍ଟ ୱାରେଣ୍ଟି ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଳ ଗ୍ରାମର ତାରାକାନ୍ତୀ ପଟେଲ। ତାଙ୍କୁ ଯୋଗିମାଳ ସ୍ଥିତ ବାସଭବନରୁ ସକାଳେ ଭସ୍ମା ପୋଲିସ ଗିରଫ କରିଛି। ସେ ଏକ ପ୍ରତିଷ୍ଠିତ ଶିକ୍ଷାବିତ ପରିବାରର ଝିଅ ଓ ବୋହୂ। ପୋଲିସ ସୂଚନା ଅନୁସାରେ ୨୦୦୩ ମସିହାରେ ରାଉରକେଲା କୋଏଲ ନଗର ଡି/୩୯୪ ର ବାସିନ୍ଦା ନିଲାଦ୍ରି ଦାଶଙ୍କ ଠାରୁ ସେ ତିନି ଲକ୍ଷ ଉଧାରି ଆଣିଥିଲେ। ବାରମ୍ଵାର ଟଙ୍କା ଫେରାଇବାକୁ କହିବାରୁ ଦେବା ପାଇଁ ମନା କରୁଥିଲେ। ତାପରେ ଏକ ଲକ୍ଷ ଲେଖାଏଁ ତିନୋଟି ଚେକ ୨୦୦୫ ମସିହାରେ ଦାଶଙ୍କୁ ଦେଇଥିଲେ। ଚେକଟି ନିଜ ଜମା ଖାତାରେ ଜମା କରିବାରୁ ଚେକ ବାଉନ୍ସ ହୋଇଯାଇଥିଲା। ତାପରେ ବାଧ ହୋଇ ଦାଶ କୋର୍ଟର ଆଶ୍ରୟ ନେଇ ଓକିଲଙ୍କ ତରଫରୁ ନୋଟିସ ଦେଇଥିଲେ। କୌଣସି ଠିକ ଉତ୍ତର ନ ଆସିବାରୁ କୋର୍ଟରେ ଦାଶ କେଶ କରିଥିଲେ। ହେଲେ ୨୦୦୭ ମସିହାରୁ ପ୍ରାୟ ୬ ବର୍ଷ ଗିରଫ ଭୟରେ ଲୁଚି ରହିଥିଲେ। ୨୬/୦୭/୨୦୧୪ ମସିହାରେ କୋର୍ଟ ଏକ ରାୟ ଦେଇଥିଲେ ୩୫୦୦୦୦ ଟଙ୍କା ଫେରସ୍ତ ସହିତ ଏକ ବର୍ଷ ଜେଲ ଦଣ୍ଡ। ଇତି ମଧରେ ଦାଶ ଆରପାରିକୁ ଚାଲିଗଲେ। ତାପରେ ତାଙ୍କ ଝିଅ ପାର୍ବତୀ ଦାଶ ଏବଂ ପୁଅ ଗଣେଶ ଦାଶ ଟଙ୍କା ଫେରସ୍ତକୁ ଅପେକ୍ଷା କରିଥିଲେ। ଦୀର୍ଘ ୧୭ ବର୍ଷର ଅପେକ୍ଷା ପରେ ୮ ଅଗଷ୍ଟ ୨୦୨୨ ମସିହା ଦିନ ଅତିରିକ୍ତ ଜିଲା ଜର୍ଜ ରାଜଲକ୍ଷ୍ମୀ ପଟ୍ଟନାୟକ ୨୦୧୪ ମସିହାର ରାୟକୁ ସମର୍ଥନ ଜଣାଇ ସମାନ ରାୟ ଦେଇଥିଲେ। ଦାସଙ୍କ ତରଫରୁ ଓକିଲ ନନ୍ଦଲାଲ ପଟେଲ ଏହି ମାମଲା ଲଢ଼ିଥିଲେ। ସେପ୍ଟେମ୍ବର ମାସ ୮ ତାରିଖ ପର୍ଯ୍ୟନ୍ତ ଅପିଲ ନ କରିବାରୁ କୋର୍ଟ ୱାରେଣ୍ଟ ଜାରି କରି ଭସ୍ମା ଥାନାକୁ ପଠାଇ ଥିଲେ। ଏକ ମାସ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କ କୌଣସି ସନ୍ଧାନ ନ ପାଇବାରୁ ପାର୍ବତୀ ଦାଶଙ୍କ ସ୍ୱାମୀ ଅକ୍ଟୋବର ୧୮ ତାରିଖ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଲିଖିତ ଅନୁରୋଧ କରିଥିଲେ। ଏସପି ସବୁ ବିଷୟ ବୁଝି ସାରିଲା ପରେ ସାଙ୍ଗେ ସାଙ୍ଗେ ଭସ୍ମା ଥାନା ଅଧିକାରୀଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆଉଟ ସୋର୍ସିଂ କର୍ମଚାରୀ ସଂଘର ଦାବିପତ୍ର

**ନିଯୁକ୍ତିକୁ ନିୟମିତ ଏବଂ ସରକାରୀ କର୍ମଚାରୀର ମାନ୍ୟତା ଦାବି**

ଦେବଗଡ଼,୧୮।୧୧(ଡି.ଏନ.ଏ)



ଆଉଟ ସୋର୍ସିଂ କର୍ମଚାରୀ ଦାବିପତ୍ର ଦେବାକୁ ଯାଉଛନ୍ତି।

ସରକାର ଆଉଟ ସୋର୍ସିଂ କର୍ମଚାରୀମାନଙ୍କ ନିଯୁକ୍ତିକୁ ନିୟମିତ କରିବା ସହ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ଦାବିରେ ଓଡ଼ିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ସଂଘ ଦେବଗଡ଼ ଶାଖା ପକ୍ଷରୁ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦେବଗଡ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ସଂଘ, ଦେବଗଡ ଶାଖା ସମ୍ପାଦକ ଦିବ୍ୟଶଙ୍କର ଗିରିଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟାସଦସ୍ୟ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏ ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦେବଗଡ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ଗିରିଙ୍କ ସମେତ ଉପଦେଷ୍ଟା କମଳିନୀ ରଥ ଓ ବ୍ୟୋମକେଶ ଶତପଥି, ସଦସ୍ୟ ସୁବ୍ରତ ସାହୁ ଓ ସଦସ୍ୟା ପୁଷ୍ପାଞ୍ଜଳୀ ଦାଶଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଉପରୋକ୍ତ ଦାବିରେ ଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ସଂଘର ଡାକରାରେ ସମଗ୍ର ରାଜ୍ୟରେ ଆଉଟ ସୋର୍ସିଂ କର୍ମଚାରୀମାନେ ଗତ ୧୪ଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ତୁଲାଉଥିବା ବେଳେ ଆଗାମୀ ୨୬ତାରିଖ ଭୁବନେଶ୍ୱରଠାରେ ଶାନ୍ତିପୂର୍ଣ୍ଣ ସମୂହ ଗଣଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ଗୌରବ ଦିବସରେ ସମ୍ମାନିତ ହେଲେ ଲହୁଣୀପଡ଼ାରୁ ୪ଜଣ

ଲହୁଣୀପଡ଼ା, ୧୮।୧୧(ଡି.ଏନ.ଏ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର ଓ ରାଜ୍ୟ ଆଦିବାସୀ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଆଦିବାସୀ ଗୌରବ ଦିବସ ଅବସରରେ ଆଦିବାସୀଙ୍କ ଉନ୍ନତି ସକାଶେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଲହୁଣୀପଡା ବ୍ଲକର ୪ ଜଣଙ୍କୁ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। ଆଦିବାସୀ ସଙ୍ଗୀତ କ୍ଷେତ୍ରରେ ଯୁବ ସଙ୍ଗୀତଜ୍ଞ ତଥା ପ୍ରକୃତିପ୍ରେମୀ ଭାବରେ ରାଜାମୁଣ୍ଡା ପଞ୍ଚାୟତ ସୁରୁପତଲା ଗ୍ରାମର ଭୁବନାନନ୍ଦ କିଷାନ,ସମ୍ମାନିତ କରାଯାଇଥିଲା ବେଳେ ଆୟୁର୍ବେଦିକ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଡପୁଣାପାଣି ପଞ୍ଚାୟତ ପଟାଝରଣ ଗ୍ରାମର ପିୟୁସ ମୁଣ୍ଡା ଓ କଲେଇପୋଷ ପଞ୍ଚାୟତ କରୁପଡା ଗ୍ରାମର ପଦ୍ମା ଓରାମ, ସେହିଭଳି ଆଦିବାସୀ ସାହିତ୍ୟ କ୍ଷେତ୍ରରେ ବଡପୁଣାପାଣି ପଞ୍ଚାୟତର ଜୁନିଆନି ଗ୍ରାମର ରୁଦ୍ରଚରଣ ମାଝୀଙ୍କୁ ପଦକ, ମାନପତ୍ର, ଉପଢୌକନ ସାଙ୍ଗକୁ ନଗଦ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ଦେଇ ସମ୍ମାନିତ କରିଯାଇଥିଲା ବୋଲି ଜଣାପଡିଛି। ଅଞ୍ଚଳରେ ଖୁସିର ଲହର ଖେଳିଯାଇଥିବା ବେଳେ ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ବିଡ଼ିଓ ଧାନାଇ ଚରଣ ଟୁଡୁ, ଡବ୍ଲୁଇଓ ଭାଗବତ ଟୁଡୁ, ଜିପିଓ ଜଗଦୀଶ ଓରାମ ପ୍ରମୁଖ ଉପସ୍ଥିତ ରହିବା ସହିତ ଲହୁଣୀପଡା ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଦେଇ ଥିବାରୁ ଚାରିଜଣଙ୍କୁ ଲହୁଣୀପଡା ବ୍ଲକ ପକ୍ଷର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି।

# କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୨ୟ ସାଧାରଣ ବୈଠକ


କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୨ୟ ସାଧାରଣ ବୈଠକରେ ଉପସ୍ଥିତ ଅଧିକାରୀ, ଅତିଥି।

କୁଆଁରମୁଣ୍ଡା,୧୮।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୨ୟ ସାଧାରଣ ବୈଠକ ଗୁରୁବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଯୋଜନା କରିଥିଲେ ବିଡିଓ ତୃପ୍ତି ବରେଇ। ସମ୍ମାନିତ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେର୍କେଟା, ପଞ୍ଚାୟତ ସମିତି ଉପାଧକ୍ଷା ସୁନିତା ଅହିର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ ବିଭାଗ, ବିଦ୍ୟୁତ୍, ପ୍ରାଣୀ ସମ୍ପଦ, ଓଡିଶା ଜୀବିକା ମିଶନ, ଆଇସିଡିଏସ୍, କୃଷି, ଉଦ୍ୟାନ କୃଷି, ଉନ୍ନୟନ ବିଭାଗ, ଜଙ୍ଗଲ ଇତ୍ୟାଦି ବିଭାଗର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା। ଉନ୍ନୟନ କାର୍ଯ୍ୟ ସମୟରେ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହି ତଦାରଖ କରିବା ପାଇଁ ଜନପ୍ରତିନିଧିମାନେ ଦାବି କରିଥିଲେ। ସେହିପରି ଉଦ୍ୟାନ କୃଷି ବିଭାଗ କୁଆଁରମୁଣ୍ଡା ଅଞ୍ଚଳରେ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ନେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଅଭିଯୋଗ କରିଥିଲେ। ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା, ଜଳ ଓ ପରିମଳ ବିଭାଗ ଦ୍ୱାରା ପ୍ରତ୍ୟେକ ଘରକୁ ପାଇପ୍ ପାଣି ଯୋଗାଣ ନିମନ୍ତେ ବୈଠକରେ ଦାବି କରାଯାଇଥିଲା। ଏହି ବୈଠକରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ବିଇଓ ସଦାନନ୍ଦ ପଧାନ, ବ୍ଲକ କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା.ଶୁଭେନ୍ଦୁ ଘୋଷ,ବିଦ୍ୟୁତ ବିଭାଗ ଏସଡିଓ ଇଂ.ଅକ୍ଷୟ କୁମାର ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମ, ଟିସି ଭରତ ସାହୁ, ସୁରେନ୍ଦ୍ର ବିଶ୍ୱାଳ, ଆରଡବ୍ଲୁଏସଏସ ଏସଡିଓ ବନ୍ଦିତା ପ୍ରିୟଦର୍ଶିନୀ ସାମଲ, ଓଏଲଏମ ବିପିଏମ୍ ପ୍ରସନ୍ନ କୁମାର ମୋଦି ପ୍ରମୁଖ ଉପସ୍ଥିତ ରହି ନିଜ ବିଭାଗର କାର୍ଯ୍ୟଗୁଡିକ ସମ୍ପର୍କରେ ବିବରଣୀ ରଖିଥିଲେ। ବୈଠକରେ ସଭା କାର୍ଯ୍ୟକୁ ଏବିଡିଓ ପ୍ରଶାନ୍ତ ଜେନା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଜିପିଇଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହାୟତା କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚୋରା ଗଞ୍ଜେଇ ମାମଲାରେ ୧୦ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,୧୮।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଦୌରାଜଜ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏକ ଗଞ୍ଜେଇ ମାମଲାର ଶୁଣାଣି କରି ଅଭିଯୁକ୍ତ ହେମଗିର ଥାନା ଅନ୍ତର୍ଗତ ଟପରିଆ ଗ୍ରାମର କାର୍ତ୍ତିକ ପ୍ରଧାନଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ପାଇଁ କୋର୍ଟ ତାଙ୍କର ରାୟରେ ଆଦେଶ ଦେଇଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ଗତ ୨୭।୫।୨୦୧୮ରେ ହେମଗିର ଅଞ୍ଚଳରେ ଚୋରା ଗଞ୍ଜେଇ ଗଚ୍ଛିତ ଥିବା ସମ୍ପର୍କରେ ସୂଚନା ପାଇ ଅବକାରୀ ଗୋଇନ୍ଦା ବିଭାଗର ତତ୍କାଳୀନ ଅଧିକାରୀ ନରୋତ୍ତମ ମିଶ୍ରଙ୍କ ନେତୃତ୍ୱରେ ଟପରିଆ ଗ୍ରାମରେ ଚଢାଉ କରାଯାଇଥିଲା। କାର୍ତ୍ତିକ ପ୍ରଧାନଙ୍କୁ ଗିରଫ କରାଯିବା ସହ ତାଙ୍କ ଘରେ ଗଚ୍ଛିତ ରଖିଥିବା ୨ କୁଇଣ୍ଟାଲ ୨୫କେଜି ଗଞ୍ଜେଇ ଜବତ କରାଯାଇଥିଲା। କାର୍ତ୍ତିକଙ୍କୁ ଗିରଫ ପରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତକୁ ପଠାଯାଇଥିଲା। ଅତିରିକ୍ତ ଜିଲା ଦୌରାଜଜ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୧୧ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ସରକାରୀ ମୁଖ୍ୟ ଓକିଲ ଅବଦୁଲ ସମୀମ ଅଖତାର ସ୍ୱତନ୍ତ୍ର ସରକାରୀ ଓକିଲ ସୁନ୍ଦର ଲାଲ ବେହେରା ମାମଲାକୁ ପରିଚାଳନା କରିଥିଲେ।

# କୋଇଡ଼ାରେ ବୀର ବିର୍ସା ମୁଣ୍ଡା ଜୟନ୍ତୀ



ଟେନ୍ସା, ୧୮।୧୧(ଡି.ଏନ୍.ଏ)

ପ୍ରତ୍ୟେକ ବର୍ଷ ପରି କୋଇଡା ଖଣି କ୍ଷେତ୍ରରେ ବିର୍ସା ମୁଣ୍ଡା ଆଦିବାସୀ ସଂଘ କୋଇଡା ପକ୍ଷରୁ ଶହୀଦ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ଆଦିବାସୀ ବେଶ ଓ ବାଦ୍ୟ ଗୀତର ତାଳେତାଳେ ଶହଶହ ମହିଳା ପୁରୁଷ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟ ଅତିଥି ମଧ୍ୟରେ ସିପିଆଇଏମ୍ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ଡିଗ୍ରୀ କଲେଜ ବରିଷ୍ଠ ଅଧାପକ ପ୍ରଦୀପ କୁମାର ପଟ୍ଟନାୟକ, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ପ୍ରଭାତ ପଣ୍ଡା, ସମାଜସେବୀ ବାଦଲ ବାରିକ ପ୍ରମୁଖ ଶୋଭାଯାତ୍ରା ସହ ନୃତ୍ୟ ପରିବେଷଣ କରି ବସଷ୍ଟାଣ୍ଡ ପହଞ୍ଚିଥିଲେ। ସର୍ବ ପ୍ରଥମେ କୋଇଡା ବସ୍‌ଷ୍ଟାଣ୍ଡସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ଜଳିତ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କୋଇଡାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିଶୁ, ମହିଳା ଓ ପୁରୁଷମାନେ ଆଦିବାସୀ ନୃତ୍ୟ ପରିବେଷଣ କରି ସଂଘ ପକ୍ଷରୁ ପୁରସ୍କୃତ ହୋଇଥିଲେ। ବିର୍ସା ମୁଣ୍ଡା ଆଦିବାସୀ ସଂଘ କୋଇଡାର ସଭାପତି ଅର୍ଜୁନ ନାଏକ, ସମ୍ପାଦକ ଜନଡୁଙ୍ଗଡୁଙ୍ଗ, କୋଷାଧକ୍ଷ ତ୍ରିଲୋଚନ ସାହୁ, ସନ୍ତୋଷ ବେହେରା, ଆନନ୍ଦ ବାରିକ, ଇନ୍ଦ୍ରମଣି ବେହେରା, ନିକୋଲସ ଟପ୍ପୋ, ସରୋଜ ପାତ୍ର, ଶ୍ୟାମ ପାତ୍ର ପ୍ରମୁଖଙ୍କ ସହ ସଂଘର ସମସ୍ତ ସଦସ୍ୟ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱେଚ୍ଛାସେବୀ ପଞ୍ଜୀକରଣ କାର୍ଯ୍ୟକ୍ରମ



ସ୍ୱେଚ୍ଛାସେବୀ ପଞ୍ଜୀକରଣ କାର୍ଯ୍ୟକ୍ରମ।

ଦେବଗଡ଼, ୧୮।୧୧(ଡି.ଏନ.ଏ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବାରକୋଟ ବ୍ଲକ କଲା ଗ୍ରାମ ପଞ୍ଚାୟତ ସଦରମହକୁମାସ୍ଥିତ କଲା ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ସ୍ୱେଚ୍ଛାସେବୀ ପଞ୍ଜିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ପ୍ରଧାନ, ଅଧାପକ ସନ୍ଦିପ୍ତ କୁମାର ପୁରୋହିତ ଓ ଲାଇବ୍ରେରିଆନ ଅରୁଣ କୁମାର ଦଳବେହେରା ଯୋଗଦେଇ ସ୍ୱେଚ୍ଛାସେବୀ ପଞ୍ଜିକରଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମରେ ୧୫ ରୁ ୨୯ ବର୍ଷ ବୟସର ଯୁବତୀଯୁବକଙ୍କର ନାମ ପଞ୍ଜିକରଣ କରାଯାଉଛି।

# ସ୍କୁଟିରେ ଯାଉଥିବା ମହିଳାଙ୍କୁ ଘୋଷାଡ଼ି ନେଲା ଟ୍ରକ୍




ବଡ଼ଗାଁ, ୧୮।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରାଏଡିହି ଗାଁ ନିକଟ ବାମଡା ରାସ୍ତାରେ ଶୁକ୍ରବାର ଅପରାହ୍ନ ୪ଟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେଇ ସ୍କୁଟିରେ ଯାଉଥିବା ମହିଳାଙ୍କୁ ୫୦ମିଟର ଘୋଷାଡି ନେବାରୁ ତାଙ୍କ ପ୍ରାଣହାନି ଘଟିଛି। ସେ ହେଲେ ରାଏଡିହି ଗ୍ରାମରେ ଥିବା ସ୍ୱାସ୍ଥ୍ୟ ବିଭାଗର ଏଏନ୍ଏମ ନମ୍ରତା ପଟେଲ(୩୫)। ସୂଚନା ଅନୁଯାୟୀ ସେ ସରକାରୀ କାର୍ଯ୍ୟରେ ଖାର୍ଲା ଗ୍ରାମରେ କାମ ସାରି ରାଏଡିହି ସବସେଣ୍ଟରକୁ ଫେରୁଥିବାବେଳେ ଟ୍ରକ ତାଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଗାଁ ମେଡିକାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ଲେଫ୍ରିପଡା ଥାନା ରାଏବଗା ଗ୍ରାମରେ।

# ୧୯ରୁ ସୁନ୍ଦରଗଡ଼ଠାରେ ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା

ସୁନ୍ଦରଗଡ଼, ୧୮।୧୧(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ସୁନ୍ଦରଗଡ଼ଠାରେ ୧୯ ତାରିଖ ଶନିବାର ୩୯ତମ ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ୮୦ ପ୍ରତିଯୋଗୀ ବାଳିକାବାଳକ ଏବଂ ୨୫ ରେସ ପରିଚାଳକ ଭାଗ ନେଉଛନ୍ତି ବୋଲି ଶୁକ୍ରବାର ସୁନ୍ଦରଗଡ ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗୀ ଓ ରେସ ପରିଚାଳକମାନେ ସୁନ୍ଦରଗଡରେ ପହଞ୍ଚି ସାରିଛନ୍ତି।ଉଭୟ ବାଳିକା ବାଳକ ବିଭାଗରେ ୧୪ ବର୍ଷରୁ କମ, ୧୬ବର୍ଷରୁ କମ, ୧୮ବର୍ଷରୁ କମ ଓ ୨୩ ବର୍ଷରୁ କମ ବୟସ ବର୍ଗ ମଧ୍ୟରେ ବ୍ୟକ୍ତିଗତ ଟାଇମିଂ ରେସ ଓ ସମୂହ ରେସ ଅନୁଷ୍ଠିତ ହେବ। ବିଜୟୀ ପ୍ରତିଯୋଗୀମାନଙ୍କୁ ପ୍ରଥମ ପୁରସ୍କାର ବାବଦରେ ୩୦୦୦ଟଙ୍କା ଓ ମେଡାଲ, ୨ୟ ପୁରସ୍କାର ମେଡାଲ ସହ ୨୦୦୦ଟଙ୍କା, ୩ୟ ପୁରସ୍କାର ବାବଦରେ ମେଡାଲ ସହ ୧୦୦୦ଟଙ୍କା ଦିଆଯିବା ପାଇଁ ଜିଲା କ୍ରୀଡା ସଂସଦ ତରଫରୁ ବ୍ୟବସ୍ଥା ହୋଇଛି। ଶନିବାର ସକାଳ ୯ରେ ସୁନ୍ଦରଗଡ ନିକଟସ୍ଥ ସେବତୀ ବାହାଲଠାରୁ ଏହି ସାଇକେଲ ରେସ ଆରମ୍ଭ ହୋଇ ବଲଦମାଲ ଯାଏ ଚାଲିବ ବୋଲି ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ସୂଚନା ଦେଇଛନ୍ତି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକରେ ଓଡିଶା ସାଇକ୍ଲିଂ ସଂଘର ସଭାପତି ମିନତୀ ମହାପାତ୍ର, ଉପସଭାପତି ଦିଲୀପ ନାଟିଆ, ଲିଙ୍ଗରାଜ ଷଡ଼ଙ୍ଗୀ, ନୃସିଂହଚରଣ ସାହୁ, ପ୍ରଦୀପ ଦାସ, ନିହାର ଜେନା, ମନୋରଞ୍ଜନ ବେହେରାଙ୍କ ସମେତ ଜିଲା କ୍ରୀଡା ସଂଘର ଉପସଭାପତି ରାଜେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାତ ଭୋଳ,ଜୟଦେବ ପାତ୍ର, ପୌଷଚନ୍ଦ୍ର ପଟେଲ, ଅଜୟ ବହିଦାର, ଆଶିଷ ଦେ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

# କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୃହତ୍ କୃଷିମେଳା, ପ୍ରଦର୍ଶନୀ

ଦେବଗଡ଼/ରିଆମାଳ,୧୮।୧୧(ଡି.ଏନ.ଏ)



ମହିଳା ଚାଷୀ ରୁନି ବିଶ୍ୱାଳଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଉଛି।

:ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ରିଆମାଳ ବ୍ଲକ ଚଢେଇମରା ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଏକ ବୃହତ୍ତ କୃଷି ମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କେ. ରାମଶଙ୍କର ରାଓ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦ୍ଦେବ, ସହକାରୀ ମତ୍ସ୍ୟ ଅଧିକାରୀ ଲିଡ ବ୍ୟାଙ୍କ ମ୍ୟାନେଜର, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ଯାନ୍ତ୍ରୀକ ମହାବିଦ୍ୟାଳୟର ପ୍ରଫେସର ନିହାର ରଞ୍ଜନ ସାହୁ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ରିଆମାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଭାପତି ତଥା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ନାଥ ସମ୍ପୃକ୍ତ ଅଞ୍ଚଳରେ କମଳା, ପୋଟଳ, ତୈଳବିଜ ତଥା ଡାଲି ଜାତୀୟ ଫସଲର ଉତ୍ପାଦକତା ଓ ଗୁଣବତା ବୃଦ୍ଧି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ବୈଜ୍ଞାନିକ ଜ୍ଞାନକୌଶଳ ଉପରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଫଳ ମହିଳା ଚାଷୀ ରୁନି ବିଶ୍ୱାଳଙ୍କୁ ମାନ୍ତ୍ରପତ୍ର ପ୍ରଦାନ ପୂର୍ବକ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅତିଥିମାନଙ୍କ ଦ୍ୱାରା ଉନ୍ନତ ପିଆଜ ଚାଷ ସମ୍ପର୍କୀତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଚଢେଇମରା ସରପଞ୍ଚ କୁମୁଦିନୀ ପ୍ରଧାନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ, ମୃତିକା ବିଜ୍ଞାନୀ ଚିନ୍ମୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାଢ଼େ ୧୩ଲକ୍ଷ ଟଙ୍କାର ସାଇବର ଠକେଇ

ଝାରସୁଗୁଡ଼ା ଅଫିସ୍,୧୮।୧୧: ବେଦାନ୍ତ କମ୍ପାନୀର ଡେପୁଟି ମ୍ୟାନେଜର ଜୟନ୍ତ କୁମାର ଭଦ୍ରା ସାଢେ ୧୩ଲକ୍ଷ ଟଙ୍କା ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଗୁରୁବାର ଅଭିଯୋଗ କରିବା ପରେ ବଡମାଲ ପୋଲିସ ଏକ ମାମଲା (ନଂ୨୫୭/୨୨) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ କ୍ରମେ ଜଣେ ବ୍ୟକ୍ତି ପ୍ରଥମେ ମ୍ୟାନେଜର ଭଦ୍ରାଙ୍କୁ ଫୋନ୍‌କରି ୱାର୍କ ଫ୍ରମ୍ ହୋମ୍ କରିବାପାଇଁ ପ୍ରବର୍ତ୍ତାଇଥିଲେ । ଅନ୍‌ଲାଇନ୍‌ରେ ଜିନିଷ କିଣିଲେ କମିଶନ ମିଳିବ ବୋଲି ଲୋଭ ଦେଖାଇଥିଲେ। ମ୍ୟାନେଜର ଲୋଭରେ ପଡି ପ୍ରଥମେ ଅନ୍‌ଲାଇନ୍‌ରେ ୩ହଜାର ଟଙ୍କାର ଜିନିଷ କିଣିଥିଲେ । ଏଥିରେ ତାଙ୍କୁ ୧ହଜାର ଟଙ୍କା କମିଶନ ମିଳିବାପରେ ବିଶ୍ୱାସ ବଢିଥିଲା। ତାପରେ ୬ହଜାର ଓ ୯ହଜାର ଟଙ୍କାର ଜିନିଷ କିଣିଥିଲେ। ଏହାର କମିଶନ ନ ଆସିବାରୁ ସେ ଏ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିଥିଲେ । ସେ କହିଥିଲେ ଏକ ସଙ୍ଗରେ ଆସିବ ଅପେକ୍ଷା କରନ୍ତୁ, ଆପଣ ଜିନିଷ କିଣିବା ଜାରି ରଖିଥାନ୍ତୁ। ଏଭଳି ଭାବେ ସେ ସାଢେ ୧୩ଲକ୍ଷ ଟଙ୍କାର ଜିନିଷ କିଣିଲେ। ହେଲେ କମିଶନ ଆଉ ଆସି ନ ଥିଲା । ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

### ଏସ୍‌ଏମ୍‌ସି ପକ୍ଷରୁ ସ୍ୱନିଧିରୁ ସମୃଦ୍ଧି ଶିବିର

ସମ୍ବଲପୁର,୧୮।୧୧(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶୁକ୍ରବାର ସ୍ୱନିଧିରୁ ସମୃଦ୍ଧି ଶିବିର ପୁରୁଣା ଏସ୍‌ଏମ୍‌ସି ଅଫିସଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍‌ସିର ଓଏସ୍‌ଡି ଅଧିକାରୀ ଅଞ୍ଜଳିନା ପ୍ରଧାନ, ରିନା ପ୍ରଧାନ, ଆସିଷ୍ଟାଣ୍ଟ କମିଶନର ଅତସୀ ପରିଡ଼ା, ସିଓ ମଧୁମିତା ପାଣିଗ୍ରାହୀ, ପିଙ୍କି ଠାକୁର, କାଦମ୍ବିନୀ ପାଣିଗ୍ରାହୀ, ମନୋରଞ୍ଜନ କର, ମାନସ ରଞ୍ଜନ ମିଶ୍ର ଉପସ୍ଥିତ ରହିଥିଲେ। ଉଠା ଦୋକାନୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସହଜରେ ଋଣ ପ୍ରଦାନ, କିଭଳି ବ୍ୟବସାୟ କରିବେ, ସରକାରଙ୍କ କ'ଣ ଯୋଜନା ରହିଛି ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା ଅଫିସ,୧୮।୧୧: ଲଖନପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶୁକ୍ରବାର ବିଧାୟିକା ଅଲକା ମହାନ୍ତି ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିମଧ୍ୟରେ ଅତାବିରା ପଞ୍ଚାୟତ ଗିରୋଳପାଲି ଗ୍ରାମ ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ଭୁନ୍ଦୁପାଲି ଗ୍ରାମର ଗୋଷ୍ଠୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, କଟାପାଲି ଗ୍ରାମରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ, କୁମର ଗ୍ରାମରେ କଂକ୍ରିଟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ, ମଚିଦା ଗ୍ରାମପଞ୍ଚାୟତ ଟେଙ୍ଗେନାମାଲ ଗ୍ରାମ ଗୋଷ୍ଠୀ କେନ୍ଦ୍ର ଗୃହ ଓ ଖୋଲାମଣ୍ଡପର ଭିତ୍ତିପ୍ରସ୍ତର ରହିଛି। ମୁଖ୍ୟଅତିଥି ବିଧାୟିକା ମହାନ୍ତିଙ୍କ ସହିତ ଲଖନପୁର ବ୍ଲକ ଜୋନ ୧ ଜିଲା ପରିଷଦ ସଭ୍ୟ ସନତ ସିଂହ, ଜିଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ବ୍ଲକ ସାଧରଣ ସମ୍ପାଦକ ନରେନ୍ଦ୍ର ଗଡତିଆ, ଅତାବିରା ସରପଞ୍ଚ ସଞ୍ଜିତ ପ୍ରଧାନ, ବ୍ଲକ ବିଜେଡି ସଭାପତି ନରେଶ ଖମାରୀ, ମଚିଦା ସରପଞ୍ଚ ସୁବକ୍ତା ବେହେରା, ପଞ୍ଚଗାଁ ସମିତି ସଭ୍ୟ ରୋହିତ ଧୁରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଧାନ ନଡାରୁ ପୁଷ୍ଟିକର ଗୋଖାଦ୍ୟ ତିଆରି ତାଲିମ

ସମ୍ବଲପୁର,୧୮।୧୧(ବ୍ୟୁରୋ): ଗୋଚର ଜମି ଓ ସରକାରୀ ଜମି ଜବରଦଖଲ ହେବା ସହ ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଫଳରେ ଗୋଖାଦ୍ୟ ସମସ୍ୟା ଦେଖାଯାଉଛି। ଏହାର ସମାଧାନ ପାଇଁ ପ୍ରାଣୀଧନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦିନବନ୍ଧୁ ମିଶ୍ରଙ୍କ ଦ୍ୱାରା ସମଲେଶ୍ୱରୀ କ୍ଷୀର ୟୁନିଅନ କୃଷକମାନଙ୍କୁ ନେଇ ତାଲିମ ଆରମ୍ଭ ହୋଇଛି। ଧାନ ନଡ଼ାକୁ ଗଚ୍ଛିତ କରି କିଭଳି ପୁଷ୍ଟିକର ଗୋଖାଦ୍ୟ ପ୍ରସ୍ତୁତ କରାଯିବ ସେ ନେଇ ଚାଷୀମାନଙ୍କୁ ସଚେତନ କରାଯାଇଛି। ସାଧାରଣତଃ ଧାନ ଅମଳ ପରେ ଧାନ ନଡା କ୍ଷେତରେ ରହିଯାଇଥାଏ। ପରବର୍ତ୍ତୀ ଚାଷ ପାଇଁ ଜମି ପ୍ରସ୍ତୁତି ପୂର୍ବରୁ କୃଷକମାନେ ଏଥିରେ ନିଆଁ ଲଗାଇଦିଅନ୍ତି। ଏହା ଦ୍ୱାରା ପରିବେଶ ବହୁ ମାତ୍ରାରେ ପ୍ରଦୂଷିତ ହୋଇଥାଏ। ମୁଖ୍ୟ ପ୍ରାଣୀ ଅଧିକାରୀ ଏହି ନଡାକୁ କିପରି ପୁଷ୍ଟିକର ଗୋଖାଦ୍ୟରେ ପରିଣତ କରିହେବ ସେ ଉପରେ ତାଲିମ ଦେଇଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ଝାରସୁଗୁଡ଼ା ଅଫିସ,୧୮।୧୧

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ଅନ୍ତର୍ଗତ ଏକଲବ୍ୟ ଅଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ମୁଖ୍ୟଅତିଥି, ବ୍ଲକ୍ ଶିକ୍ଷାଧିକାରୀ ବିଦେଶୀ ବେହେରା ମୁଖ୍ୟବକ୍ତା ଓ ସୁନ୍ଦରଗଡ ସିଆଇ (କଲ୍ୟାଣ ବିଭାଗ) ରାମକୃଷ୍ଣ ଗଣ୍ଡ, ରାଜ୍ୟ ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରୀଡା ନିରୀକ୍ଷକ ଡମ୍ବରୁଧର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ୩୭ ସ୍କୁଲ୍‌ର ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।



ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି।

### ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପିତ

ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରୀଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ମୁଖ୍ୟଅତିଥି, କିର୍ମିରା ବିଡିଓ ସୂର୍ଯ୍ୟମଣୀ ନାୟକ ମୁଖ୍ୟବକ୍ତା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଲଖନପୁର ବ୍ଲକ୍ ସମ୍ପ୍ରସାରଣ ଅଧିକାରିଣୀ ବିଜୟା ମେହେର, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ରାଜପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଝାରସୁଗୁଡ଼ା ଅଫିସ,୧୮।୧୧

ଝାରସୁଗୁଡ଼ା ବ୍ଲକ ବରପାଲି ଗ୍ରାମଠାରେ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ କେଛୋବାହାଲ ଦଳ ଡୁମେରକୁଦକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ରାଜପୁର ଦଳ କନ୍ଦାକୁଡାକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଟାଇବ୍ରେକର ଜରିଆରେ ରାଜପୁର ଦଳ ୩-୨ ଗୋଲରେ ପ୍ରତିପକ୍ଷ କେଛୋବାହାଲକୁ ହରାଇ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ସଞ୍ଜୟ ସାହୁ, ଯଦୁମଣି ନାଏକ, ଖେମାଶିଳ କିଷାନ, ଅରୁଣ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ପୂର୍ବତନ ଗୌରମାଲ ସମିତି ସଭ୍ୟ ବିଶଲୋଚନ ଭୋଇ, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ସମ୍ବଲପୁର ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ସମ୍ବଲପୁର ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ମାନଙ୍କରେ ବିଭିନ୍ନ କମିଟିରେ ଜଡିତ ଥିବା ବ୍ୟକ୍ତିବିଶେଷ, କଳାକାର, ସାଧାରଣ ଜନତା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ମହୋତ୍ସବ ପରିଚାଳନା ନିମନ୍ତେ ମୁଖ୍ୟ ନୋଡାଲ ଅଧିକାରୀ, କୋଅର୍ଡିନେଟର, କନଭେନର ଓ ସବ୍‌କମିଟି ନିମନ୍ତେ ନୋଡାଲ ଅଧିକାରୀ ନିଯୁକ୍ତି କରାଯିବ। ଆଞ୍ଚଳିକ ଲୋକକଳାକୁ ପ୍ରୋତ୍ସାହିତ କରିବା ସହ, ହେଲ୍ପ ଡେସ୍କ, ପଡିଆ ପ୍ରସ୍ତୁତି, ଡ୍ରେନେଜ ସୁବିଧା ଇତ୍ୟାଦି ବିଷୟରେ ବୈଠକରେ ପ୍ରସ୍ତାବ ଦିଆଯାଇଛି। ପ୍ରତି ବ୍ଲକର ଶ୍ରେଷ୍ଠ କଳାକାରଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସୁଯୋଗ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଲୋକ ମହୋତ୍ସବ ୨୦୨୩ ଜାନୁୟାରୀ ୧୧ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବ। ଏହାଛଡା ପଲିଶ୍ରୀ ମେଳା ମଧ୍ୟ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ସଦର ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟିନୀ ଅଭିଯାନର ପଞ୍ଚମ ଦିବସ

ଝାରସୁଗୁଡ଼ା ଅଫିସ,୧୮।୧୧

ବିଜୟିନୀ' ଅଭିଯାନର ଶୁକ୍ରବାର ପଞ୍ଚମ ଦିବସରେ ଜିଲାର ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଯୁବତୀଯୁବକ ସଶକ୍ତିକରଣ ପାଇଁ ଅଦଭିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଅଧିକାର, ପୋଷଣ ଏବଂ ରକ୍ତହୀନତା, ଜୀବନ କୌଶଳ, ଲିଙ୍ଗଗତ ଭେଦଭାବ ସହିତ ବାଲ୍ୟବିବାହର କୁପରିଣାମ ଆଦି ସମ୍ପର୍କରେ ସଚେତନତା କରାଯାଇଥିଲା। ଏହି ଅବସରରେ ସମସ୍ତେ ବାଲ୍ୟବିବାହକୁ ନିରୁତ୍ସାହିତ କରିବା ସକାଶେ ଶପଥ ଗ୍ରହଣ କରିଥିଲେ। ଅଦଭିକା ଆପ୍ସ ବ୍ୟବହାର ଦ୍ୱାରା ଯୁବତୀଯୁବକ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପର୍‌ଭାଇଜର, ଅଙ୍ଗନୱାଡ଼ି କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଜିଲା ଶିକ୍ଷାଅଧିକାରୀ ମିନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଅନନ୍ୟା ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ଓ ଜୟଶ୍ରୀ ଦୋରା ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ପ୍ରଫେସର ବିଶ୍ୱଜିତ ଶତପଥୀ ନେତୃତ୍ୱ ଓ ସମୟ ପରିଚାଳନା ଉପରେ, ପ୍ରଫେସର ରବି ନାରାୟଣ ମିଶ୍ର ଇ ଲାଇବ୍ରେରୀ ଉପରେ, ପୂର୍ବତନ ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶ ବିଦ୍ୟାଳୟରେ ବିତ୍ତୀୟ ପରିଚାଳନା, ପ୍ରଫେସର ମୀନକେତନ ପାଠୀ ବିଦ୍ୟାଳୟ ଶୈକ୍ଷିକ ଉନ୍ନତି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ କଳା ଶିକ୍ଷକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ଦୀପ୍ତିକାନ୍ତ



@ ଉପେନ୍ଦ୍ର



@ ରାଜୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆପଦ ମିତ୍ରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଅଫିସ,୧୮।୧୧

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଦ ମିତ୍ରମାନଙ୍କର ଜନସାଧାରଣଙ୍କୁ ସଚେତନ କରାଇବା ଓ ଧନ ଜୀବନ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲାପାଳ ସରୋଜ କୁମାର ସାମଲ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଛନ୍ତି। ପତ୍ରପାଲିସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୨ ଦିନ ବ୍ୟାପୀ ହେବାକୁ ଥିବା ଏହି ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୁମ୍ଭାରବନ୍ଧ ଓ କୋଲାବିରା ମହାବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ଆପଦ ମିତ୍ରମାନେ ବିପର୍ଯ୍ୟୟ ପରିଚାଳନାରେ କିଭଳି ଦାୟିତ୍ୱ ତୁଲାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡିପିଓ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଡେପୁଟି କଲେକ୍ଟର ପ୍ରତିମା ମିଞ୍ଜ ଧନ୍ୟବାଦ ଦେଇଥିଲେ। ଓଡ୍ରାଫରୁ ବଲବୀର ଥାପା ଓ ପ୍ରେମ ବାହାଦୁର, ଅଗ୍ନିଶମ ସେବା ଅଧିକାରୀ ପ୍ରତାପ ଏକ୍କା, ସ୍ୱାଧୀନ ସାହୁ ଓ ପ୍ରଶାନ୍ତ ସିରଦାର, ରାଉରକେଲା ସିଭିଲ ଡିଫେନ୍ସରୁ ପ୍ରମୋଦ ଦଳାଇ, ପ୍ରକାଶ କୁମାର ସିୟା ପ୍ରମୁଖ ୧୨ ଦିନ ବ୍ୟାପୀ ଆପଦମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ।

## ଭିସୁଟ୍‌ରେ ରସାୟନ ସଂସ୍ଥାନର ଜାତୀୟ ସମ୍ମିଳନୀ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଶୁକ୍ରବାର ଓଡ଼ିଶା ରସାୟନ ସଂସ୍ଥାନର ୨୨ତମ ଆଞ୍ଚଳିକ ସମାବେଶ ଓ ବାସ୍ତୁବିଜ୍ଞାନର ଅଗ୍ରଗତି ସମ୍ବନ୍ଧରେ ୩ତମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହା ୨ଦିନ ଧରି ଚାଲିବ। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀ ଶୁଭାରମ୍ଭ କରିଥିଲେ। ଓଡ଼ିଶା ରସାୟନ ସଂସ୍ଥାନର ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସମ୍ପାଦକ ଡ. ଦେବାଶିଷ ମହାନ୍ତି, ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରିୟ ରଞ୍ଜନ ମହାପାତ୍ର, ଆବାହକ ଡ. ଅରୁଣ କୁମାର ବାରିକ ଓ କାର୍ଯ୍ୟକାରୀ ସମ୍ପାଦକ ଡ. ବିଜ୍ଞାନ ରଞ୍ଜନ ଡାଲି ମଞ୍ଚାସୀନ ଥିଲେ। ପ୍ରଫେସର ଶରତ କୁମାର ସ୍ୱାଇଁ ମାନପତ୍ର ପାଠ କରିଥିଲେ। ୨୦୨୨ର ବିଜ୍ଞାନ ଉଦ୍‌ଭାବନ ପୁରସ୍କାର ବୁଢ଼ାରଜା ହାଇସ୍କୁଲର ଶିକ୍ଷୟିତ୍ରୀ ସୁମିତା ପତ୍ରିଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଫେସର ତାରା ଶଙ୍କର ପାଲ, ପ୍ରଫେସର ସାବୁ ଥୋମାସ, ପ୍ରଫେସର କଲ୍ଲୋଳ ଘୋଷ, ପ୍ରଫେସର ଚନ୍ଦନା ରଥ, ପ୍ରଫେସର ସୁରେଶ ଚନ୍ଦ୍ର ମୂର୍ତ୍ତି, ଡ. ଶିବ ଶଙ୍କର, ଡ. ମନୋରଞ୍ଜନ କର, ଡ. ଲିଙ୍ଗରାଜ ବେସରା, ଡ. ସସ୍ମିତା ସାହୁ ବାସ୍ତୁ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା ବାହାରୁ ୨୦୦ରୁ ଅଧିକ ବୈଜ୍ଞାନିକ, ଶିକ୍ଷକ ଓ ଗବେଷକ ଯୋଗ ଦେଇଥିଲେ।

# ଭବିଷ୍ୟତ ଗଠନ ପାଇଁ ଏହା ଉଚିତ ସମୟ: ମନ୍ତ୍ରୀ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ଶିକ୍ଷିତ ସମାଜ ଗଠନ କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ରହିଛି। ସମାଜ ଗଠନ ସହିତ ନିଜ ଭବିଷ୍ୟତ ମଧ୍ୟ ଚିନ୍ତା କରିବାର ଆବଶ୍ୟକତା ଅଛି। ଛାତ୍ର ଜୀବନରୁ ଭବିଷ୍ୟତ ଗଠନ ଦିଗରେ ଲକ୍ଷ୍ୟ ରଖିବା ଉଚିତ ସମୟ ବୋଲି ଯୁଯୁମୁରା ବ୍ଲକ ବୁରୋମାଲ ଅପଗ୍ରେଡ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ପୂରାତନ ଛାତ୍ର ଅକ୍ଷୟ ପାରମାଣିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ବାଗ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା କବିତା ସାହୁ, ସ୍ଥାନୀୟ ସରପଞ୍ଚ ଜକ୍ତେଦ୍ୱର ମିର୍ଦ୍ଧା, ସାମାଜିକ କର୍ମୀ ଅନସୂୟା ସାହୁ, ସମିତି ସଭ୍ୟ ଜୟନ୍ତୀ ପ୍ରଧାନ ଯୋଗ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୁରାତନ ଛାତ୍ରମାନେ ମନ୍ତ୍ରୀଙ୍କୁ ସ୍କୁଲର ବିଭିନ୍ନ ସମସ୍ୟା ଅବଗତ କରିଥିଲେ। ସ୍କୁଲର ସାମୂହିକ ବିକାଶ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ। ଏ ସ୍କୁଲକୁ ଖୁବ୍‌ଶୀଘ୍ର ୫-ଟି ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ।



ମନ୍ତ୍ରୀ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ଭାରତ ଯୋଡୋ ଯାତ୍ରା ଅବସରରେ ମହାରାଷ୍ଟ୍ରର ବୁଲ୍‌ଧାନା ଜିଲା ଶେଗାଁଓଠାରେ ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗ ଦେଇଛନ୍ତି ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀ।

# ଭାଙ୍ଗିପାରେ ମହାବିକାଶ ଅଘାଡ଼ି ମେଣ୍ଟ

## ସାବରକରଙ୍କ ଉପରେ ରାହୁଲଙ୍କ ମନ୍ତବ୍ୟ

ମୁମ୍ବାଇ,୧୮।୧୧

ଭାରତ ଯୋଡ଼ୋ ଯାତ୍ରା ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସାବରକରଙ୍କ ସମ୍ପର୍କରେ ଦେଇଥିବା ବିବାଦୀୟ ମନ୍ତବ୍ୟ ମହାବିକାଶ ଅଘାଡ଼ି ମେଣ୍ଟରେ ଫାଟ ସୃଷ୍ଟି କରିଛି। ଶିବସେନା ଏହି ମେଣ୍ଟରେ ରହି ନ ପାରେ ବୋଲି ଏହାର ଏମ୍‌ପି ସଞ୍ଜୟ ରାଉତ ଶୁକ୍ରବାର କହିଛନ୍ତି। ଏନେଇ ଦଳର ନେତା ଉଦ୍ଧବ ଠାକ୍‌ରେ ଖୁବ୍‌ଶୀଘ୍ର ମନ୍ତବ୍ୟ ଦେବେ। ସାବରକର ବ୍ରିଟିଶ ସରକାରଙ୍କୁ ସହଯୋଗ କରୁଥିଲେ ବୋଲି ରାହୁଲ ଏକ ଖବରଦାତା ସମ୍ମିଳନୀରେ କହିବା ସହ ତାଙ୍କ ଲିଖିତ ଏକ ଚିଠି ଦେଖାଇଥିଲେ। ଏହାକୁ ନେଇ ଶିବସେନା ପକ୍ଷରୁ ଗମ୍ଭୀର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାବରକର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଆମେ ତାଙ୍କ ନୀତି ଆଦର୍ଶରେ ବିଶ୍ୱାସ କରୁ। କଂଗ୍ରେସ ଏହା ଉପରେ ପ୍ରଶ୍ନ ଉଠାଇବା ଉଚିତ ନୁହେଁ ବୋଲି ଉଦ୍ଧବଙ୍କ ପୁଅ ତଥା ଶିବସେନା ବିଧାୟକ ଆଦିତ୍ୟ ଠାକ୍‌ରେ କହିଛନ୍ତି। ଶିବସେନା ଉଦ୍ଧବ ଗୋଷ୍ଠୀର ପ୍ରତିକ୍ରିୟା ପରେ ସ୍ଥିତି ସୁଧାରିବାକୁ ଜୟରାମ ରମେଶ ଉଦ୍ୟମ କରିଛନ୍ତି। ରାହୁଲ ଏକ ଐତିହାସିକ ତଥ୍ୟ ଉପସ୍ଥାପନ କରିଛନ୍ତି, ସାବରକରଙ୍କୁ ସେ ଟାର୍ଗେଟ କରି ନ ଥିବା ଜୟରାମ କହିଛନ୍ତି। ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଜପା ଏବଂ ଶିବସେନା ମଧ୍ୟରେ ମତଭେଦ ପରେ ଉଦ୍ଧବଙ୍କ ଦଳ କଂଗ୍ରେସ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ମିଶି ମହାବିକାଶ ଅଘାଡ଼ି ମେଣ୍ଟ ଗଠନ କରିଥିଲେ। ରାଜ୍ୟରେ ମେଣ୍ଟ ସରକାର ଗଢ଼ାହେବା ସହ ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଶିବସେନାର ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ବିଦ୍ରୋହ କରିବାରୁ ସରକାର ଭାଙ୍ଗିଯାଇଥିଲା।

# ଗୁଜରାଟରେ ଭାଜପା ପାଇଁ ପ୍ରଚାର କରୁଛନ୍ତି ଓଡ଼ିଶା ଶ୍ରମମନ୍ତ୍ରୀ: କଂଗ୍ରେସ

- ମୁଖ୍ୟମନ୍ତ୍ରୀ ତୁରନ୍ତ ଏକଥା ସ୍ପଷ୍ଟ କରନ୍ତୁ: ପଞ୍ଚାନନ
- ଭୋଟ ହାତେଇବାକୁ ଡ୍ରାମା କରୁଛନ୍ତି ବିଜେଡି, ଭାଜପା

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀଙ୍କୁ ନ ମିଳିବା ନେଇ ବିଜେଡି ଓ ଭାଜପା ପରସ୍ପର ବିରୋଧରେ ଦୋଷ ଲଦାଲଦି ହେଉଛନ୍ତି। ହେଲେ ବାସ୍ତବ କଥା ସମ୍ପୂର୍ଣ୍ଣ ଓଲଟା। ରାଜ୍ୟରେ ୨ ଦଳ ପରସ୍ପର ବିରୋଧରେ ଲଢ଼େଇର ନାଟକ କରୁଥିବା ବେଳେ ଗୁଜରାଟ ପ୍ରଚାର କାର୍ଯ୍ୟରେ ବିଜେଡି ନିଜକୁ ନିୟୋଜିତ କରିଛି। ଏପଟେ ରାଜ୍ୟରେ କଳି, କିନ୍ତୁ ଗୁଜରାଟ ନିର୍ବାଚନରେ କୋଳାକୋଳି। ଓଡ଼ିଶାର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଗତ ୧୬ରୁ ଆସନ୍ତା ୨୪ ପର୍ଯ୍ୟନ୍ତ ଗୁଜରାଟ ଯାଇଛନ୍ତି। ଶ୍ରମମନ୍ତ୍ରୀ ଗୁଜରାଟରେ ଭାଜପା ପାଇଁ ଭୋଟ ପ୍ରଚାର କରୁଛନ୍ତି। ଗଞ୍ଜାମ ଜିଲାରୁ ଲକ୍ଷ ଲକ୍ଷ ଲୋକ ଗୁଜରାଟର ସୁରଟରେ ସୂତାକଳରେ କାମ କରୁଛନ୍ତି। ସେମାନଙ୍କ ଭୋଟକୁ ଭାଜପା ହାତେଇବା ପାଇଁ ପ୍ରଚାର କରୁଛନ୍ତି କି ବୋଲି କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ପ୍ରଶ୍ନ କରିଛନ୍ତି। ତେଣୁ ଏ କଥାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ କରିବା ପାଇଁ ସେ ଦାବି କରିଛନ୍ତି। କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ୨୦୨୧ରେ ରାଜ୍ୟର ୧୨ ଜିଲା ଏବଂ ୬୪ ବ୍ଲକରେ କୃଷକମାନଙ୍କ ମରୁଡ଼ିଜନିତ ଫସଲହାନି ଘଟିଥିଲା। ରାଜ୍ୟ ସରକାରଙ୍କ ପ୍ରଦତ୍ତ ନିୟମ ଅନୁସାରେ ୨୦୨୧ ଖରିଫଋତୁର ୨ ମାସରେ କୃଷକଙ୍କ କ୍ଷତି ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ୍ୟ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବ୍‌ସିଡି ବର୍ଷ ବର୍ଷ ଧରି ଦେଲେ ନାହିଁ। ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ ସରକାର ୨୦୦ କୋଟି ଟଙ୍କାର ଇନ୍‌ପୁଟ ସବ୍‌ସିଡି ଘୋଷଣା କରିବା ଚାଷୀଙ୍କ ପ୍ରତି ତାଙ୍କର କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ପଷ୍ଟ ଅନୁମେୟ। ପଦ୍ମପୁରର ଚାଷୀମାନେ ଦୀର୍ଘ ୧୪ ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ଏବଂ ପ୍ରାପ୍ୟ ବୀମା ରାଶି ପାଇବା ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି। ଏ କଥାକୁ ରାଜ୍ୟ ସରକାର ଭଲଭାବେ ଜାଣିଛନ୍ତି। କିନ୍ତୁ ପଦ୍ମପୁରର କୃଷକଙ୍କ ସମସ୍ୟାକୁ ସମାଧାନ କରିବାପାଇଁ କେବେ ତତ୍ପରତା ଦେଖାଇଲେ ନାହିଁ। ଅନୁରୂପ ଭାବେ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର ଚାଷୀମାନେ ବୀମାରାଶି ଭରଣ କରିଥିଲେ। କିନ୍ତୁ ୨୦୨୧ ଖରିଫ ସିଜନ୍‌ରେ ଚାଷୀଙ୍କ ଯେଉଁ କ୍ଷୟକ୍ଷତି ଘଟିଲା ତାକୁ ବୀମା କମ୍ପାନୀଗୁଡିକ ଭରଣା କରିବା ପରିବର୍ତ୍ତେ ବୀମା ଦାବିକୁ ଅଗ୍ରାହ୍ୟ କରିଦେଲେ। ଚାଷୀମାନେ ବୀମା କମ୍ପାନୀର ଏହି ଅନ୍ୟାୟ ବିରୋଧରେ ୧୪ ମାସ ଧରି ଆନ୍ଦୋଳନ କରି ଆସୁଛନ୍ତି। ରାଜ୍ୟରୁ ୩ ଜଣ ଟାଣୁଆ କେନ୍ଦ୍ରମନ୍ତ୍ରୀ ଏବଂ ବହୁ ଏମ୍‌ପି ଥିବା ସତ୍ତ୍ୱେ କେବେହେଲେ ଏ କଥାକୁ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନ କରି ନ ଥିଲେ। ଯଦି ପ୍ରକୃତରେ ବିଜେଡି ଓ ଭାଜପା ଚାଷୀଙ୍କ ସମସ୍ୟା ପାଇଁ ସାମାନ୍ୟ ଭାବେ ଚିନ୍ତିତ ଥାଆନ୍ତେ ତେବେ ୧୪ ମାସ ଆନ୍ଦୋଳନ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି।

## କଂଗ୍ରେସରେ ଯୋଗଦାନକୁ କେସିଆର୍ ଝିଅଙ୍କ ଖଣ୍ଡନ



କେ. କବିତା

ହାଇଦ୍ରାବାଦ,୧୮।୧୧

କଂଗ୍ରେସରେ ଯୋଗଦାନ ଖବରକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଟିଆର୍‌ଏସ୍ ବିଧାନ ପରିଷଦ ସଦସ୍ୟା କେ. କବିତା ଖଣ୍ଡନ କରିଛନ୍ତି। ଅନ୍ୟ କୌଣସି ଦଳରେ ଯୋଗଦେବାର ଆଗ୍ରହ ନାହିଁ ବୋଲି ସେ କହିଛନ୍ତି। ତାଙ୍କୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଫୋନ୍ କରି ଦଳରେ ଯୋଗଦେବାକୁ କହିଥିଲେ କି ନାହିଁ ଏ ସମ୍ପର୍କରେ ତାଙ୍କୁ ପଚରାଯାଉ। ଟିଆର୍‌ଏସ୍ ଏବେ ଭାରତ ରାଷ୍ଟ୍ରସମିତି (ବିଆର୍‌ଏସ୍) ହୋଇଛି। ଆମେ ତେଲଙ୍ଗାନାରେ ବିକାଶ ଆଣିଛୁ, ଏବଂ ସାରା ଭାରତରେ ସେହି ଧାରା ବଜାୟ ରଖିବୁ ବୋଲି କବିତା କହିଛନ୍ତି। କଂଗ୍ରେସରେ ଯୋଗଦେବା ଲାଗି ଖାର୍ଗେ ତାଙ୍କୁ ଡାକିଥିଲେ ବୋଲି ନିଜାମାବାଦ ଭାଜପା ଏମ୍‌ପି ଅରବିନ୍ଦ ଧର୍ମପୁରୀ ଅଭିଯୋଗ ଆଣିବା ପରେ ଏହାକୁ ନେଇ ଗୁଜବ ପ୍ରଚାର ହୋଇଥିଲା।

# ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ

ଇନ୍ଦୋର,୧୮।୧୧

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ମଧ୍ୟପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ହତ୍ୟା ଧମକ ମିଳିଛି। ଇନ୍ଦୋରରେ ପହଞ୍ଚିଲେ ତାଙ୍କୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଏକ ଧମକପୂର୍ଣ୍ଣ ଚିଠି ସ୍ଥାନୀୟ ଏକ ମିଠାଦୋକାନ ସମ୍ମୁଖରୁ ମିଳିଛି। ଚିଠି ରଖିଥିବା ଲୋକଙ୍କୁ ଚିହ୍ନଟ କରିବା ଲାଗି ପୋଲିସ ଉକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଅଜଣା ବ୍ୟକ୍ତିଙ୍କ ନାମରେ ଆଇପିସିର ଧାରା ୫୦୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗିପାରେ ବୋଲି କୁହାଯାଉଛି। ବୀର ସାବରକରଙ୍କୁ ରାହୁଲ ଟାର୍ଗେଟ କରିବାର ଦିନକ ପରେ ଏଭଳି ଧମକପୂର୍ଣ୍ଣ ଚିଠି ମିଳିଛି। ରାହୁଲଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ସାବରକରଙ୍କ ନାତି ତଥା ଶିବସେନା ଏମ୍‌ପି ରଞ୍ଜିତ୍ ସାବରକର କଂଗ୍ରେସ ଏମ୍‌ପିଙ୍କ ବିରୋଧରେ ଥାନାରେ ଏତଲା ଦାଏର କରିଛନ୍ତି।

# ବିଜେଡି, କଂଗ୍ରେସ ପ୍ରାର୍ଥୀଙ୍କ ଗାଡ଼ି ନାହିଁ, ଇନୋଭା ଚଢୁଛନ୍ତି ଭାଜପା ପ୍ରାର୍ଥୀ

ପଦ୍ମପୁର ଉପନିର୍ବାଚନ

ପଦ୍ମପୁର,୧୮।୧୧(ଡି.ଏନ.ଏ.)

ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କ ସତ୍ୟପାଠକୁ ସାର୍ବଜନୀନ କରିଛନ୍ତି ନିର୍ବାଚନ ଅଧିକାରୀ। ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ, ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଓ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ପାଖରେ କୌଣସି ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନ ନ ଥିବାବେଳେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଖରେ ଇନୋଭା କାର୍ ରହିଛି। ଭାଜପା ପ୍ରାର୍ଥୀ ପୁରୋହିତଙ୍କ ନାମରେ ମୋଟ୍ ୫୫ଲକ୍ଷ ୬୭ ହଜାର ଟଙ୍କାର ସମ୍ପତ୍ତି ଥିବାବେଳେ ତାଙ୍କ ସ୍ତ୍ରୀ ପ୍ରତିମାଙ୍କ ନାମରେ ୩୮ଲକ୍ଷ ୫୧ ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ଓ ୪୪ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ପାଖରେ ୧୦ ଲକ୍ଷ ୯୪ ହଜାର ଟଙ୍କାର ଗହଣା ରହିଛି । ବର୍ଷାଙ୍କ ମୋଟ ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୨ ଲକ୍ଷ ୩୬ ହଜାର ଟଙ୍କା ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୯୦ ଲକ୍ଷ ଟଙ୍କା ହେବ। ବର୍ଷାଙ୍କ ସ୍ୱାମୀ ସ୍ମୃତିସୌରଭ ବଳିୟାର ସିଂଙ୍କର ମୋଟ୍ ୪୨ ଲକ୍ଷ ୫୦ ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ଥିବା ତାଙ୍କ ନାମରେ କୌଣସି ଅସ୍ଥାବର ସମ୍ପତ୍ତି ନାହିଁ। ସେହିପରି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ଅସ୍ଥାବର ସମ୍ପତ୍ତି ଅନ୍ୟ ଦୁଇ ପ୍ରାର୍ଥୀଙ୍କଠାରୁ ଅଧିକ। ସତ୍ୟଭୂଷଣଙ୍କ ନାମରେ ୪କୋଟି ୩୦ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ଏବଂ ୨ଲକ୍ଷ ୫୦ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ସ୍ତ୍ରୀଙ୍କ ନାମରେ ୪ ଲକ୍ଷ ୧୦ ହଜାର ଟଙ୍କା ରହିଥିବା ବେଳେ ସତ୍ୟଭୂଷଣଙ୍କର ଭୁବନେଶ୍ୱରରେ ଏକ କୋଠାଘର ରହିଛି। ଭାଜପା ପ୍ରାର୍ଥୀଙ୍କ ନାମରେ ବିଭିନ୍ନ ଥାନାରେ ୧୦ଟି ଫୌଜଦାରୀ ମାମଲା ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ୨ଟି ଫୌଜଦାରୀ ମାମଲା ରହିଛି । ମାତ୍ର ବିଜେଡି ପ୍ରାର୍ଥୀଙ୍କ ନାମରେ କୌଣସି ମାମଲା ନାହିଁ। ସେହିପରି ସତ୍ୟଭୂଷଣ ବିଜ୍ଞାନରେ ସ୍ନାତକୋତ୍ତର, ବର୍ଷା ଆଇନ ଡିଗ୍ରୀ ହାସଲ କରିଥିବା ବେଳେ ପ୍ରଦୀପ ମାଟ୍ରିକ ପାଶ୍ କରିଥିବା ସତ୍ୟପାଠରେ ଦର୍ଶାଯାଇଛି।

# ସବୁ ଜିଲାରେ ହେବ ବିକ୍ଷୋଭ

- ଚାଷୀ ବିରୋଧୀ ସରକାରର ନାରା ଦେଇ ସତ୍ୟାଗ୍ରହ ଆରମ୍ଭ କଲା ଭାଜପା
- କେନ୍ଦ୍ରମନ୍ତ୍ରୀଙ୍କ ପ୍ରୟାସରୁ ଚାଷୀଙ୍କୁ ମିଳିବ ଫସଲବୀମା: ପୃଥ୍ୱୀରାଜ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ ସମସ୍ୟା ଦୂରୀକରଣ ପାଇଁ ଗତ ୮ ବର୍ଷରେ ବିଭିନ୍ନ ପ୍ରକାର କୃଷି କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି । ଅନ୍ୟପକ୍ଷରେ ଓଡ଼ିଶା ସରକାର କେନ୍ଦ୍ରୀୟ ଯୋଜନାର ସୁଫଳକୁ ଚାଷୀଙ୍କ ପାଖରେ ପହଞ୍ଚାଇବାରେ ବିଫଳ ହୋଇ ନିଜ ଦୋଷ କେନ୍ଦ୍ର ଉପରେ ଲଦିବାରେ ବ୍ୟସ୍ତ ରହୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ବିଜେଡି ଚାଷୀଙ୍କ ପାଇଁ କାଳ ସାଜିଥିବାର ପ୍ରମାଣିତ ହୋଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଫଳ ହୋଇଥିବା ଏବଂ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ପ୍ରତିବାଦକରି ଶୁକ୍ରବାରଠାରୁ ବିଧାନସଭା ସମ୍ମୁଖରେ ଭାଜପା ସତ୍ୟାଗ୍ରହ ଆରମ୍ଭ କରିଛି । ଚାଷୀକୁଳର ସ୍ୱାର୍ଥରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଜାରି ରହିବ ଏବଂ ଆଗାମୀ ଦିନରେ ସମସ୍ତ ଜିଲାରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ ବୋଲି ସେ କହିଛନ୍ତି ।



ବିଧାନସଭା ସମ୍ମୁଖରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ସତ୍ୟାଗ୍ରହରେ ଦଳୀୟ ନେତା।

ପୃଥ୍ୱୀରାଜ ଆହୁରି କହିଛନ୍ତି, ଓଡ଼ିଶାରେ ଚାଷୀଙ୍କୁ ରାଜ୍ୟ ସରକାର ସର୍ବଦା ଅବହେଳିତ କରୁଛନ୍ତି। ମଣ୍ଡି ସମସ୍ୟା, ବିହନ ଓ ସାର ଅଭାବ, କଟ୍‌ନି ଛଟ୍‌ନି, ଅବ୍ୟବସ୍ଥିତ ଟୋକନ ବ୍ୟବସ୍ଥା, ବେପାରୀ–ମିଲର–ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକା ଭଳି ଏଠାକାର ସରକାରଙ୍କ ଚାଷୀମାରଣ ନୀତି ଯୋଗୁ ଚାଷୀର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି । ବୀମା କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ଏବେ ଚାଷୀମାନଙ୍କ ପାଇଁ କାଳ ସାଜିଛି। ବୀମା କମ୍ପାନୀ ଟଙ୍କାରେ ଶାସକ ବିଜେଡି ନେତା ଓ ମନ୍ତ୍ରୀ ଅଜସ୍ର ଟଙ୍କା ରୋଜଗାର କରୁଛନ୍ତି ସତ, କିନ୍ତୁ ଚାଷୀଟି ନିଜ ନ୍ୟାଯ୍ୟ ହକ୍ ପାଇବାରୁ ବଞ୍ଚିତ ହେଉଛି। ନିର୍ବାଚନ ଆସିଲେ ଶାସକ ଦଳକୁ ଚାଷୀଙ୍କ କଥା ମନେପଡ଼େ। ସେମାନଙ୍କୁ ଭୁଆଁ ବୁଲାଇବା ପାଇଁ ମିଥ୍ୟା ପ୍ରତିଶ୍ରୁତିର ବନ୍ୟା ସୃଷ୍ଟି କରିଦିଅନ୍ତି। ମିଛ ଓ ପ୍ରତାରିତ କରି ଭୋଟ ହାତେଇବା ପରେ ଦେଇଥିବା ସବୁ ପ୍ରତିଶ୍ରୁତିକୁ ରାଜ୍ୟ ସରକାର ପବନରେ ଉଡ଼ାଇଦିଅନ୍ତି। ଚାଷୀଙ୍କୁ ଫସଲବୀମାର ସହଜ ଉପଲବ୍ଧ ନିମନ୍ତେ କେନ୍ଦ୍ର କୃଷି ବୈଷୟିକ କମିଟି ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରିବା ସତ୍ତ୍ୱେ ସେଥିପ୍ରତି କର୍ଣ୍ଣପାତ କରି ନ ଥିଲେ । ଚାଷୀଙ୍କ ରୋଷରୁ ବର୍ତ୍ତିବା ପାଇଁ ନିଜ ଦାୟିତ୍ୱରୁ ଓହରିଯାଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମିଛ କଥା କହି କେନ୍ଦ୍ରକୁ ଦୋଷ ଲଦିଦେବାକୁ ଯେଉଁ ଅପପ୍ରୟାସ କରୁଛନ୍ତି ତାହା ଅତ୍ୟନ୍ତ ଲଜ୍ଜାଜନକ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ କେନ୍ଦ୍ର କୃଷିମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ କାରଣରୁ ରାଜ୍ୟର ଚାଷୀମାନେ ଫସଲ ବୀମା ଟଙ୍କା ପାଇବେ ବୋଲି ପୃଥ୍ୱୀରାଜ କହିଛନ୍ତି।

## ୧୧ ପ୍ରାର୍ଥିପତ୍ର କାଏମ୍

ପଦ୍ମପୁର,୧୮।୧୧(ଡି.ଏନ.ଏ)

ପଦ୍ମପୁର ଉପନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ଯାଞ୍ଚ ପ୍ରକ୍ରିୟାରେ ୨ ସ୍ୱାଧୀନ ପ୍ରାର୍ଥି ଜୟନ୍ତ ଥପା ଏବଂ ଦେବଦତ୍ତ ସୁନାନୀଙ୍କ ପ୍ରାର୍ଥିପତ୍ର ରଦ୍ଦ ହୋଇଛି। ଅନ୍ୟ ୧୧ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେମାନଙ୍କ ମଧ୍ୟରେ ଭାଜପାର ପ୍ରଦୀପ ପୁରୋହିତ, ବିଜେଡ଼ିର ବର୍ଷା ସିଂ ବରିହା, କଂଗ୍ରେସର ସତ୍ୟଭୂଷଣ ସାହୁ, ଅଖିଳ ଭାରତ ହିନ୍ଦୁ ମହାସଭାର ବିଦ୍ୟାଧର ପାଣ୍ଡବ, ଓଡ଼ିଶା ଜନତା ପାର୍ଟିର ମୁକ୍ତେଶ୍ୱର ଦାଶ ଏବଂ ଅନ୍ୟ ୬ ସ୍ୱାଧୀନ ପ୍ରାର୍ଥି ଉଦିତ ବୋନ୍ଦିଆ, ଗଙ୍ଗାଧର ଶାହା, ଦେବାର୍ଚ୍ଚନ ନାଏକ, ବୃନ୍ଦାବନ ପୁରୋହିତ, ରେବତୀ ଗିରି, ଶେଷଦେବ ସାହୁ ରହିଛନ୍ତି। ପଦ୍ମପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଅନୁଷ୍ଠିତ ଯାଞ୍ଚ ପ୍ରକ୍ରିୟାରେ ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୨୧ତାରିଖି ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଅବଧି ରହିଥିବାବେଳେ ଡିସେମ୍ବର ୫ରେ ଭୋଟ୍ ଗ୍ରହଣ କାର୍ଯ୍ୟକ୍ରମ ଅଛି ।

# ଯାଞ୍ଚ ସରିଲା, ପ୍ରଚାର ଜୋରଦାର

- ବର୍ଷାଙ୍କ ପ୍ରଚାରରେ ବାହାରିଲେ ବଡ଼େଇ
- ଘର ଘର ବୁଲି ଭେଟୁଛନ୍ତି ପ୍ରଦୀପ
- ପ୍ରଚାର ପୂର୍ବରୁ କଂଗ୍ରେସର ବୈଠକ




ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥିନୀଙ୍କ ପ୍ରଚାର।



ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି ଭାଜପା ପ୍ରାର୍ଥୀ।



ପିସିସି ସଭାପତିଙ୍କୁ କଂଗ୍ରେସ କାର୍ଯ୍ୟକର୍ତ୍ତା ସ୍ୱାଗତ କରୁଛନ୍ତି।

ବରଗଡ଼ ଅଫିସ୍,୧୮।୧୧

ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଭୋଟ ଗ୍ରହଣ ହେବ। ଶୁକ୍ରବାର ଏଥିପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ଏହାପରେ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନଙ୍କ ପ୍ରଚାର ଜୋର୍ ଧରିବାରେ ଲାଗିଛି। ଭାଜପା ଏବଂ ବିଜେଡ଼ି ପ୍ରଚାରରେ ଲାଗିପଡ଼ିଥିବା ବେଳେ କଂଗ୍ରେସ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ କରୁଛି ଏବଂ ଦିନେ ଦୁଇଦିନ ମଧ୍ୟରେ କଂଗ୍ରେସ ମଧ୍ୟ ପ୍ରଚାରକୁ ଜୋର୍ କରିବ ବୋଲି ସୂଚନା ମିଳିଛି।

ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶୁକ୍ରବାର ପାଇକମାଳ ଏବଂ ଝାରବନ୍ଧ ବ୍ଲକର ବିଭିନ୍ନ ଗ୍ରାମକୁ ପ୍ରଚାର ଯାଇଥିଲେ। ସ୍ଥାନୀୟ ଲୋକଙ୍କୁ ଭେଟି ତାଙ୍କ ସପକ୍ଷରେ ଭୋଟ୍ ଦେବାକୁ ସେ ନିବେଦନ କରିଥିଲେ। ପାଇକମାଳ ବ୍ଲକ ଛେତଗାଁ ପଞ୍ଚାୟତ ଅନ୍ତର୍ଗତ କୁତ୍ରାମାଲ, ଝାରବନ୍ଧ ବ୍ଲକର ସଂକ୍ରୀ, ପ୍ରଧାନପାଲି, ଡୁମରିପାଣି, ବୈତାଲି, ଚୁହୁଙ୍ଗିପଦର, ଗୋଠୁଗୁଡ଼ା ଆଦି ଗ୍ରାମରେ ସେ ପ୍ରଚାର କରିଥିଲେ।

ସେହିପରି ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା କଂସର ପଞ୍ଚାୟତର ବାନ୍ଧୁପାଲି, ଜମରତଲା, ଦହିଗାଁ ଅଦି ଗ୍ରାମରେ ପ୍ରଚାର କରିଥିଲେ। ଏଠାରେ ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ସୁଶାନ୍ତ ସିଂ, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ଅନୁଭବ ପଟ୍ଟନାୟକ, ଶ୍ରୀମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜମଲା, ପଲସାପାଲି, ଜ୍ଞାନ ତଥା ମେଲଛାମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ବିଜେଡ଼ି ପ୍ରାର୍ଥିନୀଙ୍କ ପ୍ରଚାରରେ ପ୍ରାର୍ଥୀ ଘୋଷଣା ପୂର୍ବରୁ ଆଶାୟୀ ଚର୍ଚ୍ଚାରେ ରହିଥିବା ମହେନ୍ଦ୍ର ବଡ଼େଇ ସାମିଲ ହୋଇଥିଲେ। ବର୍ଷାଙ୍କୁ ଝିଅ ବୋଲି ସମ୍ବୋଧନ କରି ତାଙ୍କ ସପକ୍ଷରେ ଭୋଟ୍ ଦେବାକୁ ସେ ନିବେଦନ କରିଥିଲେ। ଏଠାରେ ଦଳର ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ସଂଗ୍ରାମ ପଟ୍ଟନାୟକ, ବିଜୟ ନାୟକ, ସଞ୍ଜିତ ମହାନ୍ତି, ଶିଶିର ପରିଜା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ପାଇକମାଳରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ କଂଗ୍ରେସର ଏକ ବୈଠକ ବସିଥିଲା। ନିର୍ବାଚନ ରଣନୀତି ପାଇଁ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁ, ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଯଜ୍ଞେଶ୍ୱର ବାବୁ, ପ୍ରଦୀପ ଦେବତା, ପାଣ୍ଡବ କର୍ଣ୍ଣ, ହରଦୀପ ସିଂ, ନିପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗରେ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଶନିବାରଠାରୁ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ସିରିଜ ରାଉଣ୍ଡ-୨ ଆରମ୍ଭ ହେବ। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଆଦି ୫ଟି ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବ। ଦୁଇଦିନ ବିଶିଷ୍ଟ ପ୍ରତିଯୋଗିତାରେ ମୋଟ ୬୪ ମହିଳା ସନ୍ତରଣକାରୀ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ୩୦ ବୈଷୟିକ ଅଧିକାରୀ ଏବଂ ୧୫ ସ୍ୱେଚ୍ଛାସେବୀ ଏଥିରେ ନିୟୋଜିତ ରହିବେ। ୧୫ ଓ ୧୮ ବର୍ଷରୁ କମ୍ ବର୍ଗରେ ୮ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ



(ସାଇ), ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ହେବ।

ଇଭେଣ୍ଟଗୁଡ଼ିକୁ ୨ଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ପ୍ରାଇଜ୍ ମନି ଇଭେଣ୍ଟ। ଏଥିରେ ପ୍ରଥମରୁ ୫ମ ସ୍ଥାନ ହାସଲ କରିବା ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟଟି ହେଲା ଡେଭ୍‌ଲପ୍‌ମେଣ୍ଟାଲ ଇଭେଣ୍ଟ। ଏଥିରେ ପ୍ରଥମ ୧୦ ସ୍ଥାନ ଫିନିଶ୍ କରିବା ପ୍ରତିଯୋଗୀଙ୍କୁ ର୍‍ୟାଙ୍କିଙ୍ଗ ରିବନ ପ୍ରଦାନ କରାଯିବ। ପ୍ରାଇଜ୍‌ମନି ଇଭେଣ୍ଟଗୁଡ଼ିକ ମଧ୍ୟରେ ସମସ୍ତ ବୟସ ବର୍ଗ ପାଇଁ ୨୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍, ୧୦୦ ମିଟର ବଟରଫ୍ଲାଏ ଏବଂ ମିଡ୍‌ଲେ ରିଲେ ଇଭେଣ୍ଟ ଅନ୍ତର୍ଭୁକ୍ତ। ସେହିପରି ସମସ୍ତ ବୟସବର୍ଗ ପାଇଁ ୫୦ କିକ୍-୫୦ ପୁଲ୍ ଫ୍ରି ଏବଂ ୫୦ କିକ୍-୫୦ ପୁଲ୍ ବ୍ରେଷ୍ଟ ଡେଭଲପ୍‌ମେଣ୍ଟାଲ ଇଭେଣ୍ଟରେ ସାମିଲ ରହିବ। ଭାରତରେ କ୍ରୀଡ଼ା ସଂସ୍କୃତିକୁ ପୁନର୍ଜୀବିତ କରିବା ପାଇଁ ଖେଲୋ ଇଣ୍ଡିଆ ଗେମ୍ସ ଆରମ୍ଭ ହୋଇଥିଲା। ଦେଶକୁ ଏକ କ୍ରୀଡ଼ାଶକ୍ତିରେ ପରିଣତ କରିବା ଏହାର ଉଦ୍ଦେଶ୍ୟ।

# ଅନ୍ତିମ ୱାର୍ମଅପ୍‌ରେ ଜିତିଲା ସ୍ପେନ୍

**ଦୋହା, ୧୮।୧୧ (ଏପି):** ଜୋର୍ଡାନ ବିପକ୍ଷ ଅନ୍ତିମ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚକୁ ସ୍ପେନ୍ ୩-୧ଗୋଲରେ ଜିତିନେଇଛି। ସ୍ପେନ୍ ଜାତୀୟ ଦଳରେ ସ୍ଥାନ ପାଇଥିବା ଅଂଶୁ ଫାଟି ଏକ ଗୋଲ ସ୍କୋର କରି ତାଙ୍କ ଫର୍ମର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ବିନା ପର୍ତ୍ତୁଗାଲ ବ୍ରୁନୋ ଫର୍ନାଣ୍ଡିଜଙ୍କ ପ୍ରଦର୍ଶନ ବଳରେ ନାଇଜେରିଆ ବିପକ୍ଷରେ ଖେଳିଥିବା ଶେଷ ୱାର୍ମଅପ୍ ମ୍ୟାଚ ୪-୦ ଗୋଲ୍‌ରେ ବିଜୟ ହାସଲ କରିଛି। ଫାଟିଙ୍କ ବ୍ୟତୀତ ଅନ୍ୟ ଦୁଇ ଯୁବ ଖେଳାଳି ଗାଭି ପେଜ୍ ଓ ନିକୋ ୱିଲିୟମ୍ସଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି ସ୍ପେନ। ଜୋର୍ଡାନ ବିପକ୍ଷ ମ୍ୟାଚରେ ଏହି ଦୁଇ ଖେଳାଳି ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଛନ୍ତି। ଦଳ ପାଇଁ ଏହା ଏକ ଶୁଭ ସୂଚନା ବୋଲି କୋଚ୍ ଲୁଇସ୍ ଏନ୍‌ରିକ୍ ପ୍ରକାଶ କରିଛନ୍ତି। ସ୍ପେନ୍ ବିଶ୍ୱକପ୍‌ରେ ଏହାର ଉଦ୍‌ଘାଟନୀ ମ୍ୟାଚ ନଭେମ୍ବର ୨୩ରେ କୋଷ୍ଟାରିକା ବିପକ୍ଷରେ ଖେଳିବ। ଗ୍ରୁପ୍ ଇ'ରେ ଦଳ ଏହାର ଅନ୍ୟ ଦୁଇଟି ମ୍ୟାଚ ଜର୍ମାନୀ ଓ ଜାପାନ ବିପକ୍ଷରେ ଖେଳିବ। ଲିସବନଠାରେ ଫର୍ନାଣ୍ଡିଜଙ୍କ ଡବଲ ଗୋଲ ସହାୟତାରେ ନାଇଜେରିଆ ବିପକ୍ଷରେ ପର୍ତ୍ତୁଗାଲ ସହଜ ବିଜୟ ହାସଲ କରିଛି। ଦଳ ପକ୍ଷରୁ ଅନ୍ୟ ଦୁଇଟି ଗୋଲ ଦ୍ୱିତୀୟାର୍ଦ୍ଧରେ ଗୋନାକାଲୋ ରାମୋସ ଓ ଜୋଆଓ ମାରିଓ ସ୍କୋର କରିଥିଲେ। ପେଟ ଗଣ୍ଡଗୋଳ ଯୋଗୁ ରୋନାଲ୍‌ଡୋ ଏହି ମ୍ୟାଚରେ ଖେଳିପାରି ନାହାନ୍ତି। ନାଇଜେରିଆ ପକ୍ଷରୁ ଏମାନୁଏଲ୍ ଡେନିସ ଏକ ବିଳମ୍ବିତ ପେନାଲ୍‌ଟି କିକ୍ ମିସ୍ କରିଛନ୍ତି। ଆବୁଧାବିଠାରେ ଘାନା ୨-୦ରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି।

# ଜାତୀୟ ଚୟନ କମିଟି ବହିଷ୍କୃତ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ୪ ଜଣିଆ ସଦସ୍ୟ ବିଶିଷ୍ଟ ସିନିୟର ସିଲେକ୍ସନ କମିଟିକୁ ବହିଷ୍କାର କରିଛି। ଭାରତୀୟ କ୍ରିକେଟ ଦଳ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନ ପାରିବାରୁ ଏହି ପଦକ୍ଷେପ ନିଆଯାଇଛି। ଚେତନଙ୍କ କାର୍ଯ୍ୟକାଳରେ ଭାରତ ଟି୨୦ ବିଶ୍ୱକପ୍ ୨୦୨୧ ସଂସ୍କରଣରେ ଭାରତ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିଲା ଏବଂ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପରାଜିତ ହୋଇଥିଲା। ସାମ୍ପ୍ରତିକ ସମୟରେ ଜାତୀୟ ସିନିୟର ଚୟନକର୍ତ୍ତା ଭାବେ ଚେତନ (ଉତ୍ତରାଞ୍ଚଳ), ହର୍ବିନ୍ଦର ସିଂ (କେନ୍ଦ୍ରାଞ୍ଚଳ), ସୁନୀଲ ଜୋଶି (ଦକ୍ଷିଣାଞ୍ଚଳ) ଓ ଓଡ଼ିଶାର ଦେବାଶିଷ ମହାନ୍ତି (ପୂର୍ବାଞ୍ଚଳ)ଙ୍କ କାର୍ଯ୍ୟକାଳ କମ୍ ରହିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କର ୨୦୨୦ରେ ଏବଂ ଅନ୍ୟ କେତେଜଣଙ୍କର ନିଯୁକ୍ତି ୨୦୨୧ରେ ହୋଇଛି। ଜରେ ଜାତୀୟ ଚୟନକର୍ତ୍ତା କାର୍ଯ୍ୟକାଳ ବୃଦ୍ଧିରେ

**ଟି୨୦ କ୍ରିକେଟ ବିଶ୍ୱକପରେ ଭାରତ ପ୍ରଦର୍ଶନର ପ୍ରଭାବ**

୪ ବର୍ଷ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିପାରିବେ। ଆବେ କୁରୁଭିଲ୍ଲାଙ୍କ କାର୍ଯ୍ୟକାଳ ଶେଷ ପରେ ବର୍ତ୍ତମାନ ପଶ୍ଚିମାଞ୍ଚଳର କୌଣସି ଚୟନକର୍ତ୍ତା ନ ଥିଲେ। ବିସିସିଆଇ ଜାତୀୟ ସିନିୟର ପୁରୁଷ ଚୟନକର୍ତ୍ତା ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଆବେଦନପତ୍ର ଦାଖଲର ଅନ୍ତିମ ଦିବସ ନଭେମ୍ବର ୨୮ ରଖାଯାଇଛି।

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ବାତିଲ

**ୱେଲିଂଟନ୍, ୧୮।୧୧ (ପି.ଟି.)**

ବର୍ଷା ଯୋଗୁ ପଡ଼ିଆ ଖେଳ ପାଇଁ ଅନୁପଯୁକ୍ତ ହୋଇପଡ଼ିବାରୁ ଏଠାରେ ଶୁକ୍ରବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯାଇ ପାରିନାହିଁ। ନ୍ୟୁଜିଲାଣ୍ଡ ଟୁର୍ ଅବସରରେ ଭାରତ ଆହୁରି ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିବ। ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଉଭୟ ଦଳ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେବା ପରେ ଏହି ସିରିଜ ଖେଳୁଛନ୍ତି। ଭାରତ ଚାମ୍ପିୟନ ଇଂଲଣ୍ଡଠାରୁ ପରାଜିତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡକୁ ପାକିସ୍ତାନ ହରାଇ ଦେଇଥିଲା। ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏଠାରେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଉପଅଧିନାୟକ ଭାବେ କାର୍ଯ୍ୟକରିବେ। ରୋହିତଙ୍କ ବ୍ୟତୀତ ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ଓପନର କେ.ଏଲ୍. ରାହୁଲଙ୍କୁ ଏହି ଟୁର୍‌ରୁ ବିଶ୍ରାମ ଦିଆଯାଇଛି। ସିନିୟର ଖେଳାଳିମାନେ ବିଶ୍ରାମ ନେଇଥିବାରୁ ଶୁବମନ ଗିଲ୍, ଉମରାନ ମଲିକ, ଇଶାନ କିଶନ ଓ ସଞ୍ଜୁ ସାମ୍‌ସନଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ମିଳିଛି। ଟି୨୦ ବିଶ୍ୱକପ୍ ପରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସମେତ ସମସ୍ତ କୋଚିଂ ଷ୍ଟାଫ୍‌ଙ୍କୁ ଏକ ଛୁଟି ଦିଆଯାଇଛି। ନ୍ୟୁଜିଲାଣ୍ଡ ଟୁର୍ ପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତୀୟ ଦଳର କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ପରବର୍ତ୍ତୀ ଟି୨୦ ରବିବାର ମାଉଣ୍ଟ ମଙ୍ଗାନୁଇଠାରେ ଖେଳାଯିବ।

# ସାଇ ସ୍ୱସ୍ତିକଙ୍କୁ ଟ୍ରିପଲ୍ ଟାଇଟଲ

**ଭୁବନେଶ୍ୱର, ୧୮।୧୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ସହଯୋଗରେ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ସାଇ ସ୍ୱସ୍ତିକ ମହାନ୍ତି ଟ୍ରିପଲ ଟାଇଟଲ ହାସଲ କରିଛନ୍ତି। ସେ ୧୨ ବର୍ଷରୁ କମ୍ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବର୍ଗର ଫାଇନାଲରେ ସେ ତାମିଲନାଡୁର ରୋନି ବିଜୟ କୁମାରଙ୍କୁ ୬-୪, ୬-୦ରେ ହରାଇବା ପରେ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଅନ୍ୟତମ ଓଡ଼ିଆ ଖେଳାଳି ମୟଙ୍କ ମୋଦିଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ସାଇ ସ୍ୱସ୍ତିକ-ଅନିକେତ ସାହୁ ଯୋଡ଼ି ୬-୦, ୬-୨ ସେଟ୍‌ରେ ପଶ୍ଚିମବଙ୍ଗ ଯୋଡ଼ି ଶାହାବାଜ ସିଂ ସାଙ୍ଘେରା ଓ ସ୍ୱପ୍ନିଲ ଘୋଷଙ୍କୁ ହରାଇ ଟ୍ରଫି ହାସଲ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫

**ସର୍ବଭାରତୀୟ ଚାମ୍ପିୟନଶିପ୍ ସିରିଜ ଟେନିସ**

ଓ ୨୦ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଓଟିଏର ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ନାମେଣ୍ଟ ଡାଇରେକ୍ଟର ମନୋଜ ଦାସ, ରେଫରି ଯତୀନ ବୈଶ୍ୟ, ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଟ୍ରଷ୍ଟି ସନ୍ତୋଷ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।



ସର୍ବଭାରତୀୟ ଟେନିସ: ୩ ଟ୍ରଫି ସହ ସାଇ ସ୍ୱସ୍ତିକ ମହାନ୍ତି।

# ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଆରମ୍ଭ


ଭୁବନେଶ୍ୱର ମେୟର ସୁଲୋଚନା ଦାସ ବ୍ୟାଟିଂ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଟାଉନ୍ କ୍ଲବ ପଡ଼ିଆରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ (କାଭି) ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପୁରୁଷ ଦୃଷ୍ଟିବାଧିତ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ଭୁବନେଶ୍ୱରର ୩ କର୍ପୋରେଟର ବିରଞ୍ଚି ମହାସୂପକାର, ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମାଲିଆ, ଭୁବନେଶ୍ୱର ଟାଉନ୍ କ୍ଲବର ସମ୍ପାଦକ, ପୃଥ୍ୱୀକାନ୍ତ ମହାପାତ୍ର, ଟାଉନ୍ କ୍ଲବ ପଡ଼ିଆର ପ୍ରଭାରୀ ନିହାର ରଞ୍ଜନ ପଟ୍ଟନାୟକ, ଶିଶୁ ଓ ମହିଳା ବିକାଶ ସୋସାଇଟିର ଅଧ୍ୟକ୍ଷା କଳ୍ପନା ଦାସ ଏବଂ ସ୍ପେଶାଲ ଅଲିମ୍ପିକ ଭାରତ ଓଡ଼ିଶାର ଏରିଆ ଡାଇରେକ୍ଟର ପ୍ରକାଶ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍ସବ ଆରମ୍ଭରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘ ସଭାପତି ମହମ୍ମଦ ଜାଫର ଇକବାଲ ନିଜର ମତ ରଖିଥିଲେ। କାଭି ଓଡ଼ିଶାର ସମ୍ପାଦକ ତଥା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା ସଂଯୋଜନା କରିଥିଲେ। ପ୍ରଥମ ଦିନରେ ଟାଉନ୍ କ୍ଲବ ପଡିଆ ଏବଂ ବିଏମ ହାଇସ୍କୁଲ ପଡିଆରେ ତିନୋଟି ଲେଖାଏ ଲିଗ୍ ମ୍ୟାଚ୍ ହୋଇଥିଲା। ପୁଲ୍ 'ଏ'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିବାବେଳେ କୋରାପୁଟ ଏବଂ ରେଭେନ୍ସା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲ ଅନୁଷ୍ଠିତ ହେବ।

# ଏକାମ୍ର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୮।୧୧ (ଡି.ଏନ୍.ଏ.)**

ସ୍ଥାନୀୟ କେଶୁରା ପଡ଼ିଆରେ ଶୁକ୍ରବାରଠାରୁ ଏକାମ୍ର କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୧୬ଟି ଦଳ ଭାଗ ନେଉଛନ୍ତି। ପ୍ରଥମ ଲିଗ୍ ମ୍ୟାଚ ବ୍ଲାକ କ୍ୟାପସ୍ ବନାମ ରକଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ରକଷ୍ଟାର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୪୩ରନ୍ କରିଥିଲା। ଜବାବରେ ବ୍ଲାକ କ୍ୟାପସ୍ ୧୨ ଓଭରରେ ୭ ଉଇକେଟ ହରାଇ ୧୪୩ରନ୍ ସଂଗ୍ରହ କରିଥିଲେ। ମ୍ୟାଚ ଟାଇ ହେବାରୁ ସୁପର ଓଭରରେ ରକଷ୍ଟାର ଜିତିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ ମ୍ୟାଜିକ୍ ଏକାଦଶ ଏବଂ ଆଷ୍ଟ୍ରୋ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି ମ୍ୟାଜିକ ଏକାଦଶ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂକରି ଆଷ୍ଟ୍ରୋ ଏକାଦଶ ୧୨ ଓଭରରେ ୭ ଉଇକେଟ ହରାଇ ୧୩୭ରନ୍ କରିଥିଲା। ଜବାବରେ ମ୍ୟାଜିକ୍ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୩୯ରନ୍ କରି ମ୍ୟାଚ ଜିତିନେଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ ମ୍ୟାଚ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିକ୍ରମ ସେଠୀ, କେଶୁରା ଗ୍ରାମ ସଭାପତି ଶୁକଦେବ ସ୍ୱାଇଁ, ବିନୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଫ୍ରେଣ୍ଡସ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ମ୍ୟାଚକୁ ଯଥାର୍ଥ ପ୍ରଧାନ, ରଫି ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନା କରିଥିଲେ। ଫାଇନାଲ ଆସନ୍ତା ୨୨ରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦ ହଜାର ଏବଂ ରନର୍‌ଅପ ଦଳକୁ ଟ୍ରଫି ଏବଂ ୩୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି କୃତାର୍ଥ ପ୍ରଧାନ କହିଛନ୍ତି।


ଏକାମ୍ର କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭରେ ଅତିଥିଙ୍କ ସହ ଖେଳାଳିମାନେ।


# Classified Everyday
**0674-2580101, 2549949**


REAL ESTATE

**SALE**

GA Freehold 3750sft. west facing 2.30 Cr. immediate for sale. Contact: 9861040268. D-71663

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Luxurious 4BHK Duplex near Balianta Bazar. Land-1400 Construction-2200-85Lakh. 9938219397, 9861022055. D-2034

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140

**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823




Newly open full body massage ladies and gents. 8327740003, 8093860513. D-73999

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open Spa positively health benefit with expert. Contact: 7749976301. D-73894

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664




Residential house 2rooms, Toilet, Kitchen, Marble flooring, opposite Hotel Precidency Nayapalli, 7077754377. D-74154

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଲିଙ୍ଗରାଜ ପାଢ଼ୀ**
(ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର)
ଓଡ଼ଗାଁ, ଜିଲ୍ଲା: ନୟାଗଡ଼
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୩୦।୧୧।୨୦୨୧
(ମାର୍ଗଶିର କୃଷ୍ଣପକ୍ଷ ଏକାଦଶୀ)
ଚାହୁଁଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଉପଦେଶ ଓ ପ୍ରେରଣା ପ୍ରତି ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସବୁବେଳେ ଆମମାନଙ୍କ ଉପରେ ରହିଥାଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
**ଇତି ଆପଣଙ୍କର:** ମୁନା, ଗୀତା, ମିନି, ମିନୁ, ମାନି, କାର୍ତ୍ତି, ଅଜିତ୍, ନିରୋଜ, ସଞ୍ଜୀବ, ପିକୁନ୍, ଲିପୁନ୍, ବାପୁନ୍, ରିପୁନ୍, ଫଗୁ, ତେଜ, ହାପି, ପ୍ରମୋଦ, ଲକ୍ଷ୍ମୀ, ପୀତାମ୍ବର ଓ ଟୁନା ।
ଧ-୨୦୩୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ପାନଡାଲା

**ଗଳ୍ପ**

**ରୋଜାଲିନ୍ ବେହେରା**

ତା'ର ନିଜର କହିଲେ ଏକମାତ୍ର ସେହି ପାନଡାଲା, ଆଉ ନହେଲେ କିଛି ନୁହେଁ। ପିନ୍ଧିବା ବ୍ଲାଉଜ ଖଣ୍ଡକ ବି ଯାଆମାନଙ୍କର ଅଯାଚିତ ଦୟା, କାହାର ହୁକ ଗୋଟେ ଖସି ପଡ଼ିଲେ, କାହାର ସିଲେଇ ଟିକେ ଫିଟିଗଲେ, ଆଉ କୋଉଟାର ରଙ୍ଗ ସାମାନ୍ୟ ଉଡ଼ିଗଲେ ଏଠିସେଠି ପଡ଼ିବା ଅପେକ୍ଷା ତା'ର ମରାମତି କରିଦେବା ଭଲ। ତେଣୁ ସେ ରଖୁ କି ଫୋପାଡୁ ସବୁ କିନ୍ତୁ ଗଦେଇ ଦିଆଯାଏ ତା' ଖଟ ଉପରେ, ତା'ର ବିନା ଅନୁମତିରେ। ସେ ବି ବଡ଼ ବିଚିତ୍ର। ବାଟରୁ ପାଇଥିବା ପାଞ୍ଚଟଙ୍କି ଭଳି ସାଙ୍ଗେ ସାଙ୍ଗେ ସବୁ କଥା ମୁଣ୍ଡରେ ମାରି ଏଠିସେଠି ଗୁଞ୍ଜି ପକେଇବ। ପାନଡାଲା କିନ୍ତୁ ପୂରାପୂରି ନିଜର ହଁ...। ପୁଆଣି ବେଳେ ବୋଉ ସାଙ୍ଗରେ ଝୁଙ୍କ ଲଗେଇ ସେଇ ଚକଲଗା ପାନଡାଲାଟା ଆଣିଥିଲା। ଆଣିଥିବା ଜିନିଷ ଆଉ କ'ଣ ଅଛି, କୋଉ କାଳର କଥା ହେଲାଣି, ଯାହା ଏଇ ପାନଡାଲା ଖଣ୍ଡକ ଦାନ୍ତ ନିକୁଟି ପଡ଼ିରହିଛି, ମଲାବେଳକୁ ତା' ସାଙ୍ଗରେ ମଶାଣିକୁ ଯିବ ବୋଲି କି କ'ଣ!

ପାନଡାଲା ପାଖରେ କେତେ କ'ଣ ହଜିଲା କଥା। ବୋଉ ଦେଇଥିବା ରୁପାର ବଟଫଳ, ଚୁନି ବାପାଙ୍କର ସେଇ ପ୍ରଥମ ଉପହାର କଲିକତି ଫରୁଆ, ପଟେ ପଟେ ହଜି ଯାଇଥିବା ଗୋଡ଼ମୁଦି, ହାତକୁ ଗଳଗଳ ହେଉଥିବା ଚିତା କୁଟେଇ ବୁଢ଼ୀର ତାବିଜ, ଶାଶୁ ଗଞ୍ଜଣାଠୁଁ ପିଲାମାନଙ୍କର ଖୁମାଣ... ସବୁ କିଛି ସେଇଠି। ପାନଡାଲା ପଟାରେ ଚୂନ ହାତ ପୋଛିଲା ପରି ଦୁଃଖ ସବୁ ସେଇଠି ପୋଛି ଦେଇ ସଂସାର ଶଗଡ଼ିକୁ ଏତେଯାଏଁ ଗଡ଼େଇ ଆଣିଛି ଚୁନି ବୋଉ। ବେଳେବେଳେ ତ ସଂସାରଯାକର ବିରକ୍ତି ଚିଡ଼୍‌ଚିଡ଼ା ସବୁ ସେଇ ପାନଡାଲା ଉପରେ ସେ ଅଜାଡ଼ି ଦେବାକୁ ବାଧ ହୁଏ। କଥାରେ ନାହିଁ "ଶାଶୁ ମାରୁଥାଏ ବୋହୂକୁ, ବୋହୂ ଛାର ହୋଇ କାହାକୁ ମାରିବ, ମାରୁଥାଏ ଚୁଲି ମୁହଁକୁ।" ସବୁବେଳେ ଏଇ ଫୋପଡ଼ାକଚଡ଼ା ଉଠାପକା ଭିତରେ ଅବଶ୍ୟ ପାନଡାଲା ତା'ର ଯୌବନ ହରେଇ ବସିଛି, ତଳୁ ଚକା କେଇଟା ଆଉ ନାହିଁ, ଭିତରେ କେଇଜାଗା କଣ୍ଟା ଖସି ଆଁ ଫାଟ।

ସାତ ତାଳ ଦୁଃଖକୁ ପାନଖିଲ ସାଙ୍ଗେ ମୋଡ଼ି ଦେଇ ଚୁନି ବୋଉ ପାନପିକ ଭଳିଆ ନାଲିଆ ହସ ଝରାଉଥିବ, ଯିଏ ଯାହା କହୁ ସହିଗଲେ ଗଲା। ଘରର ବଡ଼ ବୋହୂ, ବଡ଼ ଦାୟିତ୍ୱ, ବେଶୀ ଜଞ୍ଜାଳ। ସବୁ ସୁନ୍ଦରୀ ଶିକ୍ଷିତା ଆଧୁନିକା। ମନ ଚାହେଁନି ସେମାନଙ୍କୁ ଚୁଲିଚାଳ ପାଖେ ବସେଇବାକୁ। ଏସବୁ ବିଷୟରେ କ'ଣ ବା ଆଜିକାଲିକା ପିଲାଙ୍କୁ ଜଣା, ତା'ଛଡ଼ା ଲମ୍ଫିଯିବେଣି; କିନ୍ତୁ ପାନଡାଲା ତାକୁ ଅନେଇଥିବ। ଗୋଡ଼ ଲମ୍ବେଇ ଫାଡ଼େ ପାନ ଠାକେରା କଳରେ ଜାକିଲା ପରେ ଯାଇ ଯୋଉକଥା, ଗାଈଗୋରୁ ସଞ୍ଜସଳିତା ରାତି ରୋଷେଇ ତା' ପଛକୁ ପଛ ଏମିତି କାମ। ଯାଆମାନଙ୍କୁ ଏବଂ ଛୁଆମାନଙ୍କୁ ଚୁନି ବୋଉର ଏଇ ପାନ ଫାନ ଖିଆ ଭଲଲାଗେନି, ଏସବୁ କୁଆଡ଼େ ଅନ୍‌ଏଡୁକେଟେଡ୍ ସାଇନ୍, ଚୁନି



ଶାଶୁଘରେ ପାଦ ରଖିବା ଆଗରୁ ବୋଉ କାନେ କାନେ ଏ କଥା ଶିଖେଇଥିଲା। ସତକୁ ସତ ଏଡ଼େ ବଡ଼ ପରିବାର, ଦିଅର ନଣନ୍ଦ ସବୁ ପଛକୁ ପଛ କରି ପଲେ। ସମସ୍ତଙ୍କୁ ଏତୁଟେରୁ ଏଡ଼େଟେ କରି ମଣିଷ କଲାବେଳକୁ ଦେହରୁ ବଳ ବୟସ ଖସିଲାଣି। ଯାଆମାନେ ଛୁଆମାନେ ଖୁଡ଼ୀ ଖୁଡ଼ୀ ଡାକିଲେ ବି ସମବୟସ ହେବେ, ତେଣୁ ସେମାନେ ବି ଛୁଆରେ ଗଣା।

ଛାଡ଼, ଗଲାଣି ତ କାଳକ, ଆଉ କେଇଟା ଦିନ ଯେ! ରନ୍ଧାବଢ଼ା, ଖିଆପିଆ, ମଜାଧୁଆ ସାରି ଖଟକୁ ଗଲାବେଳକୁ ଯିଏ ଯୁଆଡ଼େ ସମସ୍ତେ ବୋଉ କିନ୍ତୁ ଏ ସବୁର ଅର୍ଥ ବୁଝୁ ନ ବୁଝୁ ସେ କିନ୍ତୁ ଜାଣେ ଏଇ ପାନଡାଲା ହିଁ ତା'ର ଶିକ୍ଷକ, ଯିଏ ତାକୁ ଶିଖେଇଛି ଜୀବନ ଜିଇବାର କଳା, ନିଜକୁ ଅହରହ ପେଷି ଅନ୍ୟମୁହଁରେ ତୃପ୍ତି ଦେବାର କଳା।

ବୁଢ଼ୀ ଯିବାର ଏଇଠି ତିନିଦିନ ହେଲାଣି। ଘରେ ପୁଅବୋହୂ, ଝିଅଜ୍ୱାଇଁ ଓ ଯାଆ ଦିଅର ସବୁ ଭର୍ତ୍ତି। ନୀତି ମୁତାବକ ବଡ଼ପୁଅ ସକାଳୁ ହାଡିଆନ୍ଧ ପଟ ଅସ୍ଥିପିଣ୍ଡିରେ ଦାନ୍ତକାଠି ଚା' ପାଣି ସବୁ ସଜାଡ଼ି ଦେଇ ଆସେ। ସେଦିନ ସାନଖୁଡ଼ୀ ମଜଭୁତିଆ କରି ପାନ ଖଣ୍ଡେ ଭାଙ୍ଗି ହାତକୁ ବଢ଼େଇ ଦେଇ କହିଲେ- ପୁଅ, ଏଇ ନିଅ ପାନଟା ଥୋଇ ଓଳିକି ହୁଅ, ବୋଉ ପାନ ଖାଇବାକୁ ଭଲପାଆନ୍ତି। ଦୁନିଆ ବି ବଡ଼ ବିଚିତ୍ର, ମଣିଷ ବଞ୍ଚିଥିବାବେଳେ ଆଦର ମିଳେନି, ମରିଯିବା ପରେ ସେଇ ଲୋକର ଆତ୍ମା ଶାନ୍ତି ପାଇଁ କେତେ କ'ଣ କରାଯାଏ। ଏଇ ପାନ ପାଇଁ ଘରେ କେତେ କ'ଣ ସବୁ କାଣ୍ଡ ନ ହୁଏ, ସ୍ୱାମୀଠାରୁ ଛୁଆଙ୍କଯାଏଁ କିଏ କେତେ ବା କଥା ନ କୁହେ! ମରିବାକୁ ଥାଏ କେଇଦିନ, ରାଗ ଅଭିମାନରେ ପାନ ଖାଇବା ଛାଡ଼ିଦେଇଥାଏ ଚୁନି ବୋଉ। ମରଣଶେଯରେ ଯନ୍ତ୍ରଣା ବଢ଼ିବଢ଼ି ଯାଉଥାଏ, ଜୀବଟା ଛାଡୁ ନ ଥାଏ, ପୁରୁଖାଏ କେଇଜଣ କହିଲେ- ପାନ ଖଣ୍ଡେ ପାଟିରେ ଦିଅ କାଳେ ଆଶାଟା ରହିଯାଇଥିବ ଜୀବଟା ଯାଉନଥିବ ସେଇଥିପାଇଁ। ସତକୁ ସତ ପାନ ଖଣ୍ଡେ ମକଚି ବୁଢ଼ୀ ପାଟିରେ ରଖିଦିଆଗଲା। ଜୋର୍ ପାଉ ନ ଥିବା କଳକୁ ବୁଲେଇ ବୁଲେଇ ବୁଢ଼ୀ ପାନ ଖଣ୍ଡକୁ ଠିକ୍‌ରେ ସାରିଛି କି ନାହିଁ ଠକ୍ କିନା ନିଃଶ୍ୱାସ ରହିଗଲା, ଓଠକଡ଼କୁ ଛେଦାମିଶା ପାନଛେପ ଧାରେ ଗଡ଼ିଆସିଲା।

ମଶାଣିରୁ ଫେରି ମାଲୁଆ ଭାଇମାନେ ଛକ ପାଖରେ ଗପୁଥିଲେ ଯେ ବୁଢ଼ୀର ଜୁଇଟା କୁଆଡ଼େ ଲିଭିଲିଭି ଜଳୁଥିଲା, ପାନଡାଲାଟା ନେଇ ନିଆଁରେ ଫୋପାଡ଼ିବା ପରେ ଜୁଇଟା ହୁତ୍ ହୁତ୍ ହେଇ ଜଳିଉଠିଲା।

ଖୁଡ଼ୀଙ୍କ ହାତରୁ ପାନଟା ନେଇ ଅସ୍ଥି ପିଣ୍ଡି ଉପରେ ରଖୁରଖୁ କୋଉଠି ଥିଲା ଝଙ୍କାଏ ମେଘମିଶା ପବନ ତାକୁ ଉଡ଼େଇନେଲା, ସତେଯେମିତି ଅଭିମାନ ଛାଟି ପାନଟା ଉଡ଼ିଉଡ଼ି ଫେରିଯାଉଥିଲା ଦୂରକୁ ଦୂରକୁ, ଆହୁରି ଦୂରକୁ, ଅଦୃଶ୍ୟରେ ଅପେକ୍ଷାରତ ବୋଉ ପାଖକୁ...।

ମୋ: ୭୩୭୭୯୩୧୩୮୦

## କବିତା

### ତମେ, ମୁଁ ଓ ସଇତାନ

**ହରିଶ୍ଚନ୍ଦ୍ର ବେହେରା**

କାହିଁକି ଗୁଡ଼କଙ୍କ ଲଟାରେ
ଛନ୍ଦିଯାଏ ପାଦ ମୋର ବାରମ୍ବାର
କେଉଁ ଚୋରା ବାଲିରେ
ଅଟକିଯାଏ ଛମ୍‌ଛମ୍
ଏ ଯାଏଁ ବିଭୋର କରିଥିବା ଆବେଗର

ପଛକୁ ଘୂରି ଚାହିଁବା ମନା
ସର୍ତ୍ତଟିଏ କେଉଁ ରଖିପାରିଲି
ବାରମ୍ବାର ଏମିତି ଲଙ୍ଘନରୁ ତ
ଜନ୍ମନିଏ ଗୋଟେ ମହାକାବ୍ୟ
କି ଇତିହାସ
ମୁଁ କେଉଁ ବୁଝିପାରିଲି
କେତେ ଛଳ ଛଦ୍ମ
ଭାଗ୍ୟ ଗଢ଼ୁଥିବା ଈଶ୍ୱରଙ୍କର

ତମେ ତ ମହକୁ ଥାଅ
ମୋ' ଭିତରେ ଚିରକାଳ
ଅଥଚ କାହିଁକି ଠିଆ ହୋଇଯାଏ
ସଇତାନଟିଏ
ବାଟ ଓଗାଳି ସାମ୍ନାରେ
କେଉଁ ଗୋଟେ ଅବୋଧ ସ୍ନେହରେ
ବାନ୍ଧି ଦେଇଛ ମୋତେ
ମୁକୁଳିପାରେନି ଯେତେ ଚାହିଁଲେ ବି
କେତେ ଥର ତମ ଦୁଆରୁ ଫେରିଆସିଛି
ପାଞ୍ଚ ମନ ପରିଶ ପ୍ରକୃତିକି ନେଇ
ତମ ପ୍ରତିବିମ୍ବ ଭିତରକୁ
ଅନେଇଛି ବାରମ୍ବାର
କାଳେ ମୁଁ ଦିଶିବି ବୋଲି

ଗୋଟେ କାନ୍‌ଭାସରେ
ତମେ, ମୁଁ, ସଇତାନ
ଆଉ କେଇଟା ଗଜରୁଥିବା ଶିଙ୍ଗ
କେମିତି ଲାଗନ୍ତା!
କେତେଥର ଓହ୍ଲେଇ ନେଇଛି ପ୍ରାର୍ଥନା
ତମ ପାଖରୁ, ଅଥଚ...

ଏବେ ତ କାଠଖୁମ୍ପା କାଠ ନ ଖୁମ୍ପି
ଖୁମ୍ପୁଚି ମୋ' ଭାଗ୍ୟ
କାଢ଼ି ନିଅନ୍ତନି ସଜେଇବାକୁ
ତମ ଅମରାବତୀ!
କଥା ଦେଉଛି ଫେରେଇଦେବି
ତମେ ମୋତେ ଦେଇଥିବା ଦୁଃଖ ସୁଖ
କଥା ଦେଉଛି।

ମୋ: ୯୪୩୭୮୧୩୭୦୮

### ଆତତାୟୀ

**ସାଗରିକା ପଟ୍ଟନାୟକ**

ହଜିଗଲା ପରେ ଖୋଜୁଛି
ହେଲେ ସେ କାହୁଁ ମିଳୁଛି
ସେ ଚିହ୍ନା ଅତୀତ
ଆଉ ଭୁମ ବାସି ସ୍ମୃତି
ଥିରି ଥିରି ପାହୁଣ୍ଡ ପକାଇ
ଭବିଷ୍ୟତର କଳ୍ପନା ଯା' ମାଡ଼ିବସୁଛି
ହେଲେ କୋଉ ମୁକୁଳି ହେଉଛି।

କିଏ ସେ କେଉଁଠୁ ଆସିବ
କେଉଁଠିକୁ ନେଇଯିବ
ସୁଖ ଦେବ ନା ଓଦା ହେବ ଆଖି
ମନ ଚାରିପଟେ
ଏବେ ଗଦା ପ୍ରଶ୍ନମଞ୍ଜି।

ଆତତାୟୀ କାହିଁକି ସାଜିଲ
ଛାଡ଼ିଗଲ ବିରହ ବନରେ
ଦେଖିଯାଅ ଥରେ ଆସି
ପ୍ରେମର ବଜାରେ
ମୋ' ମୂଲ କେତେ ଲାଗୁଛି।

ମୋ: ୯୮୬୧୭୫୦୨୯୨

**ଗୀତି-କବିତା**

### ଆଖି ବୁଜିଦେଇ...

**ଡ. ଆର୍ତ୍ତତ୍ରାଣ ମିଶ୍ର**

ଆଖି ବୁଜିଦେଇ ଭାବିଲେ ହୃଦୟେ
ଭୁଲା ମନ ଦୁଃଖେ ହଜେ,
ଖୋଲା ଆଖି ଯାହା ଦେଖି ନ ପାରଇ
ବୁଜା ଆଖି ତାହା ବୁଝେ।

ଗଂଗା, ଯମୁନା କି ସିନ୍ଧୁ, ଗୋଦାବରୀ
ନର୍ମଦା, କାବେରୀ ସୁଏ
ଧୋଇ ନ ହୁଏ ସେ ମଇଳା ଚାଦର
ଆଖି ଲୁହ ଯାହା ଧୁଏ।

ଆଖି ବୁଜି ଦେଲେ ସବୁ ତ ସରଇ
ପରାଇ ହୁଅଇ ସବୁ,
ଖୋଲା ଥିଲାଯାଏଁ ଦେଖା ତ' ନଯାଏ
ବୁଝେ ନା ବି' ମନ ବାବୁ।

ଚଗଲା, ବଗଲା, ଡହରା, ଡଗରା
ଜୀବନର ଚଲା ବାଟ,
ସେ ଜୀବନ ମଧୁ, ଯେ ଜୀବନ ସିନ୍ଧୁ
ଧୀର, ସ୍ଥିର, ନିଷ୍କପଟ।

ମୋ: ୯୪୧୪୪୭୪୬୫୩

## ପୁସ୍ତକ ପରିଚୟ

### ବିଂଶରୁ ଏକବିଂଶ



(୧୯୫୧-୨୦୨୦)
**ଲେଖକ:** ଡ. ଦିଲୀପ କୁମାର ସ୍ୱାଇଁ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୪୮୦/-

୫୨୮ ପୃଷ୍ଠାର ଆଲୋଚ୍ୟ ଏହି ଗବେଷଣାଗ୍ରନ୍ଥଟି ବିଂଶ ଓ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକଯାଏ ରଚିତ ଓଡ଼ିଆ କବିତାର ଏକ ତଥ୍ୟନିଷ୍ଠ ମାର୍ମିକ ବିଶ୍ଳେଷଣ। ଡି.ଲିଟ୍ ଉପାଧି ପାଇଁ ପ୍ରସ୍ତୁତ ଗବେଷଣା ସନ୍ଦର୍ଭରେ ଶେଷ ପରିଚ୍ଛେଦଟି କେବଳ ପରବର୍ତ୍ତୀ ସଂଯୋଗ, ଯହିଁରେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାକୁ ମୌଳିକ ଦୃଷ୍ଟିକୋଣରୁ କବି-ଆଲୋଚକ ଦିଲୀପ ବିଶ୍ଳେଷଣ କରିଛନ୍ତି। ଓଡ଼ିଶାର ସମାଜ-ଆର୍ଥନୀତିକ ପୃଷ୍ଠଭୂମି ଆଧାରରେ ଗଢ଼ିଉଠି ଗତିଶୀଳ ହୋଇଥିବା ଓଡ଼ିଆ କବିତାକୁ ଯେ କେବଳ ଏଥିରେ ଆଲୋଚନା କରାଯାଇଛି, ତାହା ନୁହେଁ; ବହୁ ଅନାଲୋଚିତ ପ୍ରତିଭାଧର କବିଙ୍କୁ ଲେଖକ ସମୟର ଚିତାଭସ୍ମ ତଳୁ ଗୋଟେଇ ଆଣି ସସମ୍ମାନେ ଗରିମାମୟ ଆସନରେ ଆସୀନ କରାଇଛନ୍ତି। ଏହି ପ୍ରସଙ୍ଗରେ କବି ମନମୋହନ ମିଶ୍ର ଓ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତା ସମ୍ପର୍କରେ ଦିଲୀପଙ୍କ ନିରପେକ୍ଷ ସମୀକ୍ଷାଦୃଷ୍ଟିକୁ ଲକ୍ଷ୍ୟ କରାଯାଇପାରେ। ଆଲୋଚନା କ୍ରମରେ ମନମୋହନଙ୍କ 'ଚାଉଳ ସମାଚାର' କବିତାରୁ ସେ ଯେଉଁ ଦୃଷ୍ଟାନ୍ତଟି ଦେଇଛନ୍ତି, ତାହା ଏହିପରି: "ମେଘ ତ କଜଳ କଳା/ ଚାଉଳ କିପାଇଁ ନ ମିଳେ ଭଲା/ ଉପାସେ ଜୀବନ ଗଲା/ ପାଣିରେ ଯାଏ ଶେଉଳ/ ଟଙ୍କାକୁ ନ ମିଳେ ସେରେ ଚାଉଳ/ ଗୋଲା ତେଣୁ ଆମ ମୂଳ।" (ପୃ: ୧୪୦)। କୃଷ୍ଣଚନ୍ଦ୍ରଙ୍କ କବିତା "ମାଟି ଓ ମଣିଷ"ରୁ ସେ ନେଇଥିବା ଏଇ ଉଦ୍ଧୃତିଟି- "ମଣିଷକୁ ଭଲପାଏ ମୁହିଁ ଭଲପାଏ ହେ/ ଟିକିନିଖି ସବୁ ତା'ର ଜାଣିବାକୁ ଚାହେଁ ହେ।" ଓଡ଼ିଆ କବିତା-କଳନା କ୍ଷେତ୍ରରେ ବହିଟି ଏକ ନୂଆ ଚିନ୍ତାର ସଂଯୋଗ ଆଣେ। ଭାଷାରେ ମନ ଠା'କୁ ଠା' ଅଟକିଯାଏ।

### ଜୀଇଁ ନଥିବା ଜୀବନ




**ମୂଳ ହିନ୍ଦୀ:** କୁଳଦୀପ୍ କୁମାର
**ଅନୁବାଦ:** ପ୍ରବାସିନୀ ମହାକୁଡ଼
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୧୮୦/-

ବିଶିଷ୍ଟ ହିନ୍ଦୀ କବି କୁଲଦୀପ୍ କୁମାରଙ୍କ ହିନ୍ଦୀ କବିତା ପୁସ୍ତକ "ବିନ୍ ଜିୟା ଜୀବନ"ର ଓଡ଼ିଆ ଅନୁବାଦ ପ୍ରବାସିନୀ କର୍ତ୍ତୃକ ସମ୍ପାଦିତ, ଯାହାର ଶୀର୍ଷକ- "ଜୀଇଁ ନ ଥିବା ଜୀବନ"। ଏଥିରେ ମୋଟ ୬୪ଟି କବିତା ରହିଛି, ଯହିଁରୁ ଶେଷ ପାଞ୍ଚୋଟି ମହାଭାରତର ବିଶିଷ୍ଟ ନାରୀ ଚରିତ୍ରଙ୍କୁ ନେଇ। ଏହାର ଉପଶୀର୍ଷକ ରହିଛି "ମହାଭାରତ ବ୍ୟଥା"। 'ପୁରୋବାକ୍'ରେ ମଂଗଲେଶ ଡବରାଲ୍ କହନ୍ତି: "କୁଲ୍‌ଦୀପ୍‌ଙ୍କ କବିତାରେ ଏକ ବିଶେଷ ସରଳତା ଅଛି। x x ସରଳ ହେବା ସାଧାରଣ ହେବା ନୁହେଁ, ବରଂ ସରଳତା ପ୍ରାୟ ଅସାଧାରଣ ହୋଇଥାଏ ଆଉ କାବ୍ୟର ସ୍ତରରେ କଷ୍ଟରେ ହାସଲ ହୋଇପାରେ।" ବହିଟିରେ ରହିଛି କିଛି ନାତିଦୀର୍ଘ କବିତା ଓ କିଛି ଖୁବ୍ ଛୋଟ। କଳେବରକୁ ନେଇ ବକ୍ତବ୍ୟ ନିଜର ତୀବ୍ରତା ଜାହିର୍ ରଖିଛି ପ୍ରାୟ କବିତାରେ। ଅତି ଛୋଟ ଗୋଟିଏ ଦୃଷ୍ଟାନ୍ତ ନେବା- "ସ୍ତ୍ରୀ ସବୁ କିଛି ସହେ/ ପ୍ରେମରେ/ ପୁରୁଷ ସହିପାରେନି/ ପ୍ରେମ ବି।" ('ସ୍ତ୍ରୀର ପ୍ରେମ'-ପୃ:୧୫)। 'ମହାଭାରତ' ପର୍ଯ୍ୟାୟର କବିତାରେ ପୌରାଣିକ ଚରିତ୍ରକୁ କୁଲ୍‌ଦୀପ୍ ସମକାଳର ଦୃଷ୍ଟିଦେଇ ଯେପରି ପୁନଃ ଚିତ୍ରିତ କରିଛନ୍ତି, ତାହା ନୂତନ ଆଲୋକରେ ପାଠକକୁ ଉଦ୍‌ଭାସିତ କରେ। କୁଲ୍‌ଦୀପ୍ 'ଦ୍ରୌପଦୀ' ମୁହଁରେ ପଚାରୁଛନ୍ତି- "କ'ଣ ମାଆର ବୁଦ୍ଧିହୀନ ଆଜ୍ଞା ପାଳନ କରିବା ମୋ' ପୂରା ଜୀବନଠୁଁ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା?"- କାହିଁ ଏହାର ଉତ୍ତର? ପ୍ରବାସିନୀଙ୍କ ଅନୁବାଦ ମୂଳ କବିତାର ଆବେଦନକୁ ଅକ୍ଷୁଣ୍ଣ ରଖିବାରେ ଅସଫଳ ହୋଇନାହିଁ ବୋଲି ମନେହୁଏ।

## ଦୁଇଟି ମିନିକଥା

**ଶିବ ମିଶ୍ର**

### ॥ କଦମ୍ବ ଫୁଲର ହସ ॥

ସେଦିନ ସକାଳୁ ସ୍ତ୍ରୀ କହିଲେ- ବୁଝିଲ, ଗତକାଲିଠାରୁ ତମର ଚାକିରି ସରିଲା, ଆଜିଠୁ ଆରମ୍ଭ ହେବ ନୂଆ ଜୀବନ। ସ୍ୱାମୀ କହିଲେ- ଆସ ଆମେ ଏଇ ନୂଆ ଜୀବନକୁ ସ୍ୱାଗତ କରିବା ପାଇଁ ଗୋଟାଏ କାମ କରିବା। ସ୍ତ୍ରୀ ପଚାରିଲେ- କି କାମ କରିବା? ସ୍ୱାମୀ କହିଲେ- ସେଇ ଗୋଲେଇ ଛକରେ ପୁଣି ଦୁହେଁ ଦୁହିଁଙ୍କୁ ଭେଟିବା। ଟିପିଟିପି ବର୍ଷା ହେଉଥିବ। ସେଇଠି ସେ ବନ୍ଦ-ଦୋକାନ ବାରଣ୍ଡାରେ ତମେ ଠିଆ ହେବ, ମୁଁ ଠିଆ ହେବି। ମୁଁ ତମକୁ ପଚାରିବି ତମ ନାଁ, ତମ ଠିକଣା। ତମେ ଟିକିଏ ରାଗିଲାପରି ମୋ' ଆଡ଼କୁ ଚାହିଁବ। ତା'ପରେ ଫିକ୍‌କିନା ହସି ଦେବ।

ସ୍ତ୍ରୀ କହିଲେ- ତିରିଶ, ବତିଶ ବର୍ଷ ତଳେ ସେମିତି ହୋଇଥିଲା। ମୁଁ ଫିକ୍‌କିନା ହସି ଦେଇଥିଲି ବୋଲି ତମ ସ୍ତ୍ରୀ ହୋଇ ତମ ଘରକୁ ଆସିଥିଲି। ଆଜି ପୁଣି ସେମିତି କଲେ ଆଉ କ'ଣ ହେବ?

ସ୍ୱାମୀ କହିଲେ- ଆମ ବଗିଚାରେ ଥିବା ଷାଠିଏ ବର୍ଷର ପୁରୁଣା କଦମ୍ବ ଗଛରେ ପୁଣି ନୂଆ ଫୁଲ ଫୁଟିବ।

ସ୍ତ୍ରୀ ଆଉ କିଛି ନ କହି ହସିଦେଲେ ଫିକ୍‌କିନା।

### ॥ ହୁଁ, ଉହୁଁ, ହେଲେ ॥

ସ୍ୱାମୀ ଡାକୁଥିଲେ- ଆହେ କୁଆଡ଼େ ଗଲ? ଆସୁନ। ସ୍ତ୍ରୀ କହୁଥିଲେ- ହୁଁ। ସ୍ୱାମୀ କହୁଥିଲେ- ଶୀଘ୍ର ଆସ ନହେଲେ ମୁଁ...। ତାଙ୍କ କଥାରେ ବାଧା ଦେଇ ସ୍ତ୍ରୀ କହୁଥିଲେ- ଉହୁଁ।

ସେଇଠୁ ସ୍ୱାମୀ ଟିକିଏ ଚଢ଼ାଗଳାରେ କହୁଥିଲେ- ତମ ପାଖରେ ରଖ ତମର ସେ ହୁଁ, ଆଉ ଉହୁଁ।

ଏତେ ଅସମ୍ଭାଳ କାହିଁକି ହେଉଛ ବୋଲି କହି ରୋଷେଇ ଘରୁ ବାହାରି ଆସୁଥିଲେ ସ୍ତ୍ରୀ। ଅଫିସ ଯିବାପାଇଁ ବେଶପୋଷାକ ହୋଇଥିବା ସ୍ୱାମୀଙ୍କ ବେକ ଓହଳା 'ଟାଇ' ବାନ୍ଧିଲା ବେଳେ କହୁଥିଲେ- କୋଡ଼ିଏ ବର୍ଷ ହେଲା ମୁଁ ପ୍ରତିଦିନ ତମ 'ଟାଇ'ରେ ଗଣ୍ଠି ପକାଉଛି, ତମେ ଦେଖୁଛ, ହେଲେ ଶିଖିପାରୁନ।

ସ୍ତ୍ରୀଙ୍କ ଦୁଇ ଡେଣାକୁ ଧରି ନିଜଆଡ଼କୁ ଟାଣି ଆଣିଲା ବେଳେ ସ୍ୱାମୀ କହୁଥିଲେ- ମୁଁ ଶିଖିପାରନ୍ତି ଯେ, ହେଲେ...। ଏବେ ତମ 'ହେଲେ' ତମ ପାଖରେ ରଖ କହି ସ୍ତ୍ରୀ ନିଜକୁ ସ୍ୱାମୀଙ୍କ ହାତଫାଶରୁ ମୁକୁଳାଇ ନେଇ ତେରେଛା ଚାହାଣିରେ ଫେଣ୍ଟି ଦେଉଥିଲେ ମେଞ୍ଚେ ମୁରୁକି ହସ। ତା'ପରେ ସ୍ୱାମୀ ହସିଦେଇ ଚାଲି ଯାଉଥିଲେ ଅଫିସକୁ।

ଇଏଥିଲା ସେ ଦୁହିଁଙ୍କର ନିତ୍ୟକର୍ମ।

ବର୍ଷକ ତଳେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ବି ସ୍ତ୍ରୀ ଚାଲୁ ରଖିଛନ୍ତି ସେହି ନିତ୍ୟକର୍ମ।

ଦିନ ଦଶଟା ବେଳକୁ ଟେବୁଲ୍ ଉପରେ ଥୁଆ ହୋଇଥିବା ସ୍ୱାମୀଙ୍କ ଫଟୋରେ 'ଟାଇ'ଟିଏ ଓହଳାଇ ଦେଇ ସେଥିରେ ଗଣ୍ଠି ପକାଇଲା ବେଳେ ସେଇଆଡ଼କୁ ଟିକିଏ ଟାଣି ହୋଇଯାଉଛନ୍ତି। ତିନିଥର ଚୁମି ଦେଉଛନ୍ତି ସେ ଫଟୋକୁ। ଆଉ ଚୁମିଲା ବେଳେ କହୁଛନ୍ତି, ସେଇ ତିନୋଟି ଶବ୍ଦ- ହୁଁ, ଉହୁଁ, ହେଲେ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



"ଯଦି ଈଶ୍ୱର ନାହାନ୍ତି, ତେବେ ତାଙ୍କୁ ବନାଇବା ଜରୁରୀ।"

– ଭୋଲ୍‌ଟେୟାର୍

**ଭୋଲ୍‌ଟେୟାର୍‌ଙ୍କ** ଜନ୍ମ ୨୧ ନଭେମ୍ବର ୧୬୯୪ରେ ଓ ପରଲୋକ ୩୦ ମେ ୧୭୭୮ରେ, ଫ୍ରାନ୍‌ସର ପ୍ୟାରିସ୍‌ରେ। ସେ ଏକାଧାରରେ କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ, ଇତିହାସ ଓ ବିଜ୍ଞାନ ରଚନା କ୍ଷେତ୍ରରେ ଜଣେ ଉଲ୍ଲେଖନୀୟ ଫରାସୀ ଲେଖକ। ବାକ୍ ଓ ଧର୍ମ ସ୍ୱାଧୀନତା ସପକ୍ଷରେ ସାରାଜୀବନ ଛିଡ଼ା ହୋଇଥିବା ଏହି ଲଢୁଆ ଲେଖକଙ୍କର ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ ହେଉଛି 'Candide'. ଫରାସୀ ଦର୍ଶନର ନବନିର୍ମାଣରେ ତାଙ୍କର ଅବଦାନ ବିଶ୍ୱବିଦିତ। ଚର୍ଚ୍ଚ ଓ ରାଷ୍ଟ୍ରର ପୃଥକୀକରଣରେ ଆସ୍ଥା ରଖିଥିବା ଭୋଲ୍‌ଟେୟାର୍ କହନ୍ତି: "ସତ୍ୟକୁ ଭଲପାଅ, କିନ୍ତୁ ଭୁଲ୍‌କୁ କ୍ଷମାକର।" ଈଶ୍ୱରଙ୍କୁ ତାଙ୍କର କେବଳ ଗୋଟିଏ ପ୍ରାର୍ଥନା ଥାଏ ବୋଲି ସେ କହନ୍ତି, ତାହା ହେଲା- "ହେ ଈଶ୍ୱର, ମୋ' ଶତ୍ରୁମାନଙ୍କୁ କର ଉପହସିତ।"

## ବୋଉ ଓ ଚଷମା

**ଲଘୁ ଗଳ୍ପ**

**ଅଲେଖ ଚରଣ ପଟ୍ଟନାୟକ**

କର୍ମଜଞ୍ଜାଳରେ ଦଗ୍ଧୀଭୂତ ଏବଂ ଜୀବନ ସଂଗ୍ରାମରେ ଅସ୍ତବ୍ୟସ୍ତ ହୋଇ ବୋଉର ସାରାଜୀବନ ଅତିବାହିତ ହେଲା।

ବାପା ଥିଲେ ଜଣେ ମାନସିକ ରୋଗୀ। ତେଣୁ ଦୁଃଖ ଓ ଯନ୍ତ୍ରଣାକୁ ପାଥେୟ କରି ବୋଉ ବଞ୍ଚିରହିଲା। ବୟସର ଅପରାହ୍ଣରେ ବୋଉର ଏକପ୍ରକାର ପଙ୍ଗୁ ଜୀବନ। ଦୈନନ୍ଦିନ ଜୀବନର କାର୍ଯ୍ୟ ନିର୍ବାହ ପାଇଁ ଏକ ନର୍ସର ଆବଶ୍ୟକତା ହେଲା। ଜୀବନର ଶେଷ କେଇ ବର୍ଷ ପର ଉପରେ ନିର୍ଭରଶୀଳ ହୋଇଗଲା, ଦୃଷ୍ଟିଶକ୍ତି କ୍ରମଶଃ କ୍ଷୀଣ ହୋଇଆସିଲା।

ହଜମଶକ୍ତିର ଅଭାବ। ଖାଦ୍ୟପେୟରେ କଟକଣା। ଇଚ୍ଛା ଥିଲେ ବି ଅନେକ ଖାଦ୍ୟରେ ଅରୁଚି ବୋଧ ହେଉଥିଲା।

ଦିନେ ଏକ ବର୍ଷଣମୁଖର ସନ୍ଧ୍ୟାରେ ଗପସପ କରୁକରୁ ବୋଉକୁ କହିଲି- ବୋଉ, ତୋର ଗୋଟାଏ ଚଷମା ଆଣିବା; ପୁରୁଣା ଚଷମା ଆଉ କାମ ଦେଉନାହିଁ।

ବୋଉ କହିଲା- "ନା, ଏ ବୟସରେ ଆଉ ଚଷମା କ'ଣ ହେବ?" ବରଂ ତୋ' ପାଇଁ ନୂଆଟିଏ ଆଣ। ତୋ' ଅଫିସ୍ କାମ ପାଇଁ ସୁବିଧା ହେବ। ପୁରୁଣା ଚଷମାରେ ମୁଁ ଚଳିଯାଉଛି। ସବୁ କାମରେ ମାପିଚୁପି ଚଳେଇ ନେବାର ସ୍ଥିତିକୁ ବୋଉ ଆପଣେଇ ନେଉଥିଲା।

ଦିନ ଥିଲା ବାପା, ତିନିଭାଇ ଓ ଭଉଣୀ, ଅଧିକନ୍ତୁ ପରିବାରର ଆତ୍ମୀୟ-ସ୍ୱଜନ ବନ୍ଧୁବାନ୍ଧବ ଗହଳଚହଳରେ ବୋଉର ଅତ୍ୟଧିକ କର୍ମକ୍ଳାନ୍ତ ଜୀବନରେ ବିଶ୍ରାମର ଅବକାଶ ନ ଥିଲା।

ସିନ୍ଦୂରା ଫାଟେ। ପୂର୍ବ ଆକାଶରେ ସୂର୍ଯ୍ୟର ସକାଳ କିରଣର ଲାଲିମା ସହିତ ବୋଉର କର୍ମମୟ ଜୀବନ ଆରମ୍ଭ ହୁଏ ରୋଷେଇ ଘରେ। ପରିବାରର ସମସ୍ତ ସଦସ୍ୟ ରାତ୍ରଭୋଜନ ସମାପ୍ତ କରି ବିଛଣାକୁ ଯାଆନ୍ତି। ତେବେ ବି ଅନେକ ବିଳମ୍ବରେ ବୋଉ ଶୋଇବାକୁ ଯାଏ। ସଦାସର୍ବଦା କର୍ମ ଜଞ୍ଜାଳରେ ଥକି ପଡ଼ିଲେ ବି ବୋଉର କୌଣସି ଆପତ୍ତି କିମ୍ବା ଅଭିଯୋଗ ନ ଥାଏ। ସେ ସର୍ବଂସହା ଧରିତ୍ରୀ। ବୋଉର ହାତରନ୍ଧା ପରଷାରେ ଅମୃତର ଆସ୍ୱାଦନ କରି ସଭିଏଁ ଆତ୍ମତୃପ୍ତିରେ ବିଭୋର ହୁଅନ୍ତି। ପରିବାରର ସମସ୍ତେ ଖାଇବା ଶେଷ କଲାପରେ ବଳକା ଅନ୍ନ-ବ୍ୟଞ୍ଜନରେ ବୋଉର ପେଟ ପୂରୁଥିଲା। ସମୟ-ସମୟେ କିଛି ନ ଥିଲେ ବୋଉ ଲଙ୍କା, ଲେମ୍ବୁ, ଲୁଣରେ କାମ ଚଳେଇନିଏ। ଯତ୍‌କିଞ୍ଚିତ୍ ଭୋଜନରେ ବି ସେ ତୃପ୍ତ ଥାଏ। କହେ- "ମୋ' ପିଲାଏ ଆନନ୍ଦରେ ପେଟପୂରା ଖାଇଲେ ସେଥିରେ ମୋର ଖୁସି।"

ବାପାଙ୍କ ଅବର୍ତ୍ତମାନରେ ବୋଉ ଥିଲା ଗୃହର ଏକ ସୁଦୃଢ଼ ସ୍ତମ୍ଭ ସଦୃଶ। ଏକ ପବିତ୍ର ବଟବୃକ୍ଷ ତା'ର ଗହଳ ଶାଖାପ୍ରଶାଖା ବିସ୍ତାରିତ କରି ସଭିଙ୍କୁ ଛାୟା ପ୍ରଦାନ କରେ। ସେପରି ବୋଉର ବାହୁ ଛାୟା ତଳେ ଆମ ପରିବାରର ସମସ୍ତ ସଦସ୍ୟ ବେଶ୍ ସୁଖଶାନ୍ତିରେ କାଳାତିପାତ କରୁଥିଲୁ।

ଜୀବନର ଅପରାହ୍ଣରେ ବୋଉ ସମ୍ପୂର୍ଣ୍ଣ ଶକ୍ତିହୀନ ହୋଇଗଲା। ଦୃଷ୍ଟିଶକ୍ତିରେ ଅନେକ ପରିବର୍ତ୍ତନ ହେଲା, ଗୋଟିଏ ସ୍ଥାନରେ ସେ ଶଯ୍ୟାଶାୟୀ। ଚଷମା କଥା କହିଲେ କହେ- ମୋର ଚଷମା କ'ଣ ହେବ। ମୁଁ କ'ଣ ପଢ଼ାପଢ଼ି କରୁଛି ନା ଟିଭି ଦେଖୁଛି। କୌଣସି ବାହାନା କରି ଚଷମା କିଣାକୁ ଏଡ଼ାଇ ଯାଉଥିଲା।

ସମୟର ରଥ ଯେତିକି ଗଡ଼ିଲା, ବୋଉର ଅସୁସ୍ଥତା ସେତିକି ବଢ଼ିଲା। କଥାବାର୍ତ୍ତାରେ ତାଳମେଳ ରହିଲା ନାହିଁ। ଦୃଷ୍ଟିଶକ୍ତି ଅନେକାଂଶରେ ହ୍ରାସ ହେଇଗଲା। "ଶ୍ରୀଜଗନ୍ନାଥ ମହାପ୍ରଭୁ ମୋତେ ଦୟା କରନ୍ତୁ, ଏ ସଂସାର ଜଞ୍ଜାଳରୁ ଶୀଘ୍ର ମୁକ୍ତ କରିଦିଅନ୍ତୁ।" - ଏହା ହିଁ ଥିଲା ବୋଉର ଶେଷ କେଇପଦ କଥା ଓ ପ୍ରାର୍ଥନା। ତା'ର ଅନ୍ତରର ବ୍ୟାକୁଳତା ବୋଧହୁଏ ନୀଳାଚଳ-ନିବାସୀ ବୁଝିପାରିଲେ। ରାତି ପାହି ସକାଳ ହେଲା। ପବିତ୍ର ମାଣବସା ଗୁରୁବାର। ରାତ୍ରିରେ ଗଭୀର ନିଦ୍ରା ହିଁ ବୋଉର ଚିରନିଦ୍ରାରେ ପରିଣତ ହେଲା। ତା'ର ଅବଶ ହାତମୁଠାରେ ସେ ପୁରୁଣା ଚଷମାଟି ସେମିତି ଲାଖି ରହିଥିଲା। ବୋଉ ଗହଳ ନିଦରେ ଶୋଇଯାଇଥିଲା ଶାନ୍ତ, କମନୀୟ, ଦେବୀ ପ୍ରତିମା ପରି। ଅଲକ୍ଷ୍ୟରେ ବୋଉର କଥା ମୋର କର୍ଣ୍ଣପଟଳରେ ପ୍ରତିଧ୍ୱନିତ ହେଉଥିଲା- "ତୁମ୍ଭେ ପିଲାମାନେ ମୋର ନୟନପିତୁଳା, ଆଖିର ତାରା, ଦିବ୍ୟଜ୍ୟୋତି। ତୁମ୍ଭେମାନେ ଥାଉଥାଉ ମୋର ଚଷମା କ'ଣ ଦରକାର?"

ମୋ: ୯୮୫୩୮୯୨୧୨୪



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୧୯/୨୦୨୨ Sambalpur, Saturday, November 19/ 2022

# ବାଦ୍ ପଡ଼ିବେ ତାରକା ଖେଳାଳି

**ଚଳିତ ମାସ ୨୦ ତାରିଖରୁ କାତାରରେ ହେବାକୁ ଯାଉଛି ଫିଫା ବିଶ୍ୱକପ୍। ପ୍ରଥମ ଥର ପାଇଁ ମଧ୍ୟପ୍ରାଚ୍ୟରେ ଆୟୋଜିତ ହେବ ଫୁଟବଲ ମହାକୁମ୍ଭ। ଏହି ଟୁର୍ନାମେଣ୍ଟ ପାଇଁ ୩୨ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ବିଶ୍ୱକପ୍ ଖେଳିବା ସମସ୍ତ ଖେଳାଳିଙ୍କ ପାଇଁ ସ୍ୱପ୍ନ ରହିଥାଏ। ମାତ୍ର ଆଘାତ ହୋଇ ବିଶ୍ୱକପ୍ ପରି ମହାକୁମ୍ଭରେ ଅଂଶଗ୍ରହଣରୁ ଅନେକ ଖେଳାଳି ବାଦ୍ ପଡିଥାନ୍ତି। ବିଭିନ୍ନ ପେସାଦାର ଲିଗ୍‌ରେ ଅଂଶଗ୍ରହଣ କରୁଥିବା ସମୟରେ ଏହି ଖେଳାଳିମାନେ ଆହତ ହୋଇଥିବାରୁ ଆଗାମୀ ବିଶ୍ୱକପ୍‌ରୁ ବାଦ୍ ପଡିଛନ୍ତି। ଏହି ତାଲିକାରେ ପଲ୍ ପୋଗବାଙ୍କ ପରି ତାରକା ଖେଳାଳି ରହିଥିବା ବେଳେ ଇଂଲଣ୍ଡର ରିସ୍ ଜେମ୍ସ ଓ ପର୍ତ୍ତୁଗାଲର ଡିଓଗୋ ଜୋଟା ରହିଛନ୍ତି। ବିଭିନ୍ନ କାରଣରୁ ବାଦ୍ ପଡିଥିବା ଖେଳାଳିଙ୍କ ଉପରେ ଏକ ନଜର.....**


ପଲ୍ ପୋଗବା

### ଫିଫା ବିଶ୍ୱକପ୍ ୨୦୨୨

**ପଲ୍ ପୋଗବା (ଫ୍ରାନ୍ସ):** ଏହି ତାଲିକାରେ ଥିବା ହାଇ ପ୍ରୋଫାଇଲ ନାମ ମଧ୍ୟରେ ପୋଗବା ପ୍ରଥମରେ ରହିବେ। ଫ୍ରାନ୍ସର ଏହି ମିଡ୍‌ଫିଲ୍ଡର ଜଣଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡିବେ। ଅଗଷ୍ଟରେ ଜୁଭେଣ୍ଟସରେ ସାମିଲ ହେବା ପରେ କୌଣସି ଟୁର୍ନାମେଣ୍ଟରେ ଖେଳି ନ ଥିଲେ। ମାତ୍ର ପୁନର୍ବାର ଆଣ୍ଠୁରେ ଆଘାତ କାରଣରୁ କାତାର ୨୦୨୨ରୁ ସେ ବାଦ୍ ପଡିଛନ୍ତି।

**ବେନ୍ ଚିଲୱେଲ (ଇଂଲଣ୍ଡ):** ଇଂଲଣ୍ଡର ଲେଫ୍ଟ ବ୍ୟାକ୍ ରହିଥିବା ବେନ୍ ଚିଲୱେଲ ହାର୍ମଷ୍ଟ୍ରିଙ୍ଗ ଟାଣି ହୋଇଯିବା କାରଣରୁ ବାଦ୍ ପଡିଛନ୍ତି। ଚେଲ୍‌ସୀର ଚାମ୍ପିୟନ୍ସ ଲିଗ୍ ବିଜୟ ମ୍ୟାଚରେ ତାଙ୍କ ହାର୍ମଷ୍ଟ୍ରିଙ୍ଗ ଟାଣି ହୋଇ ଯାଇଥିବା ବେଳେ ସେ ବିଶ୍ୱକପ୍‌ରୁ ବାଦ୍ ପଡିଥିଲେ।

**ଟିମୋ ୱେର୍ନର (ଜର୍ମାନୀ):** ଜର୍ମାନୀର ଫରୱାର୍ଡ ଖେଳାଳି ୱେର୍ନର ଗୋଇଠିର ଲିଗାମେଣ୍ଟ ଛିଡି ଯାଇଥିବା କାରଣରୁ ସେ କାତାର ଟିକେଟ ମିସ୍ କରିଛନ୍ତି। ଶାଖତାର ଡୋନେଟ୍ସ୍କ ବିପକ୍ଷରେ ଆର୍‌ବି ଲେପ୍‌ଜିଗ୍ ପଟୁ ଖେଳୁଥିବା ବେଳେ ଏହି ଆଘାତ ଲାଗିଥିଲା।

**ଡିଓଗୋ ଜୋଟା (ପର୍ତ୍ତୁଗାଲ):** ପର୍ତ୍ତୁଗାଲର ଫରୱାର୍ଡ ଖେଳାଳି ଡିଓଗୋ କାତାର ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି ଲିଭରପୁଲର ମ୍ୟାନେଜର ଜର୍ଗେନ୍ କ୍ଲୋପ। ମାଞ୍ଚେଷ୍ଟର ସିଟି ବିପକ୍ଷ ୧-୦ ବିଜୟ ସମୟରେ ତାଙ୍କୁ ଏହି ଆଘାତ ଲାଗିଥିଲା। ତେବେ ଜୋଟାଙ୍କୁ ସର୍ଜରୀର ଆବଶ୍ୟକତା ନ ଥିବା କ୍ଲୋପ କହିଛନ୍ତି।

**ରିସି ଜେମ୍ସ (ଇଂଲଣ୍ଡ):** ଇଂଲଣ୍ଡର ରାଇଟ୍ ବ୍ୟାକ ରହିଥିବା ରିସ୍ ଜେମ୍ସ ଚାମ୍ପିୟନ୍ସ ଲିଗ୍‌ରେ ଏସି ମିଲାନ ବିପକ୍ଷ ମ୍ୟାଚ ଖେଳୁଥିବା ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଆସନ୍ତା ମାସେ ଯାଏ ସେ ସୁସ୍ଥ ହେବାର ସମ୍ଭାବନା ନ ଥିବା ଚେଲ୍‌ସୀ ମ୍ୟାନେଜର ଗ୍ରାହାମ ପୋର୍ଟର ପ୍ରକାଶ କରିଛନ୍ତି। ମଙ୍ଗଳବାର ହିଁ ରିସ୍‌ଙ୍କୁ ଇଂଲଣ୍ଡ ଦଳରୁ ବାଦ୍ ଦିଆଯାଇଥିଲା।

**ଏନ୍ ଗୋଲୋ କାଣ୍ଟେ (ଫ୍ରାନ୍ସ):** ଫ୍ରାନ୍ସର ମିଡ୍‌ଫିଲ୍ଡ ଖେଳାଳିଙ୍କ ମଧ୍ୟରୁ ଆଉ ଜଣେ ଶ୍ରେଷ୍ଠ ଖେଳାଳି କାଣ୍ଟେ ଆହତ ସମସ୍ୟା କାରଣରୁ ଜାତୀୟ ଦଳ ପାଇଁ ଖେଳିପାରିବେ ନାହିଁ। ହାର୍ମଷ୍ଟ୍ରିଙ୍ଗ ଆଘାତରୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ପୁନର୍ବାର ସମାନ ସମସ୍ୟା କାରଣରୁ ସେ ବାଦ୍ ପଡିଛନ୍ତି। ଶେଷ ଥର ପାଇଁ ସେ ଅଗଷ୍ଟ ମାସରେ ଟଟେନହାମ୍ ହଟସ୍ପର ବିପକ୍ଷରେ ଖେଳିଥିଲେ।

**ପେଡ୍ରୋ ନେଟୋ (ପର୍ତ୍ତୁଗାଲ):** ୨୨ ବର୍ଷୀୟ ନେଟୋ ୱେଷ୍ଟହାମ୍ ୟୁନାଇଟେଡ୍ ବିପକ୍ଷରେ ଖେଳୁଥିବା ବେଳେ ତାଙ୍କ ଗୋଇଠିରେ ସର୍ଜରି ହୋଇଥିଲା। ଏଥିରୁ ସୁସ୍ଥ ହୋଇ ନ ଥିବା କାରଣରୁ ସେ ବିଶ୍ୱକପ ଦଳରୁ ବାଦ୍ ପଡିଛନ୍ତି।

**ବୌବାକାର କମାରା (ଫ୍ରାନ୍ସ):** ଆଷ୍ଟନ ଭିଲ୍ଲାର ଏହି ମିଡ୍‌ଫିଲ୍ଡର ଜଣଙ୍କ ଆଣ୍ଠୁ ଲିଗାମେଣ୍ଟ ଅସ୍ତ୍ରୋପଚାର କାରଣରୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାରେ ଅସମର୍ଥ ରହିବେ।

**ଆର୍ଥର ମେଲୋ (ବ୍ରାଜିଲ):** ଲିଭରପୁଲ୍ ପାଇଁ ଲୋନରେ ଖେଳୁଥିବା ମିଡ୍‌ଫିଲ୍ଡର ଆର୍ଥର ମେଲୋ ରେଞ୍ଜର୍ସ ବିପକ୍ଷ ଚାମ୍ପିୟନ୍ସ ଲିଗ୍ ମ୍ୟାଚରେ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଛନ୍ତି

**ରାଉଲ୍ ଜିମେନେଜ୍ (ମେକ୍ସିକୋ):** ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ଅଗଷ୍ଟ ୩୧ରୁ ଫୁଟବଲ ପଡିଆରୁ ଦୂରରେ ରହିଛନ୍ତି ଏହି ମେକ୍ସିକୋ ଷ୍ଟ୍ରାଇକର। ଏହା ସହିତ ତାଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଥିବା କାରଣରୁ ସେ ବାଦ୍ ପଡିଛନ୍ତି।

**ଆଲେକଜାଣ୍ଡାର ଇସାକ୍ (ସ୍ୱିଡେନ୍):** ଜାତୀୟ ଦଳ ସହିତ ଅଭ୍ୟାସ କରୁଥିବା ସମୟରେ ଏହି ଫରୱାର୍ଡ ଖେଳାଳିଙ୍କ ଜଙ୍ଘରେ ଆଘାତ ଲାଗିଥିଲା। କେବଳ କାତାର ବିଶ୍ୱକପ୍‌ରୁ ନୁହେଁ ଆସନ୍ତା ସିଜନରେ ସେ ନ୍ୟୁ କ୍ୟାସେଲ ପକ୍ଷରୁ ଖେଳିବାରେ ମଧ୍ୟ ସମର୍ଥ ହେବେ ନାହିଁ।


ଏନ୍ ଗୋଲୋ କାଣ୍ଟେ, ରିସି ଜେମ୍ସ ଓ ଡିଓଗୋ ଜୋଟା।

**ଜେସସ୍ କରୋନା (ମେକ୍ସିକୋ):** ସେଭିଲାର ଏହି ୨୯ ବର୍ଷୀୟ ୱିଙ୍ଗର ଅଗଷ୍ଟ ମାସରୁ ଫୁଟବଲରୁ ଦୂରରେ ରହିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ସେ ଫିଟ୍ ହେବା ନେଇ ଆଶା କରୁଥିବା କହିଛନ୍ତି ଜେସସ୍ କରୋନା। ଅନ୍ୟପକ୍ଷରେ ବେଲଜିୟମର ରୋମେଲୁ ଲୁକାକୁ, ଆର୍ଜେଣ୍ଟିନାର ପଉଲୋ ଡିବାଲା, ଇଂଲଣ୍ଡର କାଇଲ ୱାକର ଓ କେଭିନ୍ ଫିଲିପ୍ସଙ୍କ ପରି ଖେଳାଳି ଆହତ ଥିଲେ ହେଁ ଦଳରେ ସାମିଲ ହୋଇପାରନ୍ତି।

# ଖେଳିବେନି ଗୋଞ୍ଜାଲେଜ୍, କୋରିଆ

**ଦୋହା, ୧୮।୧୧ (ଏପି)**

ଆଘାତପ୍ରାପ୍ତ ଯୋଗୁ ବିଶ୍ୱକପ୍ ଖେଳିପାରିବେ ନାହିଁ ଆର୍ଜେଣ୍ଟିନା ଷ୍ଟ୍ରାଇକର ନିକୋଲାସ ଗୋଞ୍ଜାଲେଜ୍ ଓ ଜୋଆକ୍ୱିନ କୋରିଆ। ଗୁରୁବାର ଟ୍ରେନିଂ ସେସନ ବେଳେ ଫିଓରେଣ୍ଟିନା ପାଇଁ ଖେଳୁଥିବା ଗୋଞ୍ଜାଲେଜଙ୍କ ଏକ ମାଂସପେଶୀରେ ସମସ୍ୟା ଦେଖାଦେଇଥିଲା। ତାଙ୍କ ସ୍ଥାନରେ ଆଟଲେଟିକୋ ଫରୱାର୍ଡ ଆଞ୍ଜେଲ କୋରିଆଙ୍କୁ ଦଳରେ ନିଆଯାଇଥିବା ଆର୍ଜେଣ୍ଟିନା ଫୁଟ୍‌ବଲ ମହାସଂଘ ପ୍ରକାଶ କରିଛି। ଇଞ୍ଜୁରି ପାଇଁ ଜୋଆକ୍ୱିନ୍ କୋରିଆ ମଧ୍ୟ ୨୬ ଜଣିଆ ଦଳରୁ ବାଦ୍ ପଡ଼ିଛନ୍ତି। ଇଣ୍ଟର ମିଲାନର ଏହି ଖେଳାଳିଙ୍କ ସ୍ଥାନରେ ଆଟଲାଣ୍ଟା ୟୁନାଇଟେଡ୍ ଫରୱାର୍ଡ ଥିଆଗୋ ଅଲମାଡାଙ୍କୁ ନିଆଯାଇଛି। ବୁଧବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷ ୫-୦ ବିଜୟ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜୋଆକ୍ୱିନ୍ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଅଲ୍‌ମାଡା ହେଉଛନ୍ତି ଜଣେ ୨୧ ବର୍ଷୀୟ ଫରୱାର୍ଡ ଖେଳାଳି। ବିଶ୍ୱକପ୍‌ରେ ଆର୍ଜେଣ୍ଟିନାରୁ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ଏମ୍‌ଏଲ୍‌ଏସ୍ ଖେଳାଳି। ଅଲମାଡା ଜାତୀୟ ଦଳ ତରଫରୁ ତାଙ୍କ ପ୍ରଥମ ପଦାର୍ପଣ ସେପ୍ଟେମ୍ବରରେ ହଣ୍ଡୁରାସ ବିପକ୍ଷ ମ୍ୟାଚ୍‌ରେ କରିଥିଲେ। ଆର୍ଜେଣ୍ଟିନା ଗ୍ରୁପ୍ ସି'ରେ ମଙ୍ଗଳବାର ପ୍ରଥମେ ସୌଦି ଆରବକୁ ସାମ୍ନା କରିବ। ଏହାର ୪ ଦିନ ପରେ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ଆର୍ଜେଣ୍ଟିନା ନଭେମ୍ବର ୩୦ରେ ଏହାର ଶେଷ ଗ୍ରୁପ୍ ମ୍ୟାଚ ପୋଲାଣ୍ଡ ବିପକ୍ଷରେ ଖେଳିବ।

## ଫିଫା ବିଶ୍ୱକପ୍

# ବିୟର ବିକ୍ରିରେ କଟକଣା

କାତାରରେ ଗେମ୍ସ ଆରମ୍ଭ ହେବାକୁ ଆଉ ଦୁଇ ଦିନ ବାକି ରହିଥିବା ବେଳେ ବିଶ୍ୱକପ୍ ଆୟୋଜକଗଣ ବିଳମ୍ବରେ ଆଲକୋହଲ ନୀତିରେ ପରିବର୍ତ୍ତନ କରିଛନ୍ତି। ସମଗ୍ର ଦୋହା ଓ ମ୍ୟାଚ ଖେଳାଯିବାକୁଥିବା ୮ଟି ଷ୍ଟାଡିୟମରେ ବିୟର ବିକ୍ରି ଉପରେ କଟକଣା ଜାରି କରାଯାଇଛି। ବଡ୍‌ୱିଜର ଦୀର୍ଘ ସମୟ ଧରି ବିଶ୍ୱକପ୍ ବିୟର ପ୍ରାୟୋଜକ ରହି ଆସିଛି। ୮ଟି ଭେନ୍ୟୁରେ ଏହି କମ୍ପାନୀର ବିୟର ବିକ୍ରି ବନ୍ଦ ରଖିବା ଲାଗି କାତାର କର୍ତ୍ତୃପକ୍ଷ ଫିଫା ଉପରେ ଚାପ ପକାଇଥିଲେ। ଏକ ଖବରକାଗଜରେ ପ୍ରକାଶିତ ଏହି ରିପୋର୍ଟ ଉପରେ ଉଭୟ ବିଶ୍ୱକପ୍ ଆୟୋଜକ କମିଟି ଓ ଫିଫା କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି। ବଡ୍‌ୱିଜରର ମୂଳ କମ୍ପାନୀ ହେଉଛି ଏବି ଇନ୍‌ବେଭ୍। ଏହି କମ୍ପାନୀ ୧୯୮୬ ଟୁର୍ନାମେଣ୍ଟରୁ ଫିଫାର ପାର୍ଟନର ରହିଆସିଛି। ୧୦ ନିୟୁତ ଡଲାର ବିନିମୟରେ ପ୍ରତ୍ୟେକ ବିଶ୍ୱକପ୍ ବେଳେ ବିୟର ବିକ୍ରି ପାଇଁ ସ୍ୱତନ୍ତ୍ର ଅଧିକାର ହାସଲ କରିଛି। କାତାର ଯେତେବେଳେ ବିଶ୍ୱକପ୍ ଆୟୋଜନ ପାଇଁ ବିଡ୍ ଦାଖଲ କଲା ଦେଶ ଫିଫାର କମର୍ସିଆଲ ପାର୍ଟନରମାନଙ୍କୁ ସମ୍ମାନ ଦେବ ବୋଲି ରାଜି ହୋଇଥିଲା। ୨୦୧୦ରେ ଭୋଟ୍ ଜିତି ଚୁକ୍ତି ସ୍ୱାକ୍ଷର କରିବା ବେଳେ ପୁନର୍ବାର ଏକଥା ଦୋହରାଇଥିଲା। ବ୍ରାଜିଲରେ ୨୦୧୪ ବିଶ୍ୱକପ୍ ବେଳେ ଆୟୋଜକ ଦେଶ ସେମାନଙ୍କ ଆଇନରେ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲା ଏବଂ ଷ୍ଟାଡିୟମରେ ଆଲ୍‌କୋହଲ ବିକ୍ରି ପାଇଁ ଅନୁମତି ଦେଇଥିଲା। କାତାର ଆୟୋଜକ ଅଧିକାର ପାଇବା ପରେ ୨୦୧୧ରେ ଏବି ଇନ୍‌ବେଭ୍ ଓ ଫିଫା ମଧ୍ୟରେ ଚୁକ୍ତିର ନବୀକରଣ ହୋଇଥିଲା। ଏଥିରେ ୨୦୨୨ ପାଇଁ ଦୁଇ ଟୁର୍ନାମେଣ୍ଟ ପ୍ୟାକେଜ ସାମିଲ କରାଯାଇଥିଲା। କାତାରରେ କେଉଁଠାରେ ବିୟର ଯୋଗାଇବ ଓ ବିକ୍ରି କରିବ ତାହା ନିଶ୍ଚିତ ହୋଇପାରି ନ ଥିବାରୁ ବେଲଜିୟମର ଏହି ମଦ କମ୍ପାନୀ ଅନିଶ୍ଚିତତାରେ ରହିଛି। ଖେଳ ଆରମ୍ଭ ହେବା ପୂର୍ବରୁ ଏବଂ ପରେ ଷ୍ଟାଡିୟମ ପରିସରରେ ମଦ ସହ ବିୟର ବିକ୍ରି ନେଇ ସେପ୍ଟେମ୍ବରରେ ଏକ ଚୁକ୍ତିନାମା ଘୋଷଣା କରାଯାଇଥିଲା। ଷ୍ଟାଡିୟମରେ ଖେଳପ୍ରେମୀମାନଙ୍କୁ ସେମାନଙ୍କ ସିଟ୍‌ରେ ବ୍ରାଣ୍ଡେଡ୍ କପ୍‌ରେ କେବଳ ଆଲକୋହଲ୍‌ମୁକ୍ତ ବଡ୍ ଜିରୋ ବିକ୍ରି କରାଯାଇ ପାରିବ। ମାତ୍ର ଗତ ସପ୍ତାହରେ କାତାର ଆୟୋଜକଙ୍କ ଏକ ନୂଆନୀତିକୁ ନେଇ ଏବି ଇନ୍‌ବେଭ୍ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲା। ବିୟର ଷ୍ଟଲଗୁଡ଼ିକୁ କମ୍ ଦୃଶ୍ୟମାନ ସ୍ଥାନକୁ ସ୍ଥାନାନ୍ତର ପାଇଁ ସେମାନେ ଜିଦ୍ ଧରିଥିଲେ। ଅଲ୍‌ବିଡା ପାର୍କଠାରେ ଅଫିସିଆଲ ଫିଫା ଫ୍ୟାନ ଜୋନ୍ କରାଯାଇଛି। ସେଠାରେ ୪୦,୦୦୦ ଖେଳପ୍ରେମୀ ସନ୍ଧ୍ୟାରେ ଏକାଠି ବଡ଼ ସ୍କ୍ରିନ୍‌ରେ ମ୍ୟାଚ ଉପଭୋଗ କରିବାର ବ୍ୟବସ୍ଥା ରହିଛି। ସେଠାରେ ବଡ୍‌ୱିଜର ଗୋଟିଏ ବିୟର ପିଛା ମୂଲ୍ୟ ୧୪ ଆମେରିକୀୟ ଡଲାରରେ ବିକ୍ରି କରିବା ଲାଗି ଯୋଜନା କରିଥିଲା। କମ୍ପାନୀ ବର୍ତ୍ତମାନ ଦୋହାର ୱେଷ୍ଟ ବେ' ଅଞ୍ଚଳରେ ଥିବା ଏକ ହୋଟେଲରେ ଡେରାପକାଇଛି। ସେଠାରେ ନିଜସ୍ୱ ଷ୍ଟାଇଲରେ ଟୁର୍ନାମେଣ୍ଟ ପାଇଁ ନାଇଟ୍ କ୍ଲବର ବ୍ୟବସ୍ଥା କରିଛି। ସୂଚନାଯୋଗ୍ୟ, କାତାର ହେଉଛି ଏକ ରକ୍ଷଣଶୀଳ ମୁସ୍‌ଲିମ ରାଷ୍ଟ୍ର। ଏହି ଦେଶରେ ମଦ ବ୍ରିକି ଉପରେ କଡ଼ା କଟକଣା ରହିଛି।

FIFA WORLD CUP Qatar2022
**ଆଉ ୨ ଦିନ**




# ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**କୋଲକାତା, ୧୮।୧୧**

ସ୍ଥାନୀୟ ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୨ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି ପକ୍ଷରୁ ପେଡ୍ରୋ ମାର୍ଟିନ ୪୭ ଓ ୪୮ତମ ମିନିଟରେ ୨ଟି ଏବଂ ଜେରି ମାୱିମିଙ୍ଗଥାଙ୍ଗା ୬୫ ଓ ନନ୍ଦ କୁମାର ୭୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଷ୍ଟବେଙ୍ଗଲ ପକ୍ଷରୁ ଥୋଙ୍ଗଖୋସିଏମ ହୋପକିପ୍ ୨୩ ଓ ନାଓରେମ ମହେଶ ସିଂ ୩୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୬ ମ୍ୟାଚରୁ ଏହାଥିଲା ଓଡ଼ିଶା ଏଫ୍‌ସିର ୪ର୍ଥ ବିଜୟ। ଫଳରେ ଏହି ଦଳ ୧୨ ପଏଣ୍ଟ ସହ ଟେବୁଲର ୩ୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ୬ଷ୍ଠ ସ୍ଥାନରେ ଥିଲା। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ୭ ମ୍ୟାଚରୁ ୫ମ ପରାଜୟ ସହ ୮ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।


ନନ୍ଦ କୁମାର

# ସେମିଫାଇନାଲ ପ୍ରବେଶରେ ମନିକା ପ୍ରଥମ ଭାରତୀୟ

**ବ୍ୟାଙ୍କକ୍, ୧୮।୧୧ (ପି.ଟି.):** ମନିକା ବାତ୍ରା ପ୍ରଥମ ଭାରତୀୟ ମହିଳା ଟେବୁଲ ଟେନିସ (ଟିଟି) ଖେଳାଳି ଭାବେ ଏଠାରେ ଚାଲିଥିବା ଏସିଆନ କପ୍ ଟେବୁଲ ଟେନିସ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ବିଶ୍ୱର ୪୪ ନମ୍ବର ମାନ୍ୟତାପ୍ରାପ୍ତ ମନିକା ଆଇଟିଟିଏଫ୍ ତାଲିକାରେ ୨୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଚେନ୍‌ଙ୍କୁ ୬-୧୧, ୧୧-୬, ୧୧-୫, ୧୧-୭, ୮-୧୧, ୯-୧୧, ୧୧-୯ରେ ହରାଇ ଦେଇଛନ୍ତି। ଭାରତୀୟ ଖେଳାଳି ଏହା ପୂର୍ବରୁ ଗୁରୁବାର ବିଶ୍ୱର ୭ ନମ୍ବର ଖେଳାଳି ଚାଇନାର ଚେନ୍ ଜିଙ୍ଗଟନ୍‌ଙ୍କୁ ପରାସ୍ତ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଖୋଲାଖୋଲି ଦାଦନ ଚାଲାଣ, ପ୍ରଶାସନ ନୀରବ

ଖଡ଼ିଆଳ,୧୮।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟାଠାରୁ ବସ ଯୋଗେ ଖୋଲାଖୋଲି ଶହ ଶହ ଦାଦନ ଶ୍ରମିକ ଚାଲାଣ ଚାଲିଛି। ହେଲେ ପ୍ରଶାସନ ଜାଣି ମଧ ନିରବ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଦିନରେ ଗ୍ରାମାଞ୍ଚଳରେ ଦାଦନ ସର୍ଦ୍ଦାରମାନେ ଅଗ୍ରୀମ ଟଙ୍କା ଦେଇଥିଲେ। ବର୍ତ୍ତମାନ ସେହି ଶ୍ରମିକଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଦେଖାଦେଇଛି। ଶୁକ୍ରବାର କିରିକିଟା ପଞ୍ଚାୟତ ବିଭିନ୍ନ ଗ୍ରାମରେ ସର୍ଦ୍ଦାରମାନେ ଶ୍ରମିକଙ୍କୁ ବିଭିନ୍ନ ସ୍ଥାନରେ ରଖି କିରିକିଟା ବଜାରଠାରେ ଏକ ବସ ଯୋଗେ ଚାଲାଣ କରୁଛନ୍ତି। ଖଡ଼ିଆଳ ବ୍ଲକର ଗ୍ରାମାଞ୍ଚଳରେ ଶ୍ରମିକ ଯୋଗାଡ ଚାଲିଥିବା ବେଳେ ବର୍ତ୍ତମାନ ଖଡ଼ିଆଳ ସହରର ଏକରୁ ଦୁଇ କିଲୋମିଟର ଦୂରରେ ବଡ ବଡ ଶ୍ରମିକ କ୍ୟାମ୍ପ କରି ଶହ ଶହ ଶ୍ରମିକ ରଖି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ହେଲେ ସବୁ ଜାଣି ସ୍ଥାନୀୟ ପୋଲିସ ପ୍ରଶାସନ ଚୁପ ରହିଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦାଦନ ସର୍ଦ୍ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଶ୍ରମିକ ଚାଲାଣ କିଛି ପରିମାଣରେ ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଗୁରୁ ଘାସିଦାସ ଜୟନ୍ତୀରେ ସାମିଲ ହେବେ ଛତିଶଗଡ଼ ମନ୍ତ୍ରୀ

ନୂଆପଡ଼ା ଅଫିସ,୧୮।୧୧: ନୂଆପଡା ଜିଲା ଖରିଆର ରୋଡଠାରେ ଆସନ୍ତା ଡିସେମ୍ବରରେ ଗୁରୁ ଘାସିଦାସ ଜୟନ୍ତୀ ପାଳନ ହେବ। ଏଥିରେ ଛତିଶଗଡ଼ ଶ୍ରମମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ହେବାକୁ ଥିବା ବାବା ଗୁରୁ ଘାସିଦାସ ଜୟନ୍ତୀ କାର୍ଯ୍ୟକ୍ରମରେ ଛତିଶଗଡ଼ ଶ୍ରମ ମନ୍ତ୍ରୀ ଶିବ କୁମାର ଡହରିଆ ମୁଖ୍ୟଅତିଥି ଓ ଅନୁସୁଚିତ ଜାତି ଆୟୋଗ ତଥା ଗୁରୁ ଘାସିଦାସ ସାହିତ୍ୟ ଏବଂ ସାଂସ୍କୃତି ଏକାଡେମୀ ଅଧ୍ୟକ୍ଷ କେପି ଖାଣ୍ଡେ, ଗୁରୁ ବାଳକ ଦାସଙ୍କ ଜୀବନି ଉପରେ ନିର୍ମାଣ କରିବାକୁ ଯାଉଥିବା ସିନେମା ନିର୍ମାତା ଜେଆର ସୋନି, ଅବସରପ୍ରାପ୍ତ ଏସପି ବିଏଲ କୁରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ଓଡିଶା ରାଜ୍ୟ ପ୍ରଦେଶ ଅଧ୍ୟକ୍ଷ ଜ୍ୟୋତିଲାଲ ବଞ୍ଜାରେ ସୂଚନା ଦେଇଛନ୍ତି। ନୂଆପଡା ଜିଲା ଅଧ୍ୟକ୍ଷ ଲଲ୍ଲୁ ଚେଲକ, ସଚିବ ଲୋକେଶ ସତନାମୀ, ପୂର୍ବତନ ଅଧ୍ୟକ୍ଷ ଗୁନଧର ବଘେଲ, ଯୁବ କାର୍ଯ୍ୟକର୍ତ୍ତା ମୋଟୁ ଟଣ୍ଡନ, ନବରଙ୍ଗପୁର ଅଧ୍ୟକ୍ଷ ରମେଶ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲେତେରଠାରେ ସାପ୍ତାହିକ ବଜାର ଉଦ୍‌ଘାଟିତ

ଗୋଲାମୁଣ୍ଡା,୧୮।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଲେତେରଠାରେ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଲେତେର ନୂତନ ଗ୍ରାମପଞ୍ଚାୟତ ହୋଇଥିବା ବେଳେ ମକରାଗୁଡା, ବାଗମୁଣ୍ଡା ଓ ଲେତେର ସମେତ ତିନିଟି ଗାଁ ରହିଛି। ସାପ୍ତାହିକ ବଜାରରେ ଅଞ୍ଚଳର ସମସ୍ତ ଗାଁ ନିର୍ଭର କରିବେ। ଦୈନନ୍ଦିନ ଚଳଣି ପାଇଁ ଆବଶ୍ୟକ ପନିପରିବା, ବସ୍ତ୍ର ତଥା ବିଭିନ୍ନ ସାମଗ୍ରୀ ଆଜି ବିକ୍ରି ହୋଇଥିବା ବେଳେ ହଜାର ହଜାର ଲୋକ ବିଭିନ୍ନ ସାମଗ୍ରୀ କିଣିଥିଲେ। ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଯୋଗଦାନ ଦେଇଥିବା ବେଳେ ସରପଞ୍ଚ ଦମୟନ୍ତି ଭୋଇ, ଉଦେଶୃଙ୍ଗ ସରପଞ୍ଚ ନାରାୟଣ ଭୋଇ ଓ ସମିତି ସଭ୍ୟ ଚୈତନ୍ୟ ମାଝି, ଶ୍ୟାମ ସୁନ୍ଦର ଅଗ୍ରୱାଲ, ପୂର୍ବତନ ମହାଲିଙ୍ଗ ସରପଞ୍ଚ ଟଙ୍କଧର ନିଆଲ, ଲଳିତ ମଙ୍ଗରାଜ, ବିଭୀଷଣ ସେଠିଆ, ସୁବାସ ପଣ୍ଡା, ପର୍ଶୁରାମ ଭୋଇ, ମହେନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

କୋକସରା,୧୮।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ପୂର୍ବତନ



ବ୍ଲକ ଅଧକ୍ଷ ଗୌରଚନ୍ଦ୍ର ପଣ୍ଡାଙ୍କ ମଝିଆ ଭାଇ ପର୍ଶୁରାମ ପଣ୍ଡା (୭୩)ଙ୍କ ଗୁରୁବାର ମଧାହ୍ନରେ ପରଲୋକ ହୋଇଯାଇଛି। ବାନେର ପଞ୍ଚାୟତ ପିପଲଗୁଡା ଗାଁସ୍ଥିତ ନିଜ ଚାଷଜମିକୁ ଯାଉଥିବା ବେଳେ ଗ ହୃଦଘାତରେ ତାଙ୍କର ପରଲୋକ ଘଟିଛି। ସେଜଣେ ଧର୍ମ ପରାୟଣ, ପରୋପକାରୀ ଓ କର୍ମଠ ବ୍ୟକ୍ତି ରହିଥିଲେ। ତାଙ୍କର ଏକମାତ୍ର ପୁଅ ରାଧେଶ୍ୟାମ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ଶବଧାରରେ ଝିଅ ଜ୍ୱାଇଁ, ଜ୍ଞାତି କୁଟୁମ୍ବ, ଗ୍ରାମବାସୀଙ୍କ ସମେତ ଆଖ ପାଖ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜୋର୍ ଧରିଲା ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି

ଧର୍ମଗଡ଼,୧୮।୧୧(ଡି.ଏନ.ଏ.)

ଦୀର୍ଘଦିନରୁ ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ନେଇ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଭୌଗୋଳିକ ଦୃଷ୍ଟିକୋଣରୁ ଧର୍ମଗଡ଼ ଉପଖଣ୍ଡ ଜିଲା ସ୍ଥାପନ ହେବା ଆବଶ୍ୟକ ରହିଥିବା ବେଳେ ସରକାରଙ୍କ ଉଦାସୀନତା ଯୋଗୁ ବର୍ତ୍ତମାନ ଯାଏ ଅଟକି ରହିଛି। ଏହା ଅଞ୍ଚଳବାସୀଙ୍କ ଭିତରେ କ୍ଷୁବ୍ଧ ପ୍ରକାଶ ପାଉଛି। ଏବେ ଜିଲା ମାନ୍ୟତା ନେଇ ବିଭିନ୍ନ ସଙ୍ଗଠନ ସାମୂହିକ ଭାବେ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ଏହି ଅବସରରେ ଶୁକ୍ରବାର ଅଞ୍ଚଳର ବିଭିନ୍ନ ସାମୁହିକ ସମର୍ଥନ ଜଣାଇ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଛକ ନିକଟରେ ଏକ ପ୍ରତିବାଦ ସଭା କରାଯାଇ ସହର ପରିକ୍ରମା କରାଯାଇଥିଲା। ଏଥିରେ ସ୍କୁଲ, କଲେଜ, ଓକିଲ ସଂଘ, ସାମ୍ବାଦିକ ସଂଘ, ସରପଞ୍ଚ ସଂଘ, ଓଏସଏସ ସଂଘ, ପର୍ଶୁରାମ ସେନା ଓ କୃଷକ ସଂଘ ପ୍ରମୁଖ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ଧର୍ମଗଡ ଉପଜିଲାପାଳଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରକୁ ଅତିରିକ୍ତ ଉପଜିଲାପାଳ ଚିନ୍ମୟ କୁମାର ନାଏକ ଗ୍ରହଣ କରିଥିଲେ।




ଧର୍ମଗଡ଼କୁ ଜିଲା ମାନ୍ୟତା ଦାବିରେ ଶୋଭାଯାତ୍ରା।

## ରାଜ୍ୟ ସରକାରଙ୍କୁ ସାମୂହିକ ଦାବିପତ୍ର

ସୂଚନାଯୋଗ୍ୟ, ଧର୍ମଗଡ଼ ଉପଖଣ୍ଡ ଅଧୀନରେ ୬ଟି ବ୍ଲକ ରହିଥିବା ବେଳେ ୮ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଅନ୍ୟପଟେ ଧର୍ମଗଡ଼ ଉପଖଣ୍ଡ ଛତିଶଗଡ଼ ରାଜ୍ୟ ସୀମାନ୍ତରେ ରହିଥିବା ବେଳେ ଅଞ୍ଚଳର ଭୌଗୋଳିକ ସ୍ଥିତିକୁ ନିରୀକ୍ଷଣ କରାଗଲେ ଜିଲା ମାନ୍ୟତା ପାଇଁ ଯୋଗ୍ୟତା ଥିବା କୁହାଯାଏ। ଉପଖଣ୍ଡରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଉତ୍ପାଦନ କ୍ଷେତ୍ରରେ ବେଶ ଅଗ୍ରଣୀ ଲାଭ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅମଳରୁ ଧର୍ମଗଡ଼ ଜିଲା ମାନ୍ୟତା ପାଇଁ ଦାବି ହେଇ ଆସିଛି। ତେବେ ଜିଲା ସମ୍ପ୍ରସାରଣ ବେଳକୁ ଧର୍ମଗଡ଼ ପ୍ରତି ଅନ୍ୟାୟ ହୋଇଥିବା ସାମୁହିକ ସଂଘ ଅଭିଯୋଗ କରିଛି। ଆଗାମୀ ଦିନରେ ସରକାର ଧର୍ମଗଡ଼ ଜିଲା ମାନ୍ୟତା ନ ଦେଲେ ସାମୁହିକ ସଂଘ ଏହାର ଘୋର ପ୍ରତିବାଦ କରିବ ବୋଲି ଓକିଲ ସଂଘ ସଭାପତି ଧୀରେନ ପାତ୍ର, ତୁଷାରରଞ୍ଜନ ପଟଯୋଶୀ, ଦିଗାମ୍ବର ଦୁରିଆ, ଧର୍ମଗ ବିଧାନ ସଭା କଂଗ୍ରେସ ସଭାପତି ଡାକେ ଲହଜଲ, ବେଣୁଧର ଦୁର୍ଗା, ସନ୍ତୋଷ ପାଢ଼ୀ, ରତନ ନାଏକ, ଭାଜପା ସାଧାରଣ ସମ୍ପାଦକ ସୁଧୀର ପଟଯୋଶୀ, ଜନ୍ମେଜୟ ନାଏକ, ହିମାଂଶୁ ପଣ୍ଡା, ସରପଞ୍ଚ ସଂଘ ସଭାପତି ହାତିରାମ ଦୁର୍ଗା, ଗୌଲୋଚନ ଗୋପାଳ, ବିଜେଡି ସଦସ୍ୟ ରାଜେନ୍ଦ୍ର ମୁନି, ବିବେକ ମିଶ୍ର, ବରିଷ୍ଠ ଖବରଦାତା ବିରଞ୍ଚି ନାରାୟଣ ଜାଲ, ବିଦ୍ୟାଧର ସାହୁ ଓ ଆମ ଆଦମୀ ପାର୍ଟି ଜିଲା ସଭାପତି ବିଘ୍ନରାଜ ପଣ୍ଡା ପ୍ରମୁଖ ଚେତାନୀ ଦେଇଛନ୍ତି।

# ଡ୍ରାଇଭରଙ୍କ ମୃତଦେହ ୬ ଦିନ ପରେ ଜଳପ୍ରପାତରୁ ମିଳିଲା

ନୂଆପଡ଼ା ଅଫିସ,୧୮।୧୧

ନୂଆପଡା ଜିଲା ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତ ଗୋଧସ ଜଳପ୍ରପାତରେ ନୂଆପଡା ସଦର ଥାନା ଗୋଡଫୁଲା ଗ୍ରାମର ରାମକିଷନ ରାଉତ (୩୫) ଡ୍ରାଇଭର ନିଖୋଜ ହୋଇଥିବା ପରିବାର ଲୋକ ଧରମବନ୍ଧା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ଗୋଧସ ଜଳପ୍ରପାତରେ ଭାସୁଥିବା ଦେଖିବାକୁ ମିଳିଥିଲା। ଧରମବନ୍ଧା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଜବତ କରିଥିଲେ।। ପୋଲିସ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାପ୍ତ ସୂଚନା ମୁତାବକ ନୂଆପଡା ସଦର ମହକୁମାର ଏକ ଘରୋଇ କଲେଜର ଗାଡି ଚାଳକମାନେ ଗତ ୧୩ ତାରିଖରେ ଧରମବନ୍ଧା ଥାନା ଗୋଧସ ଜଳପ୍ରପାତକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇବା ପରେ ରାମକିଷନ ଜଳପ୍ରପାତର ମୁଣ୍ଡରେ ଛିଡା ହୋଇଥିଲେ। ସେଠାରୁ ସେ ଜଳପ୍ରପାତରେ ଖସି ନିଖୋଜ ହୋଇଥିଲେ। ଏନେଇ ଧରମବନ୍ଧା ଥାନାରେ ଏକ ମାମଲା ରୁଜୁ କରି ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ମୃତଦେହ ଜଳପ୍ରପାତଗରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଧରମବନ୍ଧା ଥାନା ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଗେନ୍ଦରମ ସତନାମୀ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଯୋଗାଣ ସହାୟକ ସମାବେଶ




ଅମଳା ଭବନଠାରେ ଆୟୋଜିତ ଜିଲାସ୍ତରୀୟ ଯୋଗାଣ ସହାୟକ ସମାବେଶ।

ଭବାନୀପାଟଣା,୧୮।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଅମଳା ଭବନଠାରେ ଶୁକ୍ରବାର ଜିଲାସ୍ତରୀୟ ଯୋଗାଣ ସହାୟକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ ସହାୟକ ସଂଘ ପକ୍ଷରୁ ଆୟୋଜିତ ସମାବେଶରେ ଜିଲାର ସମସ୍ତ ପଞ୍ଚାୟତ ଯୋଗାଣ ସହାୟକମାନେ ଯୋଗଦେଇଥିଲେ। ଏଥିରେ ଯୋଗାଣା ସହାୟକଙ୍କ ଦରମା ବୃଦ୍ଧି ଓ ଚାକିରିକୁ ସରକାରୀ ସୀକୃତି ଉପରେ ଆଲୋଚନା କରାଯାଇଥିଲା। ସେହିପରି ଜିଲା ସଂଘ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସଂଘ ନୂତନ ଜିଲା ସଭାପତି ଭାବେ ସଞ୍ଜୀବ କୁମାର ଦାସ ଓ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ଟଙ୍କଧର ସାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ନୂତନ ଜିଲା ସଭାପତି ଦାସ ସଂଘର ଉନ୍ନତିମୂଳକ କାର୍ଯ୍ୟ ପାଇଁ ସବେବେଳେ ପ୍ରୟାସ ଜାରି ରଖିବେ ବୋଲି ନିଜ ଅଭିଭାଷଣରେ କହିଥିଲେ। ସେହିପରି ପୂର୍ବତନ ଜିଲା ସଭାପତି ମନୋଜ ମେହେରଙ୍କୁ ନିଜ କାର୍ଯ୍ୟ ସୁଚାରୁ ରୁପେ ତୁଲାଇଥିବାରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଜୟନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲାଞ୍ଜିଗଡ଼,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଓ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ତତ୍ତ୍ୱାବଧାନରେମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ସମ୍ମାନୀତ ଅତିଥି ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ବ୍ଲକ ବିଏସଏସଓ ଅରବିନ୍ଦ ମହାପାତ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୧୧୮ଜଣ ଅଭିଯୋଗ ଦାଖଲ କରିଥିବା ବେଳେ ୧୦୩ ଜଣଙ୍କ ଇସୁ ହୋଇଥିଲା। ଏହା ବ୍ୟତିତ ବସ ପାସ ୧୩, ଟ୍ରେନ ପାସ ୨୭, ପିଏମ ଆରଆଇ ୧୩, ପିଡ଼ିଏସ ୨ ତଥା ୪୧ଜଣ ନିଜ ଭିନ୍ନକ୍ଷମ ପ୍ରମାଣ ପତ୍ର ଆବେଦନ କରିବାକୁ ଆସିଥିଲେ। ଶିବିର ପୂର୍ବାହ୍ନ ୧୦ ଟାରେ ଆରମ୍ଭ ହୋଇଥିଲେ ମଧ ଅନ୍ୟ ବର୍ଷ ପରି ଏହି



ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିର।

## ସରପଞ୍ଚ ଅନୁପସ୍ଥିତ, ଫିକା ପଡ଼ିଲା ଶିବିର

ବର୍ଷ ଭିନ୍ନକ୍ଷମଙ୍କ ଭିଡ ଦେଖିବାକୁ ମିଳି ନ ଥିଲା। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଦେଖା ନ ଥିବା ବେଳେ ମାତ୍ର କିଛି ମାତ୍ରାରେ ସମିତି ସଭ୍ୟ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ଅନୁପସ୍ଥିତ ତଥା ନିଜ ପଞ୍ଚାୟତରେ ପ୍ରଚାର ପ୍ରସାର ଓ ଯୋଗାଯୋଗ ଅଭାବ ଯୋଗୁ ବ୍ଲକରେ ଥିବା ବହୁ ଭିନ୍ନକ୍ଷମ ଶିବିରକୁ ଆସିବାରେ ବଞ୍ଚିତ ଥିଲେ। ଫଳରେ ଶିବିରରେ ଭିନ୍ନକ୍ଷମଙ୍କ ବସିବା ପାଇଁ ପକାଯାଇଥିବା ଚେୟାର ସବୁ ଖାଲି ପଡିଥିଲା। କାର୍ଯ୍ୟକ୍ରମରେ ବ୍ଲକ ଏସିଓ ସୁଜିତ କୁମାର ସାହୁ, ଜିଲ୍ଲାରୁ ଆସିଥିବା ଡ଼.ସୁନିଲ କୁମାର ପାଢୀ, ଡ଼. ନିବେଦିତା ସାହୁ, ଡ଼. ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ପୁଷ୍ପାଞ୍ଜଳି ହେମରମ, ସୁବାସୀଷ ମହାନ୍ତି, ବାଦଲ କୁମାର ପଟନାୟକ, ନିବାସ ଚନ୍ଦ୍ର ସାହୁ, ନିବେଦିତା ସାହୁ, ଲକ୍ଷ୍ୟପତି ପୂଝାରୀ, ଅପୂର୍ବ ସତନାମୀ ଓ ରମେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ବିଡିଓଙ୍କୁ ସାଢେ ୩ ବର୍ଷ ଜେଲଦଣ୍ଡାଦେଶ

## ସରକାରୀ ଅର୍ଥ ଆତ୍ମସାତ ମାମଲା

ଭବାନୀପାଟଣା,୧୮।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୂର୍ବତନ ବିଡିଓ ଗଣ୍ଡାରାମ ଖମାରୀ ସରକାରୀ ଅର୍ଥ ଆତ୍ମସାତ କରିଥିବା ମାମାଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀକାନ୍ତ କୁମାର ମିଶ୍ର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବିଡିଓଙ୍କୁ ସାଢେ ୩ ବର୍ଷ ଜେଲଦଣ୍ଡାଦେଶ ସହ ୨ ଲକ୍ଷ ଟଙ୍କା ଜରିମନା କରିଛନ୍ତି। ସେହିପରି ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ୨୦୧୦ରେ କର୍ଲାମୁଣ୍ଡା ବ୍ଲକର ପୂର୍ବତନ ବିଡିଓ ଗଣ୍ଡାରାମ ଖମାରୀ ପଛୁଆ ଅଞ୍ଚଳ ଯୋଜନା ବିକାଶ ପାଣ୍ଠି (ବିଆରଜିଏଫ)ର ୨ ଲକ୍ଷ ୬୧ ହଜାର ଟଙ୍କା କିରୋସିନ ବାରେଲ (ଡ୍ରମ) କିଣାରେ ସରକାରୀ ଅର୍ଥର ଦୁରୁପାଯୋଗ କରି ଆତ୍ମସାଥ କରିଥିବା ଅଭିଯୋଗ ହୋଇଥିଲା। କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ. ୩୫/୨୦୧୦) ରୁଜୁ ହୋଇଥିଲା। ଏହି ମାମଲା କୋରାପୁଟ ଭିଜିଲାନ୍ସ ବିଭାଗ ପୂର୍ବତନ ଇନସ୍ପେକ୍ଟର ପ୍ରଦୀପ କୁମାର ତଦନ୍ତ କରୁଥିବା ବେଳେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପିପି ଅଶ୍ୱିନୀ କୁମାର ସାହୁ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ବିଡିଓ ଦୋଷୀ ସାବ୍ୟସ୍ତ ହେବା ପରେ ଓଡିଶା ଭିଜିଲାନ୍ସ ବିଭାଗ ଅଭିଯୁକ୍ତଙ୍କ ସଂପୃକ୍ତ ବିଭାଗ ଉଚ୍ଚପ୍ରାଧିକାରୀଙ୍କୁ ପେନସନ ବନ୍ଦ କରିବାକୁ ଜଣାଇଥିବା ଜଣାପଡିଛି।

# ଏନ୍ଏସି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଏନ୍ଏସି ପକ୍ଷରୁ ସଫେଇ କରାଯାଉଛି।

କେସିଙ୍ଗା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିର ୧୨ଟି ୱାର୍ଡରେ ପରିମଳ ବ୍ୟବସ୍ଥା ସୁଧାର ପାଇଁ ପ୍ରତି ଦିନ ୱାର୍ଡର ସବୁଠାରୁ ସମ୍ବେଦନଶୀଳ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଛି। ସେହି ସ୍ଥାନରୁ ଆବର୍ଜନା ସଫା କରି ସୁସ୍ଥ ପରିବେଶରେ ପରିଣତ କରିବା ପ୍ରଚେଷ୍ଟା ନିର୍ବାହୀ ଅଧିକାରୀ କିରଣ ବେହେରାଙ୍କ ନେତୃତ୍ୱରେ ଜାରି ରହିଛି। ସହରର ୪ ନମ୍ବର ୱାର୍ଡର ତିନିକୋଣିଆ ଛକ, ଧବଳେଶର ମନ୍ଦିର, ଜଗନ୍ନାଥ ମନ୍ଦିର, ସାବିତ୍ରୀ ବନ୍ଧର ସଫେଇ କାର୍ଯ୍ୟ ସରିବା ସହ ଏହି କାର୍ଯ୍ୟ ଅନ୍ୟ ୱାର୍ଡରେ ମଧ ଚାଲୁ ରହିବ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରିଣୀ ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ କର୍ମୀଙ୍କ ସମେତ ଏନ୍ଏସି କର୍ମଚାରୀମାନେ ମଧ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# କ୍ଷୁଦ୍ର କୃଷି ଯନ୍ତ୍ରପାତିର ପ୍ରସାର, ତାଲିମ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ କମର୍ଦ୍ଧାଠାରେ ଆଇସିସି ମିଶନ ସୁନେହେରା କଲ ପ୍ରକଳ୍ପ ଆନୁକୂଲ୍ୟରେ ମାନବ ଅଧିକାର ସେବା ସମିତି ଓ ମିଶନ ଜୀବିକା, ଆଇଟିଡିଏ ପକ୍ଷରୁ କମର୍ଦ୍ଧା ଓ ପିପଲପଡାର ଚାଷୀମାନଙ୍କୁ ନେଇ ହସ୍ତଚାଳିତ କୃଷି ଯନ୍ତ୍ରପାତିର ପ୍ରଚାର ଏବଂ ବ୍ୟବହାର ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିହନ ଲଗାଇବା, ଘାସ ଦମନ କରିବା, ହୁଡ଼ା କରିବା ଆଦି ଚାଷ କାର୍ଯ୍ୟରେ ଛୋଟ କୃଷି ଯନ୍ତ୍ରପାତିର ବ୍ୟବହାରକୁ ଜନାଦୃତ କରି ସ୍ୱଳ୍ପ ଖର୍ଚ୍ଚ ଏବଂ ସ୍ୱଳ୍ପ ପରିଶ୍ରମରେ କିପରି ଚାଷ କାର୍ଯ୍ୟ ସମ୍ପାଦନ କରିହେବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନନ୍ତ ପଣ୍ଡା ଓ କମର୍ଦ୍ଧା ଗ୍ରା.ପ ଫେଡେରେଶନ ସଭାନେତ୍ରୀ ଗୋମତୀ ସାହୁ ଯୋଗଦେଇଥିଲେ। କୁବେର ବୁଡେକ, ଭୋଲାମଣି ବାଗ, ଉମାକାନ୍ତ କଟା, ପ୍ରହଲ୍ଲାଦ ନାଏକ, ଭାରତୀ ବୁଧିଆ ଆଦି କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।

# ଜହ୍ନି ଓଷା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ଗ୍ରାମର ମା' ମାଉଳି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜହ୍ନି ଓଷା ଉପଲକ୍ଷେ ରେକର୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଘନଶ୍ୟାମ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅକ୍ଷୟ କୁମାର ନାଏକ, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ନାଏବ ସରପଞ୍ଚ କୃଷ୍ଣା ମଞ୍ଜରୀ ସୁନାନୀ, ତିଲୋତ୍ତମା ନାଏକ, ମହେଶ କୁମାର ଗୁପ୍ତା, ସନ୍ଥ ନାଏକ, ବିଜେଡି ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼ ଉପସ୍ଥିତ ରହିଥିବା ବେଳେ ୨୨ଟି ରେକର୍ଡ ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅଲେଖ ଗୋପାଳ ପରିଚାଳନା କରିଥିଲେ। ପୂଜା କମିଟିର ଧନେଶ୍ୱର ଗୋପାଳ, ଅଖିଳ ନାଏକ, ଦୁଷ୍ମନ୍ତ ନାଏକ, ଛବିଲା ରାଉତ, ଭିକାରି ଦୁର୍ଗା, ରାଜୁ ଗୋପାଳ, ନମିତା ଦୁର୍ଗା, ଗଙ୍ଗେଶ୍ୱରୀ ଦୁର୍ଗା, ରିଙ୍କି ଗୋପାଳ, ରୁକ୍ମଣୀ ଗୋପାଳ, ପୂର୍ଣ୍ଣମୀ ଧରୁଆ, ମିଳି ରାଉତ, ପୂଜା ବାଗ ପ୍ରମୁଖ ସହଯୋଗ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଭତ୍ତା ବୃଦ୍ଧି ନେଇ ବ୍ଲକ ଘେରାଉ

ଲାଞ୍ଜିଗଡ,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବିଭିନ୍ନ ପଞ୍ଚାୟତର ବୁଢ଼ାବୁଢ଼ୀ ଭିନ୍ନକ୍ଷମ ସଙ୍ଗଠନ ପକ୍ଷରୁ ଭତ୍ତା ବୃଦ୍ଧି ନେଇ ବ୍ଲକ ଅଫିସ ଘେରାଉ କରାଯାଇଛି। ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବୃଦ୍ଧି ନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କର୍ଣ୍ଣପାତ କରି ନ ଥିଲେ। ବ୍ଲକର ୨୬ଟି ପଞ୍ଚାୟତରୁ ଶତାଧିକ ଭିନ୍ନକ୍ଷମ ଓ ବୁଢାବୁଢ଼ୀମାନେ ଏକତ୍ରିତ ହୋଇ ବିଶନାଥପୁର କଲେଜ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ଧାରଣା ଦେଇଥିଲେ। ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଥିବା କହିଛନ୍ତି, ହେଲେ ଭିନ୍ନକ୍ଷମ ଓ ବୁଢ଼ାବୁଢ଼ୀଙ୍କୁ ଅଣଦେଖା କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକମାନେ ଲକ୍ଷ ଲକ୍ଷ ଟଙ୍କା ଭତ୍ତା ନେଉଛନ୍ତି ଓ ତାଙ୍କ ଭତ୍ତା ବୃଦ୍ଧି ଦାବି କରିଛନ୍ତି। ହେଲେ ଯେଉଁମାନଙ୍କ ଭୋଟ ପାଇଁ ଆଜି ନେତା ମନ୍ତ୍ରୀ ହେଇଛନ୍ତି ସେହି ବୁଢା ବୁଢ଼ୀଙ୍କୁ ସରକାର ଅଣଦେଖା କରୁଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ସବୁଠାରୁ କମ ଭତ୍ତା ମିଳୁଥିବା କହିଥିଲେ। ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କକୁ ଯାଇପାରୁ ନାହାନ୍ତି ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧା। ବ୍ୟାଙ୍କ ଯିବାକୁ ଦୂର ହେଉଛି ଏବଂ ଖର୍ଚ୍ଚାନ୍ତ ମଧ ହେଉଛି। ଏଥିପାଇଁ ୫୦୦ରୁ ୧୫୦୦କୁ ବୃଦ୍ଧି କରିବା ପାଇଁ ସେମାନେ ଦାବି କରିଛନ୍ତି। ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ଓ ଧାରଣା ଦେବା ପରେ ମଧ




ବିଭିନ୍ନ ପଞ୍ଚାୟତର ସଙ୍ଗଠନ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଛି।

## ଦାବିପତ୍ର ନେବାରେ ବିଳମ୍ବ ହେବାରୁ ବୃଦ୍ଧାବୃଦ୍ଧଙ୍କ ଧାରଣା

ବ୍ଲକ ପ୍ରଶାସନ ମଧ୍ୟରୁ କୌଣସି କର୍ମଚାରୀ କିମ୍ବା ବିଡିଓ ସେମାନଙ୍କ ପାଖକୁ ଦାବିପତ୍ର ନେବା ପାଇଁ ଆସି ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଶନାଥପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଏକ ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଭିନ୍ନକ୍ଷମ ଓ ବୁଢାବୁଢ଼ୀ ସଙ୍ଗଠନ ଆବାହକ ବ୍ରିଟିଶ କୁମାରଙ୍କ ନେତୃତ୍ୱରେ ଲିଙ୍ଗରାଜ ଆଜାଦ, ସତ୍ୟ ମାହାର, ବୈଦ୍ୟନାଥ ନାଏକ, ରାଜ କିଶୋର ଦୁଲହରି, ଉପେନ୍ଦ୍ର ଦ୍ରାବିଡ଼, କୁଞ୍ଜ ମାଝି, ବନ ମାଝି, ଲୋକନାଥ ମାଝି, ବିକାଶ ମାଝି, ସୀତା ମାଝି, ମାଧବ ନାଏକ, ଗୈରାଙ୍ଗ ନାଏକ, ଜ୍ୟୋସା ମାଝି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର-ବାଇକ୍ ଧକ୍କା, ଜଣେ ମୃତ

ବୌଦ୍ଧ, ୧୮।୧୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା -ବଲାଙ୍ଗିର ଜାତୀୟ ରାଜପଥର ଲୁଣିବାହାଲ ପଞ୍ଚାୟତ ବଡବନ୍ଧ ଛକ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ତିତିରକଟା ଗ୍ରାମର ସପ୍ତେଶ୍ୱର ମଲ୍ଲିକ (୬୫)। ସେ ହରଭଙ୍ଗା ବ୍ଲକ ବିଶ୍ୱାବସୁ ସମାଜ ବଡବନ୍ଧ ଶାଖା ଆଦିବାସୀ ସଂଘର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟ ଜଣେ ଗୁରୁତର ହେଲେ ଭରତାପୁର ଗ୍ରାମର ମିହିର ମହାକୁଡ (୨୪ )। ମିଳିଥିବା ସୂଚନାମୁତାବକ ସାମ୍ପୋଚ ପଞ୍ଚାୟତ ତିତିରକଟା ଗ୍ରାମର ସପ୍ତେଶ୍ୱର ଭରତାପୁର ଗ୍ରାମର ମିହିରଙ୍କ ସହ ବାଇକ୍ ଯୋଗେ ଗାଁକୁ ଫେରୁଥିଲେ। ବଡବନ୍ଧ ଛକ ନିକଟରେ ଏକ ଟ୍ରାକ୍ଟର ଧକ୍କା ଦେଇ ଫେରାର ହୋଇଯାଇଥିଲା। ରାସ୍ତା କଡରେ ଉଭୟ ବାଇକ୍ ଆରୋହୀ ଛଟପଟ ହୋଇ ମୁମୂର୍ଷ ଅବସ୍ଥାରେ ପଡିଥିବା ଦେଖି ପଥଚାରୀମାନେ ପୋଲିସକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ପୁରୁଣାକଟକ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସପ୍ତେଶ୍ୱରଙ୍କ ମୃତ୍ୟୁ ହୋଇଥିବାବେଳେ ମିହିରଙ୍କ ବାମ ଗୋଡ ଭାଙ୍ଗିଯାଇଥିବାରୁ ତାଙ୍କୁ ବୌଦ୍ଧ ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ଜାମଟିକ୍ରା, ୧୮।୧୧(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଜାଙ୍ଗେଡ କଳାଡୁଙ୍ଗୁରି ପଡାର ନାରାୟଣ ସେଟଙ୍କ ଚାଳ ଘରେ ଶୁକ୍ରବାର ମଧାହ୍ନ ୧୨ଟା ସମୟରେ କୌଣସି କାରଣରୁ ନିଆଁ ଲାଗିଯିବାରୁ ୨ ବଖରା ଜଳିଯାଇଛି। ସେହିପରି ଘରେ ଥିବା ଚାଉଳ, ଟିଭି, ପଂଖା, ଟଙ୍କା, ଘରକରଣା ସାମଗ୍ରୀ, କପଡା ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଅତାବିରା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜାଙ୍ଗେଡ ରାଜସ୍ୱ ଅଧିକାରୀ ହେମାନନ୍ଦ ବାରିକ, ଅତିରିକ୍ତ ତହସିଲଦାର ରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ସରକାରୀ ସହାୟତା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି।

### ଗ୍ରାମୀଣ ଉଦ୍ୟାନର ଶିଳାନ୍ୟାସ

ଜାମଟିକ୍ରା,୧୮।୧୧(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଟୋପ ପଞ୍ଚାୟତ ଖଲିଆପାଲି ଗ୍ରାମରେ ଶୁକ୍ରବାର ଗ୍ରାମୀଣ ଉଦ୍ୟାନର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦୁଲେଶ୍ୱରୀ ବୁଡା ମୁଖ୍ୟ ଅତିଥି, ଗ୍ରାମ୍ୟ କମିଟି ସଭାପତି ରାଜକୁମାର ଖୁଣ୍ଟଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏଥିରେ ୱାର୍ଡମେମ୍ବର ରାଜିନ୍ଦ୍ର ମାଝି, ସାବିତ୍ରୀ ରାଉତ, କଲିଆଣି କଣ୍ଟା, ଲକ୍ଷଣ କଣ୍ଟା, କିଶୋର କରାଲି, ସୁବାସ କୁମାର, ଚେୟାରମ୍ୟାନ ନାଗ, ସୁଦାମ ରାଉତ, ପିଣ୍ଟୁ ନିଖଣ୍ଡିଆ, ରାଜେଶ ମାଝି ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ।

### ରାଷ୍ଟ୍ରୀୟ ଶିକ୍ଷା ବିକାଶ ସ୍କୁଲରେ ମାତୃ ସମ୍ମିଳନୀ

ଜାମଟିକ୍ରା,୧୮।୧୧(ଡି.ଏନ.ଏ.): ଭେଡେନ ବ୍ଲକ ଅଧୀନ ଥୁଆପାଲି ରାଷ୍ଟ୍ରୀୟ ଶିକ୍ଷା ବିକାଶ ସ୍କୁଲରେ ଶୁକ୍ରବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିନିଧି ଅମୀୟ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଲତାଗିରି ନଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ ଭିତ୍ରିଆ ଯୋଗଦେଇ ଶିଶୁ ପ୍ରତି ମା'ର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ନାରାୟଣ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପଦ୍ମପୁରରେ ଅବକାରୀ ଚଢ଼ାଉ

ପଦ୍ମପୁର,୧୮।୧୧(ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ପଦ୍ମପୁର ଅବକାରୀ ବିଭାଗ ଓ ସମ୍ବଲପୁର ଭ୍ରାମ୍ୟମାଣ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଇନ୍ସପେକ୍ଟର ସମରଜିତଙ୍କ ନେତୃତ୍ୱରେ ଚଢାଉ କରି ଲଖମରାର କେଶରଞ୍ଜନ ସାହୁ ଓ ଧୁମାଭଟାର ସୁଶିଲ ସାହୁଙ୍କଠାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ବୁଡେନ ଥାନା ଅଧୀନ ସୁଲିଆ ଢାବାରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ ହୋଇଛି।

# ବିନା ଭିତ୍ତିଭୂମିରେ ଚାଲିଛି ଧାନକିଣା

- ଏସ୍ଏଚ୍‌ଜି ନାଁରେ ଚାଲିଛି ବେପାରୀଙ୍କ ଖେଳ
- ବାର୍ଷିକ ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣୁଛନ୍ତି ଏସ୍ଏଚ୍‌ଜି

ସୋନପୁର,୧୮।୧୧(ନି.ପ୍ର.)


ଖୋଲା ଆକାଶ ତଳେ ଧାନ କିଣାଯାଉଛି।

କ୍ଷେତରୁ ଧାନ ଅମଳ ଆରମ୍ଭ ହୋଇଗଲାଣି । ନଭେମ୍ବର ୩୦ ତାରିଖରୁ ସୁବର୍ଣ୍ଣପୁର ଜିଲାରେ ଖରିଫ୍ ଧାନ କିଣା ଆରମ୍ଭ ହେବ। ୬୩ଟି ପ୍ୟାକ୍ସ ଓ ୩୮ଟି ଏସ୍ଏଚ୍‌ଜି ଜରିଆରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଚାଷୀଙ୍କ ନିକଟରୁ ଧାନ କିଣିବ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ଅଧିକ ୫ଟି ଏସ୍ଏଚ୍‌ଜିଙ୍କୁ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବାକୁ ମଧ୍ୟ ଯୋଜନା ଚାଲିଛି। ତେବେ ବିନା ଭିତ୍ତିଭୂମିରେ ଜିଲାରେ ଧାନ କିଣା ଯାଉଥିବା ନେଇ ଅଭିଯୋଗ ହେଉଛି। ଗୋଦାମ ଘର ନ ଥିବାରୁ ଧାନ କିଣା ସମୟରେ ବର୍ଷା ହେଲେ ଚାଷୀଙ୍କ ଧାନ ଓଦା ହେଉଛି। ମାତ୍ର ପ୍ରଶାସନର ଏଥିପ୍ରତି ଦୃଷ୍ଟି ନାହିଁ। ଭିତ୍ତିଭୂମି ନ ଥାଇ ଏସ୍ଏଚ୍ଏଜିଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଉଛି। ଚାଷୀ ଓ ଚାଷୀ ସଙ୍ଗଠନଗୁଡିକ ଏହାକୁ ବିରୋଧ କରୁଛନ୍ତି।

ଜିଲାରୁ ଖରିଫରେ ପ୍ରାୟ ୩୪ ଲକ୍ଷ କୁଇଣ୍ଟାଲ ଓ ରବିରେ ୨୫ ଲକ୍ଷ କୁଇଣ୍ଟାଲ ଧାନ ସରକାର କିଣୁଛନ୍ତି । ୩୮ଟି ଏସ୍ଏଚ୍‌ଜି ଜରିଆରେ ବାର୍ଷିକ ପ୍ରାୟ ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଉଛି। ଉଲୁଣ୍ଡା ବ୍ଲକରେ ସର୍ବାଧିକ ୧୩ଟି ଏସ୍ଏଚ୍‌ଜିଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ଡୁଙ୍ଗୁରିପାଲିରେ ୯ଟି, ବିନିକାରେ ୬ଟି, ବୀରମହାରାଜପୁରରେ ୫ଟି, ତରଭାରେ ୩ଟି ଓ ସୋନପୁର ବ୍ଲକରେ ୨ଟି ଏସ୍ଏଚ୍‌ଜି ଧାନ କିଣୁଛନ୍ତି। ତେବେ ଏସ୍ଏଚ୍‌ଜି କିଣୁଥିବା ୩୮ରୁ ୩୨ଟି ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ଓ ଗୋଦାମ ଘର ନାହିଁ । ଉଲୁଣ୍ଡାରେ ୧୩ଟି ଏସ୍ଏଚ୍‌ଜି ଧାନ କିଣୁଥିବା ବେଳେ ୧୧ଟି ମଣ୍ଡିରେ ଆଦୌ ଭିତ୍ତିଭୂମି ନାହିଁ । ଖୋଲା ଆକାଶ ତଳେ ଅବା ରାସ୍ତା ଉପରେ ଧାନ କିଣାଯାଉଛି। ଧାନ କିଣାରେ ଲକ୍ଷାଧିକ ଟଙ୍କା କମିଶନ ମିଳୁଥିବା ବେଳେ ମଣ୍ଡି ବ୍ୟବସ୍ଥାର ବିକଳ ଚିତ୍ର ପ୍ରତିବର୍ଷ ଦେଖିବାକୁ ମିଳୁଛି। ଉଲୁଣ୍ଡା ବ୍ଲକର କେବଳ ମୁଣ୍ଡୋଘାଟ ଜିପିଏଲଏଫ ଧର୍ମଶାଳା ସ୍ଥିତ ଆରଏମସି ମାର୍କେଟ୍ ୟାର୍ଡ ଓ ଡାଲଡବା ଓଁ ସାଇ ଏସ୍ଏଚଜି ପୋଡଟିକିରା ସ୍ଥିତ ଆରଏମ୍‌ସି ମାର୍କେଟ୍ ୟାର୍ଡରେ ଧାନ କିଣୁଛି। ଡୁଙ୍ଗୁରିପାଲି ବ୍ଲକର ୯ଟି ମଣ୍ଡିରେ ଏସ୍ଏଚ୍‌ଜି ଧାନ କିଣୁଥିବା ବେଳେ ଦିଗଶିରା, ସାରସମାଲ ଓ ପଣ୍ଡକିଟାଲରେ ଆର୍ଏମ୍‌ସି ମାର୍କେଟ୍ ୟାର୍ଡରେ ଧାନ କିଣାଯାଉଛି। କିନ୍ତୁ ଭୀମଟିକିରା, ସରଗୁଲ, ନଙ୍ଗଲକଟା, କର୍ଲାଜୁରି, ଲିଙ୍ଗମାର୍ଣ୍ଡି, ଟାଙ୍ଗରକର୍ଲେ ଭଳି ମଣ୍ଡିରେ ଚାଷୀଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ବିନିକା ବ୍ଲକର ପଲସାପାଲି, ଅଇଁଳାମୁଣ୍ଡା ଓ ମେଘଲା ଭଳି ମଣ୍ଡିରେ ଅସ୍ଥାୟୀ ଭାବେ ପଲିଥିନ ଢାଙ୍କି ଧାନ କିଣାଯାଉଛି। ସୋନପୁର ବ୍ଲକର ବଲାଡି ଓ ବାଲପୁର ମଣ୍ଡିରେ ଗୋଦାମ ଘର ନାହିଁ। ଭିତ୍ତିଭୂମି ନ ଥିବା ବେଳେ କେବଳ ସରକାରୀ ନିର୍ଦ୍ଦେଶ ଓ ଲୋକ ପ୍ରତିନିଧିଙ୍କ ସୁପାରିଶ କ୍ରମେ ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇଛି। ମହିଳା ଗୋଷ୍ଠୀ ନାଁରେ କିଛି ବ୍ୟବସାୟୀ ମଣ୍ଡିରେ ଧାନ କିଣା ପରିଚାଳନା କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଅଢେଇ ବର୍ଷ ହେଲା ମହିଳା ଗୋଷ୍ଠୀଙ୍କୁ ଧାନ କିଣାରେ ନିୟୋଜିତ କରା ଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଭିତ୍ତିଭୂମିର ବ୍ୟବସ୍ଥା କରା ଯାଇନାହିଁ । ନିୟମ ଅନୁଯାୟୀ ଧାନ ରଖିବା ପାଇଁ ଗୋଦାମ ଘର, ଧାନ କିଣିବା ପାଇଁ ପକ୍କା ପିଣ୍ଡି, ଧାନର ମାନ ନିର୍ଦ୍ଧାରଣ ପାଇଁ ୨ଟି ଲେଖାଏଁ ମେସିନ, ରିପୋର୍ଟ ପ୍ରସ୍ତୁତ କରିବାପାଇଁ କମ୍ପ୍ୟୁଟର, ପ୍ରିଣ୍ଟର, ବିଦ୍ୟୁତିକରଣ, ଚାଷୀଙ୍କ ପାଇଁ ବିଶ୍ରାମ ଗୃହ, ପାନୀୟ ଜଳ ଓ ପରିଶ୍ରାଗାର ରହିବା କଥା । ମାତ୍ର ଅଧିକାଂଶ ମଣ୍ଡିରେ ଏହି ସବୁ ସୁବିଧା ନାହିଁ । ଏଭଳି ସ୍ଥିତିରେ ଜିଲାରେ ଧାନ କିଣା କିପରି ହେଉଥିବା ତାହା ସହଜରେ ଅନୁମେୟ । ପୂର୍ବରୁ କେବଳ ପ୍ୟାକ୍ସ ଦ୍ୱାରା ଧାନ କିଣା ଯାଉଥିବା ବେଳେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଏସ୍ଏଚ୍‌ଜି ମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଜିଲା ପ୍ରଶାସନର ଖାମଖିଆଲ ମନୋଭାବ ଯୋଗୁ ମଣ୍ଡିର ସୁବ୍ୟବସ୍ଥା ହୋଇପାରିନି। ପରୋକ୍ଷରେ କିଛି ଧାନ ବେପାରି ମଣ୍ଡି ମାଲିକ ସାଜିଥିବା ବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି । ଚଳିତ ଥର ଧାନ ବିକ୍ରି କରିବା ପାଇଁ ଜିଲାର ୬୫ ହଜାର ୫୨୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ତେଣୁ ପ୍ରଶାସନ ମଣ୍ଡି ଖୋଲିବା ପୂର୍ବରୁ ଭିତ୍ତିଭୂମି ଓ ଚାଷୀଙ୍କ ପାଇଁ ସର୍ବନିମ୍ନ ସୁବିଧା କରିବାକୁ ଦାବି ହେଉଛି।

### ବିଜୁ ଜନତା ଦଳର ମିଶ୍ରଣ ପର୍ବ

ପଦ୍ମପୁର,୧୮।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ଶୁକ୍ରବାର କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ପଦ୍ମପୁର ବ୍ଲକ ଜୋନ-୧ର ମହୁଲପାଲି ଗ୍ରାମପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁଜନ ସମାଜବାଦୀ ପାର୍ଟିର ଦାରାଶିଙ୍ଗ ସୁନା, ବିଭୂତି ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ବିଜେଡିରେ ଯୋଗଦାନ କରିଥିଲେ। ପଦ୍ମପୁର ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ଚମ୍ପକେଶ୍ୱର ପୁରୋହିତ ଉପସ୍ଥିତ ଥିଲେ।

### ପଦ୍ମପୁର ଜୋନ୍-୩ରେ ବର୍ଷାଙ୍କ ପ୍ରଚାର

ପଦ୍ମପୁର,୧୮।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ଶୁକ୍ରବାର ଜୋନ-୩ରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ନିଜର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସରୋଜ ମେହେର, ଶ୍ରୀମୟୀ ମିଶ୍ରଙ୍କ ସମେତ ବହୁ ବିଜେଡି ନେତା ଏଥିରେ ଯୋଗ ଦେଇଥିଲେ। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ପ୍ରଚାର କରିବା ସହିତ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂହ ବରିହାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ବର୍ଷାଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ।

# ୨ ଦଫା ଦାବିରେ ଧାରଣା ଜାରି



ବିଧାୟକ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପାଇକମାଳ,୧୮।୧୧(ଡି.ଏନ.ଏ.)

ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି କରାଯିବା ସହ ପାଇକମାଳ ପଞ୍ଚାୟତକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବିରେ ଜାଗରଣ ଯୁବ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଗୁରୁବାର ପାଇକମାଳ, ମିଠାପାଲି, ନୃସିଂହନାଥର ସମସ୍ତ ଦୋକାନ ବଜାର ବନ୍ଦ କରି ମୁଖ୍ୟଛକରେ ଜନସାଧାରଣ ଧାରଣାରେ ବସିଥିଲେ। ଶୁକ୍ରବାର ମଧ୍ୟ ପାଇକମାଳ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଅପରାହ୍ନରେ ବିଧାୟକ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଧାରଣାସ୍ଥଳକୁ ଆସି ଧାରଣାରେ ଆଲୋଚନା କରିଥିଲେ। ତେବେ ଶନିବାର ସମସ୍ତ ଦୋକାନ ବଜାର ଖୋଲିବ କିନ୍ତୁ ଧାରଣା ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର: ଏସ୍‌ପିଙ୍କଠାରେ ଅଭିଯୋଗ

ବୌଦ୍ଧ, ୧୮।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଭାବପୁର ଗ୍ରାମର ଜଣେ ମହିଳାଙ୍କୁ ହରଭଙ୍ଗା ଥାନା ଅଧିକାରୀ ମାଡ ମାରିବା ସହିତ ଦୁର୍ବ୍ୟବହାର କରିଥିବା ନେଇ ମହିଳା ଜଣକ ଶୁକ୍ରବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷ (ଏସ୍‌ପି)ଙ୍କ ଠାରେ ଅଭିଯୋଗ କରିଛନ୍ତି। ସୂଚନା ମତେ, ଉକ୍ତ ମହିଳା ଓ ତାଙ୍କ ଝିଅ ଗତ ମାସ ୩୦ରେ ଗାଧୋଇବାକୁ ଯାଇଥିବାବେଳେ ଚୁମୀ ରାଉତ ସହଯୋଗରେ ସୁଶାନ୍ତ ଧଳ ସେମାନଙ୍କୁ ଅସଦାଚରଣ କରିଥିଲା। ଏନେଇ ମହିଳା ଜଣକ ହରଭଙ୍ଗା ଥାନାରେ ଜଣାଇବା ପରେ ହରଭଙ୍ଗା ଥାନା ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ସେ ଦୁଇ ଜଣଙ୍କୁ ଥାନାକୁ ଆଣିଥିଲେ। ଥାନାରୁ ସେମାନଙ୍କୁ ପ୍ରାୟ ଏକଘଣ୍ଟା ପରେ ଛାଡି ଦିଆଯାଇଥିଲା। ମହିଳାଙ୍କୁ ରାତି ୧୦ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ମହିଳା ଜଣକ ସେମାନଙ୍କୁ କାହିଁକି ଛାଡିଦେଲେ ବୋଲି ପଚାରିବାରୁ ଥାନା ଅଧିକାରୀ ତାଙ୍କୁ ଟଙ୍କା ମାଗିଥିଲେ। ମହିଳା ଜଣକ ଆମ୍ଭେ ନ୍ୟାୟ ପାଇଁ ଥାନାକୁ ଆସିଛୁ । ଆପଣ ଟଙ୍କା ମାଗୁଛନ୍ତି ବୋଲି ପଚାରିବାରୁ ଥାନା ଅଧିକାରୀ ମହିଳାଙ୍କୁ ମାଡ ମାରିବା ସହିତ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର କରିଥିବା ମହିଳା ଜଣକ ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଏସପିଙ୍କ ଠାରେ ଅଭିଯୋଗ କରିଛନ୍ତି।

### ବାରଝୁଲା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

ଅମରପାଲି,୧୮।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାରଝୁଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ ଶୁକ୍ରାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସମିତିସଭ୍ୟ ପ୍ରତିନିଧି ସୁଦାମ ଚରଣ ସେଠୀ ମୁଖ୍ୟ ଅତିଥି ଏବଂ ଶିକ୍ଷା କମିଟି ସଭାପତି ସଚ୍ଚିଦାନନ୍ଦ ପଧାନ, ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ବବିତା ଦେବୀ ଓ ସୁକେଶି ଦେବୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟିକା 'ବୃକ୍ଷ ହିଁ ଜୀବନ' ପରିବେଷିତ ହୋଇଥିଲା। ଶେଷରେ ଶିକ୍ଷକ ପ୍ରବୀର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମହାଲକ୍ଷ୍ମୀ ଜନଆଶୀର୍ବାଦ ରଥକୁ ବୌଦ୍ଧରେ ସ୍ୱାଗତ


ମା' ମହାଲକ୍ଷ୍ମୀଙ୍କ ପୂଜା କରାଯାଇ ସ୍ୱାଗତ କରାଯାଉଛି।

ବୌଦ୍ଧ, ୧୮।୧୧(ସ୍ୱ.ପ୍ର.)

ଭାରତ ଭ୍ରମଣ କରୁଥିବା ମା' ମହାଲକ୍ଷ୍ମୀଙ୍କ ଜନ ଆଶୀର୍ବାଦ ରଥକୁ ବୌଦ୍ଧରେ ଭବ୍ୟ ସ୍ୱାଗତ କରାଯାଇଛି। ଅଗ୍ରୱାଲା ସମାଜର ସଂସ୍ଥାପକ ଅଗ୍ରେସନ ମହାରାଜାଙ୍କ ଅଗ୍ରୋହାଧାମରୁ ମା' ମହାଲକ୍ଷ୍ମୀଙ୍କ ରଥ ବାହାରି ଭାରତ ଭ୍ରମଣ କରୁଛି। ଶୁକ୍ରବାର ମା'ଙ୍କ ରଥକୁ ବୌଦ୍ଧ ସହର ମନମୁଣ୍ଡା, ବାଉଁଶୁଣୀ, ପୁରୁଣାକଟକ ଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଅଗ୍ରେସନ ଭବନଠାରେ ମା'ଙ୍କ ପୂଜା ଆଳତି କରାଯାଇଥିଲା। ମାରୱାଡି ସୋସାଇଟିର ସଭାପତି ରାଧେଶ୍ୟାମ କେଡିଆ, ଯୁବ ମଞ୍ଚ ସଭାପତି ଅଙ୍କିତ ଅଗ୍ରୱାଲା, ମହିଳା ସମିତି ସଭାନେତ୍ରୀ ଶକୁନ୍ତଳା ଗର୍ଗଙ୍କ ସମେତ ମାରୱାଡି ସମାଜର ଶତାଧିକ ସଦସ୍ୟ ସ୍ୱାଗତ ସମୟରେ ଉପସ୍ଥିତ ଥିଲେ । ପୁରୁଣାକଟକ ଠାରେ ମାରୱାଡି ସମାଜର ସଭାପତି କୈଳାସ ଅଗ୍ରୱାଲା ଓ ଅନ୍ୟମାନେ ସ୍ୱାଗତ କରିଥିଲେ ।

### ରାସ୍ତାକଡରୁ ମହିଳାଙ୍କ ମୃତଦେହ ଜବତ

ବୌଦ୍ଧ,୧୮।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଚାରିଛକ -ଫୁଲବାଣୀ ରାସ୍ତା କୋର୍ଟ ଛକ ନିକଟରେ ଅଜଣା ମହିଳାଙ୍କ ମୃତଦେହ ଶୁକ୍ରବାର ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପୁରୁଣାକଟକ ପୋଲିସ ଖବର ପାଇବା ପରେ ମୃତଦେହକୁ ଜବତ କରିଛି। ମହିଳାଙ୍କ କୌଣସି ପରିଚୟ ମିଳି ନ ଥିବା ଜଣାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଯାଇଥିବା ଜଣାପଡିଛି ।

# ଚଣ୍ଡୀ ଯଜ୍ଞ ପାଇଁ ରାବଣ ବରଣ

ତରଭା, ୧୮।୧୧(ଡି.ଏନ୍.ଏ.)

ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ନର୍ମଦେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଜାନୁଆରୀ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚଣ୍ଡି ଯଜ୍ଞ ପାଇଁ ରାବଣ ବରଣ ହୋଇଯାଇଛି। ବଲାଙ୍ଗୀର ଖୁଜେନପାଲିସ୍ଥିତ ବିଶ୍ୱାତ୍ମା ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ପରମ ଶିଷ୍ୟ ସ୍ୱାମୀ ସତ୍ୟ ପ୍ରେମାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୀର୍ଥରାଜ ପାଢିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରୁଦ୍ରାଭିଷେକ, ଚଣ୍ଡି ଯଜ୍ଞ, ପ୍ରବଚନ, ମୀନା ବଜାର ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିବା ପାଇଁ ସ୍ଥିର କରାଯାଇଥିଲା। ରାମ ଜନ୍ମ ଠାରୁ ରାବଣ ବଧ ମୁକ୍ତ ରଙ୍ଗମଞ୍ଚରେ ଅଭିନୀତ ହେବାକୁ ସ୍ଥିରିକୃତ ହୋଇଥିଲା। ଏହି ଅବସରରେ ରାବଣ ଭୂମିକାରେ ମନୋରଞ୍ଜନ ଚିରଗୁନଙ୍କୁ ବରଣ କରାଯାଇଛି। ରାମଚନ୍ଦ୍ର ପୂଜାହାରୀ, ଅମ୍ବରିଷ ସା, ଜୟନାରାୟଣ ମିଶ୍ର, ଗୁପ୍ତେଶ୍ୱର ସା, ପ୍ରେମାନନ୍ଦ ପାତ୍ର, ମକରଧ୍ୱଜ ପ୍ରଧାନ, ଲଲାଟେନ୍ଦୁ ସା ତଥା ଦେଉଳପଦର ଗ୍ରାମବାସୀ ଉପସ୍ଥିତ ଥିଲେ।


ରାବଣ ବରଣ କାର୍ଯ୍ୟକ୍ରମ

# ଗୋଟିପୁଅରେ ଜଗନ୍ନାଥ ସଂସ୍କୃତି ପ୍ରତିଫଳିତ




କଳାକାରଙ୍କ ଗହଣରେ ବିକାଶ ଗ୍ରୁପ୍‌ର କର୍ମକର୍ତ୍ତାବୃନ୍ଦ । ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଗୋଟିପୁଅ ନୃତ୍ୟ ପରିବେଷଣ ।

ବରଗଡ଼ ଅଫିସ୍,୧୮।୧୧

ବରଗଡ଼ର ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଅଡ଼ିଟୋରିୟମରେ ଗୁରୁବାର ସ୍ପିକ୍‌ମେକେ ଆନୁକୂଲ୍ୟରେ ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଛି। ବିକାଶରେ ପ୍ରଦର୍ଶିତ ଏହି କାର୍ଯ୍ୟକ୍ରମରେ ୮ଜଣ ନୃତ୍ୟଶିଳ୍ପୀ, ଜଣେ କଣ୍ଠଶିଳ୍ପୀ ତଥା ହାରମୋନିୟମ ବାଦକ, ଜଣେ ମୃଦଙ୍ଗ ବାଦକ, ଜଣେ ବଂଶୀ ବାଦକ ଜଗନ୍ନାଥଙ୍କ ସଂସ୍କୃତିକୁ ଗୋଟିପୁଅ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ତାହା ଦର୍ଶକଙ୍କ ମନରେ ଆନନ୍ଦ, ଉତ୍ସାହ ଏବଂ ଉଦ୍ଦୀପନା ଭରି ଦେଇଥିଲା। ନୃତ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରି ବିକାଶ ଆବାସିକ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଏବଂ ଡିଗ୍ରୀ କଲେଜ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଏକଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ସ୍କୁଲରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ଅଗ୍ରୱାଲ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋର୍ଡ଼ିନେଟର ସୀମା ସାହୁ, କୋର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନା, ପ୍ରତାପ ନାୟକ, ବବିତା ସାୱଡ଼ିଆ, ସିଦ୍ଧାର୍ଥ ସାୱଡ଼ିଆ ପ୍ରମୁଖ ଯୋଗଦାନ କରିଥିଲେ। କଲେଜର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚେୟାରମ୍ୟାନ ସାୱଡ଼ିଆ ନୃତ୍ୟଗୁରୁ ବିଜୟ ସାହୁଙ୍କୁ ମାନପତ୍ର, ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ। ପ୍ରିନ୍ସିପାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣି

**ବେଲପଡା,୧୮।୧୧(ଡି.ଏନ.ଏ.):** ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ବଲାଙ୍ଗୀର ଜିଲା ବେଲପଡା ତହସିଲର ବରିଷ୍ଠ କିରାଣି ଯୁଗଳ କିଶୋର ରାଉତଙ୍କୁ ଶୁକ୍ରବାର ଭିଜିଲାନ୍ସ ଟିମ୍ କାବୁ କରିଛି। କିରାଣି ରାଉତଙ୍କ ପାଟଣାଗଡ ସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ଚଢାଉ କରିବା ସହ ତହସିଲ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ କରି କିଛି ଫାଇଲ ନେଇଛନ୍ତି। ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଏସ୍‌ଆଇ ତୁସାର ମହାଖୁଡ, ଟେରେସା ଖେସ, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ସୂଚନା ଅନୁସାରେ, ବେଲପଡା ବ୍ଲକ ସାତଟୁଆ ଗ୍ରାମର ଅର୍ଜୁନ ଶବର ତାଙ୍କର ଏକ ଜିମାଳି ପାର୍ଚ୍ଚାକୁ ଭାଗବଣ୍ଟା କରିବା ପାଇଁ ଦୀର୍ଘଦିନରୁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ତେବେ ଏହି ଜମି ଭାଗବଣ୍ଟା ବାବଦକୁ କିରାଣୀ ରାଉତ ଅର୍ଜୁନଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିବାରୁ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସକାଳ ପ୍ରାୟ ୯ ସମୟରେ ପାଟଣାଗଡ ଗଙ୍ଗାଧର ପାର୍କ ନିକଟରେ କିରାଣୀ ରାଉତ ଅର୍ଜୁନଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

### ଦିବ୍ୟ ଶକ୍ତି କଳସ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୮।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳଠାରେ ଶୁକ୍ରବାର ଦିବ୍ୟ ଶକ୍ତି କଳସ ରଥ ପହଞ୍ଚିଛି। ଆସନ୍ତା ଜାନୁୟାରୀ ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ସିନାପାଲିଠାରେ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ହେବ। ଯଜ୍ଞର ପ୍ରଚାର ପ୍ରସାର ଓ ନିମନ୍ତ୍ରଣ ସହିତ କଳସ ଦର୍ଶନ ନିମନ୍ତେ ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ଆସିଥିବା ଦିବ୍ୟ ଶକ୍ତି କଳସ ରଥ ଗତ ୨ ମାସ ଧରି ସିନାପାଲିଠାରୁ ବାହାରି ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବ। ଶୁକ୍ରବାର ଏହା ଖଡିଆଳଠାରେ ପହଞ୍ଚିଛି। ଖଡିଆଳ ଗାୟତ୍ରୀ ପରିବାର ସମସ୍ତ ସଦସ୍ୟ ରଥକୁ ଠାକୁରାଣୀ ମନ୍ଦିରଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ରଥକୁ ଖଡିଆଳ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ଶକ୍ତି କଳସର ଦର୍ଶନ ସହିତ ବନ୍ଦାପନା କରିଥିଲେ। ଖଡିଆଳ ଗାନ୍ଧିଛକସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ଦିପଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ଗାୟତ୍ରୀ ନାରୀ ଜାଗରଣ ପ୍ରଭାରୀ ମମତା ମଞ୍ଜରୀ ଥପା ପ୍ରକାଶ କରିଛନ୍ତି। ରଥ ସ୍ୱାଗତ କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ମିନି କେତନ ବାରିକ, ତ୍ରିଲୋଚନ ବିଶି, ସନାତନ ଶବର, ରାଜ କୁମାର ଅଗ୍ରୱାଲ, ରାଧିଆ ସିଂଘଲ, ଈଶ୍ୱର ଅଗ୍ରୱାଲ, ବିକାଶ ସିଂଘଲ, ଆଲୋକ ଅଗ୍ରୱାଲ, ରାଜୁ ବର୍ମା, ଦୟା ଥପା, ରାଧାବାଇ ଅଗ୍ରୱାଲ, ରେଣୁ ଅଗ୍ରୱାଲ, ଦିପାଞ୍ଜଳି ଶବର ଓ ଅନ୍ୟ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ।

# ପୁଣି ତେଜିଲା ଟିଟିଲାଗଡ଼କୁ ଜିଲା ମାନ୍ୟତା ଦାବି

**ଟିଟିଲାଗଡ,୧୮।୧୧(ଡି.ଏନ.ଏ.)**

ଟିଟିଲାଗଡକୁ ଜିଲା ଦାବି ତେଜିବାରେ ଲାଗିଥିବା ବେଳେ ଉଭୟ କଂଗ୍ରେସ ଓ ଭାଜପା ଏହି ଦାବିକୁ ସମର୍ଥନ ଜଣାଇଛି। ଶୁକ୍ରବାର ଟିଟିଲାଗଡ ଏକ ଲଜ ସମ୍ମିଳନୀ କକ୍ଷରେ ଉଭୟ ଦଳ ପୃଥକ ଭାବେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଟିଟିଲାଗଡ କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂହ ଭୋଇ କହିଛନ୍ତି ଯେ, ବହୁ ପ୍ରତିକ୍ଷିତ ଟିଟିଲାଗଡ ଜିଲା ଦାବି ପୂର୍ବରୁ ବିଧାୟକ ଥିବା ବେଳେ ବିଧାନ ସଭାରେ ବି ସ୍ୱର ଉଠାଇଥିଲେ ଓ ସମୟ ସମୟରେ ଧାରଣା ଓ ଅନେକ ଆନ୍ଦୋଳନ କରି ଆସିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରେସ୍‌ମିଟ ଜରିଆରେ ଜଣାଇ ଦେଇଛନ୍ତି ଯେ, ଅତିଶୀଘ୍ର ଟିଟିଲାଗଡକୁ ଜିଲା ଘୋଷଣା ନ କଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ଓ ସରକାରୀ କାର୍ଯ୍ୟକ୍ରମ ବର୍ଜନ କରାଯିବ। କାର୍ଯ୍ୟକ୍ରମରେ ଦେବାନନ୍ଦ ସାହୁ, ଘିନୁଆଡ଼ଯୁଆଡ, ରାଜେନ୍ଦ୍ର ନାରାୟଣ ମିଶ୍ର, ସୁମନ୍ତ ବେହେରା, ତୁଳସୀ ସାହୁ, କୃଷ୍ଣ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ।


କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ସୂଚନା ଦିଆଯାଉଛି।

### କଂଗ୍ରେସ, ଭାଜପା ସମର୍ଥନ

ସେହିପରି ଟିଟିଲାଗଡ ପୌରପରିଷଦ ସମ୍ମିଳନୀ ଗୃହରେ ଟିଟିଲାଗଡ ଭାଜପା ଅଧ୍ୟକ୍ଷ ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ପୌରାଧ୍ୟକ୍ଷା ମମତା ଦେବୀ ଜୈନଙ୍କ ଉପସ୍ଥିତିରେ ଜିଲା ଦାବିକୁ ବି ଦୀର୍ଘ ଦିନ ଧରି ପୂର୍ଣ୍ଣମାତ୍ରରେ ସମର୍ଥନ କରି ଆସୁଛି। ଯେହେତୁ ଟିଟିଲାଗଡ କ୍ରିୟାନୁଷ୍ଠାନ କମିଟି ଜରିଆରେ ସହରର ସମସ୍ତ ସାମାଜିକ ଓ ରାଜନୈତିକ ଦଳ ଏକାଠି ହୋଇ ଜିଲା ଦାବି ପାଇଁ ଲଢ଼ିଥିଲେ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଉପନିର୍ବାଚନରେ ପଦ୍ମପୁରକୁ ନୂତନ ଜିଲାକୁ ସ୍ୱୀକୃତି ଦେବା ପରେ ଟିଟିଲାଗଡର ସମସ୍ତ ଅନୁଷ୍ଠାନ ଜାଗ୍ରତ ହୋଇଛନ୍ତି। ଆଗକୁ ଟିଟିଲାଗଡ କ୍ରିୟାନୁଷ୍ଠାନ କମିଟି ପୁଣି ଆନ୍ଦୋଳନର ଚେତାବନୀ ଦେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଆସନ୍ତା ୨୦ ତାରିଖରେ ବୈଠକ ଡାକିବାରୁ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଆନ୍ଦୋଳନକୁ ସମର୍ଥନ କରିବୁ। ପୌରାଧ୍ୟକ୍ଷା ନିଜ ବକ୍ତବ୍ୟରେ ଜିଲା ଦାବିକୁ ସମର୍ଥନ ଜଣାଇ ଦରକାର ପଡ଼ିଲେ ନିଜକୁ ଉତ୍ସର୍ଗ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ପ୍ରେସ୍‌ମିଟରେ ସୁନିଲ ଆଚାର୍ଯ୍ୟ, ମନୋଜ ଜୈନ, ଯଶୋଦା ବଗର୍ତ୍ତୀ, ସର୍ଯ୍ୟୁଥାନପତି ଓ ଆଲୋକ ନାୟକ, ଲିଙ୍ଗରାଜ ନାୟକ, ରାଜେଶ ଅଗ୍ରୱାଲ, ଦୁଖୀଶ୍ୟାମ ଭାଟି ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷକ ମାନ୍ୟତା ଦାବିରେ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୧୮।୧୧**

ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ଅଙ୍ଗନୱାଡି ଶିକ୍ଷକ ମାନ୍ୟତା, ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ସ୍କୁଲ ମାନ୍ୟତା ସହ ଅଙ୍ଗନୱାଡି କର୍ମୀଙ୍କୁ ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ମଜୁରୀ ଏବଂ ପେନସନ, ସାମାଜିକ ନିରାପତ୍ତା ସମେତ ୨୦ ଦଫା ଦାବି ନେଇ ଶୁକ୍ରବାର ପଶ୍ଚିମ ଓଡିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବଲାଙ୍ଗୀର ଜିଲା ଶାଖା ସ୍ଥାନୀୟ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା, ବିକ୍ଷୋଭ ଓ ରାସ୍ତାରୋକୋ କରିଥିଲେ। ସମାନ କାମକୁ ସମାନ ଦରମା, ସାମାଜିକ ସୁରକ୍ଷା, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀଙ୍କୁ ସ୍ୱତନ୍ତ୍ର ଭତ୍ତା, ଶହେ ଶତକଡା ପଦୋନ୍ନତି ଆଦି ଦାବି ପୂରଣ ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ବଲାଙ୍ଗୀର ସଭାନେତ୍ରୀ ମମତା ଶତପଥୀ, ସମ୍ପାଦିକା ଗୌରୀ ଷଡ଼ଙ୍ଗୀ, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢ଼ୀ, ଯୁଗ୍ମ ଆବାହକ ବାଳକୃଷ୍ଣ ଭୋଇ, ଧନମତି ଛେତ୍ରି, ଜ୍ୟୋତିର୍ମୟୀ ଚାଟାର୍ଜୀ, ରେବତୀ କୁମ୍ଭାର, ଭୂଜମତି ନାଗ, ପ୍ରଣତିମୟୀ ମିଶ୍ର, ଦେବକୀ ପଟ୍ଟନାୟକ, ମୀନା ବଗର୍ତ୍ତି, ବିମଳିନୀ ନାଗ, ଉପଦେଷ୍ଟା ମହେନ୍ଦ୍ର କୁମାର ଦର୍ଜି, ବାଳକୃଷ୍ଣ ଷଡ଼ଙ୍ଗୀ, ଅନଙ୍ଗ ଠାକୁରଙ୍କ ସମେତ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ଉପଦେଷ୍ଟା ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ସ୍ଥାନୀୟ କଳାମଣ୍ଡଳ ପଡିଆରୁ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଆସି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସେମାନେ ଅଙ୍ଗନୱାଡି ସେକ୍ଟର ମାନଙ୍କରେ ଦେଖାଦେଉଥିବା ସମସ୍ୟା ଉପରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବି ପୂରଣ ସକାଶେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଆସନ୍ତା ଡିସେମ୍ବର ୯ରେ ବିଧାନସଭା ଘେରିବା ଯୋଜନା ରହିଥିବା କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ପୂର୍ବାହ୍ନରେ କୋଶଳ କଳାମଣ୍ଡଳ ପଡିଆରୁ ଏକ ଶୋଭାଯାତ୍ରାରେ ଅଙ୍ଗନୱାଡି କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ମୁଖ୍ୟ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତାରୋକୋ କରିଥିଲେ।


ଅଙ୍ଗନୱାଡି କର୍ମୀମାନେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ଦେଇ ଆଲୋଚନା କରୁଛନ୍ତି।

# ମୁଙ୍ଗେ ପାହାଡ଼ ସୁରକ୍ଷା ନେଇ ଦାବିପତ୍ର


ମୁଙ୍ଗେ ପାହାଡର ସୁରକ୍ଷା ପାଇଁ ଦାବିପତ୍ର ଦେବାକୁ ଆସିଥିବା ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାମାନେ।

**ଟିଟିଲାଗଡ଼,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ମୁଙ୍ଗେ ପାହାଡର ସୁରକ୍ଷା ପାଇଁ ଦାବି ହୋଇଛି। ମୁଙ୍ଗେ ପାହାଡରେ ପଥର ଖୋଦେଇ ସମ୍ପୂର୍ଣ୍ଣ ବନ୍ଦ ହେଉ, ପାହାଡକୁ ସରକାରୀସ୍ତରରେ ଐତିହ୍ୟ ମାନ୍ୟତା, ବେଆଇନ ପଥର ଖୋଦେଇ, ପଥର ଚାଲାଣ ଉପରେ ରୋକ ପାଇଁ ଦାବି କରାଯାଇଛି। ପଶ୍ଚିମ ଓଡିଶା ଯୁବା ମଞ୍ଚ ତଥା ମଞ୍ଚ ନେତୃତ୍ୱରେ ଆନ୍ଦୋଳନରେ କୋଶଳ ଯୁବ ଶକ୍ତି, ଗରିବ ସେନା, ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ, ଜିଲା ଆଦିବାସୀ ସମାଜ, ଅଲଣ୍ଡା, ଠେମରା, ଦେହେଲି, ସିନ୍ଧେକେଲା ପଞ୍ଚାୟତବାସୀଙ୍କ ପକ୍ଷରୁ ଡବ୍ଲୁଏମଏମ ସଭାପତି ଅଜିତ ପତି, ସଂଯୋଜକ ଅଜିତ ପତି, ଆବାହକ ଜୟନ୍ତ ସାହୁ, ବିଜୟାନନ୍ଦ ମହାକୁର, ରାଶ ବଗର୍ତ୍ତି, ଉମେଶ ସିଂପାତ୍ର, ଯୁବରାଜ ବାଗ, ଆଲୋକ ସାହୁ, ସୁରେଶ ଭୋଇ, ଧନେଶ୍ୱର ମାଝି, ନାରୀନେତ୍ରୀ କିରଣ ଭୋଇ, ଯୁବରାଜ ମାଝି, ଯୁବରାଜ ବାଗ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ମୁନିରାମ ନାଗ, ନିତ୍ୟାନନ୍ଦ ପୃଷେଠ, ହେମନ୍ତ ସାହୁ, ଆଲୋକ ସାହୁ, ଦିନେଶ ତାଣ୍ଡି, ବିରବର ସାହୁ ପ୍ରମୁଖ ସ୍ଥାନୀୟ ଘଣ୍ଟାସୁନୀ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଗ୍ରାମ ରୋଜଗାର ସେବକ ୫ ମାସ ଦରମା ପାଇନାହାନ୍ତି

**ଖପ୍ରାଖୋଲ,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଗ୍ରାମ ରୋଜଗାର ସେବକମାନେ ୫ ମାସ ହେଲା ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ୭ ଦିନ ମଧ୍ୟରେ ପାଉଣା ନ ମିଳିଲେ କାର୍ଯ୍ୟବନ୍ଦ କରିବାକୁ ବିଡିଓ ରଶ୍ମୀ ରଞ୍ଜନ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଗତ ଜୁନରୁ ଗ୍ରାମ ରୋଜଗାର ସେବକମାନଙ୍କୁ ଦରମା ମିଳି ନ ଥିବା ଅଭିଯୋଗ କରିଥିବା ବେଳେ ସ୍ୱଳ୍ପ ବେତନରେ ପରିବାର ପ୍ରତିପୋଷଣ କରୁଥିବା ଗ୍ରାମ ରୋଜଗାର ସେବକଙ୍କୁ ମାସ ମାସ ଧରି ପାଉଣା ନ ମିଳିବା ଏମ୍‌ଜିଏନ୍‌ଆରଇଜିଏସ୍‌ର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମ ରୋଜଗାର ସେବକମାନେ ଶ୍ରମିକଙ୍କୁ ନିଯୁକ୍ତି ସହ କରି କର୍ମ ନିଯୁକ୍ତି ଦେଇଥାନ୍ତି। ଏ ନେଇ ବିଡିଓ ରାଉତଙ୍କୁ ପଚାରିବାରୁ ତୁରନ୍ତ ପାଉଣା ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଗ୍ରାମ ରୋଜଗାର ସଂଘ ସଭାପତି ମୃତ୍ୟୁଞ୍ଜୟ ନନ୍ଦ, ନୀଳମଣି ଜାଲ, ପବିତ୍ର କାଳସାଏ, ବିପିନ ବେହେରା, ସଦାନନ୍ଦ ମାଝି, ସରୋଜ ଭୋଇ, ସତ୍ୟ ନାରାୟନ ମେହେର, ହେମନ୍ତ ଭୋଇ, ଦୁର୍ଯ୍ୟୋଧନ ଦଣ୍ଡସେନା ପ୍ରମୁଖ ସମସ୍ତ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ।

# ଶୁଳିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ଆମ୍ରତୋଟାରେ ଶୁକ୍ରବାର ଶୁଳିଆ ମହୋତ୍ସବ ଆୟୋଜନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୭ରେ ଅନୁଷ୍ଠିତ ହେବାକୁ ଥିବା ଜିଲାର ପ୍ରସିଦ୍ଧ ଶୁଳିଆ ଯାତ୍ରା ୨୫, ୨୬ ଓ ୨୭ ୩ ଦିନ ଧରି ଆୟୋଜନ ହେବ। ଏହାର ପରିଚାଳନା ପାଇଁ ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱ ତଥା ଉମାକାନ୍ତ ଜାଲଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶୁଳିଆ ପୂଜା କମିଟି ଓ ମହୋତ୍ସବ ପରିଚାଳନା କମିଟି କର୍ମକର୍ତ୍ତାମାନେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାବଣ ଦରବାର ପାଇଁ ଭାଲେର ନିକଟ ଫଟକରାର ଅନିଲ କୁମାର ନାଏକଙ୍କୁ ରାବଣ ଭୂମିକାରେ ଅବତିର୍ଣ୍ଣ ପାଇଁ ବରଣ କରାଯାଇଥିଲା । ଶୁଳିଆ ଯାତ୍ରା ଓ ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ସହ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ପାନୀୟ ଜଳଠୁ ଆରମ୍ଭ କରି ଗାଡି ପାର୍କିଂ ଆଦି ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ପଦକ୍ଷେପ ନେବାପାଇଁ ମତପ୍ରକାଶ ପାଇଥିଲା। ରାମନାଥ ନନ୍ଦ ଧନ୍ୟବାଦ ଦେଇଥିଲେ। ବୈଠକରେ ଅନନ୍ତ ଚୌହାନ କମିଟି ସହସମ୍ପାଦକ ସତ୍ୟ କାଳସାଏ, ଖଇରଗୁରାର ସୋମନାଥ ଦେହୁରିଆ, ବୃଷଭ ମେଲ୍ଲୀ, ହିମାଂଶୁ ଗଡତ୍ୟା, ଦୁର୍ବାସା ସେଠ, ରାୟଧର ମହାକୁର, ପରମେଶ୍ୱର ନାଏକ, ସୁଦାମ ବାଗ ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।

# ଜିଓଟେଗ ସଂଘର ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ

**ଦେଓଗାଁ/ଖପ୍ରାଖେଲା/ ଲୋଇସିଂହା,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଜିଓଟେଗ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ହରିଶଙ୍କରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲାର ନୁତନ ସଭାପତିଭାବେ ପ୍ରଭାତ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିବାବେଳେ କମିଟି ଅନ୍ୟ ପଦବୀ ପରେ ଚୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି କୁଞ୍ଜ ବିହାରି ବାଗ, ଝରସୁଗୁଡା ସଭାପତି ଜୟକୃଷ୍ଣ ପ୍ରଧାନ, ସମ୍ବଲପୁର ସଭାପତି ରମେଶ ସ୍ୱାଇଁ, ନୂଆପଡା ସଭାପତି ପୁରୁଷୋତ୍ତମ ତାଣ୍ଡି, ନବରଙ୍ଗପୁର ସଭାପତି ବସନ୍ତ କୁମାର ଜାନି ପ୍ରମୁଖ ଯୋଗଦେଇ ଜିଓଟେଗରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାସହ ତାର ସମାଧାନ ପାଇଁ ଆଗକୁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ମତବ୍ୟକ୍ତ କରିଥିଲେ। ବୈଠକରେ ଦେଓଗାଁ ବ୍ଲକର ସଭାପତି ପରଦେଶୀ ଛତ୍ରିଆ, ଗୁଡଭେଲା ବ୍ଲକ ପଦ୍ମନାଭ ଚନ୍ଦନ, ସଇଁତଲା ବ୍ଲକ ଡୋଲାମଣି ସାହୁ, ତୁରେକେଲା ବ୍ଲକ ନୀଳ ମାଧବ ମେହେର, ଖପ୍ରାଖୋଲ ବ୍ଲକ ଗୁଲାପ ପୋଢ, ପାଟଣାଗଡ ଦେବାନନ୍ଦ ମେହେର, ମୁରିବାହାଲ ବ୍ଲକ ଚୈତୁ ବାଗ, ବଙ୍ଗୋମୁଣ୍ଡା ବ୍ଲକ ରଞ୍ଜିତ ମହାନନ୍ଦ, ପୁଇଁନ୍ତଲା ବ୍ଲକ କୁଞ୍ଜ ବିହାରୀ ହରପାଲ, ଆଗଲପୁର ବ୍ଲକ ଭାରତ ସାହୁ, ବେଲପଡା ବ୍ଲକ ଗଦନା ପୁଟେଲ ପ୍ରମୁଖ ଯୋଗଦେଇଥିଲେ। ନିତେଶ କୁମାର ପାଣି ଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଜିଓଟେଗର ସଂଘର କର୍ମକର୍ତ୍ତା ଚୟନ।

# ଫୁଟବଲ: ବଲାଙ୍ଗୀର ସିସିଏଫ୍‌ଏ ସେମିରେ

**ଲୋଇସିଂହା,୧୮।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ୧୫ ତମ ଲୋଇସିଂହା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ପଞ୍ଚମ ଦିବସରେ 'ବି' ଗ୍ରୁପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ ହୀରାକୁଦ ଓ ବଲାଙ୍ଗୀର ସିସିଏଫଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଡନ୍ ଡେଥ୍‌ରେ ବଲାଙ୍ଗୀର ସିସିଏଫ୍‌ଏ ହୀରାକୁଦକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ଦ୍ୱିତୀୟ ସେମିଫାନାଲ ମ୍ୟାଚ୍ ବଲାଙ୍ଗୀର ସିସିଏଫ୍‌ଏ ଓ ଜରାସିଂହା ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ବଲାଙ୍ଗୀର ଓ ହୀରାକୁଦ ମଧ୍ୟରେ ମ୍ୟାଚ୍ ପ୍ରାରମ୍ଭରୁ ଚିତ୍ତାକର୍ଷକ ହୋଇଥିଲା। ପ୍ରଥମାର୍ଦ୍ଧରେ ୨-୧ ଗୋଲରେ ହୀରାକୁଦ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷମୂହର୍ତ୍ତରେ ବଲାଙ୍ଗୀର ସିସିଏଫ୍‌ଏ ଆଉ ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ବରାବର ରଖିଥିଲା। ଟାଇବ୍ରେକରରେ ସଡନ୍ ଡେଥ୍‌ରେ ବଲାଙ୍ଗୀର ବିଜୟୀ ହୋଇଥିଲା। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ବ୍ଲକ ସାମ୍ବାଦିକ ସଂଘ ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବାରିକ, ଜିଲା ଫୁଟବଲ ଆସୋସିଏଶନ ସଭାପତି ହେମନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗୀର ଦଳର ଗୋଲକିପର ରୁଦ୍ର ପଧାନଙ୍କୁ ମୁଖ୍ୟଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରିଥିଲେ।


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

# ସାଧାରଣ ଜୀବନରେ ଅସାଧାରଣ ଚେତନା ସତ୍ୟନାରାୟଣଙ୍କ ବୈଶିଷ୍ଟ୍ୟ

**ବଲାଙ୍ଗୀର ଅଫିସ, ୧୮।୧୧**

ବରିଷ୍ଠ ସିନେ ଅଭିନେତା, ମଞ୍ଚ କଳାକାର, ସୁସାହିତ୍ୟିକ ଏବଂ ବର୍ଷିୟାନ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା, ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସବୁଜ ଓଡିଶାର ଖୋଲାଫର୍ଦ ସମ୍ପାଦକ ବିମଳ ଭଞ୍ଜଦେଓ, ଡ. ଗୋପବନ୍ଧୁ ରଥ, ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ଡ. ଶିବ ପ୍ରସାଦ ନନ୍ଦ, ଡ. ଶ୍ରୀକର ମିଶ୍ର ଅତିଥି ଭାବେ ଯୋଗଦାନ କରି ସ୍ୱର୍ଗତ ବେହେରାଙ୍କ ଲିଖିତ ପୁସ୍ତକ 'ଆକାଶର ସ୍ୱରଲିପି' ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କବି ସନ୍ଦୀପ କୁମାର କୁଅଁର, ଶରତ ଚନ୍ଦ୍ର ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ସ୍ୱର୍ଗତ ବେହେରାଙ୍କ ପୁତ୍ର ସୁଧାକର ବେହେରା, ସତ୍ୟ ସୁନ୍ଦର ଭଞ୍ଜ, ସୁନୀଲ ମହାନ୍ତି, ସୁରେନ୍ଦ୍ର ନେଗୀ, ସୁବାସ ଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ନାଟ୍ୟଭୂଷଣ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଡ. ଉଦ୍‌ଗାତା, ପ୍ରଫେସର ପତି, ସମ୍ପାଦକ ଭଞ୍ଜଦେଓ, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ସରିତା ବାଗ ମଞ୍ଚାସୀନ ଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସତ୍ୟ ନାରାୟଣ ଯେଉଁ ନିଷ୍ଠାର ସହ ନିଜର ସାମାଜିକ ଦାୟିତ୍ୱ ପାଳନ କଲେ ତାହା ବିଶେଷକରି ସାମ୍ବାଦିକଙ୍କୁ ଅନୁପ୍ରାଣିତ କଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କ ଲେଖାରେ ଲୋକ ପରମ୍ପରା ଏବଂ ସ୍ଥାନୀୟ ସମସ୍ୟାର ସ୍ୱର ସହ ଏକ ସଂଘର୍ଷମୟ ଜୀବନ ଏବଂ ନିଡର ବ୍ୟକ୍ତିତ୍ୱର ପ୍ରତିଫଳନ ବାରି ହୋଇ ପଡୁଛି ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନେ ସ୍ୱର୍ଗତ ବେହେରାଙ୍କ ଜୀବନୀ, ସାମ୍ବାଦିକତା ଏବଂ କଳା ଜୀବନକୁ ନେଇ ବକ୍ତବ୍ୟ ରଖିଥିଲେ। ସାଧାରଣ ଜୀବନଯାପନ ଭିତରେ ଅସାଧାରଣ ଚେତନା ହିଁ ତାଙ୍କର ବୈଶିଷ୍ଟ୍ୟ ବୋଲି ବକ୍ତାମାନେ କହିଥିଲେ। ସତ୍ୟ ନାରାୟଣ ବେହେରା ସ୍ମୃତି ଦାତବ୍ୟ ନ୍ୟାସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କବି ସନ୍ଦୀପ କୁମାର କୁଅଁର ପରିଚାଳନା କରିଥିଲେ। ଏହି ଅବସରରେ ଜୟଶ୍ରୀ ପ୍ରିଣ୍ଟର୍ସ ସତ୍ତ୍ୱାଧିକାରୀ ପ୍ରସନ୍ନ କୁମାର ଗିରିଙ୍କୁ ନ୍ୟାସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପୁସ୍ତକ 'ଆକାଶର ସ୍ୱରଲିପି'କୁ ଲୋକାର୍ପିତ କରୁଛନ୍ତି।

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ମତପ୍ରକାଶ

# ନାଟକ ମାଧ୍ୟମରେ ସମାଜ ସଂସ୍କାର ମହତ କାର୍ଯ୍ୟ: ନରସିଂହ

**ବଲାଙ୍ଗୀର ଅଫିସ,୧୮।୧୧**

ବଲାଙ୍ଗୀରର ଅଗ୍ରଣୀ ଲୋକନୃତ୍ୟ ଓ ନାଟ୍ୟାନୁଷ୍ଠାନ ନଟରାଜ କଳା ପରିଷଦର ରଜତ ଜୟନ୍ତୀ ଉତ୍ସବ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପରିଷଦ ସଭାପତି ହରି ନାରାୟଣ ପୂଜାରୀ, ମୁଖ୍ୟଅତିଥି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ। ବିଧାୟକ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାରେ ପ୍ରାଧ୍ୟାପକ ଚୁଡାମଣି ରଥଙ୍କୁ ସ୍ୱର୍ଗତ ସୁବାସ ପୂଜାରୀଙ୍କ ସ୍ମୃତିରେ କୋଶଳ ଗୌରବ ନାଟ୍ୟ ସମ୍ମାନ ଓ ବିଶିଷ୍ଟ କଳାକାର ଲଳିତ ପୂଜାରୀଙ୍କୁ ସ୍ୱର୍ଗତ ଜ୍ୟୋତି ରଞ୍ଜନ ପାଣିଗ୍ରାହୀଙ୍କ ସ୍ମୃତିରେ ଯୁବ କଳାକାର ନାଟରାଜ ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ବିଧାୟକ ମିଶ୍ର କହିଥିଲେ ଯେ, ବିନା ପୃଷ୍ଠପୋଷକତାରେ କଳା, ସଂସ୍କୃତି ନାଟ୍ୟ ସଙ୍ଗଠନ ବଞ୍ଚିବା କଷ୍ଟକର। ଏଭଳି ପରିସ୍ଥିତିରେ ନଟରାଜ କଳା ପରିଷଦ ଦୀର୍ଘ ୨୫ ବର୍ଷ ଧରି ସଫଳତାର ସହ କଳା, ସଂସ୍କୃତିର ଉତ୍ତରଣ ଦିଗରେ କାର୍ଯ୍ୟ କରି ଆଜି ରଜତ ଜୟନ୍ତୀ ପାଳନ କରୁଛି। ଏହା ସାଧାରଣ କଥା ନୁହେଁ ବୋଲି କହି ପରିଷଦ କଳାକାର, ସଦସ୍ୟ ଓ ବଲାଙ୍ଗୀରବାସୀଙ୍କୁ ବିଧାୟକ ମିଶ୍ର ଶୁଭେଚ୍ଛା ଜଣାଇଥିଲେ। ନାଟକ ମାଧ୍ୟମରେ ସମାଜ ସଂସ୍କାର ଆଣିବା ଦିଗରେ ଏହି ଅନୁଷ୍ଠାନ ଆଗକୁ ମଧ୍ୟ କାର୍ଯ୍ୟ କରିବ ବୋଲି ସେ ଆଶାପୋଷଣ କରିଥିଲେ। ଶମ୍ଭୁପ୍ରସାଦ ଦାଶ କାର୍ଯ୍ୟକ୍ରମ ସଂଯୋଜନା ଏବଂ ହିମାଂଶୁ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବ ସନ୍ଧ୍ୟାରେ ଦୁଇଟି ନାଟକ ପରିବେଷଣ କରାଯାଇଥିଲା। ପ୍ରଥମ ନାଟକ ଆଶାପୁରନୁଆମେରିକାରେ



ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ବିଶିଷ୍ଟ କଳାକାର ଲଳିତ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ନଟରାଜ କଳା ପରିଷଦର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ**

କଳାକାରମାନେ ନିଖୁଣ ଅଭିନୟ କରି ମଧ୍ୟବିତ୍ତ ପରିବାରର ଜୀବନ ସଂଘର୍ଷ, ଆଶା-ନିରାଶାର ମର୍ମସ୍ପର୍ଶୀ ଚିତ୍ର ଉପସ୍ଥାପନ କରିଥିଲେ। ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶିତ ନାଟକରେ ଜ୍ୟୋତି ବେଦବାକ, ପ୍ରହ୍ଲାଦ ଦର୍ଜୀ, ପ୍ରଶାନ୍ତ ପଣ୍ଡା ଓ ପ୍ରାୟମ୍ପ ପ୍ରତିକ ଜାଲ, ଶ୍ରୀପ୍ରଦା ଷଡଙ୍ଗୀ ନିଖୁଣ ଅଭିନୟ କରିଥିଲେ। ଦ୍ୱିତୀୟ ନାଟକ 'ଅ ଆ ଇ' ମଞ୍ଚସ୍ଥ ହୋଇଥିଲା। ଏହି ବାସ୍ତବଧର୍ମୀ ନାଟକରେ ଦୁଇ ଜଣ ଗବେଷକ ଜୀବନର ସତ୍ୟ ଖୋଜି ଖୋଜି କେମତି ଶ୍ମଶାନକୁ ପହଞ୍ଚିଥିଲେ ତାହା ପ୍ରଦର୍ଶିତ ହୋଇଥିଲା। ନାଟକରେ ଦେବବ୍ରତ, ମଧୁ, ରାମ, ସୁମିତ, ନବଘନ, ସରୋଜ, ସୈଲିନ, ଟୁନା, ଅନିଲ, ଟଙ୍କଧର, ସଞ୍ଜୀବ, ବିଶ୍ୱଜିତ, ଅର୍ଜୁନ ଓ ପୂଜା ନିଖୁଣ ଅଭିନୟ କରିଥିଲେ।

# ଭାଜପା କାଉନସିଲରଙ୍କୁ ଅଣଦେଖା ପ୍ରତିବାଦରେ ଦାବିପତ୍ର ପ୍ରଦାନ



ବଲାଙ୍ଗୀର ନଗର ଭାଜପା ପକ୍ଷରୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି।

**ବଲାଙ୍ଗୀର ଅଫିସ, ୧୮।୧୧**

ବଲାଙ୍ଗୀର ନଗର ଭାଜପା ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀଙ୍କୁ ଶୁକ୍ରବାର ଦାବିପତ୍ର ଦିଆଯାଇ ଆଲୋଚନା କରାଯାଇଥିଲା। ଭାଜପା କାଉନସିଲରଙ୍କୁ ଅଣଦେଖା ଏବଂ ପକ୍ଷପାତିତାର ପ୍ରତିବାଦ କରିଥିଲେ ଭାଜପା କାଉନସିଲ ଏବଂ ନଗର ଭାଜପା ପ୍ରତିନିଧିମାନେ। ସେମାନେ ସିଧାସଳଖ ନିର୍ବାହୀ ଅଧିକାରୀଙ୍କୁ ରୋକ୍‌ଠୋକ୍ ଶୁଣାଇଥିଲେ। ଶୁକ୍ରବାର କାଉନସିଲ ବୈଠକ ପୂର୍ବରୁ ଭାଜପା ନଗର ସଦସ୍ୟମାନେ ହଲ୍‌କୁ ପଶି ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଶାସକ ଦଳର କାଉନସିଲରମାନଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଅନୁକମ୍ପା ଦେଖାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହାସହିତ ସହରର ବିଭିନ୍ନ ଅସୁବିଧା, ଅବ୍ୟବସ୍ଥା, ଅସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବଲାଙ୍ଗୀର ନଗରରୁ ଏମ୍‌ପି ପ୍ରତିନିଧି ପଙ୍କଜିନୀ ପଣ୍ଡା, ପିତାମ୍ବର ଖମାରୀ, ଅନିଲ ପାଣିଗ୍ରାହୀ, ଦିନେଶ ଶର୍ମା, କାଉନସିଲର ହରିଶଙ୍କର ଛତ୍ରିଆ, ରଞ୍ଜିତା ପାଣିଗ୍ରାହୀ, ଫିରୋଜା ବିବି, ସଞ୍ଜୁ ନାୟକ, ରଶ୍ମିରେଖା ଦାନୀ, ବନଶ୍ରୀ ଆଚାର୍ଯ୍ୟ, ବାସନ୍ତୀ ଜେନା, ସୁଧାରଣୀ ସ୍ୱାଇଁ, ଗୀତାଞ୍ଜଳି ନାୟକ, ସୁରମ୍ୟ ମିଶ୍ର, ଲଳିତ ଶର୍ମା, ଧର୍ମେନ୍ଦ୍ର ଅଗ୍ରୱାଲ, ପାର୍ଥ କରଣ, ଆଶିଷ ଦୋରା, ବିଭାସ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ଦାବି ପୂରଣ ନ ହେଲେ ଏବଂ ଭାଜପା କାଉନସିଲରଙ୍କୁ ଅଣଦେଖା କରାଗଲେ ଆଗକୁ ଉଚିତ ଜବାବ ଦିଆଯିବ ବୋଲି ନଗର ଭାଜପା ପକ୍ଷରୁ କୁହାଯାଇଛି।

# ଶିକ୍ଷା ବିଭାଗର ସମୀକ୍ଷା କଲେ ବିଭାଗୀୟ ମନ୍ତ୍ରୀ

**ନୂଆପଡ଼ା ଅଫିସ,୧୮।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ଆସିଥିବା ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ନୂଆପଡ଼ା ଗସ୍ତରେ ଆସି ଶିକ୍ଷା ବିଭାଗର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଦାସ ସମୀକ୍ଷା ବୈଠକରେ ଜିଲାରେ ପରିଚାଳିତ ହେଉଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟ ରୂପାନ୍ତରିତ, ଏଲଆରପି ଆଦି ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏହାସହ ନୂଆପଡ଼ା ଜିଲା ଜାତୀୟ ଉପଲବ୍ଧି, ସର୍ବେକ୍ଷଣ-୨୦୨୨ର ଉତ୍କୃଷ୍ଟା ଦେଖାଇ ଥିବାରୁ ସନ୍ତୋଷ ବ୍ୟକ୍ତ କରି ସାଧୁବାଦ ଜଣାଇଥିଲେ। ଗତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଚାରିଟି ଏ୧ ଆସି ଥିବାରୁ ଚଳିତବର୍ଷ ଅଧିକରୁ ଅଧିକ ପାଇବା ପାଇ ଚେଷ୍ଟା କରିବା। ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଖସଡାରୁ ବାହାରି ଅଧିକ ପରିଶ୍ରମ କରିବା ପାଇଁ କରିବାର ଆବଶ୍ୟକତା ଥିବାରୁ ଶିକ୍ଷା ବିଭାଗର ଶିକ୍ଷକ ଓ କର୍ମଚାରୀଙ୍କ ସମ୍ମିଳିତ ଉଦ୍ୟମ ଦରକାର ବୋଲି ମନ୍ତ୍ରୀ କହିଥିଲେ। ଜିଲାର ଉପସ୍ଥିତ ଅଧିକାରୀମାନଙ୍କୁ ଆପ୍ରାଣ ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମୀକ୍ଷା ବୈଠକରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲାର ୫ଟି ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସହିତ ଜିଲାସ୍ତରୀୟ ଅଧିକାରୀମାନେ।

# ଘର ପାଇଁ ୭ ଗାଁର ହିତାଧିକାରୀ ପ୍ରଶାସନର ଦ୍ୱାରସ୍ଥ



ମାଲଗାଁ ପଞ୍ଚାୟତର ୭ଖଣ୍ଡ ଗାଁର ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ଭବାନୀପାଟଣା,୧୮।୧୧(ସ୍ୱ.ପ୍ର.)**

ଦୀର୍ଘ ଦିନରୁ ଘର ଖଣ୍ଡକ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖରେ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ଭଳି ଅନେକ ଯୋଜନା ପ୍ରଣୟନ କରି ରାଜ କୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଗ୍ରାଉଣ୍ଡ ଜିରୋରେ ଲୋକଙ୍କ ନିକଟରେ ପହଞ୍ଚି ପାରୁନି ଯୋଜନା। ଫଳରେ ଆନ୍ଦୋଳନ ମୁହାଁ ଏବେ ହିତାଧିକାରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମାଲଗାଁ ପଞ୍ଚାୟତରେ। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ୪୦୦ରୁ ଊର୍ଦ୍ଧ୍ୱ ପ୍ରକୃତ ହିତାଧିକାରୀ ପୂର୍ବରୁ ଘର ପ୍ରଦାନ ପାଇଁ ବ୍ଲକ ପ୍ରଶାସନଠାରେ ଅଭିଯୋଗ ପରେ ମଧ୍ୟ କେବଳ ୫୨ଜଣ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯାଇଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଶୁକ୍ରବାର ମାଲଗାଁ ପଞ୍ଚାୟତର ୭ଖଣ୍ଡ ଗାଁରେ ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ବେଳେ ଅଭିଯୋଗ ନେଇ ନିଜ ଭଙ୍ଗା ଦଦରା ଘର ଫଟୋ ନେଇ ଆବେଦନପତ୍ର ସହ ଜିଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ସୁବିଧା



ଅଧାପନ୍ତରିଆ ଭାବେ ପଡ଼ିଛି ଶୌଚାଳୟ ।

**ଲାଠୋର,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡ଼ାଠାରେ ଅନୁସୂଚୀତ ଜାତି ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫-ଟି ଯୋଜନାରେ ରୁପାନ୍ତରଣ ହୋଇସାରଛି। ତେବେ ବର୍ତ୍ତମାନ ସୁଦ୍ଧା ଏହି ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ଓ ଶୌଚାଳୟ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ୧୯୫୧ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟକୁ ସରକାର ୫-ଟିରେ ସାମିଲ କରି ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନ ପରୀକ୍ଷାଗାର, ପାଠାଗାର, ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ପାଇଁ ଆକ୍ୱାଗାର୍ଡ଼, ବଗିଚା ଏବଂ ଶୌଚାଳୟ ନିର୍ମାଣ କରି ଗତ ଏପ୍ରିଲ ମାସରେ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରାଗଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଶୌଚାଳୟ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ସ୍ୱଚ୍ଛ ପାନୀୟ ଜଳ ପାଇଁ ବିଦ୍ୟାଳୟରେ ଲାଗିଥିବା ଆକ୍ୱାଗାର୍ଡ଼ ଅଚଳ ହୋଇ ପଡ଼ିଛି। ଫଳରେ ଛାତ୍ରୀଛାତ୍ର ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଶୌଚାଳୟ ନିର୍ମାଣ ଅଧାପନ୍ତରିଆ ଯୋଗୁ ବିଦ୍ୟାଳୟରେ ଥିବା ଅନ୍ୟ ଶୌଚାଳୟକୁ ସବୁ ପିଲା ବ୍ୟବହାର କରିବା ଦ୍ୱାରା ନାନା ସମସ୍ୟାର ସମ୍ମୁଖୀନ ହେଉଥବବା ଜଣାପଡିଛି। ଏ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଭୁଗୋଳ ବନଗୁଲାଙ୍କୁ ପଚାରିବାରୁ ସେ କହିଲେ, ସମସ୍ୟା ଉପରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ସେମାନେ ଯାହା କରିବେ, ଆମ ହାତରେ କିଛି ନାହିଁ ବୋଲି ସେ କହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ଦୀପ୍ତିକାନ୍ତ



@ ଉପେନ୍ଦ୍ର



@ ରାନୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି




ସାମାଜିକ ସମୀକ୍ଷା ଜନଶୁଣାଣିରେ ଉପସ୍ଥିତ ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

**ଖପ୍ରାଖୋଲ,୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସହ ବିଭିନ୍ନ ଯୋଜନାର ସାମାଜିକ ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ପ୍ରୋଗ୍ରାମ ଅଫିସର ରଶ୍ମିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଜିଲାପାଳ ଡ଼ା ବିଜୟାନନ୍ଦ ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସିଡିପିଓ ସୁଜାତା ଦୋରା, ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏପିଓ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଡିଓ ଏମ୍‌ଜିଏନ୍‌ଆରଇଜିଏସ୍ ୨୦୨୧-୨୨ ଆର୍ଥିକ ବର୍ଷର ରିପୋର୍ଟ ଉପସ୍ଥାପନ କରିଥିଲେ। ଜାତୀୟ ସାମାଜିକ ସହାୟତା ଯୋଜନା, ମମତା ଯୋଜନା, ପଞ୍ଚ ଦଶ କେନ୍ଦ୍ରୀୟ ଆର୍ଥି ଆୟୋଗ ଅନୁଦାନ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ରିପୋର୍ଟ ବିଭାଗୀୟ ଅଧିକାରୀମାନେ ଉପସ୍ଥାପନା କରିଥିଲେ। ଏହି ଅବସରରେ ବ୍ଲକ ସାମାଜିକ ସମୀକ୍ଷକ ସୁଶିଲ ପୋଡ ସାମାଜିକ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ପଞ୍ଚାୟତରେ କାଗଜ ପତ୍ରର ଠିକ ପରିଚାଳନା ହେଉ ନ ଥିବା ଜଣାଇଥିଲେ। ଏହି ଅବସରରେ ବୁଢ଼ିବାହାଲ ଗାଁର ହେମ ସାଗର ସାହୁ ପକ୍କା କୁଆଁ ନିର୍ମାଣ କରି ବର୍ଷେ ହେଲା, ପାଉଣା ପାଇ ନ ଥିବା ଅଭିଯୋଗ କରିଥିବା ବେଳେ ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ ତାଙ୍କ ପଞ୍ଚାୟତ ଅଞ୍ଚଳରେ ଜଙ୍ଗଲ ବିଭାଗ ପକ୍ଷରୁ ହୋଇଥିବା କାମରେ ପାଉଣା ଶ୍ରମିକମାନେ ପାଇ ନ ଥିବା ଅଭିଯୋଗ କରିଥିଲେ। ଉପଜିଲପାଳ ସେଠୀ ଜନଶୁଣାଣିର ଅଭିଯୋଗ ଶୁଣାଣି ପରେ ସମସ୍ତ ସମସ୍ୟା ସମାଧାନ ପାଇଁ କହିଥିଲେ। ଏହି ଅବସରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୩ ଶହ ଦିନ ପୂରଣ କରିଥିବା ୧୯ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଯୋଗାଣ ଅଧିକାରୀ ବିକାଶ ବାର୍ଲା, କାନିଷ୍ଠ ଯନ୍ତ୍ରୀ ରାଜ କିଶୋର ନାଏକ, ବଳଭଦ୍ର ନାଏକ, ଚନ୍ଦ୍ରଭାନୁ ମେହେର ରାମନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ଗାଁ ସାଥି, ଭିଆର୍‌ପିଙ୍କ ସମେତ ଶ୍ରମିକମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସମୀକ୍ଷକ ସୁଶିଲ ପୋଡ ଧନ୍ୟବାଦ ଦେଇଥିଲେ।

**୩ ଶହ ଦିନ ପୂରଣ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧନା**